# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୩୧/୨୦୨୩ (୧୪ ପୃଷ୍ଠା) Bhubaneswar, Monday, July 31/2023 Page 14 ₹ 7.00

୪୯ଶ ଭାଗ ୨୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 246 ମୂଲ୍ୟ ₹୭/-




**ହିଜାବରେ ବିଶ୍ୱକପ୍ ଖେଳିବା ବେନ୍‌ଜିନା ପ୍ରଥମ**
ମହିଳା ଫୁଟ୍‌ବଲ ବିଶ୍ୱକପ୍‌ରେ ହିଜାବ ପରିଧାନ କରି ଖେଳିବାରେ ମରକ୍କୋ ଡିଫେଣ୍ଡର ନୌହେଲା ବେନ୍‌ଜିନା ପ୍ରଥମ ଖେଳାଳି। ୧୨

୧୦ **ଜ୍ୟାକେଟ୍‌ରେ ସ୍ୱାମୀଙ୍କ ଫଟୋ**
ନିକଟରେ ଦୀପିକା ପାଦୁକୋନ ତାଙ୍କ ସ୍ୱାମୀ ରଣବୀର ସିଂଙ୍କ ସହ ଫିଲ୍ମ ଦେଖିବାକୁ ଯିବାବେଳେ ତାଙ୍କ ଜ୍ୟାକେଟ୍‌ରେ ରଣବୀରଙ୍କ ଫଟୋ କରିଥିବା ଦେଖିବାକୁ ମିଳିଛି।



# ବୁଢ଼ାବାପା ନାହିଁ

**ତଥାଗତ ସତପଥୀ**

ଓଡ଼ିଶା ସମେତ ଭାରତରେ ଖାଦ୍ୟସାମଗ୍ରୀ ଓ ପନିପରିବା ଦର ସାଧାରଣ ଲୋକଙ୍କ କିଣିବା କ୍ଷମତାଠାରୁ ବହୁ ଊର୍ଦ୍ଧ୍ୱକୁ ଚାଲିଗଲାଣି। ଜିରା କିଲୋଗ୍ରାମ ଉପରେ ୬୦୦ ଟଙ୍କା ବୃଦ୍ଧି ପାଇଥିବା କଥା ଶୁଣିଲେ ଆଉ ଆଶ୍ଚର୍ଯ୍ୟ ଲାଗୁନାହିଁ। ଚାଉଳ, ଡାଲି, ଖାଇବା ତେଲ, ଅଦା, ରସୁଣ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସାଧାରଣ ଲୋକଙ୍କୁ ବହୁତ ବାଧିଲାଣି। ବିଲାତି ବାଇଗଣ (ଟମାଟୋ) କିଲୋ ୨୦୦ ଟଙ୍କା ଉପରକୁ ଯାଇ ଗତ କିଛି ସପ୍ତାହ ହେବ ମୁଖ୍ୟଖବର ରହିଆସିଛି। କିନ୍ତୁ ସେଥିରେ ଦରବୃଦ୍ଧି ସୀମିତ ନୁହେଁ। ପ୍ରାୟ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ଏଭଳି ବଢ଼ିଛି ଯେ, ସାଧାରଣ ଲୋକ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଲାଣି। କେନ୍ଦ୍ର ସରକାର ବୁଦ୍ଧି ଲଗାଇ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରଖିଛନ୍ତି। କିନ୍ତୁ ଗହୀରେଇ ଦେଖିଲେ ଅନ୍ତର୍ଜାତୀୟ ବଜାରରେ ଆଣୋଧିତ ତୈଳ ମୂଲ୍ୟ ଅପେକ୍ଷାକୃତ ହ୍ରାସ ପାଇଥିଲେ ମଧ୍ୟ ସରକାର ସେହି ସୁବିଧା ଜନସାଧାରଣଙ୍କୁ ଦେଉନାହାନ୍ତି। ଯଦି ଖାଦ୍ୟ ମୁଦ୍ରାସ୍ଫୀତିର ପରିସଂଖ୍ୟାନକୁ ଦେଖାଯାଏ ଜୁନ୍‌ରେ ଏହା ୪.୬ ପ୍ରତିଶତ ହୋଇଥିବା ବେଳେ ତା' ପୂର୍ବ ମାସ ଏହା ଥିଲା ୩ ପ୍ରତିଶତରୁ କମ୍। ଏଭଳି ସ୍ଥିତିରେ ଜୁଲାଇକୁ ହିସାବକୁ ନେଲେ ସ୍ଥିତି ଆହୁରି ଖରାପ ରିପୋର୍ଟ ଦେବ ବୋଲି ଅନୁମାନ କରିହେଉଛି। କାରଣ ଚଳିତ ମାସ ସବୁ ପ୍ରକାର ଦ୍ରବ୍ୟର ମୂଲ୍ୟ ଆକାଶଛୁଆଁ ହୋଇଛି। ଅବଶ୍ୟ କେହି ଭୁଲିଯିବା କଥା ନୁହେଁ ଯେ, ଭାରତର ଜନସଂଖ୍ୟା ବହୁଳ ମାତ୍ରାରେ ବୃଦ୍ଧି ପାଉଛି। ତତ୍‌ସହିତ ସରକାରୀ ନୀତି ଅନୁଯାୟୀ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଜନସଂଖ୍ୟା ସ୍ଥାନାନ୍ତରିତ କରିବାର ଲଗାତର ଅସ୍ୱାଭାବିକ ପ୍ରଚେଷ୍ଟା କୃଷି ଅର୍ଥନୀତିକୁ ଘୋର ଆଞ୍ଚ ପହଞ୍ଚାଇଛି। ସମସ୍ତଙ୍କ ମନେଥିବ ଉତ୍ତମ ଫସଲ ବର୍ଷରେ ସେନ୍‌ସେକ୍ସ ସମେତ ସବୁ ଅର୍ଥନୈତିକ ସୂଚକାଙ୍କ ଊର୍ଦ୍ଧ୍ୱଗାମୀ ଗ୍ରାଫ୍ ଦେଖାଇଥାଏ। ସେଥିରେ ଉତ୍‌ଫୁଲ୍ଲିତ ହେଉଥିବା ପଣ୍ଡିତମାନେ ଗଭୀରକୁ ଯାଇ ତା'ର କାରଣ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ବୋଲି ଅନୁମାନ କରିହେଉଛି। ତାହା କେବଳ ମାତ୍ର ସୂଚାଉଛି ଯେ, ଆଜି ମଧ୍ୟ ଭାରତର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ କୃଷିର ସଫଳତା ଉପରେ ନିର୍ଭରଶୀଳ।

ସବୁ ସମୟ ପାଇଁ ଦେଖାଯାଇଛି ଯେ, ସାମଗ୍ରୀଗୁଡ଼ିକର ଦରଦାମ ନିୟନ୍ତ୍ରଣ ଭିତରେ ରହିଲେ ପରିବାର ପ୍ରତିପୋଷଣ ସହଜ ହୋଇଥାଏ। କୋଭିଡ୍ ପରବର୍ତ୍ତୀ ସ୍ଥିତିକୁ ଦେଖିଲେ ଜନସାଧାରଣଙ୍କ ଆୟ ଯଥେଷ୍ଟ କମିଯାଇଛି। ଯେତେବେଳେ ବ୍ୟକ୍ତିର ଆୟ କମିଯିବ ଓ ଅନ୍ୟପକ୍ଷରେ ତା'ର ବ୍ୟୟ ବଢ଼ିଯିବ, ସେତେବେଳେ ତା'ର ଚଳିବା କଷ୍ଟକର ହୋଇଯିବ। ସରକାର ଲୋକଙ୍କ ବାସ୍ତବ ଦୁଃଖକୁ ନ ଦେଖି ଦେଶବାସୀଙ୍କୁ ବୁଝାଇବାରେ ଲାଗିଛନ୍ତି। ଦରଦାମ ବୃଦ୍ଧି ନେଇ ସରକାରଙ୍କୁ ଦୋଷ ଦିଆଗଲେ ଅସ୍ୱାଭାବିକ ମୌସୁମୀ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପ୍ରଭାବ ଆଦି କେତେକ ଘୋଷା କଥାକୁ ଲୋକଙ୍କ ଆଗରେ ଥୋଇ ଦିଆଯାଉଛି। ଏଥିସହିତ ଦେଶର ଏକ ପ୍ରମୁଖ ଇଂଲିଶ ଖବରକାଗଜ 'ଦି ଇକୋନୋମିକ୍ ଟାଇମ୍ସ'ରେ ୨୭ ଜୁଲାଇରେ ପ୍ରକାଶିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ବକ୍ତବ୍ୟ ବ୍ୟସ୍ତ କରିବା ସ୍ୱାଭାବିକ। ପ୍ରଧାନମନ୍ତ୍ରୀଙ୍କ କହିବା ଅନୁଯାୟୀ ତାଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତେ ଯଦି ଅନ୍ୟ କେହି ଶାସନ କରୁଥାଆନ୍ତେ, ତେବେ ଆଜି କ୍ଷୀର ଲିଟର ପିଛା ୩୦୦ ଟଙ୍କା ହୋଇଥାଆନ୍ତା ଓ ଡାଲି ୫୦୦ ଟଙ୍କା କିଲୋ ଛୁଇଁଥାଆନ୍ତା।

ନିକଟରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଭାରତ ସମ୍ବନ୍ଧରେ ଏକ ସକାରାତ୍ମକ ରିପୋର୍ଟ ପ୍ରଦାନ କରିଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଚଳିତ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ୬ ପ୍ରତିଶତ ବୃଦ୍ଧି ପାଇବ। 'ବିରାଡ଼ି କପାଳକୁ ଶିକା ଛିଡ଼ିଲା' ଭଳି କେନ୍ଦ୍ର ସରକାର ଏବେ ଏହି ଆକଳନ ରିପୋର୍ଟକୁ ଅନ୍ତର୍ଜାତୀୟ ସ୍ୱୀକୃତି ଭାବେ ଧରି ନେଇ ବାହାବା ନେଲେଣି। କୁହାଯାଇପାରେ ଯେ, ଆଇଏମ୍‌ଏଫ୍‌ର ଏହି ଆଶାବାଦୀ ରିପୋର୍ଟ ନୀତି ପ୍ରସ୍ତୁତକାରୀଙ୍କୁ ମୁଦ୍ରାସ୍ଫୀତି ଓ ବେକାରି ଭଳି ସମସ୍ୟାକୁ କମାଇବା ଲାଗି ସେମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ସୃଷ୍ଟି କରିବ। କିନ୍ତୁ ଭାରତରେ ଅଧିକାଂଶ ନୀତିକାର ଓ ଗବେଷକ ରାଜନୈତିକ ବ୍ୟକ୍ତି, ବିଶେଷକରି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପରିଚାଳିତ ହୋଇଥାଆନ୍ତି। ଏଠାରେ କୁହାଯାଇପାରେ ଯେ, ଦେଶ ଭିତରୁ ଯଦି କୌଣସି ଅଶ୍ୱସ୍ତିକର ତଥ୍ୟ ଉପରେ ଆଧାରିତ ରିପୋର୍ଟ ପ୍ରକାଶ ପାଉଛି, ତେବେ ସେଥିରେ ଜଡ଼ିତ ଅଫିସର କିମ୍ବା ପରିସଂଖ୍ୟାନବିତ୍‌ଙ୍କୁ ଚାକିରିରୁ ବିଦା କରିବା ସହିତ ଜେଲ୍‌କୁ ପଠାଇ ଦିଆଯାଉଛି। ସେହିଭଳି ବିଦେଶରୁ ଭାରତ ସମ୍ପର୍କରେ ପ୍ରକାଶ ପାଉଥିବା ତଥ୍ୟ ଯଦି ସରକାରଙ୍କୁ ସୁହାଉନାହିଁ, ତେବେ ତାହାକୁ ଆଭ୍ୟନ୍ତରୀଣ କାର୍ଯ୍ୟରେ ବାହ୍ୟଶକ୍ତିର ହସ୍ତକ୍ଷେପ କହି ନାକଚ କରି ଦିଆଯାଉଛି। ଅର୍ଥାତ୍ ବାସ୍ତବତାକୁ ସ୍ୱୀକାର କରି ତା' ଉପରେ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଆଜିର ସରକାର ଅନିଚ୍ଛୁକ ବୋଲି ବୁଝାପଡୁଛି। ପରିସଂଖ୍ୟାନ ଠିକ୍ ରହିଲେ ଦେଶବାସୀଙ୍କ ପାଇଁ ପ୍ରଣୟନ ହେଉଥିବା ନୀତି ସେମାନଙ୍କ କାର୍ଯ୍ୟରେ ଲାଗିଥାଏ। କିନ୍ତୁ ଭାରତରେ ପରିସଂଖ୍ୟାନର ବୁଢ଼ାବାପା ଭାବେ ପରିଚିତ ଜନଗଣନା ଦୀର୍ଘ କାଳ ସ୍ଥଗିତ ରଖାଯିବା ଫଳରେ ମୂଳରୁ ପ୍ରତ୍ୟେକଟି କାର୍ଯ୍ୟ ଏବଂ ଯୋଜନା ତ୍ରୁଟିପୂର୍ଣ୍ଣ ହେଉଛି।



ଓଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ୟୁଏଲ୍‌ବି ଆକାଉଣ୍ଟାଣ୍ଟ ପଦବୀ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ରବିବାର ଭଦ୍ରକ କଲେଜ ପରିସରରେ ପରୀକ୍ଷାର୍ଥୀମାନେ ଧାରଣାରେ ବସିଛନ୍ତି। (ଫଟୋ-ସନାତନ)

# ପୁଣି ବିବାଦରେ ଓଏସ୍‌ଏସ୍‌ସି ପରୀକ୍ଷା

## ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ପରୀକ୍ଷା ବର୍ଜନ କଲେ ୨୧ ପରୀକ୍ଷାର୍ଥୀ

**ଭଦ୍ରକ,୩୦।୭(ସନାତନ ରାଉତ)**

- **ଭଦ୍ରକ ମହାବିଦ୍ୟାଳୟରେ ବିଳମ୍ବରେ ପହଞ୍ଚିଲା ପ୍ରଶ୍ନପତ୍ର**
- **ଲିକ୍ ଅଭିଯୋଗକୁ ଖଣ୍ଡନ କଲେ କଲେଜ ଅଧ୍ୟକ୍ଷ**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ସାରା ଓଡ଼ିଶାରେ ହଇଚଇ ସୃଷ୍ଟି କରିଥିବାବେଳେ ରବିବାର ଭଦ୍ରକ କଲେଜରେ ପୁଣି ଏଭଳି ଏକ ଅଭିଯୋଗ ହୋଇଛି। ଓଏସ୍‌ଏସ୍‌ସି ଦ୍ୱାରା ରବିବାର ହେଉଥିବା ୟୁଏଲ୍‌ବି ଆକାଉଣ୍ଟାଣ୍ଟ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ୨୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ବର୍ଜନ କରିବା ସହ କଲେଜରେ ହୋହାଲ୍ଲା କରିବା ସହ ଧାରଣାରେ ବସିଥିଲେ। ପରେ ଉପଜିଲାପାଳ ମନୋଜ ପାତ୍ର ଘଟଣାସ୍ଥଳରେ ପହଞ୍ଚି ପରୀକ୍ଷାର୍ଥୀଙ୍କୁ ବୁଝାଶୁଝା କରିବା ସହ ଏ ସମ୍ପର୍କରେ ଓଏସ୍‌ଏସ୍‌ସି କମିଶନଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ଗୃହ ଏବଂ ନଗର ଉନ୍ନୟନ ବିଭାଗର ୟୁଏଲ୍‌ବି ଆକାଉଣ୍ଟାଣ୍ଟ ପଦବୀ ପାଇଁ ରବିବାର ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ଟା ଦୁଇଘଣ୍ଟା ପରୀକ୍ଷା ସମୟ ନିର୍ଦ୍ଧାରଣ ଥିଲା। ଭଦ୍ରକ ସ୍ୱୟଂଶାସିତ କଲେଜରେ ପ୍ରାୟ ୭ଶହ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିଲା। ତେବେ ପ୍ରଶ୍ନପତ୍ର ପହଞ୍ଚିବା ବିଳମ୍ବ ହେବାରୁ ନିର୍ଦ୍ଧାରିତ ସମୟର ୧୦ ମିନିଟ୍ ପରେ ପରୀକ୍ଷାର୍ଥୀଙ୍କୁ ବଣ୍ଟାଯାଇଥିଲା। ଗୋଟିଏ ହଲ୍‌ରେ କିଛି ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ପ୍ରଶ୍ନପତ୍ରର ସିଲ୍ କଟିଯାଇଥିବା ନେଇ ସେମାନେ ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଲିକ୍ ହୋଇଥିବା ଅଭିଯୋଗ ଆଣିଥିଲେ। ପରେ ପରୀକ୍ଷା ହଲ୍‌ରୁ ବାହାରି ହୋହଲ୍ଲା କରି ପଳାଇ ଯିବାକୁ ଚାହିଁଥିଲେ। ହେଲେ କଲେଜ ଫାଟକ ବନ୍ଦ ଥିବାରୁ ବାହାରି ନ ପାରି କିଛି ସମୟ ପାଇଁ ଧାରଣାରେ ବସିଥିଲେ। ଏପରିକି ପରୀକ୍ଷା ସରିବା ପରେ ଦୀର୍ଘ ସମୟ ଧରି ହୋହଲ୍ଲା କରିଥିଲେ। ପ୍ରଶ୍ନପତ୍ରର ସିଲ୍ ପରୀକ୍ଷାର୍ଥୀଙ୍କ ସାମ୍ନାରେ ଖୋଲାଯିବାର ନିୟମ ଥିବାବେଳେ ଉକ୍ତ ☞ପୃଷ୍ଠା-୪

## ୨ ଅସ୍ଥାୟୀ କର୍ମଚାରୀ ବହିଷ୍କୃତ

**ହାତୀକୁ ନିଆଁହୁଳା ମାଡ଼ ଘଟଣା**

**ବାରିପଦା,୩୦।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ହାତୀପଲ ଘଉଡ଼ାଇବା ପାଇଁ ହାତୀ ପିଠିକୁ ନିଆଁହୁଳାରେ ପିଟିବା ଘଟଣାରେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣି ରେଞ୍ଜ ଡୁମୁରିଆ ଅଞ୍ଚଳରେ ଜୁଲାଇ ୧୫ରେ ଘଟିଥିବା ଉକ୍ତ ଘଟଣାକୁ ନେଇ ଦୁଇ ଅସ୍ଥାୟୀ ବନକର୍ମଚାରୀଙ୍କୁ ବହିଷ୍କୃତ କରାଯାଇଛି। ସେମାନେ ହେଲେ ବାପି ମାଝୀ ଓ ଦୀପକ ମୁଣ୍ଡା। ଉଭୟ ଅସ୍ଥାୟୀ କର୍ମଚାରୀ ଭାବେ ବନ ବିଭାଗରେ କାମ କରୁଥିଲେ। ସୂଚନାଯୋଗ୍ୟ, ☞ପୃଷ୍ଠା-୪

# ଆଉ ଜଣେ ବାବା ଆଖିବୁଜିଲେ

**ଅର୍ଜୁନ ବାବା ହତ୍ୟାକାଣ୍ଡ**

- **ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିଲେ**
- **ଅଭିଯୁକ୍ତ ବିଷ୍ଣୁବାବାଙ୍କୁ ରିମାଣ୍ଡରେ ଆଣିପାରେ ପୋଲିସ**

**ପୁରୀ,୩୦।୭(ଅଜିତ ମହାନ୍ତି)**

ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ୍‌ସ୍ଥିତ ଗୁରୁକୃପା ଆଶ୍ରମରେ ସାଧୁ ଅର୍ଜୁନ ବାବାଙ୍କୁ ହତ୍ୟା ଘଟଣାରେ ଗୁରୁତର ଆହତ ହୋଇଥିବା ଦୟାନିଧି ବାବା ଓରଫ ଦୟାନିଧି ଦାସଙ୍କର ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏ ନେଇ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାହୁ କହିଛନ୍ତି, ଗୁରୁକୃପା ଆଶ୍ରମରେ ହୋଇଥିବା ମରଣାନ୍ତକ ଆକ୍ରମଣରେ ଘଟଣାସ୍ଥଳରେ ଅର୍ଜୁନ ବାବାଙ୍କ ମୃତ୍ୟୁ ହୋଇଥିବାବେଳେ ଦୟାନଧି ଦାସ ଗୁରୁତର ହୋଇଥିଲେ। ଦୟାନିଧି ବାବାଙ୍କ ମୁଣ୍ଡରେ ଅଭିଯୁକ୍ତ ଇଟା ଛେଚି ଦେଇଥିଲେ। ତାଙ୍କୁ ପ୍ରଥମେ ପୁରୀ ମେଡିକାଲ ପରେ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଦୟାନିଧି ବାବାଙ୍କର ମୃତ୍ୟୁ ଘଟିଛି। ଏ ନେଇ କଟକ ମଙ୍ଗଳାବାଗ ଥାନା ପୋଲିସ ଏକ ମାମଲା ରୁଜୁ କରିଛି। ☞ପୃଷ୍ଠା-୪

# ସରକାର ବିଫଳ, ପ୍ରଧାନମନ୍ତ୍ରୀ ଉଦାସୀନ

**ମଣିପୁର ସ୍ଥିତି ଗମ୍ଭୀର**

**ସମାଧାନ ନ ହେଲେ ଦେଶ ପାଇଁ ସୁରକ୍ଷା ସମସ୍ୟା ଉପୁଜିବ: ଇଣ୍ଡିଆ**

**ନୂଆଦିଲ୍ଲୀ,୩୦।୭**

ପ୍ରାୟ ୩ ମାସ ଧରି ହିଂସା ଲାଗିରହିଥିବା ମଣିପୁରରେ ସ୍ଥିତି ଏବେ ବି ଗମ୍ଭୀର ରହିଛି। ଏହାର ସମାଧାନ କରି ଶାନ୍ତି ଫେରାଇ ଆଣିବାରେ ଉଭୟ ରାଜ୍ୟ ଓ କେନ୍ଦ୍ରର ଭାଜପା ସରକାର ବିଫଳ ହୋଇଛନ୍ତି। ଏତେ ସବୁ ଘଟିଯିବା ପରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତା ତାଙ୍କ ନିର୍ଲଜ ଉଦାସୀନତାକୁ ଦର୍ଶାଉଛି। ଯଥାଶୀଘ୍ର ସମ୍ଭବ ସମାଧାନ କରା ନ ଗଲେ ଏହା ଦେଶ ପାଇଁ ସୁରକ୍ଷାଗତ ଅସୁବିଧା ସୃଷ୍ଟି କରିପାରେ ବୋଲି ରବିବାର ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି।

ବିରୋଧୀ ଦଳଗୁଡ଼ିକୁ ନେଇ ଗଠିତ ଇଣ୍ଡିଆ ମେଣ୍ଟର ୨୧ ଏମ୍‌ପି ଶନିବାରଠାରୁ ଜାତିଆଣ ଓ ଯୌନ ହିଂସା ପ୍ରଭାବିତ ମଣିପୁର ଗସ୍ତ କରିଥିବାବେଳେ ରବିବାର ଇମ୍ଫାଲସ୍ଥିତ ରାଜଭବନରେ ରାଜ୍ୟପାଳ ଅନସୂୟା ଉଇକେଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ ରାଜଭବନ ବାହାରେ ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟପାଳ ଆମର ସବୁକଥା ଶୁଣି ସେଥିରେ ସହମତି ପ୍ରକାଶ କରିଛନ୍ତି। ରାଜ୍ୟପାଳ ଏହି ହିଂସାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଲୋକଙ୍କ ଦୁର୍ଦ୍ଦଶା ବର୍ଣ୍ଣନା କରିଛନ୍ତି। ଏକ ସର୍ବଦଳୀୟ ପ୍ରତିନିଧି ଦଳ ମଣିପୁର ଗସ୍ତ କରି ଉଭୟ ସମ୍ପ୍ରଦାୟ ମଧ୍ୟରେ ଅନାସ୍ଥାଭାବ ଦୂର କରିବା ପାଇଁ ମେଇତି ଓ କୁକି ଲୋକଙ୍କ ସହ ଆଲୋଚନା କରିବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି। ଏହି ପ୍ରସ୍ତାବ ଉପରେ ଆମେ ରାଜି ହୋଇଛୁ। ମଣିପୁର ☞ପୃଷ୍ଠା-୪

# ୧୩.୧୩ ଲକ୍ଷ ଝିଅ, ମହିଳା ନିଖୋଜ

## ଓଡ଼ିଶାରୁ ୭୦,୨୨୨ ମହିଳା, ୧୬,୬୪୯ ଝିଅ

**ନୂଆଦିଲ୍ଲୀ,୩୦।୭ (ପି.ଟି.)**

ଭାରତରେ ୨୦୧୯ରୁ ୨୦୨୧ ତିନି ବର୍ଷ ମଧ୍ୟରେ ୧୩.୧୩ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଓ ଝିଅ ନିଖୋଜ ହୋଇଯାଇଛନ୍ତି। ସେଥିମଧ୍ୟରୁ କେବଳ ମଧ୍ୟପ୍ରଦେଶରେ ପାଖାପାଖି ୨ ଲକ୍ଷ ନିଖୋଜ ହୋଇଥିବାବେଳେ ଏହା ପଛକୁ ପଶ୍ଚିମବଙ୍ଗ ରହିଛି। ଏହି ସମୟ ମଧ୍ୟରେ ଓଡ଼ିଶାରୁ ୭୦ ହଜାର ୨୨୨ ମହିଳା ଏବଂ ୧୬ ହଜାର ୬୪୯ ଝିଅ ନିଖୋଜ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୧୮ ବର୍ଷରୁ ଊର୍ଦ୍ଧ୍ୱ ୧୦,୬୧,୬୪୮ ଜଣ ମହିଳା ଏବଂ ୧୮ ବର୍ଷରୁ କମ୍ ୨,୫୧,୪୩୦ ଝିଅ ସାରା ଦେଶରୁ ନିଖୋଜ ହୋଇଯାଇଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ଦ୍ୱାରା ଏହି ତଥ୍ୟ ସଂଗ୍ରହ କରାଯାଇଛି।



୨୦୧୯ରୁ ୨୦୨୧ ମଧ୍ୟରେ ମଧ୍ୟପ୍ରଦେଶରୁ ୧,୬୦,୧୮୦ ମହିଳା ଏବଂ ୩୮,୨୩୪ ଝିଅ ନିଖୋଜ ହୋଇଥିବାବେଳେ ପଶ୍ଚିମବଙ୍ଗରୁ ୧,୫୬,୯୦୫ ମହିଳା ଏବଂ ୩୬,୬୦୬ ଝିଅଙ୍କ ଖୋଜଖବର ମିଳୁନାହିଁ। ସେହିପରି ମହାରାଷ୍ଟ୍ରରୁ ୧,୭୮,୪୦୦ ମହିଳା ଏବଂ ୧୩,୦୩୩ ଝିଅ ଲାପତା ହୋଇଥିବାବେଳେ ଛତିଶଗଡ଼ରୁ ୪୯,୧୧୬ ମହିଳା ଏବଂ ୧୦,୮୧୭ ଝିଅ ନିଖୋଜ ଅଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଦିଲ୍ଲୀରେ ସର୍ବାଧିକ ୬୧,୦୫୪ ମହିଳା ଏବଂ ୨୨,୯୧୯ ଝିଅ ଗତ ୩ ବର୍ଷରେ ନିଖୋଜ ହୋଇଛନ୍ତି। ସେହିପରି ଜମ୍ମୁ-କଶ୍ମୀରରେ ୮,୬୧୭ ମହିଳା ଏବଂ ୧,୧୪୮ ଝିଅଙ୍କ ପତ୍ତା ମିଳୁନାହିଁ। ମହିଳାମାନଙ୍କ ସୁରକ୍ଷା ପାଇଁ ସରକାର ଅନେକ ପଦକ୍ଷେପ ନେଇଥିବା ପାର୍ଲାମେଣ୍ଟକୁ ଜଣାଇଛନ୍ତି। ଯୌନ ଅପରାଧରୁ ମହିଳାଙ୍କ ସୁରକ୍ଷା ପାଇଁ ଫୌଜଦାରି ଆଇନ ☞ପୃଷ୍ଠା-୪

# ଟ୍ରମ୍ପଙ୍କ ଚ୍ୟାଲେଞ୍ଜର ହେବେ ୩ ଭାରତୀୟ ବଂଶୋଦ୍ଭବ

**ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼**

**ୱାଶିଂଟନ,୩୦।୭**

୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ରିପବ୍ଲିକାନ୍ ପ୍ରାର୍ଥୀ ଦୌଡ଼ରେ ଆଉ ଜଣେ ଭାରତୀୟ ବଂଶୋଦ୍ଭବ ସାମିଲ ହୋଇଛନ୍ତି। ଭାରତୀୟ-ଆମେରିକୀୟ ଇଞ୍ଜିନିୟର ହର୍ଷ ବର୍ଦ୍ଧନ ସିଂ ହ୍ୱାଇଟ୍ ହାଉସ୍ ପାଇଁ ପ୍ରାର୍ଥିତ୍ୱ ଦୌଡ଼ରେ ସାମିଲ ହେବା ପରେ ଆଗାମୀ ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଚ୍ୟାଲେଞ୍ଜର ହେବାକୁ ଯାଉଛନ୍ତି ୩ ଭାରତୀୟ ବଂଶୋଦ୍ଭବ। ପୂର୍ବରୁ ନିକ୍କି ହାଲି ଏବଂ ବିବେକ ରାମସ୍ୱାମୀ ରିପବ୍ଲିକାନ୍ ପ୍ରାର୍ଥିତ୍ୱ ଦୌଡ଼ରେ ନିଜକୁ ସାମିଲ କରିଥିଲେ। ୩୮ ବର୍ଷୀୟ ହର୍ଷ ବର୍ଦ୍ଧନ ଏକ ଭିଡିଓ ବାର୍ତ୍ତା ଟୁଇଟ୍ କରି ନିଜକୁ ଜୀବନବ୍ୟାପୀ ରିପବ୍ଲିକାନ୍ ଏବଂ 'ଆ ମେରିକା ଫାଷ୍ଟ' ☞ପୃଷ୍ଠା-୪

## ସଂକ୍ଷେପରେ

### ସିଙ୍ଗାପୁରର ୭ ଉପଗ୍ରହକୁ କକ୍ଷପଥରେ ଅବସ୍ଥାପିତ କଲା ଇସ୍ରୋ



**ଶ୍ରୀହରିକୋଟା,୩୦।୭:** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏହାର ପିଏସ୍‌ଏଲ୍‌ଭି ରକେଟ ସହାୟତାରେ ରବିବାର ସିଙ୍ଗାପୁରର ୭ଟି ଉପଗ୍ରହକୁ ନିର୍ଦ୍ଧାରିତ କକ୍ଷପଥରେ ସଫଳତାର ସହ ଅବସ୍ଥାପିତ କରିଛି। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସକାଳ ୬ଟା ୩୧ ମିନିଟ୍‌ରେ ପିଏସ୍‌ଏଲ୍‌ଭିକୁ ଉତ୍କ୍ଷେପଣ କରାଯାଇଥିଲା। ଏହାର ପ୍ରାୟ ୨୩ ମିନିଟ୍ ପରେ ପ୍ରଥମେ ମୁଖ୍ୟ ସାଟେଲାଇଟ୍ ଡିଏସ୍-ଏସ୍‌ଏଆର୍ ରକେଟ୍‌ରୁ ଅଲଗା ହୋଇଥିଲା। ପରେ ପରେ ଅନ୍ୟ ୬ଟି ସାଟେଲାଇଟ୍ ଅଲଗା ହୋଇ ସେମାନଙ୍କ କକ୍ଷପଥରେ ଅବସ୍ଥାପିତ ହୋଇଥିଲେ। ଏହି ମିଶନ ସମୟରେ ବୈଜ୍ଞାନିକମାନେ ରକେଟ୍‌ର ଚତୁର୍ଥ ଷ୍ଟେଜ୍ ଉପରେ ଏକ୍ସପେରିମେଣ୍ଟ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଦେଶୀ ସାଟେଲାଇଟ୍‌ଗୁଡ଼ିକୁ ୫୩୬ କିଲୋମିଟର ଉଚ୍ଚ କକ୍ଷପଥରେ ଅବସ୍ଥାପିତ କରିବା ପରେ ରକେଟ୍‌ଟି ମହାକାଶ ବର୍ଜ୍ୟ ସମସ୍ୟାର ସମାଧାନ ପାଇଁ ୩୦୦ କିଲୋମିଟର ନିମ୍ନ କକ୍ଷପଥକୁ ଖସିବ ବୋଲି ଇସ୍ରୋ ଅଧ୍ୟକ୍ଷ ଏସ୍ ସୋମନାଥ କହିଛନ୍ତି।

### ଛୁଟିରେ ଥିବା ସେନା ଯବାନ ନିଖୋଜ

**ଆତଙ୍କବାଦୀଙ୍କ ଦ୍ୱାରା ଅପହରଣ ସନ୍ଦେହ**



ଜାଭେଦ୍ ଅହମଦ ୱାନି

**ଶ୍ରୀନଗର,୩୦।୭:** ଦକ୍ଷିଣ କଶ୍ମୀରର କୁଲ୍‌ଗାମ ଜିଲାର ଅସ୍ଥାଲ ଅଞ୍ଚଳରୁ ଜଣେ ସେନା ଯବାନ ଶନିବାର ସନ୍ଧ୍ୟାରେ ନିଖୋଜ ହୋଇଯାଇଛନ୍ତି। ଯବାନଙ୍କ ନାଁ ଜାଭେଦ୍‌ଅହମଦ ୱାନି ଓ ଘର ଅସ୍ଥାଲରେ। ସେ ଲଦାଖରେ ଲେହରେ ଜମ୍ମୁ-କଶ୍ମୀର ଲାଇଟ୍ ଇନ୍‌ଫ୍ୟାଣ୍ଟ୍ରି ରେଜିମେଣ୍ଟରେ ଜଣେ ରାଇଫଲ ମ୍ୟାନ୍ ଭାବେ ଅବସ୍ଥାପିତ ହୋଇଥିବାବେଳେ ଇଦ୍‌ଠାରୁ ଛୁଟିରେ ଘରକୁ ଆସିଥିଲେ। ସୋମବାର ସେ ଡ୍ୟୁଟିକୁ ଫେରିଥାନ୍ତେ। ସେ ଗତ ସନ୍ଧ୍ୟାରେ ତାଙ୍କ କାର୍‌ରେ କିଛି ଖାଦ୍ୟ ସାମଗ୍ରୀ କିଣିବା ପାଇଁ ଚାଓ୍ୱଲଗାମ୍ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କ କାର୍‌କୁ ବଜାର ନିକଟରେ ପାଇଥିଲେ। କାର୍‌ରେ ରକ୍ତ ଛିଟା ଲାଗିଥିବା କୁହାଯାଉଛି। ତାଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇଥିବା ପରିବାର ପକ୍ଷରୁ ସନ୍ଦେହ କରାଯାଇଛି। ପୁଅଙ୍କୁ ଫେରାଇ ଆଣିବା ପାଇଁ ତାଙ୍କ ମାଆ ଏକ ଭିଡିଓ ବାର୍ତ୍ତାରେ ନିବେଦନ କରିଛନ୍ତି। ଯଦି ତାଙ୍କ ପୁଅ କିଛି ଭୁଲ କରିଥାଏ, ତେବେ କ୍ଷମା କରିଦେବାକୁ ମାଆ କହିଛନ୍ତି। ଯବାନଙ୍କୁ ଖୋଜି ବାହାର କରିବା ଲାଗି ବ୍ୟାପକ ତଲାସି ଅଭିଯାନ ଚାଲିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।



ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରେ ପିଏସ୍‌ଏଲ୍‌ଭି-ସି୫୬ର ଉତ୍କ୍ଷେପଣକୁ ଛାତ୍ରଛାତ୍ରୀ ଦେଖୁଛନ୍ତି।

# ପାକିସ୍ତାନରେ ବିସ୍ଫୋରଣ: ୪୪ ମୃତ

**ପେଶାୱର,୩୦।୭**

ଆଫଗାନିସ୍ତାନ ସୀମାକୁ ଲାଗିଥିବା ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶ ଅନ୍ତର୍ଗତ ଏକ ଆଦିବାସୀ ଜିଲାରେ ରବିବାର ଅପରାହ୍ଣରେ ଆତ୍ମଘାତୀ ବିସ୍ଫୋରଣ ଘଟି ୪୪ ଜଣଙ୍କ ମୃତ୍ୟୁ ହେବା ସହ ୧୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ବଜାଉର ଆଦିବାସୀ ଜିଲାର ସଦର ମହକୁମା ଖାର୍‌ଠାରେ ରାଜନୈତିକ ଦଳ ଜାମିଆତ୍ ଉଲେମା-ଇ-ଇସ୍‌ଲାମ-ଫଜଲ (ଜେୟୁଆଇ-ଏଫ୍)ର ସମ୍ମିଳନୀ ଚାଲିଥିବାବେଳେ ବିସ୍ଫୋରଣ ଘଟିଥିଲା। ସମ୍ମିଳନୀରେ ୪୦୦ରୁ ଅଧିକ ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ଦଳର କେନ୍ଦ୍ରୀୟ ନେତୃତ୍ୱ ପହଞ୍ଚିବାକୁ ଅପେକ୍ଷା କରାଯାଇଥିବାବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ଆତଙ୍କ ଖେଳିଯିବା ସହ ଲୋକେ ଧାଁଦଉଡ଼ କରିଥିଲେ। ଆତ୍ମଘାତୀ ବୋମାଧାରୀ ମଞ୍ଚର ଅତି ନିକଟରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ ବୋଲି ଖାଇବର ପଖତୁନ୍‌ଖ୍ୱାର ସ୍ୱାସ୍ଥ୍ୟମନ୍ତ୍ରୀ ରିଆଜ ଅନୱର କହିଛନ୍ତି। ବିସ୍ଫୋରଣ ସ୍ଥଳରେ ମୃତଦେହଗୁଡ଼ିକ ଛିଟିକି ପଡ଼ିଥିଲାବେଳେ ସ୍ୱେଚ୍ଛାସେବୀମାନେ ଆହତମାନଙ୍କୁ ଆମ୍ବୁଲାନ୍ସରେ ଭର୍ତ୍ତି କରୁଥିବା ଦେଖାଯାଇଛି। ପାକିସ୍ତାନରେ ଅକ୍ଟୋବର କିମ୍ବା ନଭେମ୍ବରରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ରାଜନୈତିକ ଦଳଗୁଡ଼ିକ ପ୍ରଚାର ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆତ୍ମଘାତୀ ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ଆଇଏସ୍ ଆତଙ୍କବାଦୀ ସଂଗଠନର ସ୍ଥାନୀୟ ଗୋଷ୍ଠୀ ସେଠାରେ ସକ୍ରିୟ ଥିବା କୁହାଯାଇଛି। ଦଳ ସହ ସମ୍ପୃକ୍ତ ଧର୍ମୀୟ ବିଦ୍ୱାନମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯିବ ବୋଲି ଗତବର୍ଷ ଆଇଏସ୍ କହିଥିଲା। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏବଂ ରାଜ୍ୟର କାମଚଳା ମୁଖ୍ୟମନ୍ତ୍ରୀ ଆଜମ ଖାନ୍ ଘଟଣାର ତଦନ୍ତ କରନ୍ତୁ ବୋଲି ଜେୟୁଆଇ-ଏଫ୍ ମୁଖ୍ୟ ମୌଲାନା ଫଜଲୁର ରେହମାନ ଦାବି କରିଛନ୍ତି।

# ମୋଦିଙ୍କୁ ବାଛିଛନ୍ତି ପାୱାର

**ଅତୀତରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ ଓ ମନମୋହନ ସିଂଙ୍କୁ ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାର ଦିଆଯାଇଥିଲା। ଜନସେବା ସମେତ ଦେଶର ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ଚଳିତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେବା ପାଇଁ ତାଙ୍କ ନାମ ଏନ୍‌ସିପି ମୁଖ୍ୟ ଶରଦ ପାୱାର ସୁପାରିସ କରିଥିଲେ। ଅଗଷ୍ଟ ୧ରେ ପୁଣେରେ ମୋଦିଙ୍କୁ ଏହି ସମ୍ମାନ ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ପାୱାର ମୁଖ୍ୟ ଅତିଥି ରୂପେ ଯୋଗଦେବାକୁ ଥିବାରୁ ବିରୋଧୀ ମେଣ୍ଟ ଇଣ୍ଡିଆ ପାଇଁ ଅଡୁଆ ସୃଷ୍ଟି ହୋଇଛି। ପୁତୁରା ଅଜିତ ପାୱାରଙ୍କ ବିଦ୍ରୋହ ପଛରେ ସିନିୟର ପାୱାରଙ୍କ ନୀରବ ସମର୍ଥନ ଥିବା ଉଦ୍ଧବ ଗୋଷ୍ଠୀର ଶିବସେନା ସନ୍ଦେହ କଲାଣି।**

- ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାର ପାଇବେ ପ୍ରଧାନମନ୍ତ୍ରୀ
- ଗୋଟିଏ ମଞ୍ଚରେ ରହିବେ ଦୁଇନେତା, ଇଣ୍ଡିଆର ବିରୋଧ

**ମୁମ୍ବାଇ/ନୂଆଦିଲ୍ଲୀ,୩୦।୭**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନ୍‌ସିପି ପ୍ରତିଷ୍ଠାତା ଶରଦ ପାୱାର। (ଫାଇଲ୍ ଫଟୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୧ରେ ପୁଣେ ଯିବେ। ସେଠାରେ ତାଙ୍କୁ ଲୋକମାନ୍ୟ ତିଳକ ନ୍ୟାଶନାଲ ଆୱାର୍ଡ-୨୦୨୩ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଅଦ୍ୱିତୀୟ ନେତୃତ୍ୱ ନେଇ ନାଗରିକଙ୍କ ମଧ୍ୟରେ ଦେଶଭକ୍ତି ଭାବନା ଜାଗ୍ରତ କରିଥିବାରୁ ସ୍ୱାଧୀନତା ସଂଗ୍ରାମୀ ବାଲ୍ ଗଙ୍ଗାଧର ତିଳକଙ୍କ ୧୦୩ତମ ଶ୍ରାଦ୍ଧ ବାର୍ଷିକୀରେ ତାଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ତିଳକ ସ୍ମାରକ ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ସବୁଠୁ ବଡ଼ କଥା ହେଲା, ଏସ୍‌ପି କଲେଜ ପଡ଼ିଆରେ ହେବାକୁ ଥିବା ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରତିଷ୍ଠାତା ଶରଦ ପାୱାର ଯୋଗଦେବେ। ପାୱାର ମୋଦିଙ୍କୁ ଏହି ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବେ। ଏନ୍‌ସିପିରେ ଫାଟ ସୃଷ୍ଟି ହୋଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ରାଜନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ମହାରାଷ୍ଟ୍ରର ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟର ଅନେକ ନେତାଙ୍କ ମତରେ ପାୱାର ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହେବା ଅନୁଚିତ। ବିଶେଷକରି କେନ୍ଦ୍ର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିବାବେଳେ ସରକାର ଦିଲ୍ଲୀ ଅମଲାତନ୍ତ୍ରୀଙ୍କ ଉପରେ ନିୟନ୍ତ୍ରଣ ସଂକ୍ରାନ୍ତ ଅଧ୍ୟାଦେଶ ଆଣିଛନ୍ତି। କେନ୍ଦ୍ର ସରକାର ଉକ୍ତ ଅଧ୍ୟାଦେଶ ସମ୍ପର୍କିତ ବିଲ୍‌କୁ ଖୁବ୍‌ଶୀଘ୍ର ଗୃହୀତ ପାଇଁ ଉଦ୍ୟମ କରିବେ। ତେଣୁ ଶିବସେନା ୟୁବିଟି, ଏଏପି, ସିପିଆଇଏମ୍ ଏବଂ ପାୱାରଙ୍କ ନିଜ ଗୋଷ୍ଠୀ ତାଙ୍କୁ ଭେଟି ନିଷ୍ପତ୍ତି ବଦଳାଇବାକୁ ଅନୁରୋଧ କରିଛନ୍ତି। କାରଣ ପ୍ରଧାନମନ୍ତ୍ରୀ ଓ ପାୱାର ଗୋଟିଏ ମଞ୍ଚରେ ଏକାଠି ହେଲେ ପୁତୁରା ଅଜିତ ପାୱାରଙ୍କ ବିଦ୍ରୋହ ପରେ ସେ ତାଙ୍କ ସହ ସାଲିସ କରିଛନ୍ତି ବୋଲି ଭୁଲ୍ ସନ୍ଦେଶ ଯିବ। ଏନେଇ ଶିବସେନା ୟୁବିଟି ମୁଖପାତ୍ର ସଞ୍ଜୟ ରାଉତ୍ କହିଛନ୍ତି, ଯେତେବେଳେ ପ୍ରଧାନମନ୍ତ୍ରୀ ୨୬ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ୍ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବିରୋଧରେ ବିଷ ଓକାଳୁଛନ୍ତି, ସେତେବେଳେ ପାୱାର ସାହେବ ତାଙ୍କୁ ସମ୍ମାନିତ କରିବା ଶୋଭନୀୟ ନୁହେଁ। ଏପରି କରିବା ଦ୍ୱାରା ପାୱାରଙ୍କ ଛବି ଓ ସମ୍ମାନ ଖରାପ ହେବ। ଏହି କାର୍ଯ୍ୟକ୍ରମ ବେଳେ ୨୬ ବିରୋଧୀ ଦଳ କଳାପତାକା ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ପାୱାର ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। କାରଣ ଲୋକମାନ୍ୟ ତିଳକ ପୁରସ୍କାର ମୋଦିଙ୍କୁ ଦେବା ପାଇଁ ପାୱାର ହିଁ ତାଙ୍କ ନାମ ସୁପାରିସ କରିଥିବା କୁହାଯାଉଛି। ଏହି ପୃଷ୍ଠଭୂମିରେ ଆଉ ଗୋଟିଏ କଥାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତାହା ହେଲା ଶରଦ ପାୱାର ଓ ଦଳରେ ବିଦ୍ରୋହ କରି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ହୋଇଥିବା ପୁତୁରା ଅଜିତଙ୍କ ଭିତରେ ଏକପ୍ରକାର ସାଲିସ ହୋଇଯାଇଥିବା କୁହାଯାଉଛି। କାରଣ ସିନିୟର ପାୱାର ଅଜିତଙ୍କୁ ଖୋଲାଖୋଲି ସମାଲୋଚନା କରୁନାହାନ୍ତି। ଏପରି କି ଇତିମଧ୍ୟରେ ଅଜିତ ଗୋଷ୍ଠୀ ଓ ପାୱାର ଗୋଷ୍ଠୀ ଏକାଧିକ ଥର ପରସ୍ପର ସହ ମିଳାମିଶା କଲେଣି। ୮୨ ବର୍ଷୀୟ ପାୱାର ବୟସାଧିକ କାରଣରୁ ପୁତୁରାଙ୍କୁ ବିରୋଧ କରି ଲମ୍ବା ଲଢ଼େଇ ପାଇଁ ପ୍ରସ୍ତୁତ ନୁହନ୍ତି ବୋଲି କୁହାଯାଉଛି। ରାଜନୈତିକ ବିଶ୍ଳେଷକଙ୍କ ମତରେ ଶରଦ ପାୱାର ଏନ୍‌ସିପିରେ ଅଜିତଙ୍କ ପ୍ରଭାବକୁ ଗ୍ରହଣ କରିସାରିଲେଣି। ଦୁଇଗୋଷ୍ଠୀ ମଧ୍ୟରେ ହୋଇଥିବା ବୁଝାମଣା ଅନୁସାରେ ପାୱାରଙ୍କ ଝିଅ ତଥା ଲୋକ ସଭା ଏମ୍‌ପି ସୁପ୍ରିୟା ସୁଲେ ଜାତୀୟ ସ୍ତରରେ ସକ୍ରିୟ ରହିବେ ଏବଂ ତାଙ୍କ ଗୋଷ୍ଠୀର ମହାରାଷ୍ଟ୍ର ମୁଖ୍ୟ ଜୟନ୍ତ ପାଟିଲଙ୍କୁ ମହାରାଷ୍ଟ୍ର କ୍ୟାବିନେଟରେ ସ୍ଥାନ ମିଳିବ। ଏପରି ହେଲେ କେନ୍ଦ୍ରର ମୋଦି କ୍ୟାବିନେଟରେ ଅଜିତ ଗୋଷ୍ଠୀର ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲଙ୍କ ସମେତ ସୁପ୍ରିୟାଙ୍କୁ ମଧ୍ୟ ସୁଯୋଗ ମିଳିପାରେ ବୋଲି କୁହାଯାଉଛି।

### ଉମେଶ ପାଲ୍ ହତ୍ୟା ମାମଲାରେ ଆତିକ୍ ଅହମଦଙ୍କ ଓକିଲ ଗିରଫ

**ପ୍ରୟାଗରାଜ,୩୦।୭**

ଉମେଶ ପାଲ୍ ହତ୍ୟା ମାମଲାରେ ପୋଲିସ ଗ୍ୟାଙ୍ଗଷ୍ଟର ତଥା ରାଜନେତା ଆତିକ୍ ଅହମଦଙ୍କ ଓକିଲ ବିଜୟ ମିଶ୍ରାଙ୍କୁ ରବିବାର ଗିରଫ କରିଛି। ତାଙ୍କ ବିରୋଧରେ ଏକାଧିକ ମାମଲା ବିଚାରାଧୀନ ରହିଛି। ଲକ୍ଷ୍ନୌର ଏକ ହୋଟେଲ ବାହାରୁ ମିଶ୍ରାଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ପୋଲିସ କହିଛି। ୨୦୦୫ରେ ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାରେ ଉମେଶ ପାଲ୍ ମୁଖ୍ୟ ସାକ୍ଷୀ ଥିଲେ। ତାଙ୍କୁ ଓ ତାଙ୍କର ଦୁଇଜଣ ସୁରକ୍ଷା କର୍ମୀଙ୍କୁ ଗତ ଫେବୃୟାରୀ ୨୪ରେ ହତ୍ୟା କରାଯାଇଥିଲା। ଉକ୍ତ ମାମଲାରେ ଅହମଦ ଏବଂ ଅଶ୍ରଫ ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ଗତ ଏପ୍ରିଲରେ ସେମାନଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା।

### ବିମାନରେ ମାଆ, ଝିଅଙ୍କୁ ମଦ୍ୟପ ଯାତ୍ରୀଙ୍କ ଯୌନ ନିର୍ଯାତନା

**ନ୍ୟୁୟର୍କ,୩୦।୭**

ଡେଲ୍ଟା ଏୟାରଲାଇନ୍ସର ଏକ ବିମାନରେ ଜଣେ ମଦ୍ୟପ ଯାତ୍ରୀ ଜଣେ ମହିଳା ଓ ତାଙ୍କ ନାବାଳିକା ଝିଅଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ଏୟାରଲାଇନ୍ସ ବିରୋଧରେ ୨ ନିୟୁତ ଡଲାରର ମୋକଦ୍ଦମା ରୁଜୁ ହୋଇଛି। ଏୟାରଲାଇନର ଅବହେଳା ପାଇଁ ଏଭଳି ଘଟଣା ଘଟିଲା। ପୀଡ଼ିତା ମାଆଝିଅଙ୍କୁ କ୍ଷତିପୂରଣ ଦେବା ଲାଗି ଦାବି କରାଯାଇଛି। ନ୍ୟୁୟର୍କରୁ ଗ୍ରୀସ୍‌ର ଏଥେନ୍ସ ସହରକୁ ଯାଉଥିବା ବିମାନରେ ଯାତ୍ରୀ ଜଣକ ନିଶାଗ୍ରସ୍ତ ଥିବା ଜାଣି ମଧ୍ୟ ତାଙ୍କୁ କ୍ରମାଗତ ମଦ ଯୋଗାଇଦିଆଯାଇଥିଲା। ୯ ଘଣ୍ଟାର ବିମାନ ଯାତ୍ରାରେ ବ୍ୟକ୍ତି ଜଣକ ବାରମ୍ବାର ମହିଳା ଯାତ୍ରୀଙ୍କୁ ଅସଂଗତ ସ୍ପର୍ଶ କରିଥିଲେ ବୋଲି ଅଭିଯୋଗ ହୋଇଛି।

## ଆଗକୁ ଆଉ ଏକ ରାଜନୈତିକ ଝଡ଼

ଜୁଲାଇ ୨୦ରେ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନରେ ମଣିପୁର ହିଂସାକୁ ନେଇ ସଂସଦରେ ଅଚଳାବସ୍ଥା ଲାଗିରହିଛି। ସପ୍ତାହାନ୍ତ ଛୁଟି ପରେ ସୋମବାର ପୁଣି ଚାଲିବାକୁ ଥିବା ସଂସଦରେ ଆଉ ଏକ ବଡ଼ ଝଡ଼ ଉଠିବାକୁ ଯାଉଛି ଦିଲ୍ଲୀ ଅମଲାତନ୍ତ୍ରୀଙ୍କ ଉପରେ ନିୟନ୍ତ୍ରଣ ପାଇଁ କେନ୍ଦ୍ରର ଅଧ୍ୟାଦେଶକୁ ନେଇ। ଗଭର୍ନମେଣ୍ଟ ଅଫ୍ ନ୍ୟାଶନାଲ କ୍ୟାପିଟାଲ ଟେରିଟୋରି ଅଫ୍ ଦିଲ୍ଲୀ (ସଂଶୋଧନ) ଅଧ୍ୟାଦେଶ ଉପରେ ଶାସକ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ୨୬ ବିରୋଧୀ ଦଳକୁ ନେଇ ଗଠିତ ଭାରତୀୟ ଜାତୀୟ ବିକାଶମୂଳକ ସମାବେଶୀ ମେଣ୍ଟ (ଇଣ୍ଡିଆ) ମଧ୍ୟରେ ସଂସଦରେ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିବ। ଇଣ୍ଡିଆରେ ସାମିଲ ଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହି ଅଧ୍ୟାଦେଶକୁ ରାଜ୍ୟ ସଭାରେ ପାରିତ କରାଇ ନ ଦେବା ପାଇଁ ବିରୋଧୀ ଦଳଗୁଡ଼ିକର ସମର୍ଥନ ପାଇଛନ୍ତି।

ଦିଲ୍ଲୀର ଗ୍ରୁପ୍-ଏ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି ଉପରେ ଜାତୀୟ ରାଜଧାନୀର ନିର୍ବାଚିତ ସରକାରଙ୍କ ନିୟନ୍ତ୍ରଣ ରହିବ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ମେ’ ୯ରେ ଏହାକୁ ଚ୍ୟାଲେଞ୍ଜ କରି କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଆଣିଛନ୍ତି। ଉକ୍ତ ଅଧ୍ୟାଦେଶକୁ ରାଜ୍ୟ ସଭାରେ ବିଧେୟକ ରୂପେ ଉପସ୍ଥାପନ କରି ଗୃହୀତ କରାଇବା ପାଇଁ ସରକାର ଉଦ୍ୟମ କରିବେ। ଇଣ୍ଡିଆ ଏମ୍‌ପିମାନେ ବିଲ୍ ବିରୋଧରେ ଭୋଟ ଦେବେ। ଏଭଳି ସମୟରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସମେତ ସମସ୍ତ ବିରୋଧୀ ଦଳର ସଦସ୍ୟମାନଙ୍କ ଉପସ୍ଥିତି ଆବଶ୍ୟକ। କିନ୍ତୁ କେଜ୍‌ରିୱାଲଙ୍କ ସମେତ ବିରୋଧୀ ନେତାମାନଙ୍କୁ ନିରାଶ କରିବା ଭଳି ଏକ ଖବର ଆସିଛି। ତାହା ହେଉଛି, ଏନ୍‌ସିପି ମୁଖ୍ୟ ଶରଦ ପାୱାର ଉକ୍ତ ବିଧେୟକ ଉପରେ ଭୋଟିଂ ବେଳେ ରାଜ୍ୟ ସଭାରେ ରହି ନ ପାରନ୍ତି। ରାଜ୍ୟ ସଭାରେ ପାୱାରଙ୍କ ଗୋଷ୍ଠୀରେ ଫୋଉଜିଆ ଖାନ୍ ଏବଂ ବନ୍ଦନା ଚଭନ ରହିଛନ୍ତି। ଅନ୍ୟପକ୍ଷେ ସିନିୟର ପାୱାରଙ୍କ ପୁତୁରା ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀରେ ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲ ରହିଛନ୍ତି। ଏନ୍‌ସିପି ଉଭୟ ଗୋଷ୍ଠୀ ଏକାଠି ହେଲେ ବିରୋଧୀ ଏକତା ଦୁର୍ବଳ ହେବ। ଜାତୀୟ ରାଜନୀତିରେ ଆଉ ଏକ ବଡ଼ ଝଡ଼ ସୃଷ୍ଟି ହେବ।

# ଆରମ୍ଭ ହେବ ‘ମେରି ମାଟି ମେରା ଦେଶ’ ଅଭିଯାନ

**ନୂଆଦିଲ୍ଲୀ,୩୦।୭**

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**



ଦେଶର ଶହୀଦ ବୀରମାନଙ୍କୁ ସମ୍ମାନିତ କରିବା ପାଇଁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ସାରା ଦେଶରେ ‘ମେରି ମାଟି ମେରା ଦେଶ’ ଅଭିଯାନ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ‘ମନ୍ କୀ ବାତ୍’ ରେଡିଓ କାର୍ଯ୍ୟକ୍ରମରେ ଏହା ଘୋଷଣା କରିଛନ୍ତି। ଏହି ଅଭିଯାନ ଅବସରରେ ପଞ୍ଚାୟତଗୁଡ଼ିକରେ ଶହୀଦମାନଙ୍କ ସ୍ମୃତିରେ ସ୍ୱତନ୍ତ୍ର ଶିଳାଲେଖ ସ୍ଥାପନ କରାଯିବ। ଏହି ଅଭିଯାନରେ ଅମୃତ କଳସ ଯାତ୍ରା ଆୟୋଜନ କରାଯିବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ମାଟି ଓ ଚାରା ୭,୫୦୦ କଳସିରେ ଜାତୀୟ ରାଜଧାନୀକୁ ଅଣାଯିବ। ଉକ୍ତ କଳସିଗୁଡ଼ିକର ମାଟି ଓ ଚାରାରେ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଏକ ଅମୃତ ବାଟିକା ନିର୍ମାଣ ହେବ, ଯାହା ‘ଏକ ଭାରତ ଶ୍ରେଷ୍ଠ ଭାରତ’ର ମହାନ୍ ପ୍ରତୀକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମେରି ମାଟି ମେରା ଦେଶ ଅଭିଯାନରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ସାହସୀ ପୁରୁଷ ଓ ମହିଳାମାନଙ୍କ ସ୍ମୃତି ଚାରଣ କରାଯିବ। ଗତବର୍ଷ ସ୍ୱାଧୀନତା ଦିବସ ପୂର୍ବରୁ ପ୍ରଧାନମନ୍ତ୍ରୀ ‘ହର ଘର ତ୍ରିରଙ୍ଗା’ ଅଭିଯାନର ଡାକରା ଦେଇଥିଲେ, ଯେଉଁଥିରେ ସାରା ଦେଶ ସାମିଲ ହୋଇଥିଲା।

ସାମୂହିକ ସାଂସ୍କୃତିକ ସଚେତନତା ଯୋଗୁ ଦେଶର ବିଭିନ୍ନ ପବିତ୍ର ସ୍ଥାନରେ ତୀର୍ଥଯାତ୍ରୀ ସଂଖ୍ୟା ବୃଦ୍ଧି ପାଇଛି। ପ୍ରତିବର୍ଷ କାଶୀକୁ ୧୦ କୋଟି ଭକ୍ତ ଆସୁଥିବାବେଳେ ଅଯୋଧ୍ୟା, ମଥୁରା, ଉଜ୍ଜୟିନୀରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ପାଇଛି। ଏଥିରେ ଲକ୍ଷ ଲକ୍ଷ ଗରିବ ଲୋକେ ରୋଜଗାର ସୁଯୋଗ ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ନିକଟରେ ଆମେରିକା ଭାରତକୁ ବହୁ ପ୍ରାଚୀନ କଳାକୃତି ଫେରାଇଛି। ସେଗୁଡ଼ିକ ୨୫୦ରୁ ୨,୫୦୦ ବର୍ଷର ପୁରୁଣା ଏବଂ ବିଭିନ୍ନ ଧର୍ମ ସହ ଜଡ଼ିତ ବୋଲି ମୋଦି କହିଥିଲେ। ମୌସୁମୀ ବର୍ଷା ଜନିତ ବନ୍ୟା ଓ ଭୂସ୍ଖଳନରେ ବିଭିନ୍ନ ରାଜ୍ୟରୁ ବହୁ ଲୋକ ପ୍ରଭାବିତ ହୋଇଥିବାବେଳେ ଅନ୍ୟମାନେ ମିଳିତ ସହାୟତାର ହାତ ବଢ଼ାଇଛନ୍ତି। ବିଭିନ୍ନ ସ୍ଥାନରେ ଜଳସଂରକ୍ଷଣ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରୋତ୍ସାହିତ କରିଛନ୍ତି।

# ଏବେ ଭୋଟ ହେଲେ ଏନ୍‌ଡିଏକୁ ୩୧୮ ଆସନ ମିଳିବ

**ନୂଆଦିଲ୍ଲୀ,୩୦।୭**

- ବିରୋଧୀ ମେଣ୍ଟ ପାଇବ ୧୭୫ ଆସନ
- ଓଡ଼ିଶାରେ ବିଜେଡିକୁ ୧୩, ଭାଜପାକୁ ୮ ଆସନ ମିଳିବ
- ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ଜନମତ ସର୍ଭେ ଆକଳନ

ଏବେ ଯଦି ଲୋକ ସଭା ନିର୍ବାଚନ ହୁଏ, ତେବେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ୩୧୮ ଆସନ ସହ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିବ। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ କଂଗ୍ରେସ ନେତୃତାଧୀନ ବିରୋଧୀ ମେଣ୍ଟ ‘ଇଣ୍ଡିଆ’ ୧୭୫ ଆସନ ପାଇବ ବୋଲି ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ଜନମତ ସର୍ଭେରେ ଆକଳନ କରାଯାଇଛି। ଏହା ବ୍ୟତୀତ ଅନ୍ୟାନ୍ୟ ଆଞ୍ଚଳିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୫୦ ଆସନ ପାଇପାରନ୍ତି। ଅନ୍ୟପକ୍ଷରେ ନିମ୍ନ ସଦନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପାର ଆସନ ସଂଖ୍ୟା ୩୦୩ରୁ ୨୯୦କୁ ହ୍ରାସ ପାଇବାକୁ ଥିବାବେଳେ କଂଗ୍ରେସ ଆସନ ସଂଖ୍ୟା ୫୨ରୁ ୬୬କୁ ବୃଦ୍ଧି ପାଇବ ବୋଲି ଜନମତ ସର୍ଭେରେ ପୂର୍ବାନୁମାନ କରାଯାଇଛି।

ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳର ଲୋକ ସଭା ଆସନ ସଂଖ୍ୟା ୧୨ରୁ ୧୩କୁ ବଢ଼ିବାକୁ ଥିବାବେଳେ ଭାଜପାକୁ ୮ ଆସନ ମିଳିବ। ରାଜ୍ୟରେ ଅନ୍ୟ କୌଣସି ଦଳ ଖାତା ଖୋଲିପାରିବେ ନାହିଁ ବୋଲି ଜନମତ ସର୍ଭେରେ କୁହାଯାଇଛି। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଲୋକ ସଭାରେ ୨୨ ଆସନ ଥିବାବେଳେ ଏହା ୨୯ ଆସନକୁ ବୃଦ୍ଧି ପାଇବ। ଟିଏମ୍‌ସି ଲୋକ ସଭାରେ ତୃତୀୟ ବୃହତ୍ ଦଳ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଗତ ଥର ୨୨ ଆସନ ପାଇଥିବା ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଏଥର ୧୮ ଆସନକୁ ଖସି ଚତୁର୍ଥ ବୃହତ୍ ଦଳ ହେବ। ଉଦ୍ଧବ ଠାକ୍‌ରେଙ୍କ ଶିବସେନା (ୟୁବିଟି)ର ଆସନ ସଂଖ୍ୟା ୬ରୁ ୧୧କୁ ବୃଦ୍ଧି ପାଇବାକୁ ଥିବାବେଳେ ଆମ୍ ଆଦ୍‌ମୀ ପାର୍ଟିର ଲୋକ ସଭାରେ ଏବେ ଗୋଟିଏ ଆସନ ଥିବାବେଳେ ଏହା ୧୦କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନାର ଆସନ ସଂଖ୍ୟା ୧୨ରୁ ୨କୁ ହ୍ରାସ ପାଇପାରେ।

ଏବେ ନିର୍ବାଚନ ହେଲେ ଉତ୍ତରପ୍ରଦେଶର ୮୦ ଆସନରୁ ଏନ୍‌ଡିଏକୁ ୭୩ ଆସନ ମିଳିପାରେ। ରାଜ୍ୟର ଅବଶିଷ୍ଟ ୭ ଆସନ ଇଣ୍ଡିଆ ମେଣ୍ଟକୁ ଯିବ ବୋଲି ଆକଳନ କରାଯାଇଛି। ଭାଜପା ଗୁଜରାଟର ସମସ୍ତ ୨୬ ଏବଂ ଉତ୍ତରାଖଣ୍ଡର ସମସ୍ତ ୫ ଆସନ ପୋଛିନେବ। କର୍ଣ୍ଣାଟକରୁ ଇଣ୍ଡିଆ ମେଣ୍ଟକୁ ୭ ଏବଂ ଜେଡିଏସ୍‌କୁ ଗୋଟିଏ ଆସନ ମିଳିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଅନ୍ୟ ପକ୍ଷରେ ଇଣ୍ଡିଆ ମେଣ୍ଟ କେରଳର ସମସ୍ତ ୨୦ ଲୋକ ସଭା ଆସନ ଜିତିବାକୁ ଥିବାବେଳେ ପଶ୍ଚିମବଙ୍ଗରେ ଟିଏମ୍‌ସି ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ୪୨ରୁ ୩୦ ଆସନ ଜିତିବ। ଅବଶିଷ୍ଟ ୧୨ ଆସନ ଏନ୍‌ଡିଏକୁ ଯିବ ବୋଲି ପୂର୍ବାନୁମାନ କରାଯାଇଛି।


ସମ୍ବଲପୁର କୁଞ୍ଜେଲପଡ଼ା ବ୍ୟାଙ୍କର ଛାତ ଭୁଶୁଡ଼ି ପଡ଼ିଛି।

# ବର୍ଷାରେ ଭୁଶୁଡ଼ିଲା ବ୍ୟାଙ୍କ ଛାତ

**ସମ୍ବଲପୁର,୩୦।୭(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର କୁଞ୍ଜେଲପଡ଼ାରେ ବହୁବର୍ଷ ଧରି ଚାଲିଥିବା ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସିଟି ଶାଖା କୋଠା ଛାତ ରବିବାର ଭୋର ସମୟରେ ଭୁଶୁଡ଼ି ପଡିଛି। କିଛି ଦିନ ପୂର୍ବରୁ ପାଣି ଝରୁଥିବା ଯୋଗୁଁ ବ୍ୟାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଦୁଇ ଦିନ ହେବ ପ୍ରବଳ ବର୍ଷା ହେବାରୁ ଏହି ଘଟଣା ଘଟିଛି। ପୁରୁଣା କୋଠା ହୋଇଥିବାରୁ କାଠ ବିମ୍‌ଗୁଡିକ ଦବି ଯାଇଥିଲା। ଦୁର୍ବଳ ଅବସ୍ଥାରେ ଛାତ ଝୁଲି ରହିଥିଲା। ପୂର୍ବରୁ ଅସରାଏ ବର୍ଷାରେ ଟଙ୍କା ଜମା ଓ ଉଠାଇବା ପାଇଁ ଥିବା କାଉଣ୍ଟରଗୁଡ଼ିକ ଉପରେ ପାଣି ଗଳୁଥିଲା। ତେଣୁ କମ୍ପ୍ୟୁଟର ଓ କାଗଜପତ୍ରକୁ ପଲିଥିନରେ ଘୋଡ଼ାଇ ରଖାଯାଉଥିଲା। ଏନେଇ ଗ୍ରାହକମାନେ ବ୍ୟାଙ୍କ ଅଧିକାରୀମାନଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ଘର ପରିବର୍ତ୍ତନ କରାଯାଉ ନ ଥିଲା। ଭଡାରେ ଏହି ଘର ଚାଲୁଥିଲା। ବ୍ୟାଙ୍କରେ ୭ ଜଣ କର୍ମଚାରୀ କାମ କରନ୍ତି। ସବୁବେଳେ ଲୋକଙ୍କ ଭିଡ଼ ଲାଗି ରହିଥାଏ। କିନ୍ତୁ ରବିବାର ଥିବାରୁ ସେଠାରେ କେହି ଉପସ୍ଥିତ ନ ଥିଲେ। ଛାତ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାରୁ କାଗଜପତ୍ର, ଅନ୍ୟାନ୍ୟ ଜିନିଷ ଚାପି ହୋଇଯାଇଥିବା କୁହାଯାଉଛି।




# ଟ୍ରେନ୍ ଦୁର୍ଘଟଣାରେ ଆହତ ହାତୀର ମୃତ୍ୟୁ

## ୨ ମାଈ ହାତୀଙ୍କ ମୃତ୍ୟୁ ଘଟିଥିଲା

**କେନ୍ଦୁଝର, ୩୦।୭(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଅଧୀନ ବ୍ରାହ୍ମଣୀପାଳ ରେଞ୍ଜ ଶଗଡ଼ପଟା-ଟାଙ୍ଗିରିଆପାଳ ଷ୍ଟେଶନ ପାଖ ବାଲିଦାଣ୍ଡ ସାହି ନିକଟରେ ଟ୍ରେନ୍ ଦୁର୍ଘଟଣାରେ ଆହତ ହୋଇଥିବା ହାତୀର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ରବିବାର ଜଙ୍ଗଲରେ ପୋତି ଦିଆଯାଇଛି। ମୃତ ହାତୀର ବୟସ ୮ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, ଜୁଲାଇ ୧୧ ରାତି ପ୍ରାୟ ସାଢେ ୯ଟା ବେଳେ ଏହି ଛୁଆ ହାତୀଟି ହାତୀପଲ ସହ ରେଳ ଲାଇନ ପାର ହେଉଥିଲା। ଯଖପୁରା ପଟୁ ବାଂଶପାଣି ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ୍ ହାତୀପଲକୁ ଧକ୍କା ଦେଇଥିଲା। ଟ୍ରେନ୍ ଧକ୍କାରେ ୨ ମାଈ ହାତୀ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ପରେ ଛୁଆ ହାତୀ ଆହତ ହୋଇ ରେବଣା ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଥିଲା। ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି, ଆହତ ହାତୀଟି ଦୈତାରୀ ଜଙ୍ଗଲରେ ରହୁଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଛି। ଉକ୍ତ ଜଙ୍ଗଲରେ ପାଖାପାଖି ୭ ହାତୀ ରହୁଛନ୍ତି। ହାତୀ ସୁରକ୍ଷା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏସିଏଫ୍ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି, ଘଟଣାରେ ବନ ବିଭାଗ ପକ୍ଷରୁ ଏକ ମାମଲା କରାଯାଇ ରେଳ ବିଭାଗର ଲୋକୋ ପାଇଲଟ ଏବଂ ଗାର୍ଡଙ୍କୁ ନୋଟିସ୍ ହୋଇଛି। ଉତ୍ତର ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ନିଖୋଜ ନାବାଳକଙ୍କୁ ବଳି ସନ୍ଦେହ ଘଟଣା | ମହିଳା ପୂଜକଙ୍କ ସହ ୪ ଗିରଫ

**ଅନୁଗୋଳ,(ଅମିତ କୁମାର ସାମଲ)/ ବଇଣ୍ଡା,୩୦।୭ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଟୁସର ଗ୍ରାମ ମଙ୍ଗଳା କୋଠିରେ ଅଧିଆ ପଡ଼ିଥିବା କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳ (୧୩)ଙ୍କ ଗଳିତ ମୃତଦେହ ଉଦ୍ଧାରର ୨ ଦିନ ପରେ ପୋଲିସ ଗିରଫଦାରି ଆରମ୍ଭ କରିଛି। ଗତ ଶୁକ୍ରବାର ଠାରୁ ଅଟକ ଥିବା ମଙ୍ଗଳା କୋଠିର ମହିଳା ପୂଜକ ରୀତାଞ୍ଜଳି ବାଘ (୪୩) ଓ ତାଙ୍କର ୩ ପୁଅ ଦିବ୍ୟରଞ୍ଜନ ବାଘ (୨୩), ଜ୍ୟୋତିରଞ୍ଜନ ବାଘ (୨୨) ଏବଂ ସୌମ୍ୟରଞ୍ଜନ ବାଘ (୨୦)ଙ୍କୁ ରବିବାର ଗିରଫ କରାଯାଇଥିବା ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ମୃତ ନାବାଳକଙ୍କ ମା' ବାସନ୍ତୀ ବିଶ୍ୱାଳ କିଆକଟା ଥାନାରେ ଦେଇଥିବା ଅଭିଯୋଗ ଆଧାରରେ ପୋଲିସ ନଂ. ୬୮/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଏଯାଏ ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ମଙ୍ଗଳା କୋଠିରେ ପୂଜାର୍ଚ୍ଚନା ଓ ନାବାଳକ ଅଧିଆ ପଡ଼ିଥିବା ନେଇ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରହିଛି। ଏଥିସହ ମୃତକଙ୍କ ମା' ପୁଅ ସଞ୍ଜୀବଙ୍କୁ ମହିଳା ପୂଜକ ରୀତାଞ୍ଜଳି ବଳି ଦେଇଥିବା ଅଭିଯୋଗ କରୁଛନ୍ତି। ତେଣୁ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଅପହରଣ, ହତ୍ୟା, ଠକେଇ, ଆପରାଧିକ ଷଡ଼ଯନ୍ତ୍ର, ଗୁଣିଗାରେଡି କରି ଚମତ୍କାରିତା ଦେଖାଇବା ପାଇଁ ଷଡ଼ଯନ୍ତ୍ର ଆଦି ଦଫା ଲଗାଇଛି। ୨ ଦିନ ଧରି ୪ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଥିବା ବେଳେ ଏବେ ମୃତଦେହ ବ୍ୟବଚ୍ଛେଦ, ଫୋରେନଶିକ ରିପୋର୍ଟ ଓ ସାଇଣ୍ଟିଫିକ ଟିମ୍ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଉକ୍ତ ରିପୋର୍ଟରୁ ହିଁ ହତ୍ୟା ଓ ସେ ସମ୍ପର୍କିତ ତଥ୍ୟ ମିଳିପାରିବ। ଏହାପରେ ପୋଲିସ ତଦନ୍ତ ଅଧିକ ଆଗେଇପାରିବ। ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଘଟଣାର ପର୍ଦ୍ଦାଫାଶ କରିବାକୁ ପୋଲିସ ଅଦାଲତରେ ଆବେଦନ କରିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନାବାଳକଙ୍କ ମୃତଦେହ ଗାଁ ଶ୍ମଶାନରେ ପୋଲିସ ଉପସ୍ଥିତିରେ ରାତିରେ ପୋଡ଼ାଯିବାକୁ ନେଇ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ମୃତଦେହରେ ବିଭିନ୍ନ ଅଙ୍ଗ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଟୁସରସ୍ଥିତ ବିବାଦୀୟ ମଙ୍ଗଳା କୋଠିକୁ ଭାଙ୍ଗିବାକୁ ସ୍ଥାନୀୟ ଲୋକେ ଜୋର୍‌ଦାର ଦାବି କରୁଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ମଙ୍ଗଳା କୋଠି ପୋଲିସ ତଦନ୍ତ ପରିସରଭୁକ୍ତ ଥିବାରୁ ତଦନ୍ତ ଶେଷ ହେବା ଯାଏ ତାହାକୁ ସୁରକ୍ଷା ଦେବାକୁ ସେଠାରେ ପୋଲିସ ମୁତୟନ କରାଯାଇଛି।


ଗିରଫ ମହିଳା ପୂଜକ ରୀତାଞ୍ଜଳି ବାଘ ଓ ତାଙ୍କ ୩ ପୁଅ।



# ୪ ତାରିଖଯାଏ ବର୍ଷିବ

**ଭୁବନେଶ୍ୱର,୩୦।୭ (ଅନୁରାଧା ମହାରଣା)**

**ସମ୍ବଲପୁର ଜିଲାରେ ସର୍ବାଧିକ ୧୧୪.୪ ମିମି ବର୍ଷିଲା**

ରାଜ୍ୟରେ ଲଘୁଚାପଜନିତ ମୌସୁମୀ ବର୍ଷା ଜାରି ରହିଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହୋଇ ଶନିବାର ଉତ୍ତର ଓ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ଲଘୁଚାପର ରୂପ ନେବା ପରେ ବର୍ଷା ପରିମାଣ ବଢ଼ିଛି। ରବିବାର ସନ୍ଧ୍ୟା ସୁଦ୍ଧା ସମ୍ବଲପୁର ଜିଲାରେ ସର୍ବାଧିକ ୧୧୪.୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ସୁନ୍ଦରଗଡ଼ରେ ୧୧୨.୨ ମିମି, ଫୁଲବାଣୀରେ ୭୬.୦୦ ମିମି, ଦେବଗଡ଼ରେ ୭୩.୦ ମିମି ଓ ସୋନପୁରରେ ୫୫.୦୦ ମିମି ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ବିସ୍ତୃତ ବର୍ଷା ହେବାସହ କିଛି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ବିଶେଷକରି ଜୁଲାଇ ୩୧, ଅଗଷ୍ଟ ୧ ଓ ୨ରେ ରାଜ୍ୟରେ ବର୍ଷାର ପରିମାଣ ଅଧିକ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

୩୧ ତାରିଖରେ ସମ୍ବଲପୁର, ବୌଦ୍ଧ, ନୟାଗଡ଼, ଅନୁଗୋଳ ଆଦି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଟକ, ଜଗତ୍‌ସିଂହପୁର, ପୁରୀ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଆଦି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ ବିଜ୍ଞାନୀ ଏଚ୍. ଆର୍. ବିଶ୍ୱାସ କହିଛନ୍ତି, ଲଘୁଚାପ ପ୍ରଭାବରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ବିଶେଷକରି ୧ ଓ ୨ ତାରିଖରେ ବର୍ଷାର ପରିମାଣ ଅଧିକ ରହିପାରେ। ସେହିପରି ଭୁବନେଶ୍ୱରରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା ହୋଇପାରେ। ୧ ତାରିଖରେ ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଆଦି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ସେସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ବଜ୍ରପାତରେ ଚାଷୀ ମୃତ

**କୁଜଙ୍ଗ,୩୦।୭(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ରାଜସ୍ୱ ଗ୍ରାମ ବାମଦେଇପୁର ତଥା ପଡା ଗ୍ରାମ କଣ୍ଟେଇନାଲିର ଜଣେ ଚାଷୀଙ୍କ ରବିବାର ବ୍ରଜପାତରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଈଶ୍ୱର ଜେନା(୪୫)। ରବିବାର ଅପରାହ୍ନରେ ସେ ବିଲକୁ ଚାଷ କରିବାକୁ ଯାଇଥିଲେ। କିଛି ସମୟରେ ପରେ ମୁଷଳ ଧାରାରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏନେଇ ଈଶ୍ୱର ସେଠାରୁ ଚାଲି ଆସି ଗାଁ ପୋଖରୀରେ ଧୋଇ ହେଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଖବରପାଇ ପରିବାର ଲୋକେ ତୁରନ୍ତ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଈଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ବଡ଼ ଭାଇ କିଶୋର ଜେନା କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# 'ରାଜ୍ୟରେ ଶିକ୍ଷାର ମାନ ହ୍ରାସ ପାଉଛି'

## ୧୬ତମ ମେଧାବୀ ଅଭିନନ୍ଦନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ଜଟଣୀ,୩୦।୭(ରବୀନ୍ଦ୍ର ନାଥ ମହାକୁଡ଼)**

ରାଜ୍ୟରେ ବର୍ତ୍ତମାନ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି। ଯାହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ ପ୍ରଭାବ ପଡୁଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବା ଏବଂ ସରକାରୀ ପ୍ରୋତ୍ସାହନ ଅଭାବ ଏହାର ପ୍ରମୁଖ କାରଣ ବୋଲି ଜଟଣୀସ୍ଥିତ ଅଗ୍ରୱାଲ ଧର୍ମଶାଳା ପରିସରରେ ଆୟୋଜିତ ୧୬ତମ ମେଧାବୀ ଅଭିନନ୍ଦନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହା କହିଛନ୍ତି। ପାଣ୍ଡବ ଜେନା ଟ୍ରଷ୍ଟ ଆନୁକୂଲ୍ୟରେ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସତପଥୀ ଶୁଭାରମ୍ଭ କରିଥିଲେ। ଦେଶ, ଜାତି, ଧର୍ମ ଓ ପରମ୍ପରାକୁ ଜାଣିବାକୁ ହେଲେ ପ୍ରଥମେ ତାର ଇତିହାସକୁ ଭଲଭାବେ ଜାଣିବା ଆବଶ୍ୟକ। ସେହିପରି ପୃଥିବୀପୃଷ୍ଠରେ ମଣିଷ ରହିବା ଦିନଠାରୁ ପ୍ରଥମେ ମାତୃଶକ୍ତିର ଉପାସନା କରାଯାଉଥିଲା। ତେଣୁ ମାତୃଶକ୍ତି ବିନା ପୃଥିବୀର କୌଣସି ସୃଷ୍ଟି ସମ୍ଭବ ନୁହେଁ ବୋଲି ସତପଥୀ କହିଥିଲେ। ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ସନ୍ତୋଷ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ, ଗରିବ ଛାତ୍ରୀଛାତ୍ର ଶିକ୍ଷାରୁ ଯେପରି ବଞ୍ଚିତ ନ ହେବେ ସେ ଦିଗରେ ତାଙ୍କ ଅନୁଷ୍ଠାନ କାର୍ଯ୍ୟ କରୁଛି। ମୁଖ୍ୟ ବକ୍ତାଭାବେ ଭୁବନେଶ୍ୱର ନାଇଜର ଡିନ୍ ପ୍ରଫେସର ଡ. ପ୍ରଣୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଏନ୍‌ଏସ୍‌ଏସ୍ ଆଡଭାଇଜର ତଥା ନ୍ୟାଶନାଲ ୟୁଥ୍ ପ୍ରୋଜେକ୍ଟ ଓଡ଼ିଶା ମୁଖ୍ୟ ମଧୁସୂଦନ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିନତି ଜେନା, ସଂସ୍କୃତି ସୁରକ୍ଷା ମଞ୍ଚ ଆବାହକ କୈଳାସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୧୬୨ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆଉ ୨୧୨ ମେଧାବୀ ଛାତ୍ରୀଛାତ୍ରଙ୍କ ନିକଟକୁ ଯାଇ ସମ୍ମାନିତ କରାଯିବ ବୋଲି ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ଜେନା କହିଛନ୍ତି। ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶିଷ୍ଟ ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସ୍କୃତି ସୁରକ୍ଷା ମଞ୍ଚର ସଦସ୍ୟ ଚିତ୍ତରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୮ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।





**ଆଜିର ମନ୍ତବ୍ୟ** ପ୍ରସଙ୍ଗଗୁଡ଼ିକୁ ନେଇ ବିଧାନସଭା ଓ ସଂସଦରେ ଆଲୋଚନା କରାଯିବା ଉଚିତ। ଗଣତନ୍ତ୍ରର ମନ୍ଦିରଠାରୁ ଲୋକଙ୍କ ଅନେକ ଆଶା ଆକାଂକ୍ଷା ଥିବାରୁ ଗୃହକାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରାଯିବା ଅନୁଚିତ। **-ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜ୍ଞାନୀ ଗୁଣ ଚାହେଁ**
**ଅଜ୍ଞାନ ଧନ ଚାହେଁ**

ଜ୍ଞାନୀ ବ୍ୟକ୍ତି ଗୁଣକୁ ପ୍ରାଧାନ୍ୟ ଦେଉଥିବାବେଳେ ଅଜ୍ଞାନ ବା ମୂର୍ଖ ବ୍ୟକ୍ତି ଧନ ପଛରେ ଗୋଡ଼ାଉଥିବାର ଦେଖିବାକୁ ମିଳିଥାଏ। ଧନଠାରୁ ଗୁଣ କାହିଁ କେତେ ଅଧିକ ମୂଲ୍ୟବାନ ହୋଇଥିବାବେଳେ ଅଜ୍ଞାନ ବ୍ୟକ୍ତି ନିଜ ମୂର୍ଖାମିରୁ ଏହାକୁ ଜାଣିବାରେ ଅସମର୍ଥ ହୋଇଥା'ନ୍ତି। କାରଣ ଧନ ସମୟକ୍ରମେ ସରି ଆସୁଥିବାବେଳେ ଗୁଣର କିନ୍ତୁ କେବେବି ପରିସମାପ୍ତି ଘଟିନଥାଏ ବୋଲି ଜଣାଯାଇଥାଏ। ଜ୍ଞାନୀ ଏବଂ ଅଜ୍ଞାନ ବ୍ୟକ୍ତିଙ୍କ ଚରିତ୍ର ଏପରି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଜ୍ଞା ଆଜ୍ଞାକ ଯେତେ କଥା**
**ସବୁ ତ ସମୟର ବାର୍ତ୍ତା !**

ସବୁକିଛି ସମୟ ହିଁ ନିର୍ଣ୍ଣୟ କରିଥାଏ। ସମୟକୁ ହିଁ ସବୁ ଜଣା। ଅଜଣା ହିଁ ଜଣା ର ରୂପାନ୍ତର ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ପାର୍ଲାମେଣ୍ଟରେ ଆଗକୁ ବିଜେଡି ପାଇଁ ବଡ଼ ପରୀକ୍ଷା

ନୂଆଦିଲ୍ଲୀ,୩୦।୭

ମଣିପୁର ପ୍ରସଙ୍ଗରେ ବିରୋଧୀ ପାର୍ଲାମେଣ୍ଟରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବାବେଳେ ତାହା ଉପରେ କେଉଁଦିନ ବିତର୍କ ହେବ ତାହା ସୋମବାର ସ୍ଥିର ହେବ। ସେହିପରି ଆସନ୍ତା ସପ୍ତାହରେ ଗୁରୁତ୍ୱପୂର୍ଣ୍ଣ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର(ସଂଶୋଧନ) ବିଲ୍ ଉପରେ ଆଲୋଚନା ହେବ। ବିଜେଡି ଏହାର ସମଦୂରତ୍ୱ ଆଭିମୁଖ୍ୟକୁ ବଜାୟ ରଖିବାରେ କେତେ ସକ୍ଷମ, ତାହାର ବଡ଼ ପରୀକ୍ଷା ହେବାକୁ ଯାଉଛି। ଲୋକ ସଭାରେ ସରକାରଙ୍କ ସପକ୍ଷରେ ସଂଖ୍ୟା ରହିଥିବାରୁ ବିଲ୍‌କୁ ଗୃହୀତ କରାଇବାରେ କୌଣସି ଅସୁବିଧା ହେବ ନାହିଁ। ତେବେ ରାଜ୍ୟ ସଭାରେ ଏନ୍‌ଡିଏର ଆବଶ୍ୟକ ସଂଖ୍ୟା ନ ଥିବାରୁ ବିଲ୍ ଗୃହୀତ କରାଇବା କଷ୍ଟକର ହୋଇପଡ଼ିବ। ଉଚ୍ଚ ସଦନରେ ଭାଜପା ଓ ସହଯୋଗୀ ଦଳଙ୍କ ମୋଟ ସଦସ୍ୟ ସଂଖ୍ୟା ୧୦୨ ହୋଇଥିବାବେଳେ ଇଣ୍ଡିଆ ମେଣ୍ଟ ଏବଂ ବିଆର୍‌ଏସ୍‌ର ସଦସ୍ୟ ମିଶି ୧୦୪ ଅଛନ୍ତି। ୩ ବିରୋଧୀ ସଦସ୍ୟ ଅସୁସ୍ଥ ଥିବାବେଳେ ଏଏପିର ସଞ୍ଜୟ ସିଂ ନିଲମ୍ବିତ ହୋଇଛନ୍ତି। ତେଣୁ ବିଲ୍ ପାସ୍ କରାଇବା ପାଇଁ ସରକାର ଆଞ୍ଚଳିକ ଦଳ ବିଜେଡି ଏବଂ ୱାଇଏସ୍‌ଆର୍ କଂଗ୍ରେସର ସହଯୋଗ ଚାହିଁବେ। ଏହି ଦଳ ବିଲ୍‌କୁ ସମର୍ଥନ ଜଣାନ୍ତୁ କିମ୍ବା କକ୍ଷତ୍ୟାଗ କରନ୍ତୁ ବୋଲି ସରକାର ଆଶା କରିବେ। ଏଥିରୁ ବିଜେଡିର ସମଦୂରତ୍ୱ ଆଭିମୁଖ୍ୟର ପରୀକ୍ଷା ହୋଇଯିବ।

ସେହିପରି ବିଜେଡି ପାଇଁ ଆଉ ଏକ ପରୀକ୍ଷା ହେଉଛି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ। ଗତ ୨୬ ତାରିଖରେ ବିରୋଧୀ ଦଳ ଲୋକ ସଭାରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବାରୁ ନିୟମ ଅନୁଯାୟୀ ୧୦ ଦିନ ମଧ୍ୟରେ ଏହା ଉପରେ ଆଲୋଚନା ହେବ। ଯଦିଓ ସଂଖ୍ୟା ଦୃଷ୍ଟିରୁ ସରକାରଙ୍କ ପାଇଁ କୌଣସି ସମସ୍ୟା ନାହିଁ, ତେବେ ଅନାସ୍ଥା ସପକ୍ଷରେ କେତେ ସମର୍ଥନ ମିଳୁଛି ତାହା ଜଣାପଡ଼ିଯିବ। ୨୦୧୮ରେ ଆନ୍ଧ୍ରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରସଙ୍ଗରେ ମୋଦି ସରକାରଙ୍କ ବିରୋଧରେ ତେଲୁଗୁ ଦେଶମ ପାର୍ଟି ପ୍ରଥମ ଅନାସ୍ଥା ପ୍ରସ୍ତାବ ଆଣିଥିବାବେଳେ ଏହା ଓଡ଼ିଶା ପାଇଁ ପ୍ରାସଙ୍ଗିକ ନୁହେଁ କହି ବିଜେଡି କକ୍ଷତ୍ୟାଗ କରିଥିଲା। ଏଥର ମଣିପୁର ପ୍ରସଙ୍ଗରେ ଆଦିବାସୀଙ୍କ କଥା ଉଠୁଥିବାରୁ ବିଜେଡି କକ୍ଷତ୍ୟାଗ କରିବ କି ନାହିଁ ତାହା ଅନାସ୍ଥା ପ୍ରସ୍ତାବ ଭୋଟ ବେଳେ ଜଣାପଡ଼ିବ। ଆଲୋଚନା ଦିନ ଦଳ ଏ ସମ୍ପର୍କରେ ନିଷ୍ପତ୍ତି ନେବ ବୋଲି ବିଜେଡିର ଜଣେ ବରିଷ୍ଠ ଏମ୍‌ପି କହିଛନ୍ତି।

# ପହିଲାରୁ ଯୁକ୍ତ୨ ପାଠପଢ଼ା

ଭୁବନେଶ୍ୱର,୩୦ ।୭(ଅନୁରାଧା ମହାରଣା)

- **ପ୍ରବେଶ ଉତ୍ସବକୁ ଗୁରୁତ୍ୱ**
- **ୟୁନିଫର୍ମ, ପରିଚୟପତ୍ର ବାଧ୍ୟତାମୂଳକ**

ଅଗଷ୍ଟ ପହିଲାରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ୨୦୨୩–୨୪ ଶିକ୍ଷାବର୍ଷରେ ନାମ ଲେଖାଇଥିବା ପିଲାଙ୍କ ପାଇଁ ପ୍ରତି ବିଦ୍ୟାଳୟରେ ପ୍ରବେଶ ଉତ୍ସବର ଆୟୋଜନ କରାଯିବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖିଛନ୍ତି। ଏହି ପ୍ରବେଶ ଉତ୍ସବରେ ପିଲାଙ୍କ ପାଇଁ କେଉଁସବୁ କାର୍ଯ୍ୟକ୍ରମର ଆୟୋଜନ କରାଯିବ ସେନେଇ ବିସ୍ତୃତ ଭାବେ ଉଲ୍ଲେଖ ରହିଛି। ନୂଆ କରି ଶିକ୍ଷାନୁଷ୍ଠାନକୁ ଆସିଥିବା ପିଲାଙ୍କୁ ସ୍ୱାଗତ କରିବା ପାଇଁ ସୁସଜ୍ଜିତ ହଲ୍‌ରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆବଶ୍ୟକ ସ୍ଥଳେ ବିଭାଗ ଅନୁସାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏଥିରେ ପିଲାଙ୍କୁ ଶିକ୍ଷାନୁଷ୍ଠାନର ଇତିହାସ, କାର୍ଯ୍ୟକଳାପ ଓ ନିୟମ ବିଷୟରେ ସୂଚିତ କରାଯିବ। ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିବେ। ଛାତ୍ର ଜୀବନରେ ଉଚ୍ଚ ମାଧ୍ୟମିକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ପିଲାଙ୍କୁ ଅବଗତ କରାଯିବା ସହ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହ, ପରୀକ୍ଷାଗାର, ପାଠାଗାର ସମ୍ପର୍କରେ ପିଲାମାନେ ଜାଣିବାକୁ ପାଇବେ। ସେହିପରି ପିଲାଙ୍କ ୟୁନିଫର୍ମ ଓ ପରିଚୟ ପତ୍ର ଉପରେ ମଧ୍ୟ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଅଗଷ୍ଟ ୧୪ ସୁଦ୍ଧା ଛାତ୍ରୀଛାତ୍ର ୟୁନିଫର୍ମ ପିନ୍ଧି କ୍ଲାସ କରିବେ। ତେବେ ସ୍ଥାୟୀ ପରିଚୟପତ୍ର ମିଳି ନ ଥିଲେ ଅସ୍ଥାୟୀ ପରିଚୟପତ୍ର ପ୍ରଦାନ କରିବେ ବିଦ୍ୟାଳୟ କର୍ତ୍ତୃପକ୍ଷ। ନିୟମିତ ଅଭିଭାବକ–ଶିକ୍ଷକ ବୈଠକ ଆୟୋଜନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କ୍ୟାରିଅର ପୋର୍ଟାଲ ସମ୍ପର୍କିତ ତଥ୍ୟ ପିଲାମାନେ ଶିକ୍ଷା ଆରମ୍ଭରୁ ଜାଣି ରଖିବା ପାଇଁ କୁହାଯାଇଛି। http://odishacareerportal.comରେ ଉପଲବ୍ଧ ପ୍ରାୟ ୫୫୦ କ୍ୟାରିଅର ଅପଶନ୍ ସମ୍ପର୍କରେ ସୂଚନା ପାଇପାରିବେ ଛାତ୍ରୀଛାତ୍ର। ପିଲାମାନେ ଶିକ୍ଷାନୁଷ୍ଠାନର ପ୍ରୋକ୍ଟୋରଙ୍କ ସହ ମଧ୍ୟ ପରିଚିତ ହେବେ। ପ୍ରୋକ୍ଟୋର ବିଦ୍ୟାର୍ଥୀଙ୍କୁ ସେମାନଙ୍କ ପାଠ୍ୟ ବିଷୟ, ବିଭାଗ, ଦଳ ଓ ସମୟ ସାରଣୀ ବିଷୟରେ ମାର୍ଗଦର୍ଶନ ଦେବେ।

# ଦିଲ୍ଲୀରେ ଶିଶୁଚାଲାଣ ୬୮% ବୃଦ୍ଧି

ନୂଆଦିଲ୍ଲୀ,୩୦।୭

- **ତାଲିକାର ଶୀର୍ଷରେ ଉତ୍ତରପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ**
- **କର୍ଣ୍ଣାଟକରେ ୧୮ ଗୁଣା ବଢ଼ିଛି**

ଦେଶର ରାଜଧାନୀ ଦିଲ୍ଲୀରେ ଶିଶୁ ଚାଲାଣ ଚିନ୍ତାଜନକ ହୋଇଛି। କୋଭିଡ୍‌ର ପୂର୍ବ ଓ ପରବର୍ତ୍ତୀ ସମୟକୁ ତୁଳନା କଲେ ଏଠାରେ ଶିଶୁ ଚାଲାଣ ମାମଲା ୬୮% ବୃଦ୍ଧି ପାଇଛି। ତେବେ ୨୦୧୬ରୁ ୨୦୨୨ ମଧ୍ୟରେ ହୋଇଥିବା ଶିଶୁ ଚାଲାଣ ଅଭିଯୋଗ ସମ୍ପର୍କିତ ତାଲିକାରେ ଶୀର୍ଷରେ ରହିଛି ଉତ୍ତରପ୍ରଦେଶ। ଏହା ପଛକୁ ରହିଛି ବିହାର ଏବଂ ଆନ୍ଧ୍ରପ୍ରଦେଶ। ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିବା ସମାଜସେବୀ କୈଳାସ ସତ୍ୟାର୍ଥୀଙ୍କ ଦ୍ୱାରା ପ୍ରତିଷ୍ଠିତ 'କୈଳାସ ସତ୍ୟାର୍ଥୀ ଚିଲଡ୍ରେନସ୍ ଫାଉଣ୍ଡେଶନ' (କେଏସ୍‌ସିଏଫ୍) ଏବଂ 'ଗେମ୍ସ୨୪x୭' ଦ୍ୱାରା ହୋଇଥିବା ଅଧ୍ୟୟନ ରିପୋର୍ଟରୁ ଏହା ଜଣାପଡ଼ିଛି। 'ଚାଇଲ୍ଡ ଟ୍ରାଫିକିଂ ଇନ୍ ଇଣ୍ଡିଆ: ଇନ୍‌ସାଇଟ୍‌ସ ଫ୍ରମ୍ ସିଚ୍ୟୁଏଶନ ଡାଟା ଆନାଲିସିସ୍ ଆଣ୍ଡ ଦ ନିଡ୍ ଫର୍ ଟେକ୍–ଡ୍ରିଭେନ୍ ଇଣ୍ଟରଭେନ୍‌ଶନ ଷ୍ଟ୍ରାଟେଜିସ୍' ଶୀର୍ଷକ ଏହି ରିପୋର୍ଟ ରବିବାର ବିଶ୍ୱ ମାନବ ଚାଲାଣ ନିରୋଧ ଦିବସ ଅବସରରେ ପ୍ରକାଶ ପାଇଛି।

ଶିଶୁ ଚାଲାଣ କ୍ଷେତ୍ରରେ ଶୀର୍ଷରେ ଥିବା ଜିଲା ହେଉଛି ରାଜସ୍ଥାନର ଜୟପୁର। ଜୟପୁର ସହର ଦେଶରେ ଶିଶୁ ଚାଲାଣର ହଟସ୍ପଟ୍ ଭାବେ ଉଭା ହୋଇଛି। ଏହା ପଛକୁ ଥିବା ଅନ୍ୟ ୪ଟି ଜିଲା ରାଜଧାନୀ ଦିଲ୍ଲୀରେ ରହିଛି। 'ଗେମ୍ସ୨୪x୭' ଏବଂ କେଏସ୍‌ସିଏଫ୍ ପକ୍ଷରୁ ୨୧ ରାଜ୍ୟର ୨୬୨ ଜିଲାରେ ୨୦୧୬ରୁ ୨୦୨୨ ମଧ୍ୟରେ ହୋଇଥିବା ଶିଶୁ ଚାଲାଣ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ କରାଯାଇଛି। ଏହି ସମୟ ମଧ୍ୟରେ ୧୮ ବର୍ଷରୁ କମ୍ ୧୩,୫୪୯ ଶିଶୁ ଉଦ୍ଧାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତଙ୍କ ବୟସ ୧୩ରୁ ୧୮ ବର୍ଷ ମଧ୍ୟରେ ହୋଇଥିବାବେଳେ ୧୩ ପ୍ରତିଶତ ହେଉଛନ୍ତି ୯ରୁ ୧୨ ବର୍ଷ ବୟସର। ଏଥିରୁ ସ୍ପଷ୍ଟ ହେଉଛି ଯେ, ସବୁ ବୟସର ପିଲା ଚାଲାଣର ଶିକାର ହେଉଛନ୍ତି।

ଏହି ରିପୋର୍ଟ ବିଭିନ୍ନ ଇଣ୍ଡଷ୍ଟ୍ରିକୁ ମଧ୍ୟ ଫୋକସ୍ କରିଛି, ଯେଉଁଠି ଶିଶୁମାନଙ୍କୁ ନିୟୋଜିତ କରାଯାଉଛି। ହୋଟେଲ ଏବଂ ଢାବାରେ ଶିଶୁଶ୍ରମିକଙ୍କ ସଂଖ୍ୟା ସର୍ବାଧିକ (୧୫.୬%)। ଏହାପଛକୁ ଅଟୋମୋବାଇଲ ଏବଂ ଟ୍ରାନ୍ସପୋର୍ଟ ଇଣ୍ଡଷ୍ଟ୍ରିରେ ୧୩% ଏବଂ ଗାରମେଣ୍ଟ ଇଣ୍ଡଷ୍ଟ୍ରିରେ ୧୧.୧୮% ଶିଶୁ ଶ୍ରମିକ ନିୟୋଜିତ ହୋଇଛନ୍ତି। ସେହିପରି ୫ରୁ ୮ ବର୍ଷ ବୟସର ପିଲାମାନେ ପ୍ରସାଧନ ଶିଳ୍ପରେ ନିୟୋଜିତ ଥିବା ରିପୋର୍ଟରେ ଦର୍ଶାଯାଇଛି।

ବିଭିନ୍ନ ରାଜ୍ୟରେ ଶିଶୁ ଚାଲାଣ ମାମଲା ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଥିବାବେଳେ ଏ କ୍ଷେତ୍ରରେ ଉତ୍ତରପ୍ରଦେଶ ଦୃଷ୍ଟି ଆକର୍ଷଣ କରିଛି। ଏଠାରେ ୨୦୧୬ରୁ ୨୦୧୯ ମଧ୍ୟରେ ଅର୍ଥାତ୍ କୋଭିଡ୍‌ର ପୂର୍ବ ସମୟରେ ଶିଶୁ ଚାଲାଣ ସମ୍ପର୍କିତ ୨୬୭ଟି ଅଭିଯୋଗ ହୋଇଛି। କିନ୍ତୁ କୋଭିଡ୍ ପରବର୍ତ୍ତୀ ଅର୍ଥାତ୍ ୨୦୨୧ରୁ ୨୦୨୨ ମଧ୍ୟରେ ଏହି ସଂଖ୍ୟା ୧୨୧୪କୁ ବୃଦ୍ଧି ପାଇଛି। ତେବେ କର୍ଣ୍ଣାଟକରେ ଶିଶୁ ଚାଲାଣ ଅଭିଯୋଗ ୧୮ଗୁଣା ବଢ଼ିଛି। ଏଠାରେ ହୋଇଥିବା ଅଭିଯୋଗ ୬ରୁ ୧୧୦କୁ ବୃଦ୍ଧି ପାଇଛି। ଏଭଳି ଉଦ୍‌ବେଗଜନକ ପରିସଂଖ୍ୟାନ ସତ୍ତ୍ୱେ ବିଗତ ଏକ ଦଶନ୍ଧି ମଧ୍ୟରେ ସରକାରୀ ତଥା ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକର ସକ୍ରିୟତାର ସକାରାତ୍ମକ ପ୍ରଭାବ ପଡ଼ିଥିବା ରିପୋର୍ଟରେ ଦର୍ଶାଯାଇଛି। ସରକାରଙ୍କ ବାରମ୍ବାର ହସ୍ତକ୍ଷେପ ଏବଂ ସଚେତନତା ଅଭିଯାନ ଯୋଗୁ ଶିଶୁଚାଲାଣ ସମ୍ପର୍କିତ ଅଭିଯୋଗ ବୃଦ୍ଧି ପାଇଛି। ଏହାସହ ଶିଶୁ ଚାଲାଣ ସଂଖ୍ୟାରେ ହ୍ରାସ ଘଟିଛି ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି ସାମାଜିକ ଦୁଃସ୍ଥିତିକୁ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବା ପାଇଁ ଏକ ବିସ୍ତୃତ ଶିଶୁ ଚାଲାଣ ନିରୋଧୀ ଆଇନ ଆବଶ୍ୟକତା ଥିବା ନେଇ ରିପୋର୍ଟ ଗୁରୁତ୍ୱାରୋପ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଉଁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନବମସ୍ଥ ଗ୍ରହ ପ୍ରଭାବରୁ ଘର କାମ ଛାଡି ବାହାର ଲୋକମାନଙ୍କ ପାଇଁ ବିଶେଷ ସମୟ ଦେବେ। ତଥାପି ପାରିବାରିକ ଜୀବନରେ ସୁଖ, ସ୍ୱାଚ୍ଛନ୍ଦ୍ୟ ବାଧାପ୍ରାପ୍ତ ହେବ ନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ପୂର୍ବରୁ ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

**ବୃଷ** କୌଣସି ବନ୍ଧୁଙ୍କ ସାହାଯ୍ୟର ପ୍ରତିଶ୍ରୁତି ଲାଭ କରି ଦିଲ୍‌ଖୁସ୍ ହୋଇଯିବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଆଶା କରିଥିବା ଦିଗରୁ କିମ୍ବା ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ମିଳିବ। ଗୃହ ସମସ୍ୟା, ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ମିଥୁନ** ବନ୍ଧୁଙ୍କ ଗହଣରେ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ ଓ ଆପଣଙ୍କ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପାରିବାରିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କାରଣ ଅତୀତର କେତେକ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ।

**ସିଂହ** ଯେତେପ୍ରକାର ଚେଷ୍ଟା କଲେ ମଧ୍ୟ ଅଭାବ, ଅସୁବିଧା ଓ ପ୍ରତିକୂଳତା ଭିତର ଦେଇ ଗତି କରିବାକୁ ପଡ଼ିବ। କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ମନ ବିଚଳିତ ମଧ୍ୟ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା** ବିଭିନ୍ନ ପ୍ରତିରୋଧର ସାମ୍ନା କରି ପାରିବାରିକ କ୍ଷେତ୍ରରେ ପରିସ୍ଥିତି ଗମ୍ଭୀର ରହିବ। ପରିବାର ମଧ୍ୟରେ କ୍ରୋଧବଶତଃ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବ ନାହିଁ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ, କିନ୍ତୁ ଆପଣ ନିରାଶ ହେବେ ନାହିଁ। କର୍ମାରମ୍ଭରେ ପ୍ରଥମେ ସଙ୍କଟର ସମ୍ମୁଖୀନ ହେବେ କିନ୍ତୁ ପରେ ସବୁ କିଛି ଠିକ୍ ହୋଇଯିବ।

**ତୁଳା** ଆଗାମୀ ଭବିଷ୍ୟତର ସୁନେଲୀ କଳ୍ପନାରେ ମନ ଉବୁଟୁବୁ ହୋଇପାରେ। ଅଫିସିଆଲି, ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ସାଙ୍ଗଙ୍କ ଦ୍ୱାରା ଉତ୍ସାହିତ ହୋଇ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ।

**ବିଛା** ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ପ୍ରତ୍ୟେକ କାମ ଲାଗି ଅନୁକୂଳ ବାତାବରଣ ସୃଷ୍ଟି ହେବ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯୋଗଦେଇପାରନ୍ତି। ବନ୍ଧୁ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ପ୍ରଶାସନ, ଆଇନ, ଅଦାଲତ, ରାଜନୀତି ଓ ସାଂଗଠନିକ, ସଭାସମିତି ପାଇଁ ଦିନଟି ଭଲ।

**ଧନୁ** ସକାଳୁ ସକାଳୁ କୌଣସି ଖୁସି ଖବର ମନକୁ ପୁଲକିତ କରିଦେବ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ଅପରାହ୍ନ ସମୟରେ ସାହାଯ୍ୟ କରିବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ମକର** ପ୍ରତ୍ୟେକ ଦିଗ ପ୍ରତିବନ୍ଧକ ମୁକ୍ତ ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରିବ। ଗୃହସୀମାକୁ କେନ୍ଦ୍ରକରି କିଛି ସମସ୍ୟା କିମ୍ବା ଜମିଜମା କଳହ ତୀବ୍ର ରୂପ ଧାରଣ କରିପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ମୁଣ୍ଡରେ ହାତଦେଇ ବସିବାକୁ ପଡ଼ିପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ।

**କୁମ୍ଭ** ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ ଯେତେ ଯାହା କଲେ ମଧ୍ୟ ସମସ୍ୟା ଆଦୌ ପିଛା ଛାଡିବ ନାହିଁ। ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ମୀନ** ଆଜି ଯାହା ଚାହିଁବେ ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଦୂରଯାତ୍ରାର ସୁଯୋଗ ପାଇବେ, କିନ୍ତୁ ହୁଏତ ଶେଷ ସମୟରେ ତାହା ବାତିଲ୍ ହୋଇଯାଇପାରେ। ଆଲୋଚନା ସମୟରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଶ୍ରାବଣ(ମଳ) ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ସୋମବାର, ଶିବଶୟନ ଚତୁର୍ଦ୍ଦଶୀ, ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଜୁଲାଇ ୩୧ ତାରିଖ, ରାଶିନକ୍ଷତ୍ର–ପୂର୍ବାଷାଢା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୬ ଗତେ, ଘ.୦୭।୦୨ ମଧ୍ୟେ, ଘ.୧୦।୩୫ ଗତେ, ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭।୦୨ ଗତେ, ଘ.୦୮।୨୯ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ପୁଣି ବିବାଦରେ ...

ହଲ୍‌ରେ ଏହା କରାଯାଇ ନ ଥିବା ପରୀକ୍ଷାର୍ଥୀମାନେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ପ୍ରଶ୍ନପତ୍ର ଭାଇରାଲ କରି ଟଙ୍କା ରୋଜଗାର କରାଯାଉଛି। ଟଙ୍କା ନେଇ ଚାକିରି ବିକ୍ରି କରାଯାଉଥିବା ବେଳେ ଆମେ ଗରିବ ପିଲାମାନେ ଚାକିରିରୁ ବଞ୍ଚିତ ହେଉଛୁ ବୋଲି କହି ପରୀକ୍ଷାର୍ଥୀ ପର୍ଶୁରାମ ମିଶ୍ର, ସୌମ୍ୟରଞ୍ଜନ ସାହୁ, ପ୍ରଭାତ କୁମାର ପାଣିଗ୍ରାହୀ, ରାଧାରାଣୀ ସାହୁ, ପ୍ରଣବ କୁମାର ଜେନା, ମୀତାଞ୍ଜଳି ଦାସ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖବରପାଇ ଉପଜିଲାପାଳ ମନୋଜ ପାତ୍ର ଓ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପହଞ୍ଚି କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରୀକ୍ଷା ବର୍ଜନ କରିଥିବା ୨୧ ପରୀକ୍ଷାର୍ଥୀଙ୍କ ସହ ଆଲୋଚନା କରି ଓଏସ୍‌ଏସ୍‌ସି କମିଶଙ୍କୁ ଏନେଇ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ଟାଉନ ଥାନାଧିକାରୀ ଉମାଶଙ୍କର ନାୟକଙ୍କ ସହ ପୋଲିସ ଫୋର୍ସ ମୁତୟନ ରହିଥିଲେ।

ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର କହିଛନ୍ତି, ଜିଲା ଟ୍ରେଜେରିରୁ ପ୍ରଶ୍ନପତ୍ର ୯ଟା ୩୫ରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ପ୍ରଶ୍ନପତ୍ର ପରିବହନ ସମୟରେ କୌଣସି ଗୋଟିଏର ସିଲ୍ ସାମାନ୍ୟ ଫାଟି ଯାଇଥିଲା। ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। କଲେଜରେ ସିସିଟିଭି ଲାଗିଥିବା ବେଳେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଓ ପରୀକ୍ଷକମାନଙ୍କ ଉପସ୍ଥିତିରେ ସିଲ୍ ଖୋଲାଯାଇଥିଲା। ଉପଜିଲାପାଳ ମନୋଜ ପାତ୍ର କହିଛନ୍ତି, ପରୀକ୍ଷା କାର୍ଯ୍ୟ ପରିଚାଳନା ଦାୟିତ୍ୱ ଜିଲା ପ୍ରଶାସନ ପକ୍ଷରୁ ନିୟୋଜିତ ମାଜିଷ୍ଟ୍ରେଟ୍ ଓ ପୋଲିସ ଉପସ୍ଥିତିରେ ଆସିଷ୍ଟାଣ୍ଟ ଅବ୍‌ଜର୍‌ଭରମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଜିଲାର ୫ଟି କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଇଥିଲା। କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ଆସିଷ୍ଟାଣ୍ଟ ଅବ୍‌ଜରଭର ଓ ଇନ୍‌ଭିଜିଲେଟରଙ୍କ ଉପସ୍ଥିତିରେ ପରୀକ୍ଷା କକ୍ଷରେ ପ୍ରଶ୍ନପତ୍ର ଖୋଲାଯାଇଥିଲା। ଏ ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଛି। ତେଣୁ ଅଭିଯୋଗ ଭିତ୍ତିହୀନ। ଅପରପକ୍ଷରେ ସବୁ କେନ୍ଦ୍ରରେ ସ୍ୱଚ୍ଛତାର ସହ ପରୀକ୍ଷା ପରିଚାଳନା ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ଓ ସାବଧାନତାକୁ ଠିକ୍ ଭାବେ ଅନୁସରଣ କରାଯାଇଥିବା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରକାଶ କରିଛନ୍ତି। ଭଦ୍ରକ କଲେଜ ବ୍ୟତୀତ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ, ଜିଲା ସ୍କୁଲ, ଭଦ୍ରକ ମହିଳା ମହାବିଦ୍ୟାଳୟ ଓ ବାଗୁରାଇ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା।

### ସରକାର ବିଫଳ, ...

ଆସିଥିବା ଏମ୍‌ପିମାନେ ଯାହା ଅନୁଧ୍ୟାନ କରିଛୁ, ସେସବୁ ପାର୍ଲାମେଣ୍ଟକୁ ଅବଗତ କରାଇବୁ ଏବଂ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ଉଦ୍ୟମ କରିବୁ। ମଣିପୁରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପଟୁ କ'ଣ ଭୁଲ୍ ହୋଇଛି ତାହା ମଧ୍ୟ ପାର୍ଲାମେଣ୍ଟକୁ ଅବଗତ କରାଇବୁ। ସଂସଦରେ ଏନେଇ ଆଲୋଚନା କରିବାକୁ କେନ୍ଦ୍ରକୁ ଆମେ ଅନୁରୋଧ କରୁଛୁ। କାରଣ ମଣିପୁର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ବୋଲି ଅଧୀର କହିଛନ୍ତି।

ଦୁଇଦିନିଆ ଗସ୍ତବେଳେ ଅଙ୍ଗେ ନିଭାଇଥିବା ଅନୁଭୂତି ବଖାଣିବାକୁ ଯାଇ ଅଧୀର ଆହୁରି କହିଛନ୍ତି, ସ୍ଥିତି ଏମିତି ହୋଇଛି ଯେ, ଉପତ୍ୟକାର ମେଇତିମାନେ କୁକି ବହୁଳ ପାର୍ବତ୍ୟାଞ୍ଚଳକୁ ଯାଇପାରୁ ନାହାନ୍ତି କି ସେମାନେ ମଧ୍ୟ ଭ୍ୟାଲିକୁ ଆସିପାରୁ ନାହାନ୍ତି। ଏହି ଦକ୍ଷିଣପୂର୍ବ ରାଜ୍ୟରେ ରାଶନ, ଗୋଖାଦ୍ୟ, କ୍ଷୀର, ଶିଶୁ ଖାଦ୍ୟ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁନାହିଁ। ଛାତ୍ରୀଛାତ୍ରଙ୍କ ଶିକ୍ଷା ବ୍ୟାହତ ହୋଇଛି। ଆମେ ରାଜ୍ୟପାଳଙ୍କୁ ଏହି ସବୁ ଅସୁବିଧା ସମ୍ପର୍କରେ ଜଣାଇଛୁ ବୋଲି ଅଧୀର କହିଛନ୍ତି। ସେହିପରି ଟିଏମ୍‌ସିର ରାଜ୍ୟ ସଭା ସଦସ୍ୟା ସୁସ୍ମିତା ଦେବ ଖବରଦାତା ସମ୍ମିଳନୀରେ ରାଜ୍ୟବାସୀଙ୍କୁ ବିରୋଧୀ ମେଣ୍ଟର ସମର୍ଥନ ଆଶ୍ୱାସନା ଦେଇଥିଲେ। ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ଉତ୍ତରଦାୟୀ କରାଇବା ଲାଗି ମୌସୁମୀ ଅଧିବେଶନ ଶେଷ ହେବା ପର୍ଯ୍ୟନ୍ତ ସେମାନଙ୍କ ପାଇଁ ଲଢ଼େଇ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ବିରୋଧୀ ଏମ୍‌ପିମାନେ ଅପରାହ୍ନରେ ଦିଲ୍ଲୀ ଫେରିଯାଇଛନ୍ତି। ଅଧୀର ଓ ଲୋକ ସଭାରେ କଂଗ୍ରେସ ଉପନେତା ସୌରଭ ଗୋଗୋଇଙ୍କ ସମେତ ପ୍ରତିନିଧି ଦଳରେ ଟିଏମ୍‌ସିର ସୁସ୍ମିତା ଦେବ, ଜେଏମ୍‌ଏମ୍‌ର ମହୁଆ ମାଜି, ଡିଏମ୍‌କେର କାନିମୋଝି, ଏନ୍‌ସିପିର ପି.ପି. ମହମ୍ମଦ ଫୈଜାଲ, ଆର୍‌ଏଲ୍‌ଡି ଅଧ୍ୟକ୍ଷ ଜୟନ୍ତ ଚୌଧରୀ, ଆର୍‌ଜେଡି ନେତା ମନୋଜ କୁମାର ଝା, ଆର୍‌ଏସ୍‌ପିର ଏନ୍.କେ. ପ୍ରେମଚନ୍ଦ୍ରନ୍ ଏବଂ ଭିସିକେର ଟି. ଥିରୁମାଭଲଭାନ୍ ସାମିଲ ଥିଲେ। ସେହିପରି ଜେଡିୟୁ ଅଧ୍ୟକ୍ଷ ରାଜୀବ ରଞ୍ଜନ (ଲଲନ୍ ) ସିଂ ଏବଂ ତାଙ୍କ ପାର୍ଟି ସହଯୋଗୀ ଅନୀଲ ପ୍ରସାଦ ହେଗ୍‌ଡେ, ସିପିଆଇର ସନ୍ଦୋଶ କୁମାର, ସିପିଆଇଏମ୍‌ର ଏ.ଏ. ରହିମ, ଏସ୍‌ପିର ଜାଭେଦ ଅଲି ଖାନ୍, ଆଇୟୁଏମ୍‌ଏଲ୍‌ର ଇ.ଟି. ମହମ୍ମଦ ବଶିର, ଏଏପିର ସୁଶୀଲ ଗୁପ୍ତା, ଭିସିକେର ଡି. ରବିକୁମାର ଏବଂ ଶିବସେନା ୟୁବିଟିର ଅରବିନ୍ଦ ସାୱନ୍ତ ମଧ୍ୟ ପ୍ରତିନିଧି ଦଳରେ ଥିଲେ।

ଉଲ୍ଲେଖଯୋଗ୍ୟ, ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରୁଥିବା ଅଣଆଦିବାସୀ ମେଇତି ସମ୍ପ୍ରଦାୟ ଓ କୁକି ବର୍ଗର ଲୋକଙ୍କ ମଧ୍ୟରେ ବହୁ ପୂର୍ବରୁ ସଂଘର୍ଷ ଲାଗିରହିଆସିଛି। ତେବେ ଗତ ଏପ୍ରିଲରେ ମେଇତିଙ୍କୁ ଏସ୍‌ଟି ବର୍ଗରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ମଣିପୁର ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ମେ' ୩ରେ ଜାତିଆଣ ହିଂସା ପୁଣି ଆରମ୍ଭ ହୋଇଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ସେପଟେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ (ଜୁଲାଇ ୧୯)ରେ ମେ' ୪ର ଏକ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଥିଲା। ୨ ଜଣ କୁକି–ଜୁ ମହିଳାଙ୍କ ଦେହରୁ ବସ୍ତ୍ର ଖୋଲି ପରେଡ୍ କରାଯିବାବେଳର ଏହି ୨୬ ସେକେଣ୍ଡର ଭିଡିଓ ଭାରତ ସମେତ ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଉଲଗ୍ନ ପରେଡ୍‌ର ଶିକାର ହୋଇଥିବା ଜଣେ ସ୍ୱଳ୍ପବୟସ୍କାଙ୍କୁ ଏକ ଚାଷଜମିରେ ଗଣବଳାତ୍କାର ମଧ୍ୟ କରାଯାଇଥିଲା। ତାଙ୍କ ବାପା ଓ ଭାଇ ପ୍ରତିବାଦ କରିବାରୁ ମେଇତିମାନେ ଉଭୟଙ୍କୁ ହତ୍ୟା କରିଥିଲେ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନୀରବତା ଭଙ୍ଗକରି ପାର୍ଲାମେଣ୍ଟରେ ବିବୃତି ରଖନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରୁଥିବାବେଳେ ସରକାର କହୁଛନ୍ତି, ଗୃହରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉତ୍ତର ରଖିବେ। ଏହାକୁ ବିରୋଧ କରି ବିପକ୍ଷ ଇଣ୍ଡିଆ ମେଣ୍ଟ ମୋଦି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛି। ଲୋକ ସଭାରେ ମଙ୍ଗଳବାର କିମ୍ବା ବୁଧବାର ଏହା ଉପରେ ବିତର୍କ ହୋଇପାରେ।

### ଆଉ ଜଣେ ବାବା ...

ଅଭିଯୁକ୍ତ ବିଷ୍ଣୁ ବାବାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ, ଇଟାକୁ ଜବତ କରିଛି। ତେବେ ତନ୍ତ୍ରବିଦ୍ୟାକୁ ନେଇ ଆକ୍ରମଣ କରାଯାଇଥିବା କଥାକୁ ଏଡ଼ାଇ ଦେଇ କୌଣସି କଥାରୁ ହଠାତ୍ ଯୁକ୍ତିତର୍କ ହୋଇ ଏପରି ହତ୍ୟା ହୋଇଥିବା ସାହୁ କହିଥିଲେ। ହତ୍ୟାକାଣ୍ଡ ସମ୍ପର୍କରେ ଆଶ୍ରମର ପରିଚାଳକଙ୍କୁ ପଚରାଉଚରା କରାଯାଇଛି। ଦୁଇଜଣଙ୍କ ମୃତ୍ୟୁ ହୋଇଥିବାରୁ ପୋଲିସ ପକ୍ଷରୁ ସମସ୍ତ ଦିଗକୁ ଧ୍ୟାନ ଦିଆଯାଇ ବ୍ୟାପକ ତଦନ୍ତ କରାଯାଉଛି। ତନ୍ତ୍ର ବିଦ୍ୟା ବା ନିଶା କାରଣରୁ ହତ୍ୟା କରାଯାଇଛି ବୋଲି ଯେଉଁ ଅଭିଯୋଗ ହେଉଛି, ସେନେଇ କୌଣସି ତଥ୍ୟ ମିଳିନାହିଁ। ଦରକାର ପଡ଼ିଲେ ଅଭିଯୁକ୍ତ ବିଷ୍ଣୁ ବାବାଙ୍କୁ ରିମାଣ୍ଡରେ ଅଣାଯିବ। ଅପରପକ୍ଷେ ପୋଲିସ ପକ୍ଷରୁ ପୁରୀର ସମସ୍ତ ଆଶ୍ରମରେ ଭେରିଫିକେଶନ୍ ଚାଲିଛି ବୋଲି ସିଟିଡିଏସ୍‌ପି ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ଅଭିଯୁକ୍ତ ବିଷ୍ଣୁବାବା ଆଶ୍ରମ ପରିସରରେ ଅର୍ଜୁନ ବାବାଙ୍କୁ କୌଣସି କାରଣକୁ ନେଇ କାଠଫାଳିଆରେ ପିଟି ହତ୍ୟା କରିଥିଲା। ସେହିପରି ଦୟାନିଧି ବାବାଙ୍କୁ ଇଟାରେ ଛେଚି ହତ୍ୟା ଉଦ୍ୟମ କରିଥିଲେ।



ଦୟାନିଧି ଦାସ

### ୧୩.୧୩ ଲକ୍ଷ ଝିଅ...

(ସଂଶୋଧନ) ଆଇନ, ୨୦୧୩ କାର୍ଯ୍ୟକାରୀ ହୋଇଛି। ଏହା ବ୍ୟତୀତ ଦଣ୍ଡ ବ୍ୟବସ୍ଥାକୁ ଅଧିକ କଠୋର କରିବା ପାଇଁ କ୍ରିମିନାଲ ଲ' ଆମେଣ୍ଡମେଣ୍ଟ ଆକ୍ଟ, ୨୦୧୮ କାର୍ଯ୍ୟକାରୀ ହୋଇଛି, ଯେଉଁଥିରେ ୧୨ ବର୍ଷ ବୟସରୁ କମ୍ ଝିଅଙ୍କୁ ବଳାତ୍କାର କଲେ ମୃତ୍ୟୁଦଣ୍ଡ ଦିଆଯାଇପାରିବ। ବଳାତ୍କାର ଅଭିଯୋଗର ୨ ମାସ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜଶିଟ୍ ଦାଖଲ କରିବା ଏବଂ ପରବର୍ତ୍ତୀ ୨ ମାସରେ ବିଚାର ଶେଷ କରିବାକୁ ଆଇନରେ ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ସରକାର ଏକ ଏମର୍ଜେନ୍ସି ରେସ୍ପନ୍ସ ସପୋର୍ଟ ସିଷ୍ଟମ୍ ଆରମ୍ଭ କରିଛନ୍ତି। ୧୧୨ ନମ୍ବର ଭିତ୍ତିକ ଏହି ବ୍ୟବସ୍ଥା ମହିଳାଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିଥାଏ। ସ୍ମାର୍ଟ ପୋଲିସିଂ, ନିରାପଦ ପରିଚାଳନା, ସୁରକ୍ଷିତ ସିଟି ପ୍ରୋଜେକ୍ଟକୁ ସହାୟତା ପାଇଁ ପ୍ରଯୁକ୍ତି ବ୍ୟବହାରକୁ ପ୍ରଥମ ପର୍ଯ୍ୟାୟରେ ୮ ମହାନଗର ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, କୋଲକାତା, ଲକ୍ଷ୍ନୌ ଏବଂ ମୁମ୍ବାଇରେ ଲାଗୁ କରାଯାଇଛି। ସୋସିଆଲ ମିଡିଆରେ ଅଶ୍ଳୀଳ ବିଷୟ ସମ୍ପର୍କରେ ଜନସାଧାରଣ ଅଭିଯୋଗ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨୦୧୮ ସେପ୍ଟେମ୍ବର ୨୦ରେ ସାଇବର ରିପୋର୍ଟିଂ ପୋର୍ଟାଲ ଏବଂ ଯୌନ ଅପରାଧୀଙ୍କ ଉପରେ ଏକ ଜାତୀୟ ଡେଟାବେସ୍ ଆରମ୍ଭ କରିଥିଲେ।

### ଟ୍ରମ୍ପଙ୍କ ଚ୍ୟାଲେଞ୍ଜର ହେବେ ...



ବିବେକ ରାମସ୍ୱାମୀ | ନିକ୍କି ହାଲି | ହର୍ଷ ବର୍ଦ୍ଧନ ସିଂ

ରୁଢ଼ିବାଦୀ ବୋଲି ଦାବି କରିଛନ୍ତି। ନ୍ୟୁଜର୍ସି ରିପବ୍ଲିକାନ ପାର୍ଟିର କଞ୍ଜରଭେଟିଭ୍ ୱିଙ୍ଗ୍ ପାଇଁ ସେ କାମ କରୁଛନ୍ତି। ଟ୍ରମ୍ପ ଏକାଧିକ ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ସତ୍ତ୍ୱେ ସେ ରିପବ୍ଲିକାନ୍ ପ୍ରାର୍ଥୀ ଦୌଡ଼ରେ ଆଗରେ ଅଛନ୍ତି। ଆସନ୍ତାବର୍ଷ ଜୁଲାଇ ୧୫ରୁ ୧୮ ୱିସକନସିନ୍‌ର ମିଲ୍‌ୱାଉକିଠାରେ ରିପବ୍ଲିକାନ୍ ବୈଠକ ବସି ଆନୁଷ୍ଠାନିକ ଭାବେ ପରବର୍ତ୍ତୀ ରାଷ୍ଟ୍ରପତି ପ୍ରାର୍ଥୀ ଚୟନ କରାଯିବ। ସାଉଥ୍ କାରୋଲିନାର ପୂର୍ବତନ ଗଭର୍ନର ତଥା ଟ୍ରମ୍ପଙ୍କ ପ୍ରଥମ ଜାତିସଂଘ ରାଷ୍ଟ୍ରଦୂତ ନିକ୍କି ହାଲି ରିପବ୍ଲିକାନ୍ ପ୍ରାଇମେରି ପ୍ରତିଯୋଗିତା ପାଇଁ ଏକମାତ୍ର ମହିଳା ପ୍ରାର୍ଥୀ। ପ୍ରବାସୀ ଭାରତୀୟ ଦମ୍ପତିଙ୍କ ଝିଅ ୫୧ ବର୍ଷୀୟ ନିକ୍କି ତାଙ୍କ ପୂର୍ବତନ ବସ୍ ଟ୍ରମ୍ପଙ୍କ ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଯାଉଛନ୍ତି। ସେହିପରି ଭାରତୀୟ ବଂଶୋଦ୍ଭବ ଉଦ୍ୟୋଗୀ ବିବେକ ରାମସ୍ୱାମୀ ଗତ ଫେବୃୟାରୀରେ ରିପବ୍ଲିକାନ ପ୍ରାର୍ଥିତ୍ୱ ଦୌଡ଼ରେ ସାମିଲ ହୋଇଥିଲେ। ଏମାନଙ୍କ ବ୍ୟତୀତ ଫ୍ଲୋରିଡ଼ା ଗଭର୍ନର ରୋନ୍ ଡିସାଣ୍ଟିସ୍ ମଧ୍ୟ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି।

### ୨ ଅସ୍ଥାୟୀ କର୍ମଚାରୀ ...

କେନ୍ଦୁଝର ଓ ଝାଡ଼ଖଣ୍ଡ ଅଞ୍ଚଳରୁ ଆସିଥିବା ହାତୀପଲକୁ ଘଉଡ଼ାଇବା ନିମନ୍ତେ ହାତୀ ପିଠିରେ ନିଆଁହୁଳା ପକାଇବା ଦୃଶ୍ୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ବନ ବିଭାଗ ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହାତୀ ପ୍ରତି କୌଣସି ଅମାନବୀୟ ବ୍ୟବହାର କିମ୍ବା ବିରକ୍ତିକର ଆଚରଣ କରା ନ ଯିବାକୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏ ନେଇ ଘଟଣା ପରେ କେଉଁ କାରଣରୁ ଏପରି କାର୍ଯ୍ୟ କରିଥିଲେ ବୋଲି ଦୁଇ କର୍ମଚାରୀଙ୍କୁ ରିପୋର୍ଟ ମଗାଯାଇଥିଲା। ଉଭୟ ଦୋଷ ସ୍ୱୀକାର କରିବାରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ପ୍ରକାଶ କରିଛନ୍ତି।

## ମାଟିତଳୁ ଯୁବତୀଙ୍କ ଅର୍ଦ୍ଧ ଉଲଗ୍ନ ମୃତଦେହ ଜବତ

**ହିଞ୍ଜିଳିକାଟୁ/କୁକୁଡ଼ାଖଣ୍ଡି, ୩୦।୭(ଦ୍ୱିତୀକୃଷ୍ଣ ପଣ୍ଡା/ପ୍ରତାପ କୁମାର ସାହୁ):** ଗଞ୍ଜାମ ଜିଲା ହିଞ୍ଜିଳି ଥାନା ତଥା କୁକୁଡାଖଣ୍ଡି ତହସିଲ ଅଧୀନ ବୋରିଗାଁ ପଞ୍ଚାୟତର ମହୁଲପଲ୍ଲୀରେ ମାଟିତଳୁ ଜଣେ ଯୁବତୀଙ୍କ ଅର୍ଦ୍ଧ ଉଲଗ୍ନ ମୃତଦେହକୁ ପୋଲିସ ରବିବାର ଜବତ କରିଛି। ଯୁବତୀଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ପାଖାପାଖି ୧୮ରୁ ୨୨ ମଧ୍ୟରେ ହେବ। ତାଙ୍କୁ କେହି ହତ୍ୟା କରି ପୋତି ଦେଇଥିବା ସନ୍ଦେହ କରାଯାଉଛି।

# ବିନା ଅନୁମତିରେ ୬ମାସ ଛୁଟିରେ ଥିଲେ ଗୋପାଳ

**ନବ ଦାସ ହତ୍ୟା ଘଟଣା**



ଗୋପାଳ ଦାସ

**ସମ୍ବଲପୁର,୩୦।୭ (ଶୁଭାଶିଷ ପାଢ଼ୀ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରିବା ପରେ ଏବେ ଲୋକଲୋଚନକୁ ଆସୁଛି ଅନେକ ପ୍ରସଙ୍ଗ। ଚାର୍ଜଶିଟ୍ ଓ ପଲିଗ୍ରାଫ ରିପୋର୍ଟକୁ ଦେଖିଲେ ଅନେକ ତଥ୍ୟରେ ତାଳମେଳ ମଧ୍ୟ ରହୁନାହିଁ। ଅଭିଯୁକ୍ତ ଗୋପାଳ ଦାସ ପୋଲିସ ବିଭାଗର ମୁଖିଆଙ୍କ ବିନା ଅନୁମତିରେ ଦୁଇଥରରେ ୬ମାସ ଛୁଟିରେ ରହିଥିଲେ। ଯାହାକୁ ନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କୁ ଚିଠି କରାଯାଇଥିଲା। ହେଲେ ସେ ମାନସିକ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସୁସ୍ଥ ଥିବା ରିପୋର୍ଟ ଦାଖଲ କରିବା ପରେ ପୁଣି ଚାକିରି ନିୟମିତ ହୋଇଥିଲା। ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏ ସମ୍ପର୍କରେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୦୧୪ ଫେବୃୟାରୀ ୩ ରୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ୨ମାସ ବିନା ଅନୁମତିରେ ରହିଥିଲେ। ୨୦୧୫ ମସିହା ଫେବୃୟାରୀ ୨୦ ରୁ ୨୮ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଛୁଟିରେ ଥିଲେ। କିନ୍ତୁ ମାର୍ଚ୍ଚ ୧ରେ କାର୍ଯ୍ୟରେ ଯୋଗ ନ ଦେଇ ଗୋପାଳ ପୁଣି ବିନା ଅନୁମତିରେ ମାର୍ଚ୍ଚ ୧ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ରହିଥିଲେ। ହେଲେ ଏମ୍‌କେସିଜିରେ ମାନସିକ ରୋଗର ଚିକିତ୍ସା ହେଉଥିବା ଓ ସୁସ୍ଥ ହୋଇଥିବା ଡାକ୍ତରୀ ରିପୋର୍ଟ ଦେବାପରେ ଚାକିରିରେ ଯୋଗଦାନ କରିଥିଲେ। ଗୋପାଳ କେଉଁ କାରଣରୁ ଛୁଟି ନ ନେଇ ଏତେଦିନ ରହିଲେ ଯାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରୁ ସ୍ପଷ୍ଟ ଯେ, ପୋଲିସ ବିଭାଗ ଗୋପାଳର ମାନସିକ ସ୍ଥିତି ସବୁ ସମୟରେ ଠିକ୍ ନ ଥିବା ପୂର୍ବରୁ ଜାଣିଥିଲା। ଅନ୍ୟପଟେ ଗୋପାଳର ମାନସିକ ରୋଗ ପରୀକ୍ଷା କରିବା ପାଇଁ ଗଠନ ହୋଇଥିବା ଡାକ୍ତରୀ ଟିମ୍ ମଧ୍ୟ ଗୋପାଳଙ୍କ ମାନସିକ ସ୍ଥିତିର ଉଚ୍ଚତର ପରୀକ୍ଷା ପାଇଁ ସୁପାରିଶ କରିବା ସହ ୪ ପ୍ରକାର ଔଷଧ ଖାଇବାକୁ ଦେବାକୁ ଗତ ଏପ୍ରିଲ ମାସରେ ଚୌଦ୍ୱାର ଜେଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଏବେ ମଧ୍ୟ ମାନସିକ ରୋଗର ଔଷଧ ଗୋପାଳ ଖାଉଥିବା ଜଣାପଡିଛି।

ଅନ୍ୟପକ୍ଷେ ଗୋପାଳଙ୍କ ପଲିଗ୍ରାଫ ପରୀକ୍ଷାରେ ମଧ୍ୟ ମାନସିକ ରୋଗ ସମ୍ପର୍କରେ ଉଲ୍ଲେଖ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କୁ ହତ୍ୟା କରିବା ସମୟରେ ମାନସିକ ରୋଗ ପାଇଁ ଖାଉଥିବା ଔଷଧ ବନ୍ଦ କରିଦେଇଥିଲ କି ବୋଲି ତଦନ୍ତ ସମୟରେ ପ୍ରଶ୍ନ କରାଯାଇଥିଲା। ଅଭିଯୁକ୍ତ ଗୋପାଳ ହଁ କହି ଉତ୍ତର ଦେଉଥିଲେ। ଏହି ଦୁଇ ଘଟଣାରୁ ସ୍ପଷ୍ଟ ହେଉଛି ଯେ, ଗୋପାଳ ସତରେ ପାଗଳ ଥିଲେ। ହେଲେ ବେଙ୍ଗାଲୁରୁ ନିମହାନ୍ସରେ ପରୀକ୍ଷା ପାଇଁ ଗୋପାଳଙ୍କୁ ନେବାକୁ କ୍ରାଇମବ୍ରାଞ୍ଚର ଆବେଦନ ଉପରେ କୋର୍ଟ ମନା କରି ଦେଇଥିଲେ। ରାଜ୍ୟ ସରକାର ଗଠନ କରିଥିବା ଡାକ୍ତରୀ ଦଳ ଫେବୃୟାରୀ ୫ ତାରିଖରେ ଦେଇଥିବା ରିପୋର୍ଟ ଅନୁସାରେ ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥା ଠିକ ରହିଛି ତେଣୁ ଅଧିକ ପରୀକ୍ଷା କରିବାର ଆବଶ୍ୟକତା ନୁହେଁ ବୋଲି ମନା କରିଥିଲେ। ଏବେ ଗୋପାଳ ଚୌଦ୍ୱାର ଜେଲରେ ଅଛନ୍ତି।

ସୂଚନାଯୋଗ୍ୟଯେ, ଜାନୁୟାରୀ ୨୯ତାରିଖରେ ନବ ଦାସ ଝାରସୁଗୁଡା ଜିଲା ବ୍ରଜରାଜନଗର ଗସ୍ତରେ ଯାଇଥିବାବେଳେ ତାଙ୍କୁ ଗାନ୍ଧୀଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ସର୍ଭିସ ବନ୍ଧୁକରୁ ଗୁଳି କରି ହତ୍ୟା କରିଥିଲେ। ହତ୍ୟାକାଣ୍ଡର ୧୧୮ ଦିନ ପରେ ୫୩୪ ପୃଷ୍ଠାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ଏଥିରେ ୮୯ ଜଣ ସାକ୍ଷୀ ଓ ଜେରା କରାଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ମଧ୍ୟ ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଥିଲା। ଏପରିକି ଅଭିଯୁକ୍ତ ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା। ଯଦି ବ୍ୟକ୍ତିଗତ କାରଣ ତାହା ହେଲେ ପାରିବାରିକ କିମ୍ବା ଚାକିରି କ୍ଷେତ୍ରକୁ ନେଇ ରାଗ ଥିଲା ତାହା ସ୍ପଷ୍ଟ ହୋଇପାରିଲା ନାହିଁ। ଯାହାକି ରାଜ୍ୟ ସରକାର ଓ ପୋଲିସ ବିଭାଗକୁ ସନ୍ଦେହ ଘେରକୁ ଟାଣି ଆଣିଥିଲା। ଅନ୍ୟପଟେ ଝାରସୁଗୁଡା କୋର୍ଟରେ ଜୁଲାଇ ୨୦ ଓ ଜୁଲାଇ ୨୭ ତାରିଖରେ ଗୋପାଳଙ୍କୁ କଡା ସୁରକ୍ଷା ବଳୟରେ ହାଜର କରାଯାଇଛି।

## ଅଭିଯୁକ୍ତଙ୍କୁ ପିଟି ମାରିଦେଲେ ବାପା,ଦାଦା

**ଦିବ୍ୟାଙ୍ଗ ଝିଅଙ୍କୁ ଅସଦାଚରଣ**

**ରାଇକିଆ,୩୦।୭(ପ୍ରଦୀପ ବେହେରା)**

କନ୍ଧମାଳ ଜିଲା ରାଇକିଆ ଥାନା ମାଣିକେଶ୍ୱର ପଞ୍ଚାୟତ ସିକବାଡି ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଦିବ୍ୟାଙ୍ଗ ଝିଅକୁ ଅସଦାଚରଣ କରିଥିବା ଜଣେ ଅଣଓଡ଼ିଆ ଯୁବକଙ୍କୁ ବାପା ଓ ଦାଦା ମିଶି ପିଟି ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଚିରପାଲି ଅଞ୍ଚଳର ନୀରୁପଲ୍ ମେହେଟୋ (୪୦)। ପୋଲିସ ରବିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅଭିଯୁକ୍ତ ୨ ଭାଇଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ଫୁଲବାଣୀରୁ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ପ୍ରକାଶ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬ ମାସ ହେଲା ମାଣିକେଶ୍ୱର ପଞ୍ଚାୟତର ବୀର ଛକରୁ ଇନ୍ଦ୍ରଗଡ଼ ପଞ୍ଚାୟତ ଲଣ୍ଡାବାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲିଛି। ଗତ ମାସେ ହେଲା ନୀରୁପଲ୍ ଉକ୍ତ ରାସ୍ତା କାମରେ ନିୟୋଜିତ ଠିକାଦାର ସଂସ୍ଥାରେ ମିକ୍ସର୍ ମେଶିନ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସିକବାଡିଠାରେ ଠିକାଦାର ସଂସ୍ଥାର କ୍ୟାମ୍ପ । ଶନିବାର ସିକବାଡିର ଦିବ୍ୟାଙ୍ଗ ନାବାଳିକା ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ନୀରୁପଲ୍ ତାଙ୍କ ଘରକୁ ଯାଇ ଅସଦାଚରଣ କରିଥିଲେ। ଘର ଲୋକେ ଆସିବା ପରେ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରାତି ପ୍ରାୟ ୯ଟାରେ ନାବାଳିକାଙ୍କ ବାପା ଓ ଦାଦା ମିଶି ଉକ୍ତ ଠିକାଦାର କ୍ୟାମ୍ପକୁ ଯାଇଥିଲେ। ସେମାନେ ନୀରୁପଲ୍‌ଙ୍କୁ ବାହାରକୁ ଡାକି ନିସ୍ତୁକ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସଂପୃକ୍ତ ଠିକାଦାର ସଂସ୍ଥାର କର୍ମଚାରୀ ରୋହିତ ଗଉଡ ରବିବାର ରାଇକିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ୨ ଭାଇଙ୍କୁ କାବୁ କରିଥିଲା। ନୀରୁପଲ୍‌ଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକେ ରାଇକିଆରେ ପହଞ୍ଚିଥିଲେ ମଧ୍ୟ ରାତି ହୋଇଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଏ ନେଇ ନଂ. ୮୧/୨୩ରେ ହତ୍ୟା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ପାତ୍ର କହିଛନ୍ତି।

## ନରେନ୍ଦ୍ର ମିଶ୍ର ପାଇବେ 'ଗଙ୍ଗାଧର ମେହେର' ସମ୍ମାନ

**ଭୁବନେଶ୍ୱର, ୩୦।୭(ବନ୍ଦନା ସେଠୀ)**

ଗଙ୍ଗାଧର ମେହେର ସ୍ମୃତି କମିଟିର ବୈଠକ ରବିବାର ଚନ୍ଦ୍ରଶେଖରପୁରସ୍ଥିତ ମିହିର ମେହେରଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ମୃତି କମିଟିର କର୍ମକର୍ତ୍ତା ଚୟନ କରାଯିବା ସହ ଚଳିତ ବର୍ଷର ସମ୍ମାନଜନକ 'ଗଙ୍ଗାଧର ମେହେର ସମ୍ମାନ' ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ନରେନ୍ଦ୍ର କୁମାର ମିଶ୍ରଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ମେହେର ସ୍ମୃତି କମିଟି ଅଧ୍ୟକ୍ଷ ଭାବେ ସଞ୍ଜୀବ ଚନ୍ଦ୍ର ହୋତା, ଉପାଧ୍ୟକ୍ଷ ବ୍ରହ୍ମାନନ୍ଦ ମେହେର ଓ ନରସିଂହ ମେହେର, ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର ଓ ଶେଷଦେବ ମେହେର, ଆବାହକ ମିହିର ମେହେର, ସମ୍ପାଦକ ଦିଲୀପ ଦାଶଶର୍ମା, ଯୁଗ୍ମ ସମ୍ପାଦକ କୁମରମଣି ମେହେର ଓ ସୁରେଶ ନାୟକ, ସାଙ୍ଗଠନିକ ସମ୍ପାଦକ ଅଶୋକ ମେହେର, ମଣିକର ମେହେର, ସନତ ମେହେର, ଧନୁର୍ଜୟ ମେହେର ଓ ଲୋକେଶ ଜଗତ, କୋଷାଧ୍ୟକ୍ଷା ଭାବେ ଗୀତା ମେହେର, ଗଣମାଧ୍ୟମ ସମ୍ପାଦକ ଭାବେ ମାନସ ପରିଡା ଓ ଶକ୍ତିମାନ ମେହେର, ସ୍ମରଣିକା ସମ୍ପାଦକ ସୁଶୀଲ କୁମାର ବାଗ ଓ ପ୍ରଶାନ୍ତ ମହାପାତ୍ର, କାର୍ଯ୍ୟାଳୟ ସମ୍ପାଦକ ଭାବେ ସମୀର ମେହେର ଓ ସଞ୍ଜୀବ ମେହେର ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ।

# 'ଭୋଇ ସମାଜର ସର୍ବାଙ୍ଗୀନ ଉନ୍ନତି ମୂଳ ଲକ୍ଷ୍ୟ ହେବା ଉଚିତ'



ସମାବେଶରେ ମୁଖ୍ୟଅତିଥି ଲକ୍ଷ୍ମୀଧର ଭୋଇ ଉଦ୍‌ବୋଧନ ଦେଉଥିବାବେଳ ମଞ୍ଚାସୀନ ଅତିଥିମାନେ।

**ରାଜ୍ୟସ୍ତରୀୟ ଭୋଇ ସମାବେଶ**

**ଜଗତ୍‌ସିଂହପୁର, ୩୦।୭ (ପ୍ରମୋଦ କୁମାର ନାୟକ)**

ଭୋଇ ସମାଜର ଅନେକ ଲୋକ ବିଭିନ୍ନ କ୍ଷେତ୍ରରେ ଉପେକ୍ଷିତ, ପଛୁଆ। ସେମାନଙ୍କର କିପରି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ତାହା ମୂଳ ଲକ୍ଷ୍ୟ ହେବା ଉଚିତ। କେବଳ ଏତିକି ନୁହେଁ, ଉତ୍ସର୍ଗୀକୃତ ମନୋଭାବ ନେଇ ସମାଜ ପାଇଁ କିଛି କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ରବିବାର ଜଗତ୍‌ସିଂହପୁରସ୍ଥିତ ଆଦି କବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭୋଇ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଖିଳ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦ ସଭାପତି ଲକ୍ଷ୍ମୀଧର ଭୋଇ ଏହା କହିଛନ୍ତି। ମୁଖ୍ୟ ବକ୍ତାଭାବେ କଟକ କୁଶକଣ୍ଠାସ୍ଥିତ ସନ୍ଥ ବାହୁଡ଼ା ଦାସ ଭୋଇ ସମାଜ ବିକାଶ ପରିଷଦ ସଭାପତି ଗିରିଶ ଚନ୍ଦ୍ର ନାୟକ, ଅନ୍ୟତମ ବକ୍ତା ଭାବେ ସାମାଜିକ କର୍ମୀ ତଥା ବିଜେବି କଲେଜ ପ୍ରଥମ ବର୍ଷ ଛାତ୍ରୀ ତମନ୍ନା ଭୋଇ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରତ୍ନାକର କାଣ୍ଡି, ବରିଷ୍ଠ ସାମାଜିକ କର୍ମୀ ଲିଙ୍ଗରାଜ ଭୋଇ, ନିଖିଳ ଓଡ଼ିଶା ୟୁନିୟନ ବ୍ୟାଙ୍କ ଏସ୍‌ସି/ଏସ୍‌ଟି ଏମ୍ପ୍ଲଇଜ୍ ୱେଲଫେୟାର କାଉନସିଲ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭୋଇ, ଖୋର୍ଦ୍ଧାସ୍ଥିତ ଅଲ୍ ଇଣ୍ଡିଆ କନ୍‌ଫେଡେରେଶନ୍ ଅଫ୍ ଏସ୍‌ସି/ଏସ୍‌ଟି ଅର୍ଗାନାଇଜେଶନ ରାଜ୍ୟ ଆବାହକ ଦିବାକର ଭୋଇ, ନାଲ୍‌କୋର କୈଳାସ ଭୋଇ, କ୍ଷେତ୍ରମୋହନ ଭୋଇ, ବରିଷ୍ଠ ସାମାଜିକକର୍ମୀ ନାଥ କାଣ୍ଡି ଓ ଓକିଲ ଅଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଭୋଇ ବଂଶର ଇତିହାସ ବଖାଣିବା ସହ ଶିକ୍ଷା ଓ ଅଧିକାର ପାଇଁ ଲଢ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ କହିଥିଲେ, ଦଳିତ ବର୍ଗର ଲୋକେ ଯଦିଓ କେତେକାଂଶରେ ଶିକ୍ଷିତ ହୋଇଛନ୍ତି କିନ୍ତୁ ସଙ୍ଗଠିତ କି ଅଧିକାର ପାଇଁ ସଂଘର୍ଷ କରିପାରୁନାହାନ୍ତି। କେଉଁ ଆବାହମାନ କାଳରୁ ବ୍ରାହ୍ମଣ, କ୍ଷେତ୍ରିୟ ଓ ବୈଶ୍ୟଙ୍କୁ ସେବା କରିବା କାମ ଶୁଦ୍ରଙ୍କ ଉପରେ ନ୍ୟସ୍ତ ଥିଲା। ସେତେବେଳେ ଶୁଦ୍ର ୨ ଭାଗରେ ବିଭକ୍ତ ହୋଇଥିଲେ। ସେମାନେ ପଛୁଆ ବର୍ଗର ହୋଇଥିଲେ ବି ସେମାନଙ୍କୁ ଛୁଇଁବାରେ ପାପ ନ ଥିଲା। କିନ୍ତୁ ଅତି ଶୁଦ୍ରମାନେ ଅଛୁଆଁ ଥିଲେ। ଭୋଇମାନେ ଏହି ଅତିଶୁଦ୍ର ବର୍ଗର। ଏହି ଜାତିକୁ ନେଇ ଥିବା ଘୃଣା ଭାବନା ଭାଙ୍ଗିବାକୁ ପଡ଼ିବ। ବାବା ସାହେବ ଆମ୍ବେଡ୍‌କର ଏକ ଦଳିତ ପରିବାରରେ ଜନ୍ମଗ୍ରହଣ କରି ଦଳିତ, ମହିଳା ଓ ଭାରତୀୟଙ୍କୁ ସ୍ୱାଧୀନତା ଦେବାରେ ବିଶେଷ ସହାୟକ ହୋଇଥିଲେ। ତେଣୁ ଆମ ପାଖରେ କିଛି ନାହିଁ ବୋଲି ଭାବିଲେ ହେବନାହିଁ। କେବଳ ମାନସିକତା ଦରକାର। ସମାବେଶରେ ପରିଷଦ ଜଗତ୍‌ସିଂହପୁର ଶାଖା ଆବାହକ ଶଙ୍କର ଦାସ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସିପି ଛକ ନିକଟରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ସମାବେଶସ୍ଥଳ ପର୍ଯ୍ୟନ୍ତ ଯାଇଥିଲା।

## ତାରକା ହୋଟେଲରେ ଚଢ଼ାଉ, କଇଁଛ ଜବତ

### କର୍ତ୍ତୃପକ୍ଷଙ୍କ ନାମରେ ମାମଲା ରୁଜୁ କରି ବନ ବିଭାଗର ତଦନ୍ତ

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**



ଭୁବନେଶ୍ୱରର ଏକ ତାରକା ହୋଟେଲରେ ଶନିବାର ବିଳମ୍ବିତ ରାତିରେ ଚନ୍ଦକା ବନ୍ୟ ପ୍ରାଣୀ ଡିଭିଜନ ପକ୍ଷରୁ ଚଢାଉ କରାଯାଇ ୫ଟି କଇଁଛ ଉଦ୍ଧାର କରାଯାଇଛି। ଏଥିମଧ୍ୟରେ ୩ଟି ବିଦେଶୀ ରେଡ୍ ଇୟର ସ୍ଲାଇଡର କଇଁଛ ଥିବାବେଳେ ୨ଟି ଇଣ୍ଡିଆନ୍ ଫ୍ଲାପ୍‌ସେଲ୍ କଇଁଛ ରହିଛି। ରେଡ ଇୟର୍ ସ୍ଲାଇଡରଙ୍କୁ ଘରେ ପାଳନ କରିହେବ। ମାତ୍ର ଇଣ୍ଡିଆନ୍ ଫ୍ଲାପ୍‌ସେଲ୍ କଇଁଛ ଭାରତୀୟ ବନ୍ୟପ୍ରାଣୀ ଆଇନରେ ତଫସିଲ ୧ ବା ସିଡ୍ୟୁଲ ୧ ସଂରକ୍ଷିତ ତାଲିକାଭୁକ୍ତ। ତେଣୁ ଏହି ପ୍ରଜାତିର କଇଁଛକୁ ଘରେ ପାଣିକୁଣ୍ଡରେ ପୋଷିଲେ କିମ୍ବା ଶିକାର କରି ତା'ର ମାଂସ ଖାଇଲେ ୭ ବର୍ଷ ଯାଏ ଜେଲ ଦଣ୍ଡ ଭୋଗିବାକୁ ପଡ଼ିପାରେ। ତେଣୁ ଉଦ୍ଧାର ୫ କଇଁଛ ମଧ୍ୟରୁ ୨ଟି ଇଣ୍ଡିଆନ୍ ଫ୍ଲାପ୍‌ସେଲ୍ କଇଁଛକୁ ଜବତ କରାଯାଇ ତଦନ୍ତ କରାଯାଉଥିବା ଚନ୍ଦକା ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା କହିଛନ୍ତି। କଇଁଛ କେଉଁଠୁ ଆସିଲା, କେଉଁ ଉଦ୍ଦେଶ୍ୟରେ ଏଠାରେ ରଖାଯାଇଥିଲା, ସେନେଇ ଖୋଳତାଡ଼ କରାଯିବା ସହ ହୋଟେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ମାମଲା କରାଯାଇଛି। ବନ୍ୟଜନ୍ତୁ ସୁରକ୍ଷା ନିୟମ ଅନୁଯାୟୀ କୌଣସି ସିଡ୍ୟୁଲ ପ୍ରାଣୀଙ୍କୁ ଘରେ ରଖାଯାଇ ପାରିବ ନାହିଁ। ଏହାକୁ ଅବମାନନା କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ ଜରିମାନା ମଧ୍ୟ ଲାଗୁ ହୋଇପାରେ ବୋଲି ଏସିଏଫ୍ କହିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବାଉରୀ ବନ୍ଧୁ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲା।

# ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ ହୋଇଛି: ଧର୍ମେନ୍ଦ୍ର




ଅଖିଳ ଭାରତୀୟ ଶିକ୍ଷା ସମାଗମର ଉଦ୍‌ଯାପନୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବା ଅବସରରେ।

**ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)**

ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି (କାପାସିଟି ବିଲ୍‌ଡିଂ) ପାଇଁ ପ୍ରଶିକ୍ଷଣ ଦେବା ଦିଗରେ ବ୍ୟାପକ ଯୋଜନା ପ୍ରସ୍ତୁତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମଠାରେ ଆୟୋଜିତ ଦୁଇ ଦିବସୀୟ 'ଅଖିଳ ଭାରତୀୟ ଶିକ୍ଷା ସମାଗମ'ର ଉଦଯାପନୀ ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ଶିକ୍ଷାନୁଷ୍ଠାନ ଏକ ମନ୍ଦିର। ଆମେ ସମସ୍ତେ ଶିକ୍ଷା ପରିବାରର ଏକ ଅଂଶ, ଛାତ୍ରୀଛାତ୍ରମାନଙ୍କ ପ୍ରତି ଥିବା ଆମର ଦାୟିତ୍ୱବୋଧକୁ ସମ୍ପାଦନ କରିବା ସମସ୍ତଙ୍କ ଦାୟିତ୍ୱ। ଏକବିଂଶ ଶତାବ୍ଦୀରେ ଦେଶକୁ ଆଗକୁ ନେବା ପାଇଁ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଉପରେ ବ୍ୟାପକ ଯୋଜନା ପ୍ରସ୍ତୁତ ହେଉଛି। ଚଳିତ ଶିକ୍ଷାବର୍ଷରେ ୧୦୦ଟି ଡାଇଟ୍‌କୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। ଆମ ଦେଶରେ କୋଟିଏ ସ୍କୁଲ ଶିକ୍ଷକ ଅଛନ୍ତି। ସେମାନଙ୍କ କ୍ଷମତା ବଢାଇବା ଆମର ପ୍ରାଥମିକତା। ଆମ ଦେଶରେ ୫୦ ହଜାର କଲେଜ ଏବଂ ୧୧୦୦ ବିଶ୍ୱବିଦ୍ୟାଳୟ ଓ ଏହାସହ ଅନୁବନ୍ଧିତ ଅନେକ ଶିକ୍ଷାନୁଷ୍ଠାନ ରହିଛି। ଏହାକୁ ଗତି ଦେବା ପାଇଁ ୟୁଜିସି ଓ ଉଚ୍ଚ ଶିକ୍ଷାନୁଷ୍ଠାନ ବିଭାଗ ପ୍ରାରମ୍ଭରେ ମାଲବୀୟ ମିଶନ ଅନ୍ତର୍ଗତ ସବୁ ରାଜ୍ୟରେ ଦକ୍ଷତା ବୃଦ୍ଧି ନିମନ୍ତେ ବ୍ୟବସ୍ଥା କରାଯିବ। ଏକବିଂଶ ଶତାବ୍ଦୀର ନୂଆପିଢିଙ୍କ ଲାଗି ସ୍କୁଲ୍ ଶିକ୍ଷା ପାଇଁ ୧୦୦ଟି, ଉଚ୍ଚଶିକ୍ଷାନୁଷ୍ଠାନ ପାଇଁ ୧୦୦ଟି ଏବଂ ଦକ୍ଷତା ପରିସଂସ୍ଥାନ କ୍ଷେତ୍ରରେ ୧୦୦ଟି ଟ୍ରେନର ଟ୍ରେନିଂ ଇନଷ୍ଟିଚ୍ୟୁଶନ ଏବଂ ଟିଚର୍ କାପାସିଟି ବିଲଡିଂ ଇନଷ୍ଟିଚ୍ୟୁଶନ ପ୍ରତିଷ୍ଠା କରିବା ପାଇଁ ଭାରତ ସରକାର କାମ କରୁଛନ୍ତି ବୋଲି ସେ କହିଛନ୍ତି। ଜାତୀୟ ଶିକ୍ଷା ନୀତି ଏପରି ଏକ ଦସ୍ତାବିଜ, ଯାହା ଦେଶର ଶିକ୍ଷା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାର କ୍ଷମତା ରଖିଛି। ଦେଶକୁ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ହେଲେ ଏହି ଶିକ୍ଷା ନୀତିକୁ କ୍ରିୟାନ୍ୱୟନ କରିବାକୁ ପଡ଼ିବ। ବିଶ୍ୱ ସମସ୍ୟା ସମାଧାନର ରାସ୍ତା ବାହାର କରିବା ହେଉ କିମ୍ବା ଦେଶକୁ ଜ୍ଞାନ ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ନୂଆ ଶିକ୍ଷା ନୀତିକୁ ଲାଗୁ କରାଇବା ପାଇଁ ପଡ଼ିବ। ସେହିପରି ପିଏମ୍ ଶ୍ରୀସ୍କୁଲ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନର ପ୍ରାରମ୍ଭିକ ପ୍ରୟୋଗଶାଳା ହେବ। ଏହି ସ୍କୁଲକୁ ସଫଳ କରିବା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନ ସମେତ ସମସ୍ତଙ୍କର ସହଯୋଗ ଆବଶ୍ୟକବୋଲି ଧର୍ମେନ୍ଦ୍ର କହିଛନ୍ତି। ଆୟୋଜିତ ପ୍ରଦର୍ଶନୀରେ ପ୍ରାୟ ୨ ଲକ୍ଷ ଛାତ୍ରୀଛାତ୍ର ଓ ଶିକ୍ଷା ଏବଂ ଦକ୍ଷତା ବିକାଶ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିବା ସୂଚନା ଦିଆଯାଇଛି।

## ଇସ୍ପାତ ଟ୍ରେନ୍ ଅଢ଼େଇ ଘଣ୍ଟା ଅଟକିଲା

### ମାଲଗାଡ଼ି ଇଞ୍ଜିନରେ ଗଡ଼ିଲା ଗାଡ଼ି, ଯାତ୍ରୀ ହନ୍ତସନ୍ତ

**ସଇଁତଳା, ୩୦।୭(ରାଖାଲ ପ୍ରସାଦ ଶତପଥୀ)**

ରବିବାର ସକାଳ ୫.୪୫ରୁ ଟିଟିଲାଗଡ଼–ହାଓଡ଼ା ସୁପରଫାଷ୍ଟ ଇସ୍ପାତ ଏକ୍ସପ୍ରେସର ଇଞ୍ଜିନ ଖରାପ ହେବା ଯୋଗୁ ଅଢ଼େଇ ଘଣ୍ଟା ଧରି ବଲାଙ୍ଗୀର ଜିଲା ସଇଁତଳା ଷ୍ଟେଶନରେ ଅଟକି ରହିଥିଲା। ଇଞ୍ଜିନରେ ତ୍ରୁଟି ଯୋଗୁ ଏପରି ହୋଇଥିବା ଜଣାପଡିଥିଲା। ବିଭାଗୀୟ ଟେକ୍‌ନିସିଆନ ଇଞ୍ଜିନକୁ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଉପରିସ୍ଥ ଅଧିକାରୀଙ୍କ ସହ ଷ୍ଟେଶନମାଷ୍ଟର କଥା ହୋଇ ଅଟକିଥିବା ଏକ ମାଲବାହୀ ଟ୍ରେନ୍ ଇଞ୍ଜିନ ଦ୍ୱାରା ଗାଡ଼ିକୁ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ଏହି ସମୟରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା।

## ହଷ୍ଟେଲରୁ ପଳାଉଥିବା ଦୁଇ ଶିଶୁ ଉଦ୍ଧାର

**କେନ୍ଦୁଝର,୩୦।୭(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଝୁମ୍ପୁରା ନୋଡାଲ ସ୍କୁଲ ହଷ୍ଟେଲ ଛାଡ଼ି ପଳାଉଥିବା ବେଳେ ଦୁଇ ଶିଶୁକନ୍ୟା ଉଦ୍ଧାର ହୋଇଛନ୍ତି। ସେମାନେ ରବିବାର ସନ୍ଧ୍ୟାରେ କେନ୍ଦୁଝର ସଦର ଥାନା ଟାଙ୍ଗରାଣୀ ବଜାରରେ ଏକୁଟିଆ ଚାଲି ଚାଲି ଯାଉଥିବା ଟାଙ୍ଗରାଣୀ ଗ୍ରାମର ଦୁଇ ସାମାଜିକ କର୍ମୀ ଅରୁଣ ବ୍ରହ୍ମ, ରଞ୍ଜନ ବେହେରା ଦେଖି ଅଟକାଇଥିଲେ। ପରିଚୟ ପଚାରିବାରେ ସେମାନଙ୍କ ଘର ମଲଦା ପଞ୍ଚାୟତର ଘୋଡ଼ାଟୁପା ଗ୍ରାମରେ ବୋଲି ଜଣାପଡିଥିଲା। ଏ ନେଇ ଝୁମ୍ପୁରା ଥାନାକୁ ସୂଚନା ଦେବା ପରେ ପୋଲିସ ପହଞ୍ଚି ସେମାନଙ୍କୁ ହଷ୍ଟେଲକୁ ନେଇ ପଚରାଉଚୁରା କରୁଛି।

## ଫସଲବୀମା ଯୋଜନାରେ ପଞ୍ଜୀକରଣ ସମୟସୀମା ଅଗଷ୍ଟ ୫ ପର୍ଯ୍ୟନ୍ତ ବଢ଼ିଲା

**ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କୃଷକମାନେ ସେମାନଙ୍କ ନାମ ବୀମା ପୋର୍ଟାଲରେ ପଞ୍ଜୀକରଣ କରିବାର ସମୟସୀମା ବୃଦ୍ଧି କରାଯାଇଛି। ଆସନ୍ତା ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ସମୟସୀମା ବୃଦ୍ଧି କରାଯାଇଛି। ଏହି ନୂଆ ଅବଧି ଭିତରେ ଚାଷୀମାନେ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ଏନେଇ କୃଷି ନିର୍ଦ୍ଦେଶକଙ୍କୁ ରବିବାର କୃଷି ମନ୍ତ୍ରଣାଳୟ ପକ୍ଷରୁ ଚିଠି ଲେଖି ସୂଚନା ଦିଆଯାଇଛି।

ଚିଠିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ନାମ ପଞ୍ଜୀକରଣ ଲାଗି ଚାଷୀମାନଙ୍କୁ ଜୁଲାଇ ୩୧ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ଏ ବର୍ଷ ମୌସୁମୀ ଆସିବାରେ ବିଳମ୍ବ ହେବା କାରଣରୁ ଏବଂ ବୀମା ପୋର୍ଟାଲରେ ବିଭିନ୍ନ କାରଣ ସକାଶେ ପଞ୍ଜୀକରଣ କରିବାରେ ସମସ୍ୟା ହେଲା। ସେଥିଲାଗି ଯେପରି ସବୁ ଚାଷୀ ଏହାର ଲାଭ ଉଠାଇପାରିବେ ସେନେଇ ପଞ୍ଜୀକରଣ ସମୟ ଅଗଷ୍ଟ ୫ ପର୍ଯ୍ୟନ୍ତ ବୃଦ୍ଧି କରିବା ଲାଗି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ୨ ହେକ୍ଟର ଜମି ଥିବା ଚାଷୀଙ୍କ ବୀମା ରାଶି ରାଜ୍ୟ ସରକାର ବହନ କରୁଛନ୍ତି। ଧାନ ପାଇଁ ଗ୍ରାମ ପଞ୍ଚାୟତସ୍ତରରେ ଏବଂ ବିଜ୍ଞାପିତ ଅଞ୍ଚଳ ବା ମ୍ୟୁନିସିପାଲିଟିରେ, ଅଣଧାନ ଲାଗି ବ୍ଲକ ଶାଖା ବା ପ୍ରାଥମିକ କୃଷି ସମବାୟ ସମିତିରେ ପଞ୍ଜୀକରଣ କରିହେବ। ଋଣ ନେଇଥିବା ଚାଷୀମାନେ ବ୍ୟାଙ୍କ ଶାଖା, ଜନସେବା କେନ୍ଦ୍ର, ବୀମା କମ୍ପାନୀ ମଧ୍ୟସ୍ଥ ସଂସ୍ଥା, ବୀମା କମ୍ପାନୀଗୁଡ଼ିକରେ କାର୍ଯ୍ୟକ୍ଷମ କାର୍ଯ୍ୟାଳୟ କିମ୍ବା ବୀମା ଆପ୍ଲିକେସନ ବ୍ୟବହାର କରି ନାମ ପଞ୍ଜୀକରଣ କରିପାରିବେ।

## ଦିବ୍ୟାଙ୍ଗ ଛାତ୍ରୀଙ୍କ ବିକାଶ ପାଇଁ ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଡିଏସ୍‌ଟି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ



**ଭୁବନେଶ୍ୱର,୩୦।୭ (ଅନୁରାଧା ମହାରଣା)**

ଦିବ୍ୟାଙ୍ଗ ଛାତ୍ରୀଙ୍କ ବିକାଶ ପାଇଁ ରମାଦେବୀ ବିଶ୍ୱବିଦ୍ୟାଳୟ ଏବଂ ଡାଇଭର୍ସ ସୋସାଇଟି ଟ୍ରଷ୍ଟ (ଡିଏସ୍‌ଟି) ମଧ୍ୟରେ ରବିବାର ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଦୁଇବର୍ଷ ପାଇଁ ଏହି ଏମ୍‌ଓୟୁ ହୋଇଥିବାବେଳେ ଏଥିରେ ଡିଏସ୍‌ଟିର ଟ୍ରଷ୍ଟି ଅର୍ଚ୍ଚନା ମିଶ୍ର, ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ପିଜି କାଉନ୍‌ସିଲର ମୁଖ୍ୟ ପ୍ରଫେସର ଚଣ୍ଡୀ ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଏମ୍‌ଓୟୁ ଅନୁସାରେ ଦିବ୍ୟାଙ୍ଗ, ଦୃଷ୍ଟିହୀନ ଛାତ୍ରୀଙ୍କୁ ସେମାନଙ୍କ ଦକ୍ଷତା ଓ କ୍ୟାରିୟର ବିକାଶ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାସହ ସେମାନଙ୍କ ପାଇଁ ବିଭିନ୍ନ କର୍ପୋରେଟ ସେକ୍ଟରରେ ନିଯୁକ୍ତି ସୃଷ୍ଟି ସହ ଦକ୍ଷତା ଅନୁଯାୟୀ ମଧ୍ୟ କର୍ମନିଯୁକ୍ତି ଯୋଗାଇ ଦିଆଯିବ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀମାନେ କିପରି ନିଜେ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଅତିଥିମାନେ ଆଲୋଚନା କରିଥିଲେ।

"ଯେତେବେଳେ ଆମକୁ କିଛି ଦେଖାଯାଏନା- ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ -ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି- ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ। **-ଶ୍ରୀଅରବିନ୍ଦ**

# ମୂଲ୍ୟବୋଧଭିତ୍ତିକ ରାଜନୀତି



ହରେକୃଷ୍ଣ ପଣ୍ଡା

ଆମ ଭାରତୀୟ ରାଜନୀତିରେ କ'ଣ ମୂଲ୍ୟବୋଧଭିତ୍ତିକ ରାଜନୀତି ସମ୍ଭବ ହେବ ନାହିଁ? ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଯେତେବେଳେ ସମ୍ଭବ ହୋଇ ନାହିଁ ତାହା ଏବେ କାହିଁକି, ଆଗାମୀ ଭବିଷ୍ୟତରେ ବି ସମ୍ଭବ ହେବ ନାହିଁ ବୋଲି ମନେହୁଏ। ଗଣତନ୍ତ୍ରର ତିନୋଟି ମଜଭୁତ ସ୍ତମ୍ଭ ରହିଛି। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଆଉ ନ୍ୟାୟପାଳିକା। ଆମ ଦେଶର ମେଧାବୀ ଯୁବ ଗୋଷ୍ଠୀ ଅଧ୍ୟୟନ କରିବା ସମୟରେ ଲକ୍ଷ୍ୟ ରଖିଥାଆନ୍ତି ନିଜକୁ କିପରି ପ୍ରସ୍ତୁତ କରିବେ ନ୍ୟାୟପାଳିକାରେ, ଆଉ କିଛି ମେଧାବୀ ଲକ୍ଷ୍ୟ ରଖନ୍ତି କାର୍ଯ୍ୟପାଳିକାରେ ଭର୍ତ୍ତି ହୋଇ ଅର୍ଥ ଉପାର୍ଜନ କରିବେ। ଆଉ କିଛି ଯୁବ ଗୋଷ୍ଠୀ ଆଶା ପୋଷଣ କରନ୍ତି ଯେକୌଣସି ସଂସ୍ଥାରେ ଭର୍ତ୍ତି ହୋଇ ଅର୍ଥ ଉପାର୍ଜନ କରିବେ। ତେବେ ପିଲାଟିବେଳୁ କେହି କୁହନ୍ତି ନାହିଁ ଯେ ମୁଁ ଜଣେ ସରପଞ୍ଚ,ଏମ୍ଏଲ୍ଏ,ଏମ୍ପି ହୋଇ ରାଜନୀତିରେ ପ୍ରବେଶ କରିବି ବୋଲି। ମେଧାବୀ ପିଲାମାନେ ଦେଶର ନ୍ୟାୟ ବିଭାଗରେ, ଅଥବା ଆଇଏଏସ୍,ଓଏଏସ୍ ହୋଇ ବାହାରିବା ଉଚ୍ଚ ଆଶା ପୋଷଣ କରିଥାଆନ୍ତି। କେହି କେହି ଦେଶରେ ସ୍ୱାଧୀନ ଭାବେ ଜଣେ ଶିଳ୍ପପତି କିମ୍ବା ଉଦ୍ୟୋଗପତି ହୋଇଥାଆନ୍ତି। କିନ୍ତୁ ଜଣେ ରାଜନେତା, ରାଜନୀତିଜ୍ଞ କିମ୍ବା ଲୋକପ୍ରତିନିଧି ହେବା ଲକ୍ଷ୍ୟ କେହି ଆଶାପୋଷଣ କରି ନ ଥାଆନ୍ତି। କାରଣ ଗଣତନ୍ତ୍ର ଶାସନରେ ଏମାନଙ୍କ ପାଇଁ ଯୋଗ୍ୟତା, ଜ୍ଞାନ, ଅଭିଜ୍ଞତା କୌଣସିଟିର ଆବଶ୍ୟକତା ନ ଥାଏ।

ତେବେ ପରିସ୍ଥିତି, ପରିବେଶ ଓ ସୁଯୋଗକୁ ନେଇ ଜଣେ ରାଜନେତା ବା ଲୋକପ୍ରତିନିଧି ହୋଇଥାଆନ୍ତି। କିନ୍ତୁ ଏମାନଙ୍କ ପାଇଁ କଠିନ ଅଗ୍ନିପରୀକ୍ଷା ରହିଥାଏ, ଯାହା ଉପରୋକ୍ତ ଦୁଇଟି ସ୍ତମ୍ଭ ପାଇଁ ନ ଥାଏ। ତାହା ହେଲା ନିର୍ବାଚନ ବୈତରଣୀ ପାର ହେବା। ଜଣେ ପ୍ରଶାସକ ବା ଶିଳ୍ପପତି ବା ବିଭିନ୍ନ ସଂସ୍ଥାର ଉଚ୍ଚ ପଦପଦବୀ ମଣ୍ଡନ କରୁଥିବା ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରି ଅଧ୍ୟାପନା କଲେ ସେମାନେ ଲକ୍ଷ୍ୟ ହାସଲ କରିପାରନ୍ତି। ନିଜସ୍ୱ ମେଧା ବଳରେ ଜଣେ ଅଧ୍ୟାପକ, ବ୍ୟାଙ୍କ କର୍ମଚାରୀ କିମ୍ବା ଡାକ୍ତର, ଇଞ୍ଜିନିୟର ହୋଇପାରନ୍ତି। ହେଲେ ଜ୍ଞାନ ମେଧା ବା ଯୋଗ୍ୟତାକୁ ନ ନେଇ ଲୋକପ୍ରତିନିଧି ହୋଇପାରିବେ। ଅନ୍ୟ ଦେଶରେ ସାମାଜିକ କାର୍ଯ୍ୟ, ସେବା କରୁଥିବା ବ୍ୟକ୍ତି ଲୋକପ୍ରତିନିଧିଟିଏ ହୋଇପାରେ। ଏକଚ୍ଛତ୍ରବାଦୀ ଦେଶମାନଙ୍କରେ ନିଜର ବାହୁବଳ ଥିଲେ ପ୍ରତିନିଧିଟିଏ ହୋଇପାରେ। ଦେଖିବାକୁ ଗଲେ ଲୋକପ୍ରତିନିଧିଟିଏ ହେବା ପାଇଁ ଏବେ ବାହୁବଳ, ଅର୍ଥବଳ, ଚତୁରତା ଆଦି କେତେକ ଶକ୍ତି ଆବଶ୍ୟକ ହେଉଛି। ଖାଲି ସେତିକି ନୁହେଁ ଦଳର ନେତୃବୃନ୍ଦଙ୍କ ଗୋଡାଣିଆ ହୋଇ ନ ଥିଲେ ସୁପାରିସ ପତ୍ର ପାଇବା ଅସମ୍ଭବ। ଗଣତାନ୍ତ୍ରିକ ଦେଶରେ ଗଣତାନ୍ତ୍ରିକ ଶାସନକୁ ଯିଏ ଯାଉଛନ୍ତି ସେମାନେ ଅଗଣତାନ୍ତ୍ରିକ ଉପାୟରେ ଯିବାକୁ ପଡୁଛି। ଦଳୀୟ ନେତୃବୃନ୍ଦଙ୍କ ସନ୍ତୁଷ୍ଟୀକରଣ ନିମନ୍ତେ କାମ କରିବାକୁ ହୁଏ। ଦେଶର ମୁଖ୍ୟ ଶାସକ କୁହନ୍ତି, ଆମେ ଦେଶର ଅଗଣିତ ଜନତାଙ୍କ ସେବା ପାଇଁ ଆସିଛୁ। ସେହି କଥାର କିଛି ପ୍ରାସଙ୍ଗିକତା ଥିବା ଜଣାପଡେ ନାହିଁ। କାରଣ ଗାଦିର ମୋହ ଥରକ ପାଇଁ ନୁହେଁ, ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖିଥାଆନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ଚୟନରେ ଯେଉଁ ମନ୍ତ୍ରିମଣ୍ଡଳ ଗଠନ କରାଯାଏ, ସେମାନେ କ'ଣ ଦେଶ ସେବା ପାଇଁ କାମ କରନ୍ତି? ଏହା ଜଳଜଳ ହୋଇ ଦିଶୁଛି ସେମାନେ ମୁଖ୍ୟାଧିପତିଙ୍କ ସନ୍ତୁଷ୍ଟୀକରଣ ଓ ନିଜ ଦଳ ପାଇଁ କାମ କରନ୍ତି। ଏମାନଙ୍କର ଆଇନକାନୁନ, ସମ୍ବିଧାନ, ଲୋକଙ୍କ ଆଶା ଆକାଂକ୍ଷା ପ୍ରତି ଆଦୌ ଦୃଷ୍ଟି ନ ଥାଏ। ଏହା ଏବେକାର ରାଜନୈତିକ ପରମ୍ପରା। ଯେଉଁ ଦଳ ଗଣତାନ୍ତ୍ରିକ ଶାସନର ଭାର ବହନ କରୁଛନ୍ତି ସେହି ଦଳର ଗଣତାନ୍ତ୍ରିକ ଭିତ୍ତିଭୂମି ନ ଥିବା ଦେଖାଯାଏ। ଦଳୀୟ ନେତୃବୃନ୍ଦଙ୍କର ରାଷ୍ଟ୍ରଭକ୍ତି ଲୋକସେବା ଲକ୍ଷ୍ୟ ନ ଥାଏ, ଲକ୍ଷ୍ୟ ଥାଏ ଗାଦିନସୀନ ହେବା। ଆଉ ଗୋଟିଏ ପ୍ରଥା ଅଛି, ଯେଉଁ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିବ ସେ ଶାସନ କରିବ। ଭାବି ଦେଖନ୍ତୁ ଯେଉଁ ଦଳ ଶାସନ ଗାଦି ଦଖଲ କଲା ସେ ଆଗାମୀ ଭବିଷ୍ୟତ ଚିନ୍ତା ଛାଡିପାରିବ କି? ନିଜ ଦଳ ପ୍ରତି ଲୋକଙ୍କ ଆକର୍ଷଣ କିପରି ବୃଦ୍ଧି ପାଇବ ସେଥିପାଇଁ କାମ ନ କରିବ କି? ନିଜ ମନ୍ତ୍ରିମଣ୍ଡଳର ଦୁର୍ବଳତାକୁ ପଦାରେ ପକାଇବାକୁ ଉଚିତ ମଣିବ କି? ଏଭଳି ରାଜନୈତିକ ପରମ୍ପରାକୁ କେହି କ'ଣ ତ୍ୟାଗ କରିପାରିବେ ? ଏଠାରେ କୁହାଯାଇପାରେ ଗଣତାନ୍ତ୍ରିକ ପରମ୍ପରା ଖରାପ ନୁହେଁ, କେବଳ ଦୁର୍ବଳ ଅନଭିଜ୍ଞମାନେ ଏହାକୁ ଅବାଟରେ ନେଉଛନ୍ତି।

ଯେଉଁ ବିରୋଧୀ ଦଳ ଆଜି ପାଟି କରୁଛନ୍ତି, ଚିତ୍କାର କରି ବିରୋଧାଭାସ ପ୍ରକାଶ କରୁଛନ୍ତି, ସେମାନେ କ'ଣ ଏଭଳି ପରମ୍ପରାରୁ ଊର୍ଦ୍ଧ୍ୱରେ ଅଛନ୍ତି କି? ଏମାନେ ଗାଦିନସୀନ ହେଲେ କ'ଣ ଦଳ ପାଇଁ କାମ ନ କରି ଦେଶ ପାଇଁ କାମ କରିବେ? ଏହା ଅସମ୍ଭବ ମନେହୁଏ। ମୂଲ୍ୟବୋଧ ରାଜନୀତିକୁ ଧରିଲେ କେହି ତିଷ୍ଠିବେ ନାହିଁ। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଦଳର ନେତୃତ୍ୱ ଯିଏ ନେଉଛନ୍ତି ସେମାନଙ୍କ ଇଚ୍ଛା ଉପରେ ସବୁ କିଛି ନିର୍ଭର କରୁଛି। ପବିତ୍ର ଗଣତାନ୍ତ୍ରିକ ପଦ୍ଧତିକୁ କୌଣସି ଦଳ ଅନୁସରଣ କରନ୍ତି ନାହିଁ। ସେଥିପାଇଁ ନିର୍ବାଚନ କମିଶନର ଏମାନଙ୍କ ଉପରେ ତାଗିଦ କରିବା ଦେଖାଯାଏ, ଦଳର ସମ୍ବିଧାନ ସର୍ବସମ୍ମୁଖରେ ପ୍ରକାଶ କର। ଦଳ ଭିତରେ ନିର୍ବାଚନଭିତ୍ତିକ ନେତା ଓ କର୍ମକର୍ତ୍ତା ନିର୍ବାଚିତ କର। ଦଳୀୟ ପାଣ୍ଠିର ଅଡିଟ ରିପୋର୍ଟ ଦିଅ । ଏ କଥାକୁ ଯଦିଓ କେହି ମାନନ୍ତିନାହିଁ ତଥାପି ସେମାନଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ବାଟ ଛାଡି ଦିଆଯାଏ। ଦଳୀୟ ପ୍ରାର୍ଥୀ ଚୟନ ପାଇଁ କୌଣସି ମାପଦଣ୍ଡ ନିର୍ବାଚନ କମିଶନର ରଖିନାହାନ୍ତି। ତେଣୁ ରାଜନୈତିକ ଦଳର ନେତୃବୃନ୍ଦ ଅମାପ ଏକଚ୍ଛତ୍ରବାଦ କ୍ଷମତା ଉପଭୋଗ କରି ଚାଲିଛନ୍ତି।

ଆମ ଦେଶର ଜନଚରିତ୍ର ହେଉଛି ଗୋଳିଆ ପାଣିରୁ ଫାଇଦା ହାସଲ କରିବା। ନିର୍ବାଚନ କମିଶନର ଯେତେବେଳେ ଏମାନଙ୍କ ଉପରେ ଅଙ୍କୁଶ ଲଗାଇ ନ ପାରନ୍ତି ଏହା ହେବା ସ୍ୱାଭାବିକ। ଯାହାଫଳରେ ଦେଖାଯାଏ ବହୁ ଅପରାଧୀ ଅନଭିଜ୍ଞ ବ୍ୟବସ୍ଥାପିକାରେ ଅନାୟାସରେ ପ୍ରବେଶ କରିଯାଆନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏମାନେ ଉପରୋକ୍ତ ଦୁଇଟି ସ୍ତମ୍ଭରେ ଥିବା ମେଧାବୀ ଜ୍ଞାନୀମାନଙ୍କ ଉପରେ ନାଲିଆଖି ଦେଖାଇ ଏମାନଙ୍କୁ ସମ୍ବିଧାନ ବହିର୍ଭୂତ ବାଟରେ ଚଳାନ୍ତି। ଶ୍ରୀଅରବିନ୍ଦ କହିଛନ୍ତି ଆମକୁ ଆଖି ନ ଥିବା ଡେଙ୍ଗା ବ୍ୟକ୍ତି ଆଗରେ ରହି ବାଟ ଦେଖାଉଛନ୍ତି, ଆମେ ଅନ୍ଧମାନେ ତାରି ପଛରେ ଚାଲୁଛୁ। ଏଭଳି ପରମ୍ପରା ରଦ୍ଦ ନ ହେଲା ପର୍ଯ୍ୟନ୍ତ ଆମେ ଦୁର୍ଦ୍ଦଶା ଭୋଗ କରୁଥିବା। ବିବର୍ତ୍ତନ ଧାରାରେ ବର୍ତ୍ତମାନର ରାଜନୈତିକ ପରମ୍ପରା ଯେତେଦିନ ପର୍ଯ୍ୟନ୍ତ ପରିବର୍ତ୍ତିତ ନ ହୋଇଛି ଏବଂ ମେଧାବୀ, ରାଷ୍ଟ୍ରପ୍ରେମୀ, ସାମ୍ବିଧାନିକ ଦକ୍ଷ ଅନୁରକ୍ତ ବ୍ୟକ୍ତି ଯେବେ ବ୍ୟବସ୍ଥାପିକାକୁ ଅନାୟାସରେ ପ୍ରବେଶ ନ କରିଛନ୍ତି ସେତେଦିନ ପର୍ଯ୍ୟନ୍ତ ବ୍ୟବସ୍ଥାପିକା କ୍ରମଶଃ ସ୍ଥାଣୁ ପାଲଟି ଚାଲିଥିବ।

**-ଯାଜପୁର**
**ମୋ: ୯୪୩୭୩୧୫୬୨୩**

## ଏଇ ଭାରତରେ

କାଫେରୁ ଯାହା ଲାଭ ହେଉଛି ସେଥିରେ ଏକ ଗାଁ ସ୍କୁଲ ଚଳାଉଛନ୍ତି ଲୋରି ଚୌହାନ। ସେ ପିଏଚ୍ଡି କରୁଥିବା ସମୟରେ ଉତ୍ତରାଖଣ୍ଡର ବିଭିନ୍ନ ଗାଁକୁ ଯିବାବେଳେ ସେଠାକାର ପିଲାମାନଙ୍କ ଶୈକ୍ଷିକ ଅବ୍ୟବସ୍ଥାକୁ ଉପଲବ୍ଧି କରିଥିଲେ। ଏଣୁ ଲୋରି ଏବଂ ତାଙ୍କ ସ୍ୱାମୀ କୁନ୍ୱାର ଗଡ଼ୱାଲରେ ଏକ ଇଂଲିଶ ମାଧ୍ୟମ ସ୍କୁଲ ପ୍ରତିଷ୍ଠା କରି ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। ସେମାନେ ଏକ କାଫେରୁ ଯାହା ଲାଭ ପାଉଛନ୍ତି ସେଥିରେ ପିଲାମାନଙ୍କ ପଢ଼ା ଖର୍ଚ୍ଚଠାରୁ ଆରମ୍ଭ କରି ସବୁକିଛି ଭରଣା କରୁଛନ୍ତି। ଉତ୍ତରାଖଣ୍ଡର କେମ୍ପ୍ଟି ଜଳପ୍ରପାତଠାରୁ ୫ କିମି ଦୂର ପର୍ଯ୍ୟଟନସ୍ଥଳ ସେନ୍ଜି ଗାଁରେ ଏହି ସ୍କୁଲ ଓ କାଫେ ଅଛି। ଏହି ଗାଁରେ ସେମାନେ ସ୍କୁଲ ପ୍ରତିଷ୍ଠା କରିବାର ଏକ କାରଣ ଅଛି। ବାସ୍ତବରେ ଲୋରିଙ୍କ ଜନ୍ମ କାନାଡାରେ। ଭାରତରେ ପିଏଚ୍ଡି କରିବା ପରେ ସେନ୍ଜି ଗାଁକୁ ଯିବା ଅବସରରେ ତାଙ୍କର କୁନ୍ୱାରଙ୍କ ସହ ଦେଖା ହୋଇଥିଲା। କୁନ୍ୱାର ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରି ଗ୍ରାମୀଣ ପିଲାମାନଙ୍କ ପାଇଁ କିଛି କରିବାକୁ ଚାହୁଁଥିଲେ। ଏଣୁ ଦୁହିଁଙ୍କ ଲକ୍ଷ୍ୟ ସମାନ ଥିଲା ଓ ପରେ ସେମାନେ ପରସ୍ପରକୁ ୨୦୦୭ରେ ବିବାହ କରିବା ପରେ ସ୍କୁଲ ପ୍ରତିଷ୍ଠା କରିଥିଲେ। ପ୍ରଥମେ ସ୍କୁଲରେ ୮ ଜଣ ଛାତ୍ର ଥିଲେ, ଏବେ ସେଠାରେ ୨୫ଟି ପାହାଡିଆ ଗାଁର ୧୨୫ ପିଲା ରହୁଛନ୍ତି ଓ ପଢୁଛନ୍ତି। ସ୍କୁଲରେ ଏବେ ୧୩ ଶିକ୍ଷକ ଅଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଜୁଲାଇ ୧୯୯୮**

- ଜାପାନର ନୂତନ ପ୍ରଧାନମନ୍ତ୍ରୀ ଭାବେ କେଇଜୋ ଓବୁଚିଙ୍କ ଦାୟିତ୍ୱ ଗ୍ରହଣ।
- ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସହ ଯୌନ ସମ୍ପର୍କ ରଖିଥିବା ନେଇ ହ୍ୱାଇଟ୍ ହାଉସ୍‌ର ପୂର୍ବତନ ଅନ୍ତେବାସିନୀ ମୋନିକା ଲେୱିନ୍‌ସ୍କିଙ୍କ ସାକ୍ଷ୍ୟ ପ୍ରଦାନ।
- ବିଶ୍ୱର ପୂର୍ବତନ ଏକନମ୍ବର ଖେଳାଳି ଗୀତ୍ ସେଠୀଙ୍କୁ ପରାସ୍ତ କରି ବମ୍ବେର ଅଶୋକ ସାଣ୍ଡିଲ୍ୟଙ୍କ 'ବିଲିଆର୍ଡ ପଏଣ୍ଟ ପୁଲ ଟ୍ରଫି' ହାସଲ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | 3 | |
| 1 | | 9 | | | 4 | | | |
| 8 | 2 | | | 5 | | | | |
| 5 | | | | | 1 | 6 | 2 | |
| | | | | 9 | 7 | | | |
| | | | | 4 | | | | |
| | 3 | | | | 9 | | | 7 |
| | 6 | | | | | 2 | | |
| 2 | | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 7 | 6 | 3 | 9 | 4 | 5 | 1 |
| 1 | 4 | 9 | 2 | 5 | 7 | 8 | 6 | 3 |
| 6 | 3 | 5 | 8 | 4 | 1 | 7 | 2 | 9 |
| 3 | 7 | 6 | 1 | 9 | 8 | 5 | 4 | 2 |
| 9 | 1 | 4 | 7 | 2 | 5 | 3 | 8 | 6 |
| 8 | 5 | 2 | 4 | 6 | 3 | 1 | 9 | 7 |
| 7 | 2 | 1 | 5 | 8 | 6 | 9 | 3 | 4 |
| 5 | 6 | 3 | 9 | 7 | 4 | 2 | 1 | 8 |
| 4 | 9 | 8 | 3 | 1 | 2 | 6 | 7 | 5 |

ଗତକାଲିର ଉତ୍ତର

# ଓପେନହେଇମେରଙ୍କ ଗୀତା ରହସ୍ୟ



ଡ. ନରେନ୍ଦ୍ର ସେଠୀ

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆମେରିକା ତା'ର ବହୁଚର୍ଚ୍ଚିତ ଗୁପ୍ତ ମ୍ୟାନହାଟନ ପ୍ରୋଜେକ୍ଟ ପାଇଁ ଜଣେ ବିଚକ୍ଷଣ ବୈଜ୍ଞାନିକଙ୍କୁ ଚୟନ କରିଥିଲା, ଯାହାର ମୂଳ ଉଦ୍ଦେଶ୍ୟ ଥିଲା ସଦ୍ୟ ଉଦ୍ଭାବନ ହୋଇଥିବା ନାଭିକୀୟ ପ୍ରକ୍ରିୟାକୁ ନେଇ ପରମାଣୁ ବୋମା ପ୍ରସ୍ତୁତ କରିବା। ସେହି ବୈଜ୍ଞାନିକ ଥିଲେ ଜେ. ରୋବର୍ଟ ଓପେନହେଇମେର, ଯାହାଙ୍କ ବିଷୟରେ ବିଶ୍ୱର ବିଜ୍ଞାନ ଲେଖକମାନେ ଅନେକ କିଛି ଲେଖିସାରିଛନ୍ତି। ବିଗତ ଷାଠିଏ ବର୍ଷ ଭିତରେ ତାଙ୍କ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବା ବିଶ୍ୱର ପ୍ରଥମ ପରମାଣୁ ବୋମା ଜାପାନର ନାଗାସାକି ଓ ତା'ର ତିନିଦିନ ପରେ ହିରୋଶିମା ସହର ଉପରେ ସଂହାରଲୀଳା କରିଥିଲା। ଏହି ଦୁଇଟି ପରମାଣୁ ବୋମାର ଭୟାବହତା ଅନେକ ନିରୀହ ମଣିଷଙ୍କୁ ମାଟିରେ ମିଶାଇବା ସହିତ ସମଗ୍ର ବିଶ୍ୱର ଦୃଷ୍ଟିଭଙ୍ଗୀ ବଦଳିବାକୁ ବାଧ୍ୟ କରିଥିଲା, ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ଏହାର ବ୍ୟବହାର ହୋଇନାହିଁ। ରାତାରାତି ଲୋକପ୍ରିୟ ପାଲଟି ଯାଇଥିବା ରୋବର୍ଟ ଓପେନହେଇମେର ସେହି ମାନବ ସଂହାର ପାଇଁ ନିଜକୁ ଦାୟୀ କରି ଗଭୀର ଭାବରେ ମର୍ମାହତ ହୋଇଥିଲେ। ଉଲ୍ଲେଖ କରାଯାଇପାରେ ଯେ ଯଦିଓ ହିରୋଶିମା ଓ ନାଗାସାକିରେ ପରମାଣୁ ବୋମା ବିସ୍ଫୋରଣ ଆମେରିକାର ଏକ ସମ୍ପୂର୍ଣ୍ଣ ରାଜନୈତିକ ନିଷ୍ପତ୍ତି ଥିଲା, ଏଥିରେ କିନ୍ତୁ ଆମେରିକା ସମେତ ସବୁ ଦେଶର ବୈଜ୍ଞାନିକମାନେ ଏହାକୁ ଏକ ଅନାବଶ୍ୟକ ଓ ଅନୁଚିତ ପଦକ୍ଷେପ ଭାବରେ ବିବେଚନା କରିଥିଲେ। ଏପରି କି ଅକ୍ଟୋବର ୧୯୪୫ରେ ହ୍ୱାଇଟ ହାଉସରେ ଆମେରିକା ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ଭେଟବେଳେ ଓପେନହେଇମେର କହିଥିଲେ,'ରାଷ୍ଟ୍ରପତି ମହୋଦୟ ମୋ ହାତ ରକ୍ତରେ ଜୁଡୁବୁଡୁ ...'। କିନ୍ତୁ ଆମେରିକାର ରାଷ୍ଟ୍ରପତି ଆଶ୍ୱାସନା ଦେବାକୁ ଯାଇ କହିଲେ, ଆପଣ ପରମାଣୁ ବୋମା ଧ୍ୱଂସର ବୋଝକୁ ନିଜ କାନ୍ଧରେ ବୋହି ଦୁଃଖିତ ହୁଅନ୍ତୁ ନାହିଁ। ରୋବର୍ଟ ଓପେନହେଇମେରଙ୍କ ଆତ୍ମଜୀବନୀ ପୁସ୍ତକ ଅନୁସାରେ ତତ୍କାଳୀନ ରାଷ୍ଟ୍ରପତି ଟ୍ରୁମ୍ୟାନ ରୋବର୍ଟ ଓପେନହେଇମେରଙ୍କୁ ଆଉ ରାଷ୍ଟ୍ରପତି ଭବନକୁ ପ୍ରବେଶ ନ କରିବାକୁ କଡା ନିର୍ଦ୍ଦେଶ ଜାରି କରିଥିଲେ।

ସେତେବେଳେ ରୁଷିଆ ସହିତ ଏକ ପରମାଣୁ ଅସ୍ତ୍ର ଦୌଡରେ ସାମିଲ ନ ହେବାକୁ ସେ ଆମେରିକାର ରାଷ୍ଟ୍ରପତିଙ୍କୁ ବୁଝାଇବାରେ ବିଫଳ ହେଲେ ଓ ଏପରି ଉପଦେଶ ଦେଉଥିବା ବୈଜ୍ଞାନିକଙ୍କୁ ରାଷ୍ଟ୍ରପତି ମଧ୍ୟ ପସନ୍ଦ କଲେନାହିଁ। ପ୍ରାୟ ୮୦ ବର୍ଷ ପରେ ପରମାଣୁ ବୋମାର ଜନକ ରୋବର୍ଟ ଓପେନହେଇମେରଙ୍କ ଜୀବନୀ ଉପରେ ଖ୍ରିଷ୍ଟୋଫର ନୋଲାନଙ୍କ ଚଳଚ୍ଚିତ୍ର 'ଓପେନହେଇମେର' ଯାହା ଗତ ଶୁକ୍ରବାର ମୁକ୍ତିଲାଭ କରିଛି ବୋଧେ ଏକ ଅକଳ୍ପନୀୟ ସତ୍ୟ କାହାଣୀ, ଯାହା ପରମାଣୁର ଶକ୍ତିକୁ ପରିଚୟ କରାଇ ମଣିଷକୁ କଳ୍ପନାତୀତ ଭାବରେ ଶକ୍ତିଶାଳୀ କରିଦେଲା। ୧୯୮୪ରେ ମୁଦ୍ରିତ ଏକ ବହୁଚର୍ଚ୍ଚିତ ପୁସ୍ତକ 'ଦି ଡେ ଦି ସନ ରୋଜ ଟାୱାଇସି' ପୁସ୍ତକରେ



ଉଲ୍ଲେଖ ଅଛି ଯେ ୧୯୪୫ ଅଗଷ୍ଟ ୮ ତାରିଖରେ ସୂର୍ଯ୍ୟ ଆଉଥରେ ଉଦୟ ହୋଇଥିଲେ ଓ ଏଥିରେ ୧୩,୫୦,୦୦୦ ଲୋକ ମରିଥିଲେ। ପରମାଣୁ ବୋମାର ବିଭୀଷିକା ଓ ନରସଂହାର ଦେଖି ଓପେନହେଇମେର ଏପରି ଭାଙ୍ଗିପଡିଥିଲେ ଯେ ଚାଲିବାରେ ଅସମର୍ଥ ହୋଇପଡିଥିଲେ। ପରମାଣୁ ବୋମାର ଧ୍ୱଂସଲୀଳା ପାଇଁ ନିଜକୁ ଦାୟୀ କରି ସେ ଅନେକ ଧର୍ମଗ୍ରନ୍ଥ ସବୁ ପଢିବାକୁ ଲାଗିଲେ। ସବୁଠୁ ତାଙ୍କୁ ହିନ୍ଦୁ ଧର୍ମର ସର୍ବୋଚ୍ଚ ପୁସ୍ତକ ଗୀତା ପ୍ରଭାବିତ କରିଥିଲା ଓ ତାଙ୍କ ଜୀବନର ଅନେକ ଦିନ ସେ ସଂସ୍କୃତ ପଢିବା ଓ ପଢ଼ାଇବାରେ ଅତିବାହିତ କରିଥିଲେ। ଯୁଦ୍ଧଭୂମିରେ ଭାଙ୍ଗି ପଡିଥିବା ଅର୍ଜୁନଙ୍କୁ ସାହସ ଓ ଶକ୍ତି ଦେବା ପାଇଁ କୃଷ୍ଣଙ୍କ ଉପଦେଶ ଓ ଶେଷରେ ବିଶ୍ୱରୂପ ଦର୍ଶନ ସେହି ପରମାଣୁ ବୋମାର ଜନକଙ୍କୁ ପ୍ରଭାବିତ କରିଥିଲା। କିପରି ଧ୍ୱଂସ, ବିନାଶ ଓ ମୃତ୍ୟୁ ଦେଖି ଭାଙ୍ଗି ନ ପଡ଼ି କର୍ତ୍ତବ୍ୟ କରିବା ଉଚିତ ବୋଲି କୃଷ୍ଣ ଅର୍ଜୁନଙ୍କୁ ବୁଝାଇଥିଲେ ତାହା ତାଙ୍କୁ ଅଭିଭୂତ କରିଥିଲା। ଗୀତାର ସେହି ଶ୍ଳୋକ ଯେଉଁଠି କୃଷ୍ଣ ନିଜକୁ ସଂହାରକ, ବିନାଶକାରୀ, ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଭାବରେ ଅର୍ଜୁନଙ୍କୁ ବୁଝାଇବାକୁ ଯାଇ ବିଶ୍ୱରୂପ ଦର୍ଶନ କରାଇଛନ୍ତି ତାହା ପଢି ସେ ମୋହିତ ହେଲେ। ଗୀତାର ସାରାଂଶ ଭାବରେ ଏହା ସେ ବୁଝିଲେ ଯେ ଯାହା କିଛି ଅର୍ଜୁନ ଯୁଦ୍ଧଭୂମିରେ କରିବେ ସବୁ ଈଶ୍ୱରଙ୍କର ଇଚ୍ଛା ଓ ସବୁ ତାଙ୍କରି ନିୟନ୍ତ୍ରଣରେ, ଅର୍ଥାତ୍ କୁରୁକ୍ଷେତ୍ରରେ ଅର୍ଜୁନ ଜଣେ ସୈନିକ ମାତ୍ର ଓ ଯାହା କିଛି କରିବେ ସବୁ ଈଶ୍ୱର କରିବେ। ତେଣୁ ଦୁଃଖ ଓ ବିଷାଦ କରିବା ଅନୁଚିତ। ପରମାଣୁ ବୋମାର ଭୟାବହତା ବୋଧେ ଈଶ୍ୱରଙ୍କର ଏକ ଇଚ୍ଛା ଥିଲା ଓ ଓପେନହେଇମେର ଏକ ମାଧ୍ୟମ ଥିଲେ ମାତ୍ର। ଏହା ଗୀତା ସୂତ୍ର ଅନୁସାରେ ମାନିନେଇ ସେ ଶାନ୍ତି ସନ୍ଧାନରେ ଥିଲେ, ଯାହା ତାଙ୍କୁ କେବେ ମିଳି ନ ଥିଲା। ସେ ସମସ୍ତଙ୍କୁ ଗୀତାର ମର୍ମ କହି ବୁଲିଲେ ମୃତ୍ୟୁ ଏକ ମାୟା ମାତ୍ର, ଅର୍ଥାତ୍ କେହି ଜନ୍ମ ନେବା ଓ ମରିବା ଏକ ମିଛ ପ୍ରକ୍ରିୟା। କିନ୍ତୁ ଓପେନହେଇମେର ଗୀତା ଅନୁସାରେ ଏହା ବୁଝିବାକୁ ଅସମର୍ଥ ହେଲେ ଯେ ମଣିଷ ମରିଯାଏ, ମାତ୍ର ତା'ର ଆତ୍ମା ଅମର ଓ ଅବିନାଶୀ। ସେଥିପାଇଁ ବୋଧେ ଓପେନହେଇମେର ଶେଷ ପର୍ଯ୍ୟନ୍ତ ହିନ୍ଦୁ ଧର୍ମ ଗ୍ରହଣ କରିପାରି ନ ଥିଲେ ଯଦିଓ ସେ ବହୁତ ପ୍ରଭାବିତ ଥିଲେ।

ଏବେ ଆସନ୍ତୁ ଏହି ସିନେମାକୁ ନେଇ ଭାରତରେ ଉଠିଥିବା ବିବାଦ ଓ ସନାତନ ହିନ୍ଦୁ ଧର୍ମର ଲୋକଙ୍କ ମନରେ ଆଘାତ ବିଷୟରେ ତର୍ଜମା କରିବା। ଏକଥା ସତ୍ୟ ଯେ ଓପେନହେଇମେର ପରମାଣୁ ବୋମାର ବିସ୍ଫୋରଣରେ ନିହତ ଲୋକଙ୍କ ପାଇଁ ନିଜକୁ ଦାୟୀ କରି ଅନୁତପ୍ତ ହେଲେ ଓ ହିନ୍ଦୁ ଧର୍ମ ପ୍ରତି ଆକୃଷ୍ଟ ହୋଇ ଗୀତାକୁ ନିଜର ଶେଷ ଜୀବନ ପର୍ଯ୍ୟନ୍ତ ଅନୁକରଣ କଲେ। ମାତ୍ର ଏହି ସିନେମାର ନିର୍ମାତା ଚଳଚ୍ଚିତ୍ରରେ ଓପେନହେଇମେରଙ୍କୁ ଏକ ଅନ୍ତରଙ୍ଗ ଦୃଶ୍ୟରେ ଗୀତା ପାଠ କରୁଥିବାର ଦେଖାଇବା କେତେ ଯୁକ୍ତିଯୁକ୍ତ। ଏହା ଶସ୍ତା ଲୋକପ୍ରିୟତା ପାଇଁ ଏକ ଚେଷ୍ଟା ମାତ୍ର।

**ମୋ: ୭୦୦୪୦୬୮୧୧୦**

# ହାତମୁଠାରେ ଜୀବନ



ଦ୍ୱିତୀ ଚନ୍ଦ୍ର ସାହୁ

ସାମାନ୍ୟ ହାତ ପାପୁଲି। ତା' ଭିତରେ ଜୀବନକୁ ବାନ୍ଧି ରଖିହେବ ତ ! ଏ ହାତ ପାପୁଲି ଛୋଟ ହେଲେ ବି ଭାରି କରାମତି। ଏ ଧନୀକୁ ଗରିବ କରିପାରେ। ରଙ୍କକୁ ଧନୀ କରିପାରେ। ଏ ହାତର କରାମତି ଭାରି ବିସ୍ମୟ। ବୁଝିହୁଏନା କିଛି। ଯେ ବୁଝେ ସେ ଖୋଜେ। ସେ ହାତକୁ ନିଜ ବାଗରେ ପରିଚାଳିତ କରେ। ପାପୁଲି ଦେହରେ ଥିବା ଅଙ୍କାବଙ୍କା ରେଖାସବୁ ତା'ର କାଳେ ଭାଗ୍ୟ। କିନ୍ତୁ କେହି କେହି ଏହି ଭାଗ୍ୟକୁ ବଦଳେଇବାର କ୍ଷମତା ରଖନ୍ତି ବୋଲି ଦାବି କରନ୍ତି। ପରିଶ୍ରମ ବଳରେ ହୁଏତ ଭାଗ୍ୟ ବି ବଦଳିଯାଏ ଅନେକ ସମୟରେ। ଜୀବନ ପରୀକ୍ଷା ନେଇଥାଏ ପ୍ରତିଥର। ପ୍ରତିକ୍ଷଣ ଜୀବନ ପରୀକ୍ଷାରେ ସମ୍ମୁଖୀନ ହୋଇଥାଏ ମଣିଷ। ଏଇ ପରୀକ୍ଷା ହିଁ ମଣିଷକୁ ମଜଭୁତ କରେ। ମନୋବଳକୁ ଦୃଢ଼ କରେ। ଆଗକୁ ବଢ଼ିବାକୁ ଶକ୍ତି, ସାମର୍ଥ୍ୟ ଓ ରାହା ଦେଖାଏ। କିନ୍ତୁ ଅନେକ ସମୟରେ ମଣିଷ ଜୀବନର ଅର୍ଥକୁ ବୁଝିପାରେନି। ଜୀବନର ଅର୍ଥକୁ କଦର୍ଥ କରିବସେ। ନିଜ ଚଲାପଥକୁ କଣ୍ଟକିତ କରିପକାଏ। ଜୀବନ ସୁନେଲି ସ୍ୱପ୍ନ ଦେଖାଏ। ବାହୁରେ ଦୁଇଟି ଡେଣା ଲଗାଏ। ଉଡ଼ିବାକୁ ପ୍ରାଥମିକ ବଳ ଯୋଗାଏ। ଉଡ଼ାଣ ନିଜ ପାଖରେ ଥାଏ। କେତେ ଦୂର ଉଡ଼ିବାକୁ ହେବ ନିଜକୁ ନିଜେ ପ୍ରସ୍ତୁତ କରିବାକୁ ହୁଏ। ଏମିତି ଉଡ଼ାଣ କରିବା ଉଚିତ ନୁହେଁ, ଯେଉଁଠି ନିଜ ପାଦ ତଳର ମାଟି ସବୁବେଳେ ସ୍ପଷ୍ଟ ଦେଖାଯାଉଥିବ। ସମୟ ଅସମୟରେ ନିଜକୁ ନିଜେ ଥୟ କରି ପୁନଶ୍ଚ ଠିଆ ହେବାର ଅବକାଶ ନିଜ ପାଖରେ ରଖିବା ଉଚିତ।

ଏବେ ମଣିଷ ଜୀବନ ସହ ଧୁମ୍ କୁସ୍ତି କରି ଚାଲିଛି। ଜୀବନଠାରୁ ଜିତି ଆଗେଇବାକୁ ଭାରି ଇଚ୍ଛା ମଣିଷର। ସେଥିପାଇଁ ସେ ଅସୁମାରି ସ୍ୱପ୍ନ ଦେଖେ। ପାର୍ଥିବ ସୁଖ ପଛରେ ଦୌଡ଼ିବା ଆରମ୍ଭ କରେ। ସେ ଦୌଡିବାର ଶେଷ ନାହିଁ। ଦୌଡିବାର ବେଗ ବଢ଼େ ସିନା କେଉଁଠି କିଛି ସମୟ ଅଟକିବାର ନାଁ ନାହିଁ। କିନ୍ତୁ ଶେଷରେ ଛଅ ହାତ ଚାଖଣ୍ଡେ ଜାଗା ଭିତରେ ନିଜକୁ ସୀମିତ ରଖେ। ଅଧିକ ସ୍ଥାନ ତା'ର ଲୋଡ଼ା ପଡ଼େନି। ଏକଥା ବୁଝିପାରେନି ବୋଲି ଜୀବନସାରା ପ୍ରତିଯୋଗିତା କରେ ଅନ୍ୟ ସହ। ପ୍ରାଚୁର୍ଯ୍ୟ ଭିତରେ ଅବଦମିତ ଦୁଃଖକୁ ଘୋଡ଼େଇବାକୁ ଚେଷ୍ଟା କରେ। ସୁଖ ଭଳି ଦେଖା ଯାଉଥିବା ଭୋଗର ଅସୁମାରି ଉପାଦାନ ସମୂହ ଭିତରେ ଦୁଃଖ ସବୁ ଆଖିମିଟିକା ମାରେ। ନିଜ ଛଡା ଅନେକେ ହୁଏତ ଏହାକୁ ଦେଖିପାରନ୍ତିନି କି ବୁଝିପାରନ୍ତିନି। ଅନ୍ତରଜ୍ୱାଳାକୁ ବି ଫେଡି କହିହୁଏନି। ଜୀବନକୁ ହାତମୁଠାରେ ରଖିବାର ଦୁର୍ବାର କାମନା ଭିତରେ ଜୀବନ ହାତମୁଠାରୁ ଅପସରିଯାଏ। ତେଣୁ ଛୋଟ ଛୋଟ ସ୍ୱପ୍ନକୁ ପୂରଣ କରି ଜୀବନକୁ ଆଗେଇ ନେଲେ ଜୀବନ ନିଜ ଶୈଳୀରେ ଆଗକୁ ବଢ଼ିବାକୁ ହେବ। ଗୋଟିଏ ପରେ ଗୋଟିଏ ଶିଡି ଦେଇ ଆଗକୁ ବଢିଲେ ଉପରକୁ ଉଠିବା ସହଜ ହେବ। ଜୀବନ ଏମିତି ଜିଇବାକୁ ହେବ ଯେଉଁଠି ବେଶି କିଛି ପାଇବାର ଲୋଭ ନ ଥିବ କି ଅନେକ କିଛି ହରାଇବାର ଗ୍ଲାନି ନ ଥିବ।

ଛୋଟ ଛୋଟ ଖୁସିକୁ ସାଉଁଟି ଜୀବନକୁ ଉପଭୋଗ କରିବାକୁ ହେବ। ଏସବୁ ସମାହାର ଜୀବନକୁ ରସସିକ୍ତ କରାଇବ। ଜୀବନର ପ୍ରକୃତ ଅର୍ଥକୁ ଅନୁଭବ କରିବାର ପର୍ଯ୍ୟାପ୍ତ ଅବସର ଦେବ। ସଦ୍ୟ ଖୁସିରେ ଆନନ୍ଦିତ ହେବା ଅବଶ୍ୟ। ଜୀବନ ଗୋଟାପଣେ ସହଜ ଓ ସରଳ। ଆମ ମନ ଓ ଆଗ୍ରହ ଏହାକୁ ଜଟିଳ ଓ କୁଟିଳ କରିଦିଏ। ଏକଥା ବି ସତ ଜୀବନ କେବେ ବି ବିନା ମୂଲ୍ୟ ଓ ବିନା ପରିଶ୍ରମରେ କିଛି ଦିଏନି। ଏପରିକି ଶ୍ୱାସପ୍ରଶ୍ୱାସରେ କିଛି ନେବାକୁ ହେଲେ କିଛି ଛାଡିବାକୁ ପଡ଼େ ଆମକୁ। ନିଜର ସୁସଂହତ ଜୀବନ ଶୈଳୀ, ଆସ୍ଥା, ଦୃଢ଼ ବିଶ୍ୱାସ ଓ ଅମୂଲ୍ୟ କର୍ମ ଜୀବନରେ ପ୍ରତିଫଳିତ ହୋଇଥାଏ। ଯେମିତି ମଣିଷ କରେ ସେମିତି ଜୀବନ ଫଳ ଦେଇଦିଏ। ହୁଏତ ବିଳମ୍ବ ହୋଇପାରେ କିନ୍ତୁ ଅବଶ୍ୟ ପ୍ରାପ୍ତି ଦିଏ। ଦୁନିଆକୁ ଦେଖି ନିଜ ଜୀବନକୁ ଯିଏ ବଦଳେଇବାକୁ ଚେଷ୍ଟା କରେ ସେ କଷ୍ଟ ପାଇବା ସ୍ୱାଭାବିକ। ନିଜ ପାଇଁ ନିଜେ ବଦଳି ଗଲେ ଜୀବନ ବି ଦୁନିଆ ପାଇଁ ଆପଣାଛାଏ ବଦଳିଯିବ। ତେଣୁ ମନକୁ ଯେତେ ଶୂନ୍ୟ ରଖିହେବ ଜୀବନ ସେତିକି ମୂଲ୍ୟବାନ ହୋଇପାରିବ। ମନକୁ ଶୂନ୍ୟ ରଖିବାକୁ ହେଲେ ଜୀବନରେ ଅସମ୍ଭବ କାମନା ଓ ପ୍ରାପ୍ତିଠାରୁ ଦୂରେଇ ରଖିବାକୁ ହେବ। ତେବେ ଯାଇ ହାତମୁଠାରେ ଜୀବନ ରହିବ। ଜୀବନ ଚିର ସବୁଜ, ସୁନ୍ଦର ଓ ସରସ ହୋଇପାରିବ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ:୯୪୩୭୯୦୯୬୭୧**

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାକଡ଼ ଖାଦ୍ୟ ଖାଇ ଅସୁସ୍ଥ ହେଉଛନ୍ତି

ମହାଶୟ,

ସମ୍ବଲପୁରରେ କେତେଜଣ ଲୋକ ରାସ୍ତାକଡ଼ରୁ ବିରିଆନି ଖାଇ ଅସୁସ୍ଥ ହେବାର ମୁଖ୍ୟ କାରଣ ହେଲା, ଯେଉଁ ଚଟପଟି ଖାଦ୍ୟ ତିଆରି ହୋଇ ବିକ୍ରି ହେଉଛି ତାହାର ମାନ ଅତି ନିକୃଷ୍ଟ ଧରଣର। ଏହା କେବଳ ସମ୍ବଲପୁର ସହର ନୁହେଁ, ସାରା ରାଜ୍ୟରେ ଏଭଳି ସ୍ଥିତି ଚାଲୁ ରହିଛି। ନିୟମ ଅନୁସାରେ ଯେତେ ସବୁ ଖାଦ୍ୟ ରାସ୍ତାକଡ଼ରେ ବା ବଡ଼ ହୋଟେଲରେ ପ୍ରସ୍ତୁତ ହେଉଛି ତାହା ସମୟ ସମୟରେ ରାଜ୍ୟ ସରକାରଙ୍କ ଫୁଡ୍ ଇନ୍ସପେକ୍ଟରମାନେ ତଦାରଖ କରିବା ଉଚିତ । ସେହି ଅନୁସାରେ ନିଜ ରିପୋର୍ଟ ପ୍ରସ୍ତୁତ କରି ତା'ଉପରେ କାର୍ଯ୍ୟାନୁଷ୍ଠାନ କରିବା ଦରକାର। କିନ୍ତୁ ସବୁ ସ୍ଥାନର ମ୍ୟୁନିସିପାଲିଟି ଅଧିକାରୀମାନେ ଦୋକାନୀଙ୍କଠାରୁ ଘୁସ୍ ନେଇ ଚୁପ୍ ରହିଯାଉଛନ୍ତି । ଫଳ ସ୍ୱରୂପ ଅଖାଦ୍ୟ ଖାଇ ଲୋକମାନେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି । ଏହା ସମ୍ପୂର୍ଣ୍ଣ ରୂପେ ସରକାରୀ ଅଧିକାରୀଙ୍କ ଅପାରଗତା କାରଣରୁ ହେଉଛି। ଦୋକାନୀମାନେ ମଧ୍ୟ ବାସିଖାଦ୍ୟ ବିକ୍ରି କରିବାକୁ କୁଣ୍ଠାବୋଧ କରୁନାହାନ୍ତି । ରାଜ୍ୟରେ ଖାଲି ପଡ଼ିଥିବା ଫୁଡ୍ ଇନ୍ସପେକ୍ଟର ପଦବୀ ପୂରଣ ହେଉନାହିଁ ଆଉ ଯେଉଁମାନେ ଅଛନ୍ତି ସେମାନେ ଦୁର୍ନୀତିରେ ଉବୁଟୁବୁ। ଲୋକ ମଲେ କେତେ ବା ଅସୁସ୍ଥ ହେଲେ କେତେ ସେମାନଙ୍କ କିଛି ଯାଏ ଆସେ ନାହିଁ । ସେମାନେ କେବଳ ଦୋକାନୀଙ୍କଠାରୁ ଟଙ୍କା ନେବା ମତଲବ । ଏହି ବ୍ୟବସ୍ଥା ପୂରା ମାତ୍ରାରେ ସୁଧୁରିବା ଦରକାର ।

**-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''କ୍ଷଣିକ ଆଘାତ ଆସେ କ୍ଷଣ ପରେ
ଭୁଲିଯାଏ ନର,
ଭାବେ ଏଥି ନାହିଁ କ୍ଷତି ନାହିଁ ଲାଭ ନାହିଁ
ଜୀବନର,
ଜ୍ଞାନର ଛଳନା କରି କହେଁ ଏଥି ଚିତ୍ତ
ବିଚଳିତ ହେବା ଅନୁଚିତ।''
(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସକାଳେ ହେଲା ମହାପ୍ରଭୁଙ୍କ ରାତ୍ର ପହୁଡ଼

ପୁରୀ, ୩୦।୭(ଅଜିତ୍ ମହାନ୍ତି)



### ନୀତି ବିଳମ୍ବକୁ ନେଇ ବଢୁଛି ଅସନ୍ତୋଷ

### ରବିବାର ଭକ୍ତଙ୍କ ଲମ୍ବା ଲାଇନ

ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇଆସୁଥିବା ବେଳେ ଏନେଇ ଅନେକ ସମୟରେ ବୈଠକ କରିଛି। ମାତ୍ର ମହାପ୍ରଭୁଙ୍କ ନୀତିରେ ବାରମ୍ବାର ବିଳମ୍ବ ତଥା ବିଶୃଙ୍ଖଳା ହେଉଥିବା ଦେଖିବାକୁ ମିଳୁଛି। କେତେବେଳେ ଶ୍ରୀବିଗ୍ରହଙ୍କ ନିକଟରେ ମହାପ୍ରସାଦ ବିଳମ୍ବ ଲାଗିବା ପରିଲକ୍ଷିତ ହେଉଛି ତ ପୁଣି କେତେବେଳେ ମହାପ୍ରଭୁଙ୍କ ପହୁଡ଼ ହୋଇପାରୁ ନାହିଁ। ଫଳରେ ଶ୍ରୀବିଗ୍ରହମାନେ ରାତିଅନିଦ୍ରା ରହୁଛନ୍ତି। ଏପରିକି ଖରାବେଳେ ହେବାକୁ ଥିବା ନୀତି ବିଳମ୍ବ ହୋଇ ରାତିରେ ହେଉଛି ତ ପୁଣି ମହାପ୍ରଭୁଙ୍କ ରାତ୍ର ପହୁଡ ସକାଳୁ ହେଉଛି। ଯାହାକୁ ନେଇ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ମୁଖ୍ୟତଃ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବକମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ମହାପ୍ରଭୁଙ୍କ ନୀତିରେ ଅହେତୁକ ବିଳମ୍ବ ବାରମ୍ବାର ପରିଲକ୍ଷିତ ହେଉଛି। ଅପରପକ୍ଷେ ପ୍ରଶାସନର ଉଦାସୀନ ପାଇଁ ଏପରି ଘଟୁଥିବା ଅନେକ ଭକ୍ତ ଅଭିଯୋଗ କରିଛନ୍ତି। ଶ୍ରୀମନ୍ଦିରରେ ନୀତିରେ ଶୃଙ୍ଖଳା ଆଣିବା ନିମନ୍ତେ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ, ସ୍ଥାୟୀ ମୁଖ୍ୟ ପ୍ରଶାସକ ନିଯୁକ୍ତି ହୋଇଛନ୍ତି। ମାତ୍ର ସ୍ଥାୟୀ ପ୍ରଶାସକ ନିଯୁକ୍ତି ପରଠାରୁ ବିଭିନ୍ନ ବିଭ୍ରାଟ ଦେଖିବାକୁ ମିଳିଛି। ଚଳିତ ବର୍ଷ ରଥ ଯାତ୍ରା ସମୟରେ ନୀତିରେ ବିଳମ୍ବ, ମହାପ୍ରଭୁଙ୍କ ବନକଲାଗି ନୀତିକୁ ନେଇ ଦତ୍ତ ମହାପାତ୍ର ସେବକ ଏବଂ ପ୍ରଶାସନ ମଧ୍ୟରେ ବିବାଦ ରହିଥିଲା। ଏହି ବିବାଦ ଥମି ନଥିବାବେଳେ ପୁଣି ଶନିବାର ମହାପ୍ରଭୁଙ୍କ ନୀତିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଶନିବାର ମହାପ୍ରଭୁଙ୍କ ରାତ୍ରପହୁଡ଼ ରାତିରେ ନହୋଇ ରବିବାର ସକାଳ ୬ଟା ୨୦ରେ ସମ୍ପନ୍ନ ହୋଇଥିଲା। ଫଳରେ ରବିବାର ଶ୍ରୀମନ୍ଦିର ଦ୍ୱାର ସକାଳ ୭ଟା ୨୦ରେ ଖୋଲାଯାଇ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତମାନେ ଠିଆ ହୋଇ ରହିଥିଲେ। ଯାହାକୁ ନେଇ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ସୂଚନାଯୋଗ୍ୟ ଶନିବାର ଶ୍ରୀମନ୍ଦିରରେ ନକ୍ଷତ୍ର ବନ୍ଦାପନା ନୀତି ସହ ହରିଶୟନ ନୀତି ରହିଥିଲା। ଯେଉଁଥିପାଇଁ ନୀତି ବଳମ୍ବ ହୋଇଥିଲା। ହରିଶୟନ ନୀତି ଭୋର ୫ଟା ୫୫ ରେ ସମ୍ପନ୍ନ ହୋଇଥିଲା। ପର ମହାପ୍ରଭୁଙ୍କ ରାତ୍ର ପହୁଡ ସକାଳ ୬ଟା ୨୦ରେ ଅନୁଷ୍ଠିତ ହୋଇଥିଲା। ସକାଳ ୬ଟା ୧୫ରେ ଦ୍ୱାର ଫିଟା ହୋଇ ଅନ୍ୟାନ୍ୟ ନୀତି ହୋଇ ସକାଳଧୂପ ୧୨ଟା ୧୫ରେ ଶେଷ ହୋଇଥିଲା। ପରେ ଭୋଗ ମଣ୍ଡପ, ମଇଲମ ପରେ ଯାତ୍ରାଙ୍ଗୀ ମହାସ୍ନାନ କରାଯାଇଥିଲା। ପରେ ଘଣ୍ଟଛତା ସର୍ବାଙ୍ଗ ୪ଟା ୩୦ରେ କରାଯାଇ, ବେଶ ଶେଷ ହୋଇଥିଲା ଅପରାହ୍ନ ୫ଟାରେ, ସନ୍ଧ୍ୟା ୬ଟା ୪୦ରେ ମଧ୍ୟାହ୍ନ ଧୂପ ଶେଷ ହୋଇଥିଲା। ନକ୍ଷତ୍ର ବନ୍ଦାପନା ୭ଟା ୨୫ରେ ସମ୍ପନ୍ନ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ଏକାଦଶୀ ସର୍ବାଙ୍ଗ ହୋଇଥିଲା ରାତି ୧୦ ଟା। ପରେ ବେଢା ଓ ଅନ୍ୟାନ୍ୟ ନୀତି ସରି ରାତି ୧୨ଟା ୨୦ରେ ସନ୍ଧ୍ୟା ଧୂପ ସରିଥିଲା। ଚନ୍ଦନଲାଗି ସରି ବଡ ସିଂହାର ବେଶ, ଭୋଗ ସରିବା ପରେ ମହାସ୍ନାନ ପୂଜା ଶେଷ ହୋଇଥିଲା ୩ଟା ୩୫ରେ ପରେ ଶୟନ ନୀତି ଆରମ୍ଭ ହୋଇଥିଲା। ଶୟନ ନୀତି ରବିବାର ଭୋର ୫ଟା ୫୫ରେ ଶେଷ ହୋଇ ରାତ୍ର ପହୁଡ ହୋଇଥିଲା ସକାଳ ୬ଟା ୨୦ରେ ହୋଇଥିଲା। ରାତି ପହୁଡ ସକାଳେ ହେବାକୁ ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ପରିଲକ୍ଷିତ ହୋଇଛି। ଅପରପକ୍ଷେ ଶନିବାର ଭଳି ରବିବାର ମଧ୍ୟ ପୁରୀରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଭକ୍ତମାନେ ଲମ୍ବା ଲାଇନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଘଣ୍ଟା ଧରି ବଡ଼ଦାଣ୍ଡରେ ଠିଆ ହୋଇରହିଥିଲେ। ମରିଚିକୋଟ ପର୍ଯ୍ୟନ୍ତ ଭକ୍ତମାନଙ୍କ ଲାଇନ ଲମ୍ବି ରହିଥିଲା। ଭକ୍ତମାନେ ଯେପରି ଅଣଃନିଶ୍ୱାସୀ ନହେବେ ସେଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ଛିଞ୍ଚନ କରାଯାଇଥିଲା। ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ବ୍ୟାରିକେଡ ଦେଇ ଭିତରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଅନ୍ୟ ଦ୍ୱାର ଦେଇ ବାହାରକୁ ବାହାରିଥିଲେ। ପ୍ରବଳ ଭକ୍ତଙ୍କ ସମାଗମ ଫଳରେ ପୁରୀରେ ଟ୍ରାଫିକ ସମସ୍ୟା ମଧ୍ୟ ପରିଲକ୍ଷିତ ହୋଇଥିଲା।

## ବିଜେବିରେ ଚଳିତବର୍ଷରୁ ୨୦ ବିଷୟରେ ପିଜି ପାଠପଢ଼ା

### ଆଜିଠୁ ନାମଲେଖା

**ଭୁବନେଶ୍ୱର,୩୦।୭(ଅନୁରାଧା ମହାରଣା):** ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତବର୍ଷଠାରୁ ୨୦ ବିଷୟରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ପାଠପଢ଼ା ହେବ। ଏଥିପାଇଁ ସୋମବାରଠାରୁ ନାମଲେଖା ଆରମ୍ଭ ହେଉଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ଏକକ ପିଜି ପ୍ରବେଶିକା ପରୀକ୍ଷାରେ ମନୋନୀତ ଛାତ୍ରୀଛାତ୍ର ଏଥିରେ ନାମ ଲେଖାଇବାକୁ ସୁଯୋଗ ପାଇବେ। ଚଳିତବର୍ଷ ରସାୟନ ବିଜ୍ଞାନ, ବାଣିଜ୍ୟ, ଅର୍ଥନୀତି, ଇଂଲିଶ, ଇତିହାସ, କମ୍ପ୍ୟୁଟର ସାଇନ୍ସ, ଏମ୍ଏସ୍ଡବ୍ଲ୍ୟୁ, ଓଡ଼ିଆ, ପଦାର୍ଥ ବିଜ୍ଞାନ, ରାଜନୀତି ବିଜ୍ଞାନ, ସୋସିଓଲୋଜି ଓ ନୃତତ୍ତ୍ୱ ଆଦି ବିଷୟରେ ୩୨ଟି ଲେଖାଏ ଆସନ ରହିଛି। ସେହିପରି ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଭୂଗୋଳ, ହିନ୍ଦୀ, ଗଣିତ, ଫିଲୋଶଫି, ସାଇକୋଲୋଜି ଓ ସଂସ୍କୃତ ଆଦି ବିଷୟରେ ୧୬ଟି ଲେଖାଏ ଆସନ ରହିଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ଏସ୍ଓପି ଆଧାରରେ ଏହି ନାମଲେଖା ଅନୁଷ୍ଠିତ ହେବ ବୋଲି ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୩୦।୭ (ସୂର୍ଯ୍ୟକାନ୍ତ ବେହେରା):** ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ସାଲିଆ ସାହିରେ ରହୁଥିବା ରାଜସ୍ଥାନର ମିନା କୁମାରୀ (୨୩)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିନା ବିବାହ ପରେ ନିଜ ସାନ ଭଉଣୀ ଓ ସ୍ୱାମୀ ସହ ଭୁବନେଶ୍ୱର ଚାଲିଆସି ସାଲିଆସାହିରେ ଭଡା ନେଇ ରହୁଥିଲେ। ଭଉଣୀ କାହା ସହ ୨ଦିନ ତଳେ କେଉଁଆଡେ ଫେରାର ହୋଇଯିବା ପରେ ମାନସିକ ଚାପରେ ରହୁଥିଲେ ମିନା। ଶନିବାର ରାତିରେ ସ୍ୱାମୀ ଶୋଇବା ପରେ ସେ ଅଲଗା ରୁମ୍‌କୁ ଚାଲିଆସି ନିଜ ପିନ୍ଧାଲୁଗାକୁ ପଙ୍ଖାରେ ବାନ୍ଧି ଝୁଲିପଡିଥିବା ପୋଲିସ ସନ୍ଦେହ କରୁଛି।



ମଣିପୁରରେ ଶାନ୍ତି ଓ ସଦ୍‌ଭାବନା ଫେରାଇ ଆଣିବା ପାଇଁ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଓଡ଼ିଶା ନାଗରିକ ସଂଗଠନ ସମୂହ ଏବଂ ବୁଦ୍ଧିଜୀବୀମାନେ ପ୍ରବଳ ବର୍ଷା ସତ୍ତ୍ୱେ କ୍ୟାଣ୍ଡେଲ ଜାଳି ଶାନ୍ତି ପ୍ରତିଷ୍ଠା ପାଇଁ ନିବେଦନ କରୁଛନ୍ତି। (ଫଟୋ-ଅନୁରାଧା)

## ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ ଦୀପଦାନ

ଭୁବନେଶ୍ୱର,୩୦।୭ (ଅନୁରାଧା ମହାରଣା)

ଗତ ୩ ମାସ ଧରି ମଣିପୁରରେ ନିରନ୍ତର ହିଂସା, ବ୍ୟଭିଚାର, ସାମ୍ପ୍ରଦାୟିକତା ମନୋଭାବ ଭାରତବାସୀଙ୍କୁ ଲଜ୍ଜିତ କରିଥିବାବେଳେ ସେଠାକାର ଜନ ଜୀବନକୁ ନଷ୍ଟ କରିଚାଲିଛି। ଏଥିପାଇଁ ଓଡ଼ିଶାର ନାଗରିକ ସମୂହ, ବୁଦ୍ଧିଜୀବୀ, ଛାତ୍ର ସଂଗଠନ ଓ ବିଭିନ୍ନ ବର୍ଗର ବ୍ୟକ୍ତି ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ସାମୂହିକ ପ୍ରାର୍ଥନା ସହ ଦୀପଦାନ କରିଛନ୍ତି। ରବିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସତ୍ତ୍ୱେ ମାଷ୍ଟରକ୍ୟାଣ୍ଟିନ ଛକରେ ଏହି ସଦ୍‌ଭାବନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସ୍ତମ୍ଭକାର ତଥା ଭାରତ ନିର୍ବାଚନ ଆୟୋଗର ପୂର୍ବତନ ପରାମର୍ଶଦାତା ଡ. ଭଗବାନ ପ୍ରକାଶ, ବିଶିଷ୍ଟ ଗାନ୍ଧିବାଦୀ ସର୍ବୋଦୟ ନେତା ପଦ୍ମଚରଣ ନାୟକ ଓ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଡ. ଅରୁନ୍ଧତୀ ଦେବୀଙ୍କ ନିବେଦନକ୍ରମେ ବହୁ ସଂଖ୍ୟାରେ ନାଗରିକ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ, ଓଡ଼ିଶା ନାଗରିକ ସମାଜ ସଭାପତି ଇଂ. ଲଳିତ ମୋହନ ପଟ୍ଟନାୟକ, ରମାଦେବୀ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଡ. ସୁଶାନ୍ତ ପଟ୍ଟନାୟକ, ଗାନ୍ଧିବାଦୀ ପ୍ରହ୍ଲାଦ ସିଂ, ଖଦିବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ, ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ, ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଓ ପ୍ରଫେସର ରଘୁନାଥ ମଣ୍ଡଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ସୋମ ଓ ବିକ୍ରମ ମହାପାତ୍ର ପରିଚାଳନା କରିଥିବାବେଳେ ଜାତୀୟ ଯୁବ ପ୍ରକଳ୍ପର ଆବାହକ ମଧୁସୂଦନ ଦାସ ଧନ୍ୟବାଦ ଦେଇଥିଲେ।

## ରାଜ୍ୟର ୨୦ ଜେଲରେ ୪୦ ମାନସିକ ରୋଗ ବିଶେଷଜ୍ଞ

### କଏଦୀଙ୍କ ମାନସିକ ପରିବର୍ତ୍ତନ ଆଣିବାକୁ ପଦକ୍ଷେପ

ଭୁବନେଶ୍ୱର,୩୦।୭ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟର ବିଭିନ୍ନ ଜେଲରେ ଭିନ୍ନ ଭିନ୍ନ ଅପରାଧରେ ସମ୍ପୃକ୍ତ କଏଦୀମାନେ ସଜା କାଟୁଛନ୍ତି। କଏଦୀଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ଆଣିବା ଦିଗରେ ଜେଲ ବିଭାଗ ପକ୍ଷରୁ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନିଆଯାଉଛି। ଏହିକ୍ରମରେ ମାନସିକ ଚାପରେ ରହୁଥିବା କଏଦୀଙ୍କୁ ଚାପମୁକ୍ତ କରିବାକୁ ଓଡ଼ିଶାରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜ୍ୟର ୨୦ଟି ଜେଲରେ ୪୦ଜଣ ମାନସିକ ରୋଗ ବିଶେଷଜ୍ଞ (ମେଣ୍ଟାଲ ହେଲ୍‌ଥ ପ୍ରଫେସନାଲ୍‌ସ)ଙ୍କୁ ନିଯୁକ୍ତ କରାଯାଇଥିବା ଜେଲ ଡିଜି ମନୋଜ ଛାବ୍ରା ରବିବାର ସୂଚନା ଦେଇଛନ୍ତି। ନିଯୁକ୍ତ ହୋଇଥିବା ବିଶେଷଜ୍ଞଙ୍କୁ ୨ ଭାଗରେ ବିଭକ୍ତ କରାଯାଇଛି। ତାହା ହେଲା ସାଇକାଟ୍ରିକ୍ ସୋସିଆଲ୍ ୱାର୍କର୍ସ ଓ କ୍ଲିନିକାଲ୍ ସାଇକୋଲୋଜିଷ୍ଟ୍। କଟକ ଚୌଦ୍ୱାର, ଭୁବନେଶ୍ୱର ଝାରପଡା, ବ୍ରହ୍ମପୁର, ସମ୍ବଲପୁର, ପୁରୀ, ରାଉରକେଲା, କୋରାପୁଟ, ବାରିପଦା ଆଦି ୨୦ଟି ଜେଲରେ ଏହି ମାନସିକ ରୋଗୀ ବିଶେଷଜ୍ଞଙ୍କୁ ଅବସ୍ଥାପିତ କରାଯାଇଥିବା ସୂଚନା ଦିଆଯାଇଛି। ତେବେ ଓଡ଼ିଶାରେ ଏଭଳି ପଦକ୍ଷେପ ସାରା ଦେଶରେ ପ୍ରଥମ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଜେଲରେ ରହୁଥିବା କଏଦୀମାନଙ୍କୁ ପାଠପଢ଼ାଇବାଠାରୁ ଆରମ୍ଭ କରି ବିଭିନ୍ନ ତାଲିମ ଦିଆଯାଇ ସ୍ୱାବଲମ୍ବୀ କରାଯାଉଥିବା ଡିଜି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜୁହି



@ ଯଶ୍



@ ମାନସ



@ ପୃଥ୍ୱିରାଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଉଚ୍ଚଶିକ୍ଷା ବିଭାଗକୁ ର୍‍ୟାଙ୍କିଙ୍ଗ ଚିନ୍ତା

ଭୁବନେଶ୍ୱର,୩୦।୭, (ଅନୁରାଧା ମହାରଣା)

ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ, ଭିତ୍ତିଭୂମି ବିକାଶ ସମେତ ବିଭିନ୍ନ କ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅନୁଦାନ ପ୍ରଦାନ କରୁଛନ୍ତି। ମାତ୍ର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଜାତୀୟସ୍ତରରେ ସଫଳତା ହାସଲ କରୁଥିବାବେଳେ ସରକାରୀ ଶିକ୍ଷାନୁଷ୍ଠାନ ପ୍ରଦର୍ଶନ ଏତେ ଭଲ ରହୁନି। ସାରା ଦେଶରେ ଶିକ୍ଷାନୁଷ୍ଠାନକୁ ନେଇ ନିକଟରେ ପ୍ରକାଶିତ ଏନ୍‌ଆଇଆର୍‌ଏଫ ରାଙ୍କିଙ୍ଗ୍ ହେଉ ଅବା ପିଜିଆଇ ରିପୋର୍ଟ - ଏଥିରେ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକର ସନ୍ତୋଷଜନକ ପ୍ରଦର୍ଶନ ରହୁନାହିଁ। ରାଜ୍ୟରେ ନୂଆ ନୂଆ ବିଶ୍ୱବିଦ୍ୟାଳୟ ଖୋଲୁଥିବାବେଳେ ପ୍ରତିଷ୍ଠିତ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଜାତୀୟ ର୍‍ୟାଙ୍କିଙ୍ଗ୍‌ରେ ପଛରେ ରହୁଛନ୍ତି। ଏହାକୁ ନେଇ ଉଚ୍ଚଶିକ୍ଷା ବିଭାଗର ଚିନ୍ତା ବଢ଼ିବା ସହ କାରଣ ଖୋଜିବା ପ୍ରକ୍ରିୟା ଆରମ୍ଭ କରିଛି। ନିକଟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏକ ସମୀକ୍ଷା ବୈଠକ ଡକାଇ ନାକ୍ ମାନ୍ୟତା ଓ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କ ଖସିବା ନେଇ ଆଲୋଚନା କରିଥିଲେ। ଏଥିରେ ସୁଧାର ଅଣାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକ ଆଧାରରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସବୁ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ଆଞ୍ଚଳିକ ନିର୍ଦ୍ଦେଶକମାନେ ତୃଣମୂଳସ୍ତରକୁ ଯାଇ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜଗୁଡ଼ିକର ବିଭିନ୍ନ ସମସ୍ୟା ସମ୍ପର୍କରେ ବିବରଣୀ ପ୍ରଦାନ କରିବେ। ଆବଶ୍ୟକସ୍ଥଳେ ଆଉଟ୍‌ସୋର୍ସିଂ ସଂସ୍ଥାକୁ ମଧ୍ୟ ନିୟୋଜିତ କରାଯିବ ବୋଲି ସୂଚନା ରହିଛି। ଏନେଇ ଏକ ୫ ଜଣିଆ ଟିମ୍ ଗଠନ କରାଯିବ। ଅନ୍ୟପକ୍ଷରେ ଅଧ୍ୟାପକ ଅଭାବ, ଦୁର୍ବଳ ଭିତ୍ତିଭୂମି ଓ ଗବେଷଣା କ୍ଷେତ୍ରରେ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପଛରେ ପଡିଥିବାରୁ ଏସବୁ କ୍ଷେତ୍ରରେ ମଧ୍ୟ ପଦକ୍ଷେପ ନିଆଯିବ। ତେବେ ପ୍ରାରମ୍ଭିକ ଅବସ୍ଥାରେ ଖାଲି ଥିବା ପଦବୀ ତାଲିକା ପ୍ରଦାନ କରିବାକୁ ଶିକ୍ଷାନୁଷ୍ଠାନ ଗୁଡିକୁ କୁହାଯାଇଥିବା ଜଣାପଡିଛି।




ସାଂସ୍କୃତିକୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲର ରବିବାର ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

## ମାଉଣ୍ଟ୍ ଏଲ୍‌ବ୍ରସ୍ ଚଢ଼ିବେ ସୌଭାଗ୍ୟ

ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)



ନୟାଗଡ଼ର ପର୍ବତାରୋହୀ ଆଇରନ୍ ମ୍ୟାନ୍ ସୌଭାଗ୍ୟ କୁମାର ରଥ ଅଗଷ୍ଟରେ ୟୁରୋପ ଓ ରୁଷ୍‌ର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲ୍‌ବ୍ରସ୍ (୧୮୫୧୦ ଫୁଟ ଉଚ୍ଚ) ଆରୋହଣ କରିବେ। ଏଥିପାଇଁ ସେ ଅଗଷ୍ଟ ୫ରେ ଦିଲ୍ଲୀରୁ ମସ୍କୋ ଯାତ୍ରା କରିବେ। ୭ ତାରିଖରେ ମସ୍କୋରୁ 'ମିନେରାଲନୀ ଭଡୀ'ରେ ପହଞ୍ଚିବା ପରେ ୮ ତାରିଖରେ ତାଙ୍କର ଦୁଃସାହସିକ ପର୍ବତାରୋହଣ ଯାତ୍ରା ଆରମ୍ଭ ହେବ। ପୂର୍ବରୁ ସେ ୨୦୧୯ରେ ଜର୍ମାନୀର ହାମ୍ବର୍ଗଠାରେ ଓ ୨୦୨୨ରେ କାଜାକସ୍ଥାନର ଆସ୍ଥାନା ସହରରେ ସଫଳତାର ସହ ଏକକାଳୀନ ସନ୍ତରଣ, ସାଇକ୍ଲିଂ ଓ ଦୌଡ଼ ସମାପ୍ତ କରି ୨ଥର ଆଇରନ ମ୍ୟାନ ଟାଇଟଲ ହାସଲ କରିଛନ୍ତି। ସେହିପରି ଭୃଗୁଲେକ୍, ଫ୍ରେଣ୍ଡ୍‌ଶିପ ପିକ୍, ହମ୍‌ତା ପାସ୍ ଭଳି ଗିରିଶୃଙ୍ଗ ସଫଳତାର ସହ ଆରୋହଣ କରିଛନ୍ତି। ଭବିଷ୍ୟତରେ ସେ ବିଶ୍ୱର ୭ ମହାଦେଶର ସର୍ବୋଚ୍ଚ ୭ ଗିରିଶୃଙ୍ଗ ଆରୋହଣ କରିବାକୁ ଲକ୍ଷ୍ୟ ରଖିଥିବା ସୌଭାଗ୍ୟ କହିଛନ୍ତି।

ତେବେ ସୌଭାଗ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳତା କାମନା କରିବା ପାଇଁ ରବିବାର ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଓଡ଼ିଶା ମିଡିଆ ପ୍ରାଇଭେଟ୍ ଲିମିଟେଡ୍ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ କରୁଣାକର ପଟ୍ଟନାୟକ, ଭାରତ ସରକାରଙ୍କ ପୂର୍ବତନ ମିଡିଆ ପରାମର୍ଶଦାତା ତଥା ଡିଏଭିପିର ପୂର୍ବତନ ମହାନିର୍ଦ୍ଦେଶକ ଡ. ଉମାକାନ୍ତ ମିଶ୍ର ଏବଂ ଲେଖକ ଦାଶ ବେନହୁର ଅତିଥି ଭାବେ ଯୋଗଦେଇ ସୌଭାଗ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସୌଭାଗ୍ୟ ଉପସ୍ଥିତ ରହି ନିଜର ପୂର୍ବ ଅଭିଜ୍ଞତା ବଖାଣିବା ସହ ଆଗାମୀ ଯୋଜନା ସଂକ୍ରାନ୍ତ ତଥ୍ୟ ଓ ସୂଚନା ଉପସ୍ଥାପନ କରିଥିଲେ। କଥାଶିଳ୍ପୀ ତଥା ନୟାଗଡ଼ ବିକାଶ ମଞ୍ଚର ଆବାହକ ଶୁଭ୍ରାଂଶୁ ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ସାମ୍ପାଦିକ ତଥା ମଞ୍ଚର ସହ ଆବାହକ ସୁବ୍ରତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ମଞ୍ଚ ସଦସ୍ୟଙ୍କ ସମେତ ନୟାଗଡ଼ ଜିଲାର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

**ଭାଜପାର ଜନସମ୍ପର୍କ ପଦଯାତ୍ରା**

**ପୁରୁଣା ଭୁବନେଶ୍ୱର,୩୦।୭(ସୁବାସ ଚନ୍ଦ୍ର ପ୍ରଧାନ):** ଏକାମ୍ର ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ୱାର୍ଡ ନମ୍ବର ୫୩ ପଲାସପଲ୍ଲୀ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନସମ୍ପର୍କ ପଦଯାତ୍ରା ପଲାସପଲ୍ଲୀ ଛକ ଲେନ ନମ୍ବର ୧୦ରୁ ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ସୁଶାସନର ବାର୍ତ୍ତା ଘରେ ଘରେ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ, ଭାଜପା ନେତା ସୁରେନ୍ଦ୍ର ପ୍ରଧାନ, ତାପସ ଦଳାଇ, ମଦନମୋହନ ପ୍ରଧାନ, ତୃପ୍ତିମୟୀ ମକଦମ, ସ୍ୱାଗତ ମହାପାତ୍ର, ସ୍ୱପ୍ନା ଦଳାଇ, ବିଦ୍ୟୁଲତା ବଳିୟାରସିଂ, ସବିତା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉଠାଦୋକାନ ଭଙ୍ଗା ପ୍ରତିବାଦରେ ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘର ଶୋଭାଯାତ୍ରା, ଭଗବତୀ ଭବନ, ପୂର୍ବାହ୍ନ ୧୦ଟା।
- ଗୀତ ତରଙ୍ଗ ପକ୍ଷରୁ ମହମ୍ମଦ ରଫିଙ୍କୁ ଶ୍ରଦ୍ଧାଞ୍ଜଳି, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ବର୍ଷା ଉତ୍ସବ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।

# ଡେଙ୍ଗୁରେ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ, ଉତ୍ତେଜନା

### ଖଣ୍ଡନ କଲେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**

କ୍ୟାପିଟାଲ ହସ୍ପିଟାଲରେ ରବିବାର ଜଣେ ପ୍ରସୂତିଙ୍କର ଡେଙ୍ଗୁରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ବୟସ ୨୮ବର୍ଷ ହୋଇଥିବାବେଳେ ସେ ଭିଏସ୍‌ଏସ୍‌ନଗରରେ ରୁହନ୍ତି। ମହିଳା ଜଣକ ପ୍ରସବ ପାଇଁ ଗତ ୨୩ ତାରିଖରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ଅସ୍ତ୍ରୋପଚାର ପରେ ସେ ଜଣେ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ଅପରେଶନ ପୂର୍ବରୁ ହୋଇଥିବା ଟେଷ୍ଟରେ ସେ ଡେଙ୍ଗୁ ଆକ୍ରାନ୍ତ ନ ଥିବାବେଳେ ଅସ୍ତ୍ରୋପଚାର ହେବାର ୨ଦିନ ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଥିଲା। ତେବେ ରବିବାର ଅପରାହ୍ନ ୩ଟାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡେଙ୍ଗୁରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିବା ସହ ଏବାବଦକୁ ଠିକ୍ ଚିକିତ୍ସା କରାଯାଇ ନ ଥିବା ଅଭିଯୋଗ ଆଣିଥିଲେ। ଘଟଣାକୁ ନେଇ ହସ୍ପିଟାଲରେ ବେଶ୍ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଅପରପକ୍ଷେ ଡେଙ୍ଗୁ ଜନିତ ମୃତ୍ୟୁକୁ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ଖଣ୍ଡନ କରିଛନ୍ତି। କେଉଁ କାରଣରୁ ସମ୍ପୃକ୍ତ ମହିଳାଙ୍କର ମୃତ୍ୟୁ ହୋଇଛି ତାହା ଯାଞ୍ଚ କରିବା ପରେ ହିଁ ସ୍ପଷ୍ଟ ହୋଇ ପାରିବ ବୋଲି ଡା. ସାହୁ କହିଛନ୍ତି। ତେବେ ପୂର୍ବରୁ ମଧ କ୍ୟାପିଟାଲ ହସ୍ପିଟାଲରେ ଜଣେ ୬୨ବର୍ଷୀୟ ବୃଦ୍ଧାଙ୍କର ଡେଙ୍ଗୁରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ମାତ୍ର ପରେ ଏହାକୁ କର୍ତ୍ତୃପକ୍ଷ ଖଣ୍ଡନ କରିଥିଲେ। ସେହିଭଳି ଏକ ଘରୋଇ ହସ୍ପିଟାଲରେ ଆଉଜଣଙ୍କର ଡେଙ୍ଗୁରେ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣିଥିଲେ। ଘଟଣାକୁ ନେଇ ସେଠାରେ ବହୁ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଏହି ଘଟଣାର ତଦନ୍ତ କରିଥିଲେ ମଧ ଏଯାଏ ମୃତ୍ୟୁ କାରଣ ସ୍ପଷ୍ଟ କରାଯାଇ ନାହିଁ।

### ରାଜଧାନୀରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ୬୦୦ ମୁହାଁ

ରାଜଧାନୀରେ ଡେଙ୍ଗୁ ସ୍ଥିତି ଧୀରେ ଧୀରେ ସଙ୍ଗୀନ ହେବାରେ ଲାଗିଛି। ଦୈନିକ ପ୍ରାୟ ୪୦ରୁ ୫୦ ରୋଗୀ ବାହାରୁଛନ୍ତି। ଗତ ୨୪ ଘଣ୍ଟାରେ କ୍ୟାପିଟାଲ ହସ୍ପିଟାଲ, ଏମ୍ସ ଓ ଆର୍‌ଏମ୍‌ଆର୍‌ସିରେ ହୋଇଥିବା ନମୁନା ପରୀକ୍ଷାରୁ ୪୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜଧାନୀରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୬୦୦ମୁହାଁ ହୋଇଛି। ଗତଥର ଭଳି ରାଜଧାନୀରୁ ଅଗଷ୍ଟ ଆରମ୍ଭରୁ ମାଳମାଳ ରୋଗୀ ଚିହ୍ନଟ ହୋଇଥିବାରୁ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ବଢ଼ୁଥିବା ସଂଖ୍ୟାକୁ ଲୋକଲୋଚନକୁ ନ ଆଣିବାକୁ ଉଚ୍ଚପଦସ୍ଥ ଅଧିକାରୀ ଫତୁଆରା ଜାରି କରିଥିବାବେଳେ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଲୁଚାଇବା ଭଳି ସଙ୍ଗୀନ ଅଭିଯୋଗ ଅଭିଯୋଗ ଆସୁଛି।

# ମା' ଉଗ୍ରତାରାଙ୍କ ମନ୍ଦିରରୁ ଚୋରି

### ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ନେଇଗଲେ

**ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ଟାଙ୍ଗୀ (ରଘୁନାଥ ସାହୁ)/ ନିରାକାରପୁର, ୩୦।୭ (ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ମୂଳିଝରଗଡ଼ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା'ଉଗ୍ରତାରା ମନ୍ଦିରରୁ ଚୋରି ହୋଇଛି। ଶନିବାର ରାତିରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ସୁନାରୁପା ଅଳଙ୍କାର ମା'ଙ୍କ ମୁକୁଟ, ଅଣ୍ଟା ପଟି, ହାର, ହାତପଲା, ଆଖି, ମଥା ଚିତା, ହାତ ପଟି ନେଇଯାଇଛନ୍ତି। ଏନେଇ ରବିବାର ଅଭିଯୋଗ ପରେ ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମନ୍ଦିରରେ ସୁରକ୍ଷାକର୍ମୀ ଓ ସିସିଟିଭିର ବ୍ୟବସ୍ଥା ଥିବା ବେଳେ ମନ୍ଦିରରୁ ଚୋରି ହେବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ପାଟ୍ରୋଲିଂ କରାଯାଉ ନ ଥିବାରୁ ଚୋରି ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ କିଛିଦିନ ତଳେ ୫-ଟି ସଚିବ ଏହି ମନ୍ଦିର ପରିଦର୍ଶନରେ ଆସି ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ସମୀକ୍ଷା କରିଥିଲେ। ମା'ଙ୍କ ମନ୍ଦିର ଉନ୍ନତୀକରଣ ପାଇଁ ଅର୍ଥ ମଧ ମଞ୍ଜୁର ହୋଇସାରିଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ସୁରକ୍ଷା ପ୍ରସଙ୍ଗକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଘରେ ପଶି ଚୋରି, ୩ ଗିରଫ

**ଭୁବନେଶ୍ୱର,୩୦।୭ (ସୂର୍ଯ୍ୟକାନ୍ତ ବେହେରା):** ଘରେ ପଶି ସାଇକେଲ ଓ ଦାମୀ ଟିଭି ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ୩ ଜଣ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପପୁ ନାୟକ, ଦୀପକ ନାୟକ ଏବଂ ଅନ୍ୟ ଜଣେ ରାଜେନ୍ଦ୍ର ନାୟକ । ସେମାନଙ୍କଠାରୁ ଗୋଟିଏ ସାଇକେଲ ଓ ଟିଭି ଜବତ ହୋଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସୂଚନାନୁସାରେ ଅଭିଯୋଗକାରୀ ଅବିନାଶ ହୋତା ଓ ତାଙ୍କ ପରିବାର ସଦସ୍ୟ ଘରେ ଶୋଇଥିବା ସମୟରେ ଅଭିଯୁକ୍ତମାନେ ତାଙ୍କର ଘରେ ପ୍ରବେଶ କରି ଗୋଟିଏ ବାଇସାଇକଲ ଓ ଏକ ଏଲଇଡି ଟିଭି ଚୋରୀ କରି ନେଇଯାଇଥିଲେ। ଏନେଇ ହୋତା ଭରତପୁର ଥାନାରେ ଅଭିଯୋଗ କରିଥିଲେ ।

### ଚୋରି ସନ୍ଦେହରେ ସହାୟିକାଙ୍କୁ ହତ୍ୟା ଉଦ୍ୟମ

# ଅଭିଯୁକ୍ତ ଘର ମାଲିକ ଗିରଫ

- ସହାୟିକାଙ୍କୁ ମାଡ଼ ମାରି ଘରେ ବନ୍ଧକ ରଖିଥିଲେ
- ଉଦ୍ଧାରବେଳେ ମହିଳା ଏସ୍‌ଆଇଙ୍କୁ ଆକ୍ରମଣ କରିଥିଲେ



**ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଚୋରି ସନ୍ଦେହରେ ସହାୟିକାଙ୍କୁ ଘର ମାଲିକ ବନ୍ଧକ ରଖିବା ସହ ମାଡ଼ମାରି ହତ୍ୟା ଉଦ୍ୟମ କରିଛନ୍ତି। ଏପରିକି ପୋଲିସକୁ ମଧ ଆକ୍ରମଣ କରିଛନ୍ତି। ପୋଲିସ ଟିମ୍ ଆହତ ଅବସ୍ଥାରେ ସହାୟିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଘର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ଶ୍ରୀବିହାରସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିବା ଯାଜପୁର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରି ଅଞ୍ଚଳର ବିଶ୍ୱଜିତ୍ ଦାଶ ଓରଫ ବିଶ୍ୱଦର୍ଶୀ (୪୨)। ବିଶ୍ୱଦର୍ଶୀଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ପୀଡିତା ସହାୟିକା ଜଣକ ସ୍ଥାନୀୟ ଅଞ୍ଚଳରେ ହୋଇଥିବାବେଳେ ସେ ୬ ମାସ ହେବ ବିଶ୍ୱଦର୍ଶୀଙ୍କ ଘରେ କାମ କରି ଆସୁଥିଲେ। ବିଶ୍ୱଦର୍ଶୀଙ୍କୁ ତାଙ୍କ ସ୍ତ୍ରୀ ଛାଡ଼ି ଚାଲିଯାଇଥିବା ବେଳେ ସେ ନିଜ ମା'ଙ୍କ ସହ ରହୁଛନ୍ତି। ତେବେ ରବିବାର ସକାଳେ ସହାୟିକା ଜଣକ କାମ କରିବାକୁ ବିଶ୍ୱଦର୍ଶୀଙ୍କ ଘରକୁ ଯାଇଥିଲେ। ଏହି ସମୟରେ ବିଶ୍ୱଦର୍ଶୀ କବାଟ ବନ୍ଦ କରି ତାଙ୍କୁ ବନ୍ଧକ ରଖିଥିଲେ। ସହାୟିକା ଜଣକ ତାଙ୍କ ଟଙ୍କା ଚୋରି କରି ନେଇଥିବା କହି ବିଶ୍ୱଦର୍ଶୀ ତାଙ୍କ ବେକ ଚିପି ହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ବିଶ୍ୱଦର୍ଶୀଙ୍କ ମା' ପ୍ରତିରୋଧ କରିଥିଲେ। ହେଲେ ସେ ତାଙ୍କ ମା'ଙ୍କୁ ମଧ ମାଡ଼ ମାରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଅଞ୍ଚଳର ଲୋକମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ସେଠାରେ ପହଞ୍ଚି ଡାକିବା ସମୟରେ ବିଶ୍ୱଦର୍ଶୀ ଦୀର୍ଘସମୟ ପର୍ଯ୍ୟନ୍ତ କବାଟ ଖୋଲି ନ ଥିଲେ। ପରେ ପୋଲିସ ଟିମ୍ ତାଲା ଭାଙ୍ଗି ସହାୟିକାଙ୍କୁ ଉଦ୍ଧାର କରିଥିଲା। ତେବେ ଏହି ସମୟରେ ବିଶ୍ୱଦର୍ଶୀ ପୋଲିସ କର୍ମଚାରୀଙ୍କୁ ମଧ ଆକ୍ରମଣ କରିଥିଲେ। ଏକ ପେଚକଶ୍ ଦ୍ୱାରା ଆକ୍ରମଣ କରିବା ଦ୍ୱାରା ଏସ୍‌ଆଇ ଜୁନେଜା କେରକେଟା ଆହତ ହୋଇଥିଲେ। ପରେ ପୋଲିସ ଟିମ୍ ବିଶ୍ୱଦର୍ଶୀଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଏନେଇ ଆହତ ଏସ୍‌ଆଇ ଓ ସହାୟିକାଙ୍କ ପକ୍ଷରୁ ଏତାଲାକ୍ରମେ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

# ଧଉଳି ଚାରୁକଳା ମହାବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ



ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଘାଟନ ଅବସରରେ କୃତି ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କ ସହ ଅତିଥିମାନେ।

### ୨ ଛାତ୍ରୀଛାତ୍ରଙ୍କୁ 'ଅଧୀର କୁମାର ଜେନା ସ୍ମୃତି ସମ୍ମାନ'

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**

ଧଉଳି ଚାରୁକଳା ମହାବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀ ରବିବାର କଳିଙ୍ଗ ଆର୍ଟ ଗ୍ୟାଲେରୀଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ମାହେନ୍ଦ୍ର ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଓଡିଶା ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଏକାଡେମୀ ସଚିବ ତଥା ଚିତ୍ର ଶିଳ୍ପୀ ଡ. ପଞ୍ଚାନନ ସାମଲ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ମୁଖ୍ୟଡ. ଚକ୍ରଧର ବେହେରା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର କୃତି ଛାତ୍ରୀ ସୋଫିଆ ୟାସମିନ୍ ଓ ଛାତ୍ର ସୁବ୍ରତ କୁମାର ମୁଦୁଲିଙ୍କୁ 'ଅଧୀର କୁମାର ଜେନା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଜାତୀୟ ଲଳିତକଳା ଏକାଡେମୀ ପୁରସ୍କାର ପାଇଁ ମନୋନୀତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ନରୋତ୍ତମ ଦାସଙ୍କୁ କଳାକ୍ଷେତ୍ରରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇ ଥିଲା। ପ୍ରଦର୍ଶନୀରେ ୫୦ଟି ଏକ୍ରେଲିକ ଚିତ୍ର, ୧୫ଟି ଭାସ୍କର୍ଯ୍ୟ କଳା, ୧୨ଟିଡ୍ରଇଁ, ୮ଟି ମୁଦ୍ରଣ କଳା, ୧୨ଟି ପାରମ୍ପାରିକ କଳା, ୧୯ଟି ୱାଟରକଲର ଚିତ୍ର ଓ ୬ଟି ବ୍ୟବହାରିକ କଳା ପ୍ରଦର୍ଶିତ ହୋଇଛି। ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ. ହୃଷୀକେଶ ମିଶ୍ର ପୌରହିତ୍ୟ କରିଥିଲେ। ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖିବା ସହ ଚିତ୍ରକଳାଗୁଡ଼ିକୁ ପ୍ରଶଂସା କରିଥିଲେ। ଏହି ପ୍ରଦର୍ଶନୀ ଅଗଷ୍ଟ ୫ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ।

# ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ



**ପୁରୁଣା ଭୁବନେଶ୍ୱର,୩୦।୭(ସୁବାସ ଚନ୍ଦ୍ର ପ୍ରଧାନ):** ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ.୬୬ ରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ରବିବାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ମୂନ୍ ମଣ୍ଡପଠାରୁ ଖଣ୍ଡୁଆଳ ମନ୍ଦିର ପର୍ଯ୍ୟନ୍ତ ୬୪ ଲକ୍ଷ ଟଙ୍କାର ଫେସ୍ ଲିଫ୍ଟିଙ୍ଗ ରାସ୍ତାର ଉଦ୍‌ଘାଟନ, ୭ଲକ୍ଷ ଟଙ୍କାର ରଘୁନାଥ ନଗର ଅଙ୍ଗନୱାଡି କେନ୍ଦ୍ର, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ ୯ ଲକ୍ଷ ଟଙ୍କାର ରଘୁନାଥ ନଗର ଡ୍ରେଣ, ୮ ଲକ୍ଷ ଟଙ୍କାର ରଘୁନାଥ ନଗର ୟୁପି ସ୍କୁଲର ମଧାହ୍ନ ଭୋଜନ ସେଡ୍ ଆଦିର ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, କର୍ପୋରେଟର ଛବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ ନଂ. ଜୋନସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ



**ବାଲକାଟୀ,୩୦।୭(ମନୋଜ ମଣ୍ଡଳ)**

ବାଲକାଟୀସ୍ଥିତ ପ୍ରତାପ ଶାସନ ଡିଗ୍ରୀ କଲେଜ ପଡ଼ିଆରେ ଶନିବାର ବାଲିଅନ୍ତା ବ୍ଲକ ଅଧୀନ ୧୭ ନମ୍ବର ଜୋନସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଜୟଦେବ ନିର୍ବାଚନମଣ୍ଡଳୀରେ ବିଜେଡିର ମଙ୍ଗ ସମ୍ଭାଳୁଥିବା କମଳ ପାତ୍ର ଏହାର ନେତୃତ୍ୱ ନେଇଥିଲେ। ସମ୍ମିଳନୀରେ ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଥିବା ବରଦା ପ୍ରସନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୧୭ ନଂ. ଜିଲା ପରିଷଦ ସଭ୍ୟା କୁନମୁନ୍ ଲେଙ୍କା, ୧୮ନଂ. ଜିଲା ପରିଷଦ ସଦସ୍ୟ ମଙ୍ଗରାଜ ବେହେରା, ୧୬ନଂ. ଜିଲା ପରିଷଦ ସଦସ୍ୟ ମହେଶ୍ୱର ଦାସ, ବାଲିପାଟଣା ଜିଲା ପରିଷଦ ସଦସ୍ୟ ପବିତ୍ର ମୋହନ ପଟେଲ, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ବାଲିଅନ୍ତା ବ୍ଲକ ବିଜେଡି ସଭାପତି କିଶୋର ଜେନା, ପ୍ରତାପ ଶାସନ ସରପଞ୍ଚ ରୀନା ବେହେରାଙ୍କ ସମେତ ଉଭୟ ବ୍ଲକର ଯୁବ ଓ ଛାତ୍ର ନେତା, କର୍ମୀ ଉପସ୍ଥିତ ଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ବିଜୟୀ କରିବାକୁ ସମବେତ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ।

### ବ୍ୟାଙ୍କ୍ ମ୍ୟାନେଜରଙ୍କଠାରୁ ସୁନା ଚେନ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିଲେ

# ଲୁଟେରା ଗ୍ୟାଙ୍ଗ ଧରାପଡ଼ିଲା, ୩ ଗିରଫ

**ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)**

ଏସ୍‌ବିଆଇର ପଳାଶୁଣୀ ବ୍ରାଞ୍ଚ ମ୍ୟାନେଜରଙ୍କଠାରୁ ସୁନା ଚେନ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଏକ ଲୁଟେରା ଗ୍ୟାଙ୍ଗକୁ ମଞ୍ଚେଶ୍ୱର ପୋଲିସ ଧରିଛଇ। ଏଥିସହ ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ୟୁନିଟ-୮ ବାୟାବାବା ବସ୍ତିରେ ରହୁଥିବା କଟକ ଜିଲା ମଙ୍ଗଳାବାଗ ଥାନା ଅଞ୍ଚଳର ସେକ୍ ସୋନୁ ଓରଫ ସାହିଲ (୨୨), ଗ୍ରୀଡ୍‌କୋ କଲୋନିରେ ରହୁଥିବା କଟକ ଜିଲା ବାଙ୍କୀ ଅଞ୍ଚଳର ପିଣ୍ଟୁନ୍ କୁମାର ଦଳେଇ ଓରଫ ଦିପୁ (୨୭) ଓ ମାହାଙ୍ଗା ଅଞ୍ଚଳର ସାଜାଦ୍ ଖାନ୍ (୩୧)। ଅଭିଯୁକ୍ତଙ୍କ ପାଖରୁ ଗୋଟିଏ ବାଇକ୍, ୫ଟି ମୋବାଇଲ ଓ ଏକ ଛିଡ଼ିଯାଇଥିବା ସୁନା ଚେନ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଦିପୁଙ୍କ ନାମରେ ବାଙ୍କୀ, ଶହୀଦନଗର ଓ ଖାରବେଳନଗର ଥାନାରେ ୧୨ଟି ମାମଲା ରହିଛି। ସେହିପରି ସୋନୁଙ୍କ ନାମରେ ଚନ୍ଦକା, ଶହୀଦନଗର ଓ ବାଦାମବାଡ଼ି ଥାନାରେ ୭ଟି ମାମଲା ଥିବାବେଳେ ସାଜାଦ୍‌ଙ୍କ ନାମରେ ବାଲିଅନ୍ତା, ଭରତପୁର ଓ କ୍ୟାପିଟାଲ ଥାନାରେ ୩ଟି ମାମଲା ରହିଛି।



ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କିଛିମାସ ହେଲା ରାଜଧାନୀ ସମେତ ଅନ୍ୟାନ୍ୟ ସ୍ଥାନରେ ଲୁଟ୍‌ପାଟ କରୁଥିଲେ। ଜୁଲାଇ ୨୪ ସକାଳେ ପଳାଶୁଣୀ ଏସ୍‌ବିଆଇ ବ୍ରାଞ୍ଚ ମ୍ୟାନେଜର ମାନସ ମହାନ୍ତି ପ୍ରାତଃଭ୍ରମଣରେ ଯାଉଥିବା ସମୟରେ ଅଭିଯୁକ୍ତମାନେ ଏକ ବାଇକରେ ପଛପଟୁ ଆସି ମାନସଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଯାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୦୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିଭଳି ଜୁଲାଇ ୨୭ରେ ଅଭିଯୁକ୍ତମାନେ ରାତି ପ୍ରାୟ ୧୦ଟାବେଳେ ରସୁଲଗଡ଼ ଛକରୁ ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍ କରିଥିଲେ। ଏନେଇ ପୋଲିସ ମଧ ଏକ ମାମଲା (ନଂ.୩୧୧/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

# ଭାରତଭିଲା, ଶିବଶକ୍ତି ନଗରକୁ ପକ୍କା ରୋଡ଼ରେ ସାମିଲ କରାଯିବ



ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ।

**ବାଲିଅନ୍ତା,୩୦।୭(ନୀଳମାଧବ ସାହୁ)**

ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ଅଧୀନ ଭାରତଭିଲା ଓ ଶିବଶକ୍ତି ନଗରକୁ ରବିବାର ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଗସ୍ତରେ ଆସି ରାସ୍ତାଘାଟ, ଡ୍ରେନ ଓ ଷ୍ଟ୍ରିଟଲାଇଟ ସମସ୍ୟାକୁ ଅନୁଧ୍ୟାନ କରିଛନ୍ତି। ପୁରୀ ମୁଖ୍ୟ କେନାଲରୁ ଏହି ୨ଟି ଅଞ୍ଚଳକୁ ସଂଲଗ୍ନ ମୁଖ୍ୟ ଓ ଅନ୍ୟ ସଂଯୋଗୀକରଣ ରାସ୍ତାକୁ ଖୁବ୍‌ଶୀଘ୍ର ପକ୍କା ରାସ୍ତାରେ ପରିଣତ କରାଯିବ ବୋଲି ବିଧାୟକ ରାଉତ କହିଛନ୍ତି। ପ୍ରଥମେ ବିଧାୟକ ରାଉତ ଭାରତ ଭିଲା ଅଞ୍ଚଳକୁ ଚାଲିଚାଲି ଯାଇ ରାସ୍ତା ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିଥିଲେ। ରାଜଧାନୀ ଅଞ୍ଚଳରେ ଥାଇ ମଧ କଚ୍ଚା ରାସ୍ତାରେ ଲୋକେ ଯାତାୟାତ କରୁଥିବାରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଥିଲେ। ଏଥିସହ ଡ୍ରେନ ହେଲେ ରାସ୍ତାରେ ଜମୁଥିବା ପାଣି ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ। ପରେ ଶିବଶକ୍ତି ନଗର ଅଞ୍ଚଳକୁ ବୁଲିବାକୁ ଯାଇ ରାସ୍ତାଘାଟର ସ୍ଥିତି ପରଖିଥିଲେ। ସେଠାରେ ନଗର ୱେଲଫେୟାର ଆସୋସିଏଶନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆସୋସିଏଶନ ସମ୍ପାଦକ ପ୍ରତାପ ଷଡ଼ଙ୍ଗୀ ନଗରର ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ରାଉତ ତାଙ୍କ ଅଭିଭାଷଣରେ ସମସ୍ତ କଚ୍ଚା ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରାଯିବ। ଖାଲଖମା ରାସ୍ତାକୁ ଅସ୍ଥାୟୀ ଭାବେ ଡଷ୍ଟ ପକାଯାଇ ସମତୁଲ କରାଯିବ ବୋଲି କହିଥିଲେ। ଏହି ବୈଠକରେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ଅର୍ଚ୍ଚନା ମଲ୍ଲ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ବେଣୁଧର ମିଶ୍ର ଧନ୍ୟବାଦ ଦେଇଥିଲେ।

### ଉତ୍କଳ ସାହିତ୍ୟ ସମାଜର ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ

# ଜଷ୍ଟିସ୍ ଦୀପକ ମିଶ୍ର ପାଇଲେ 'ଉତ୍କଳ ରତ୍ନ'

### ବିଭିନ୍ନ କ୍ଷେତ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ

**କଟକ,୩୦।୭ (କାର୍ତ୍ତିକ ସାହୁ)**

କଟକ ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜର ୧୨୧ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ସାହିତ୍ୟିକମାନେ ସମାଜର ବାର୍ତ୍ତାବହ। ଲେଖକମାନଙ୍କର ତ୍ୟାଗ ଓ ନିଷ୍ଠାରେ ସମାଜ ଗୌରବାନ୍ୱିତ। ବରେଣ୍ୟ ଅତିଥି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର କହିଲେ, ମା' କୋଳରେ ବଢ଼ି, ପରିବାର ଭିତରେ ବଢ଼ହୋଇ ମଣିଷ ସମାଜ କୋଳକୁ ଆସେ। ସମାଜ ତାକୁ ରୂପରେଖ ଦେଇଥାଏ। ସେହି ରୂପରେଖ ପାଇଁ ପ୍ରତ୍ୟେକ ବ୍ୟକ୍ତି କେତେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପାଖରେ ଋଣୀ। ଶତାୟୁ ଉତ୍କଳ ସାହିତ୍ୟ ସମାଜ ଏହିପରି ଏକ ପ୍ରତିଷ୍ଠିତ ଅନୁଷ୍ଠାନ। ଏଥିପାଇଁ ମୁଁ ଗୌରବାନ୍ୱିତ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି କିସ୍ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ରିସର୍ଚ୍ଚ ଚେୟାରର ପ୍ରଫେସର ଡ. ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ଏହି ଅବସରରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କୁ ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ ସମ୍ମାନ 'ଉତ୍କଳ ରତ୍ନ' ପ୍ରଦାନ କରାଯାଇଥିଲା। ସେହିପରି ରାଧାମୋହନ ମହାପାତ୍ରଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ସଂଯୁକ୍ତା ମହାନ୍ତିଙ୍କୁ ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ମନ୍ମଥ କୁମାର ଶତପଥୀଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ଡ. କମ୍ବୁପାଣି ସାମନ୍ତଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସାହିତ୍ୟ ସମ୍ମାନ, ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, ତ୍ରିପୁରା ମିଶ୍ରଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, ରମେଶ ଚନ୍ଦ୍ର ରଥ(ଚେତନା)ଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, ଚୈତନ୍ୟ କୁମାର ସାହୁଙ୍କୁ ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଅପର୍ଣ୍ଣା ମିଶ୍ରଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ସତ୍ୟନାରାୟଣ ମହାପାତ୍ରଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ, ଦେବୁ ଚାଟାର୍ଜୀଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ଡ. ରମାକାନ୍ତ ମହାପାତ୍ରଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, କାହ୍ନୁଚରଣ ଲେଙ୍କାଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ବାବାଜି ଚରଣ ଜେନାଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଗୋପୀନାଥ ବେହେରାଙ୍କୁ କବିଚନ୍ଦ୍ର ସଙ୍ଗୀତଗୁରୁ ସମ୍ମାନ, ସ୍ୱରୂପା ଚକ୍ରବର୍ତ୍ତୀଙ୍କୁ ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ, ବିଶ୍ୱକେଶ ତ୍ରିପାଠୀଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଇଂ. ସୌରାଂଶୁ ପଟ୍ଟନାୟକଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଙ୍ଗଠକ ସମ୍ମାନ, ସୁଜିତ୍ କୁମାର ପଣ୍ଡାଙ୍କୁ କୈଳାସ ଚନ୍ଦ୍ର ସିଂହ ଯୁବ ସାରସ୍ୱତ ସମ୍ମାନ, ନଳିନୀକାନ୍ତ ନନ୍ଦ (ଏସ୍.ବି. ପବ୍ଲିଶର୍ସ)ଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, ସୁଶାନ୍ତ କୁମାର ନାୟକଙ୍କୁ ବାଗ୍ମୀ ବିଶ୍ୱନାଥ କର ସମ୍ପାଦନା ସମ୍ମାନ ଓ ରାଜବଲ୍ଲଭ ସାହୁଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଛି।



ସମାରୋହରେ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କୁ 'ଉତ୍କଳ ରତ୍ନ' ପ୍ରଦାନ କରାଯାଉଛି।

ଏଥିସହ ପ୍ରତିଭା ପ୍ରଣାମ-୨୦୨୩ ଓ ଅନୁଷ୍ଠାନର ବାର୍ତ୍ତାପତ୍ର ସାହିତ୍ୟ ସନ୍ଦେଶ ଉନ୍ମୋଚିତ ହୋଇଥିଲା।

ଅନୁଷ୍ଠାନ ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ରଶ୍ମିତା ସାମନ୍ତରାୟ, ଅଜୟ କୁମାର ମହାନ୍ତି ଓ ଦେବ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ଜୀବନାନନ୍ଦ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବି ସମ୍ମିଳନୀକୁ କବି ବନଜ ଦେବୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶ ଯୋଗଦେଇଥିଲେ। ଡ. ସୁରଞ୍ଜନ ଲେଙ୍କା, ସୁକାନ୍ତି ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଡ. ଗାୟତ୍ରୀ ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜୁଡୋରେ ସ୍ୱର୍ଣ୍ଣ ପଦକ ଜିତିଲେ ପ୍ରିସ୍କିଲା



ବେଗୁନିଆ,୩୦।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ୭ମ ଶ୍ରେଣୀର ଛାତ୍ରୀ ପ୍ରିସ୍କିଲା କୁଡୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବେଗୁନିଆର ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଓ ଆଇନଜୀବୀଙ୍କ ମହଲରୁ ତାଙ୍କୁ ସ୍ୱାଗତ ଜଣାଇବା ସହ ଶୁଭେଚ୍ଛା ବାର୍ତ୍ତା ଦିଆଯାଇଛି। ବାପା ରବି ନାରାୟଣ ନାଗ ଓ ମା' କବିତାଙ୍କ ଏକମାତ୍ର ଝିଅ ପ୍ରିସ୍କିଲା। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଶିକ୍ଷା ଅନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି। ସୁନ୍ଦରପଦାସ୍ଥିତ କୁଡୋ ସେଣ୍ଟରରେ ଅଭ୍ୟାସ କରୁଥିଲେ। କୋଚ ଅଜୟ କୁମାର ବେହେରା ପ୍ରିସ୍କିଲାଙ୍କୁ ଗାଇଡ କରୁଥିଲେ। ତେବେ କଟକ ଜିଲା ତ୍ରିଶୂଳିଆଠାରେ ଚତୁର୍ଥ ବାର୍ଷିକ କୁଡୋ ପ୍ରତିଯୋଗିତା ଉତ୍ସବ ହୋଇଥିଲା। ଏଥିରେ ବିଭିନ୍ନ ଜିଲାର ପିଲାମାନେ ଅଂଶଗ୍ରହଣ କରିଥିଲେ। ବାଳିକା ବର୍ଗର ପ୍ରିସ୍କିଲା ୭୦କେଜି କୁଡୋରେ ସ୍ୱର୍ଣ୍ଣ ପଦକ ହାସଲ କରି ବେଗୁନିଆ ବାସୀଙ୍କ ପାଇଁ ଗୌରବ ଆଣିଛନ୍ତି।

### ସେବାସଂଘ ପକ୍ଷରୁ ସରପଞ୍ଚଙ୍କୁ ସମ୍ବର୍ଦ୍ଧନା

ବୋଲଗଡ,୩୦।୭(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅନ୍ତର୍ଗତ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁଙ୍କୁ ରାସୋଳ ମା'କୁଣ୍ଡାଖାଇ ସେବାସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ସ୍ୱାଇଁ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ସହିତ ଉକ୍ତ ଅନୁଷ୍ଠାନର ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଭାପତି ପ୍ରକାଶ କୁମାର ନାୟକ, ସମ୍ପାଦକ ସତ୍ୟନାରାୟଣ ବାରିକ, ଉପଦେଷ୍ଟା ପ୍ରଦୀପ କୁମାର ପାଲଟାସିଂ, ପୂର୍ଣ୍ଣଚନ୍ଦ୍ର ଜେନା, କିଶୋର ଦାସ, ପବିତ୍ର ବେହେରା, ମଧୁସୂଦନ ବାରିକ, ସୁବ୍ରତ ସାହୁ, ବାଳକୃଷ୍ଣ ସାହୁ, ବୁଦ୍ଧିନାଥ ବେହେରା ପ୍ରମୁଖ ଯୋଗଦେଇଥିଲେ। ମା'କୁଣ୍ଡାଖାଇ ସେବାସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ରାସୋଳ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସାନ କଟୁରି ଚୋଟରେ ବଡ଼ଭାଇ ଗୁରୁତର

ନିମାପଡ଼ା,୩୦।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ମହାବୀର କଲୋନୀରେ ପାରିବାରିକ ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ଫଳରେ ସାନଭାଇ କଟୁରି ଚୋଟରେ ବଡ଼ଭାଇ ଗୁରୁତର ହୋଇଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ନିମାପଡ଼ା ମେଡିକାଲ ଓ ଅବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗୁରୁତର ବ୍ରଜେଶ୍ୱର ପ୍ରସାଦଙ୍କ ସ୍ତ୍ରୀ ଅମୃତା ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୬୧/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ମୋ ବସ୍ ଚାଳକଙ୍କୁ ଆକ୍ରମଣ ଘଟଣା: ଫେରାର ଅଭିଯୁକ୍ତ ଗିରଫ

ନିମାପଡ଼ା,୧୦।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଧିରପୁରଛକ ଠାରେ ଗତ ଜୁନ୍ ୧୪ରେ ମୋ ବସ୍ ଚାଳକଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଧୀନ ଧିରପୁର ଗ୍ରାମର ଜିତେନ୍ଦ୍ର ସ୍ୱାଇଁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଏନେଇ ୩ ଜଣଙ୍କ ବିରୋଧରେ ୨୦୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ସୁବାସ ପାଢୀ ଓ ବସନ୍ତ ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସୂଚନା ମୁତାବକ, ଜୁନ୍ ୧୪ରେ ୩ଜଣ ଯୁବକ ମୋ ବସ୍‌କୁ ଅଟକାଇ ଚାଳକଙ୍କୁ ଭିଡି ନେଇ ଆକ୍ରମଣ କରିଥିଲେ। କ୍ରୋଧାନ୍ୱିତ ୩ ଯୁବକ ବସ୍‌କୁ ଇଟାପଥର ମାଡ଼ କରି ଭଙ୍ଗାରୁଜା କରିଥିଲେ। ଚାଳକ କନ୍ଧମାଳ ଜିଲାର ଉଦୟଗିରି ଥାନା ଅନ୍ତର୍ଗତ କାକମାହ ଗ୍ରାମର ଅର୍ଜୁନ ପ୍ରଧାନ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।

# ଏନ୍‌ଜିଟିରେ ବିଡିଏ ସଚିବଙ୍କୁ ୫ଶହ ଟଙ୍କା ଜରିମାନା

ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)

**ଶିଖରଚଣ୍ଡୀ ପାନୀୟ ଜଳପ୍ରକଳ୍ପ ମାମଲା**

- ଖାମଖିଆଲ ଭାବେ ଆଫିଡେଭିଟ ଦାଖଲ କରିଥିଲେ
- ନିଜ ବିଭାଗ ନାଁ ଉଲ୍ଲେଖ କରି ନ ଥିଲେ

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ କାଜୁଆଲ ବା ଖାମଖିଆଲ ଭାବେ ଆଫିଡେଭିଟ୍ ଦାଖଲ କରିଥିବାରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ସଚିବ ରବୀନ୍ଦ୍ର କୁମାର ସାହୁଙ୍କୁ ୫ଶହ ଟଙ୍କା ଜରିମାନା କରାଯାଇଛି। ଭୁବନେଶ୍ୱରର ଶିଖରଚଣ୍ଡୀ ପାହାଡରେ ୱାଟ୍‌କୋ ଦ୍ୱାରା କରାଯାଉଥିବା ଜଳ ସଂରକ୍ଷଣ ପ୍ରକଳ୍ପକୁ ନେଇ ଦାଖଲ ହୋଇଥିବା ଏକ ପିଟିଶନ୍‌କୁ ନେଇ ସଚିବ ସାହୁ ଏନ୍‌ଜିଟିରେ ଉକ୍ତ ଆଫିଡେଭିଟ୍ ଦାଖଲ କରିଥିଲେ। ଗୁରୁବାର କୋଲକାତାସ୍ଥିତ ଏନ୍‌ଜିଟିର ପୂର୍ବଜୋନ୍ ବେଞ୍ଚରେ ଏହାର ଶୁଣାଣି ହୋଇଥିଲା। ଜଷ୍ଟିସ ବି. ଅମିତ ଷ୍ଟାଲେକର ଏବଂ ଡ. ଅରୁଣ କୁମାର ବର୍ମା (ବିଶେଷଜ୍ଞ ସଦସ୍ୟ) ଏହି ଆଫିଡେଭିଟ୍‌କୁ ଖଣ୍ଡନ କରି କହିଛନ୍ତି, ଦାଖଲ ହୋଇଥିବା ଆଫିଡେଭିଟ୍‌ରେ ରବୀନ୍ଦ୍ର କୁମାର ସାହୁ ଆକାଶ ସୋଭା ବିଲ୍ଡିଂ, ସଚିବାଳୟ ମାର୍ଗ, ଭୁବନେଶ୍ୱର, ଜିଲା ଖୋର୍ଦ୍ଧାର ସଚିବ ଭାବେ କାର୍ଯ୍ୟ କରୁଥିବା ଉଲ୍ଲେଖ କରିଛନ୍ତି। ମାତ୍ର ସେ କେଉଁ ବିଭାଗ ବା କେଉଁ କାର୍ଯ୍ୟାଳୟରେ ସଚିବ ଅଛନ୍ତି ସେନେଇ ସେଥିରେ କିଛି ଉଲ୍ଲେଖ ନାହିଁ। ଜଣେ ଅଧିକାରୀଙ୍କ ଏଭଳି କାର୍ଯ୍ୟ ଅତ୍ୟନ୍ତ ଦାୟିତ୍ୱହୀନତାକୁ ଦର୍ଶାଉଛି। ତେଣୁ ତାଙ୍କ ଉପରେ ୫ଶହ ଟଙ୍କାର ଜରିମାନା ଲାଗୁ କରାଯାଇଛି। ଅପରପକ୍ଷେ ୨୪ଘଣ୍ଟା ମଧ୍ୟରେ ଏକ ସଂଶୋଧିତ ଆଫିଡେଭିଟ୍ ଦାଖଲ କରିବାକୁ ସାହୁଙ୍କୁ ବେଞ୍ଚ ନିର୍ଦ୍ଦେଶ ଦେଇଛି। ସୂଚନାଯୋଗ୍ୟ, ଶିଖରଚଣ୍ଡୀ ପାହାଡ଼ରେ ଜଳ ସଂରକ୍ଷଣ ପ୍ରକଳ୍ପ ଓ ଏଥିପାଇଁ ଗଛକଟାକୁ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ସହ ସ୍ଥାନୀୟ ଅଞ୍ଚଳବାସୀ ଓ ପରିବେଶବିତ୍‌ମାନେ ବିରୋଧ କରୁଛନ୍ତି। ଏନେଇ ସମିତିର ସଚିନ ମହାପାତ୍ର ଏନ୍‌ଜିଟିରେ ପିଟିଶନ ଦାଖଲ କରିଛନ୍ତି। ଶିଖରଚଣ୍ଡୀ ପାହାଡ ଅଞ୍ଚଳ ଚନ୍ଦକା ବନ୍ୟଜନ୍ତୁ ଅଭୟାରଣ୍ୟକୁ ଲାଗିଛି। ଏଠାରେ ପ୍ରକଳ୍ପ ପାଇଁ ଗଛକଟା ହେବାଦ୍ୱାରା ପରିବେଶରେ କ୍ଷତି ହେବା ସହ ବନ୍ୟଜନ୍ତୁ ବେସାହାରା ହୋଇ ଜନବସତି ଆଡକୁ ମୁହାଁଉଥିବା ପିଟିଶନରେ ଉଲ୍ଲେଖ କରିଛନ୍ତି।

# ବିଦ୍ୟାର୍ଥୀଙ୍କ ପୂର୍ଣ୍ଣାଙ୍ଗ ବିକାଶକୁ ଗୁରୁତ୍ୱ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୩୦।୭(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶିକ୍ଷା ବିକାଶ ସମିତି ଓଡ଼ିଶା ପକ୍ଷରୁ ପିଲାଙ୍କ ଶୈକ୍ଷିକ ବିକାଶ ନେଇ ଏକ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ପିଲାଙ୍କ ସାମଗ୍ରିକ ବିକାଶ ପାଇଁ ଯୋଗ, ଶାରୀରିକ ବ୍ୟାୟାମ, ସଂସ୍କୃତି ଓ ନୀତିଶିକ୍ଷାର ଆବଶ୍ୟକତା ବିଷୟରେ ଉପସ୍ଥିତ ଗୁରୁଜୀ, ଗୁରୁମାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଶିକ୍ଷାବିତ୍ କୁଳମଣି ମିଶ୍ର, ଶିରିଷ କୁମାର ହାତୀ, ପଦ୍ମନାଭ ସାହୁ, ସୁଧୀର କୁମାର ନାୟକ ପ୍ରମୁଖ ମାର୍ଗଦର୍ଶନ କରିଥିଲେ। ଖୋର୍ଦ୍ଧା ଓ ନୟାଗଡ ଜିଲାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ୫୦ରୁ ଊର୍ଦ୍ଧ୍ୱ ଗୁରୁଜୀ, ଗୁରୁମା ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁଷ୍ମନ୍ତ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନା କମିଟି ସମ୍ପାଦକ ସମରେନ୍ଦ୍ର ନାଥ ଶତପଥୀ, କୋଷାଧ୍ୟକ୍ଷ ସୁମନ୍ତ ଚନ୍ଦ୍ର ମହାନ୍ତି, ସହସମ୍ପାଦକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଧରିବାକୁ ଆସି ପୋଲିସ ହଟହଟା



ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡିକୁ ଅଟକାଇଛନ୍ତି।

ପିପିଲି,୩୦।୭ (ଦୁର୍ଗାମାଧବ ମିଶ୍ର)

**ଗାଡ଼ି ଅଟକାଇଲେ ଗ୍ରାମବାସୀ**

ପିପିଲି ଥାନା ଅନ୍ତର୍ଗତ ଜୟପୁରଶାସନ ଗ୍ରାମର ଜଣେ ଯୁବକଙ୍କୁ ଧଉଳି ଥାନା ପୋଲିସ ନେବାବେଳେ ହଟହଟା ହୋଇଛି। ଯୁବକଙ୍କୁ ଗାଡ଼ିରେ ବସାଇ ଥାନାକୁ ନେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ସାମ୍ନାକୁ ଚାଲିଆସିବା ସହ ଅଟକ ରଖିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଅଟକ ରଖିବା ପରେ ବୁଝାଶୁଝା ହୋଇ ଶେଷରେ ପୋଲିସ ଗାଡ଼ିକୁ ଛାଡ଼ିଥିଲେ। ସୂଚନା ଅନୁସାରେ ଧଉଳି ଥାନା ଅଞ୍ଚଳର ଏକ ଉଦ୍‌ଘାଟନୀ ଫଳକ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ଥିବା କେତେଜଣ ଯୁବକ ପିପିଲିର ଜୟପୁରଶାସନ ଗ୍ରାମରେ ଲୁଚିରହିଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ସେମାନଙ୍କୁ ଧରିବା ପାଇଁ ଧଉଳି ପୋଲିସ ଶନିବାର ରାତିରେ ପିପିଲି ପୋଲିସ ସହାୟତାରେ ଜୟପୁରଶାସନ ଗ୍ରାମର ମେଳଣ ପଡ଼ିଆଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଦୁଇଜଣ ଯୁବକ ଏକ ବାଇକକୁ ଛାଡି ସେଠାରୁ ଫେରାର ହୋଇଯାଇଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକଙ୍କୁ ପୋଲିସ କାବୁ କରିଥିଲା। ପରେ ତାଙ୍କୁ ଭ୍ୟାନ୍‌ରେ ବସାଇ ଥାନାକୁ ନେବାକୁ ପୋଲିସ ଉଦ୍ୟମ କରିବା ସମୟରେ ଉକ୍ତ ଗ୍ରାମର କେତେଜଣ ମହିଳା ଓ ପୁରୁଷ ପୋଲିସ ଭ୍ୟାନକୁ ସେଠାରୁ ଯିବାକୁ ଦେଇ ନ ଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଯୁବକଙ୍କୁ ଧଉଳି ପୋଲିସ ମାଡ ମାରିଥିବା ନେଇ ଲୋକେ ଅଭିଯୋଗ କରିବା ସହ ହୋହଲ୍ଲା କରି ଏହାର ପ୍ରତିବାଦ କରିଥିଲେ। ଖବରପାଇ ପିପିଲି ଥାନାଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ସମେତ ଅନ୍ୟ ପୋଲିସ ଅଫିସର ଓ ଫୋର୍ସ ସେଠାରେ ୩ଟି ଭ୍ୟାନରେ ପହଞ୍ଚିଥିଲେ। ଉତ୍ତ୍ୟକ୍ତ ମହିଳା ଓ ପୁରୁଷଙ୍କୁ ଥାନାଧିକାରୀ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଉକ୍ତ ଯୁବକ ସମେତ ଜବତ ବାଇକ୍‌କୁ ଧରି ପୋଲିସ ସେଠାରୁ ଥାନାକୁ ଫେରିଥିଲା। ଅପରପକ୍ଷେ ତଦନ୍ତ କରି ଉକ୍ତ ଯୁବକଙ୍କୁ ରାତି ୩ଟାରେ ଛାଡ଼ିଦେଇଥିବା ଯୁବକଙ୍କ ମା' ସୂଚନା ଦେଇଛନ୍ତି।

### ଭାଜପାର ଜନସମ୍ପର୍କ ପଦଯାତ୍ରା

ପୁରୁଣା ଭୁବନେଶ୍ୱର,୩୦।୭(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟି (ଭାଜପା)ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ୱାର୍ଡ ନମ୍ବର ୫୩ ପଳାଶପଲ୍ଲୀ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନସମ୍ପର୍କ ପଦଯାତ୍ରା ପଳାଶପଲ୍ଲୀ ଛକ ଲେନ୍ ନମ୍ବର ୧୦ରୁ ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ସୁଶାସନର ବାର୍ତ୍ତା ଘରେ ଘରେ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ, ଭାଜପା ନେତା ସୁରେନ୍ଦ୍ର ପ୍ରଧାନ, ତାପସ ଦଳାଇ, ମଦନ ମୋହନ ପ୍ରଧାନ, ତୃପ୍ତିମୟୀ ମକଦ୍ଦମ, ସ୍ୱାଗତ ମହାପାତ୍ର, ସ୍ୱପ୍ନା ଦଳାଇ, ବିଦ୍ୟୁଲତା ବଳିୟାରସିଂ, ସବିତା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

# ଭଗବତୀ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଯାଁଳା,୩୦।୭(ବୁଲା ବାରିକ)

ଯାଁଳା ପଞ୍ଚାୟତରେ ଥିବା ମା' ଭଗବତୀ ବିଦ୍ୟାମନ୍ଦିରର ପ୍ରଥମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସଞ୍ଜିତ ପରିଡା ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ରାମକୃଷ୍ଣ ରଥ, ସମ୍ମାନିତ ଅତିଥି ଜୀବନ ମହାପାତ୍ର, ଖବରଦାତା ବୁଲା ବାରିକ, ହୃଦାନନ୍ଦ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ତଥା ପ୍ରଧାନ ଆଚାର୍ଯ୍ୟ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ରୀତା ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୀତାଞ୍ଜଳି ଛୋଟରାୟ, ସୁଶ୍ରୀ ଦେବସ୍ମିତା ମହାପାତ୍ର, ଶାନ୍ତିଲତା ବେହେରା, ସ୍ମିତାଲିନା ପଟ୍ଟନାୟକ, ଅଭିଜିତ୍ ବିଶୋଇ, ଚିନ୍ମୟ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୩୦।୭(ସୁବାସ ଚନ୍ଦ୍ର ପ୍ରଧାନ)

ଯୁବନେତା ରାଜେନ୍ଦ୍ର ସମର୍ଥାଙ୍କ ନେତୃତ୍ୱରେ ସ୍ଥାନୀୟ ଭକ୍ତକବି ମଧୁସୂଦନ ବିଦ୍ୟାପୀଠଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ.ପ୍ରଭାତ କୁମାର ରଥ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଗ୍ରୀନ୍ ଓଡ଼ିଶାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଆୟୋଜିତ 'ବୃକ୍ଷ ହିଁ ଜୀବନ' ଆଲୋଚନାଚକ୍ରରେ ବକ୍ତାମାନେ ବୃକ୍ଷର ଉପକାରିତା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପର୍ଯ୍ୟଟନ ନିଗମ ଶ୍ରମିକ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ସଭାପତି ବେଣୁଧର ପାତ୍ର ଏବଂ ନୃପେଶ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏକାମ୍ର ବରିଷ୍ଠ ନାଗରିକ ସଂଘର ଧୀରେନ ପଟ୍ଟନାୟକ, ରମାକାନ୍ତ ମହାନ୍ତି, ଅଶୋକ ଆଚାର୍ଯ୍ୟ, ନାରାୟଣ ମହାପାତ୍ର, ହେମନ୍ତ ପଣ୍ଡା, ସୁକାନ୍ତ ନାୟକ, ବିରଞ୍ଚି ପତି, ଅଞ୍ଚଳ ବଟୁ, ପ୍ରଶାନ୍ତ ସମର୍ଥା, ଗୋପନ ମହାସୁଆର, ନୀହାର ରଞ୍ଜନ ସେଠୀ, ବିଜୟ ମଲିଆ, ଗୌର ପ୍ରସାଦ ଦାଶ, ଗୌରୀ ପ୍ରସାଦ ମହାନ୍ତି, ମୁନା ମହାନ୍ତି, ଜ୍ଞାନେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବାର୍ କାଉନ୍‌ସିଲ ସଦସ୍ୟ ଆତ୍ମପ୍ରକାଶ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ମନ୍ଦିର ପରିସର ସଫେଇ କଲେ ମହିଳା ସ୍ୱେଚ୍ଛାସେବୀ



ଜଟଣୀ,୩୦।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ରାମଚନ୍ଦ୍ରପୁର ବଜାରସ୍ଥିତ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସରରେ ପଡ଼ିଥିବା ଅଳିଆ ଆବର୍ଜନାକୁ ସାମାଜିକକର୍ମୀ ତଥା ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼ଙ୍କ ନେତୃତ୍ୱରେ ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱେଚ୍ଛାସେବୀ ସତ୍ୟଭାମା ସାହୁ, ଟିକିନା ପ୍ରଧାନ, ସାୟନି ତାଣ୍ଡି, ବିନ୍ଦୁ ସାହୁ, ସୁନିତା ଦେବୀ, ସାବିତ୍ରୀ ଦେବୀ, ସୁଶାନ୍ତ ପଟ୍ଟନାୟକ, କ୍ରିଷ୍ଣା ସାମନ୍ତରାୟଙ୍କ ସମେତ ବହୁ ମହିଳା ସାମିଲ ହୋଇଥିଲେ। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଥିବା ମଠ ଓ ମନ୍ଦିର ପରିସର ସଫେଇ କରାଯିବ ବୋଲି ସ୍ୱେଚ୍ଛାସେବୀଙ୍କ ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ ଆଘାତରେ ହେଲ୍‌ପର ମୃତ

କାକଟପୁର,୩୦।୭(ଶୁଭଦର୍ଶନ ମିଶ୍ର)

**ବେଆଇନ କରତକଳ ଉପରେ ଚଢ଼ାଉ ପାଇଁ ଭାଜପାର ଦାବି**

ପୁରୀ ଜିଲା କାକଟପୁର ଥାନା ଅନ୍ତର୍ଗତ ବାଜପୁର ସାମିଲ କେରେଣ୍ଡିଆପାଳଠାରେ ଥିବା ଏକ ବେଆଇନ କରତକଳରୁ ଶନିବାର ବିଳମ୍ବିତ ରାତିରେ କାଠଗୁଣ୍ଡ ଚାଲାଣବେଳେ ୧୧କେଭି ବିଦ୍ୟୁତ୍ ତାର ଲାଗି ମିନି ଟ୍ରକର ହେଲ୍ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ବଡଗାଁର ଜଗା ସିଂ(୨୪)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଦୁର୍ଘଟଣା ପରେ ଟ୍ରକଟି ରାତାରାତି କାଠଗୁଣ୍ଡ ବସ୍ତା ନେଇ ପଳାଇଯାଇଛି। ସୂଚନାଥାଉକି, ଉକ୍ତ କରତକଳରୁ ଚୌଦ୍ୱାରସ୍ଥିତ ଏକ ବ୍ୟବସାୟୀ କାଠଗୁଣ୍ଡ ନେଉଥିଲେ। ଏ ନେଇ ଏକ ମିନି ଟ୍ରକ ଆଣିଥିବାବେଳେ ଜଗା ଟ୍ରକ ଉପରେ ଚଢି କରତଗୁଣ୍ଡ ବସ୍ତା ଅନଲୋଡ୍ କରୁଥିଲେ। ଏହି ସମୟରେ ନିକଟରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ହଠାତ୍ ସେ ଆସିଯିବାରୁ ତଳେ ଛିଟିକି ପଡିଥିଲେ। ଅନ୍ୟ କର୍ମଚାରୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ପ୍ରଚାର ହେବା ପରେ ନାନା ଅସନ୍ତୋଷ ଦେଖାଦେଇଛି।

### ବାଲୁଗାଁ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାଲୁଗାଁ,୩୦।୭(ସଂଗ୍ରାମ ପାଇକରାୟ)

ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଆସନ୍ତା ଅକ୍ଟୋବର ୩୧ ଓ ନଭେମ୍ବର ୧ ଦୁଇଦିନ ବ୍ୟାପୀ ପାଳନ ହେବ। ଏନେଇ ରବିବାର ସ୍କୁଲ ପରିଚାଳନା କମିଟିର ସଦସ୍ୟ, ମୋ ସ୍କୁଲର ସଦସ୍ୟ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦ ଓ ହୀରକ ଜୟନ୍ତୀ ସମାରୋହ କମିଟିର ସଦସ୍ୟମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାରୋହ କମିଟିର ସଭାପତି ବିଜୟ କୁମାର ନାୟକ, ଉପ ସଭାପତି ଅମୂଲ୍ୟ ମହାପାତ୍ର, ରଞ୍ଜିତ୍ ବଡ଼ଜେନା, ସମ୍ପାଦକ ମୁରଲୀଧର ସାମନ୍ତସିଂହାର, ସହ ସମ୍ପାଦକ ଅଭିମନ୍ୟୁ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଗଣେଶ ପ୍ରଧାନ, ବାଲୁଗାଁ ଏନ୍‌ଏସି ୧୧ନଂ ୱାର୍ଡ କାଉନ୍‌ସିଲର ଅନିତା ସ୍ୱାଇଁ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନଙ୍କ ସମେତ ମୋ ସ୍କୁଲ ଏବଂ ପୁରାତନ ଛାତ୍ର ସଂସଦର ବହୁ ସଦସ୍ୟ ନିଜର ମତାମତ ରଖିଥିଲେ। ଓଡ଼ିଶାର ରାଜ୍ୟପାଳ, ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ଏମ୍‌ପି, ରାଜ୍ୟ ସଭା ସଦସ୍ୟ, ବିଧାୟକ ଏବଂ ଏନ୍‌ଏସି ଚେୟାରମ୍ୟାନ ପ୍ରମୁଖଙ୍କୁ ଉକ୍ତ ହୀରକ ଜୟନ୍ତୀ ସମାରୋହରେ ଅତିଥିଭାବେ ନିମନ୍ତ୍ରିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଏହି ବୈଠକରେ ଯୋଗଦେଇଥିଲେ।



ବୈଠକରେ କମିଟି ସଦସ୍ୟ ଏବଂ ଅନ୍ୟମାନେ।

# ପୂର୍ବ ଶତ୍ରୁତାକୁ ନେଇ ହୋଇଥିଲା ବୋମାମାଡ଼

ପୁରୀ,୩୦।୭(ଅଜିତ ମହାନ୍ତି)

- ୫ ଗିରଫ: ବାଇକ୍, ସ୍କୁଟି, ୪ ବୋମା ଜବତ
- ବାହାର ରାଜ୍ୟକୁ ଫେରାର ଉଦ୍ୟମ ବେଳେ ଧରାପଡ଼ିଲେ



ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଉଛନ୍ତି।

ସଦର ଥାନା ଅନ୍ତର୍ଗତ ମୁକୁନ୍ଦମିଶ୍ର ନଗରସ୍ଥିତ ବିଜୟ ଖୁଣ୍ଟିଆ ଘର ଉପରକୁ ବୋମାମାଡ କରିବା ଘଟଣାରେ ପୋଲିସ ସଫଳତା ମିଳିଛି। ସଦର ଥାନା ପୋଲିସ ଏବଂ ପୋଲିସ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଘଟଣାରେ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଥେଣ୍ଟପୁର ନିଲୁ ବରାଳ(୨୪), ଜିତେନ୍ଦ୍ର ସାହୁ (୩୦), ଦାସ ଗଭା ପୋଲାଙ୍ଗତୋଟା ଅଞ୍ଚଳର ନାରାୟଣ ମଲ୍ଲିକ୍ ଓରଫ ଚନ୍ଦନ ଦାସ(୨୨), ବୁଲୁ ମଲ୍ଲିକ୍ (୨୪) ଏବଂ ଟାଉନଥାନା ଅନ୍ତର୍ଗତ ମାର୍କେଣ୍ଡେଶ୍ୱର ସାହି ବୁଢ଼ିମା ତୋଟା ନିକଟର ରମିନ୍ ସିଂହ (୨୩)। ପୋଲିସ ସେମାନଙ୍କଠାରୁ ଓଡି ୧୩ ଏଫ ୫୬୫୨ ନମ୍ବର ବିଶିଷ୍ଟ ହିରୋହୋଣ୍ଡା ଗ୍ଲାମର ବାଇକ, ଗୋଟିଏ ଓଡି ୧୩ ଏଫ ୭୦୩୦ ନମ୍ବର ବିଶିଷ୍ଟ ସ୍କୁଟି, ୪ ବୋମା ଏବଂ କିଛି ସାମଗ୍ରୀ ଜବତ କରିଛି। ଏ ନେଇ ବାସେଳି ସାହି ଥାନା ପୋଲିସ ନଂ. ୧୩୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ପୂର୍ବ ଶତ୍ରୁତାକୁ ନେଇ ଏହି ବୋମାମାଡ଼ ହୋଇଥିଲା ବୋଲି ରବିବାର ବାସେଳି ସାହି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ବୋମ୍ବିଂ ଘଟଣା ପରେ ବିଜୟ କୁମାର ଖୁଣ୍ଟିଆ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଦୁଇଟି ଟିମ୍ ଗଠନ କରାଯାଇ ତଦନ୍ତ କରାଯିବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସଦର ଥାନା ଅଧିକାରୀ ଏବଂ କୁମ୍ଭାରପଡ଼ା ଥାନା ଅଧିକାରୀଙ୍କ ନେତୃତ୍ୱରେ ଟିମ୍ ପୁରୀ ଓ ଜିଲା ବାହାରର ବିଭିନ୍ନ ସ୍ଥାନ ଚଢାଉ କରି ରବିବାର ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବୋମା ମାଡ ଘଟଣାରେ ବ୍ୟବହୃତ ଜିନିଷକୁ ଜବତ କରିଥିଲା। ତେବେ ସମସ୍ତ ୫ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଛି। ତେବେ ଅଭିଯୁକ୍ତମାନେ ଓଡ଼ିଶା ବାହାରକୁ ଫେରାର ପାଇଁ ଯୋଜନା କରୁଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତେବେ ପୂର୍ବଶତ୍ରୁତାରୁ ପ୍ରତିଶୋଧ ପରାୟଣ ହୋଇ ବିଜୟ ଖୁଣ୍ଟିଆଙ୍କୁ ମାରିଦେବା ଉଦ୍ଦେଶ୍ୟରେ ବୋମାମାଡ କରାଯାଇଥିଲା। ତେବେ ବିଜୟ ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ ଥିଲେ। ବୋମା ମାଡରେ କେବଳ ଘରର ଜିନିଷ କ୍ଷୟକ୍ଷତି ହୋଇଥିଲା। ବୋମାମାଡର ମୁଖ୍ୟ ଅଭିଯୁକ୍ତ ନିଲୁ ବରାଳ। ବୋମା କେଉଁଠୁ ଆଣିଲେ ସେନେଇ ତଦନ୍ତ ଚାଲିଛି। ଅପରପକ୍ଷେ ଏପରି ଘଟଣା ବାରମ୍ବାର ଘଟୁଥିବାରୁ ପୋଲିସ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରାଯାଉଛି ବୋଲି ସିଟିଡିଏସ୍‌ପି ସାହୁ କହିଥିଲେ। ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ ନେଇ ୨୦୨୦ ଅଗଷ୍ଟ ୧୮ତାରିଖରେ ୪ଦୁର୍ବୃତ୍ତ ବିଜୟଙ୍କ ସାନ ପୁଅ ଦୀପକ ଖୁଣ୍ଟିଆଙ୍କୁ ବିଶ୍ୱନାଥ ବିହାର ଛକରେ ସଂଘବଦ୍ଧ ଆକ୍ରମଣ କରି ମାରିଦେଇଥିଲେ। ଯାହାକୁ ନେଇ ମାମଲା ହୋଇ ଅପରାଧୀମାନଙ୍କ ବିରୋଧରେ ତଦନ୍ତ ଚାଲିଛି। ଅନେକ ସମୟରେ ଅଭିଯୁକ୍ତମାନଙ୍କ ପକ୍ଷରୁ ସାକ୍ଷୀ ନ ଦେବାକୁ ଭୟଭୀତ କରିବା ଉଦ୍ଦେଶ୍ୟରେ ବୋମାମାଡ କରାଯାଉଛି। ସେହିପରି ଗତବର୍ଷ ଅଗଷ୍ଟରେ ଦୁର୍ବୃତ୍ତମାନେ ଆସି ବିଜୟଙ୍କ ଘର ସମ୍ମୁଖରେ ଥିବା ତାଙ୍କ କାରକୁ ଭଙ୍ଗା ରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ତେବେ ଅଗଷ୍ଟ ୧୦ ତାରିଖରେ କେସ୍‌ର ତାରିଖ ଥିବାରୁ ବିଜୟଙ୍କ ପରିବାରକୁ ଭୟଭୀତ କରିବା ପାଇଁ ଗତ ୨୭ ତାରିଖରେ ବୋମା ମାଡ କରାଯାଇଥିବା ଆଲୋଚନା ହେଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଜୁଲାଇ , ୨୦୨୩

**କ୍ରୀଡ଼ା ଶିକ୍ଷକ ବିଶ୍ୱନାଥଙ୍କ ପରଲୋକ**

ପୁରୀ ଅଫିସ,୩୦।୭(ଅଜିତ ମହାନ୍ତି) - ପୁରୀ ଜିଲା ତଥା ସହରର ଜଣାଶୁଣା କ୍ରୀଡ଼ା ଶିକ୍ଷକ ବିଶ୍ୱନାଥ ଭଞ୍ଜ(୭୨) ବା ସମସ୍ତଙ୍କ ପ୍ରିୟ ଭଞ୍ଜ ସାର୍‌ଙ୍କ ରବିବାର ପରଲୋକ ହୋଇଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ ଚିକିତ୍ସିତ ହୋଇଥିଲେ। ସ୍ୱର୍ଗତ ଭଞ୍ଜଙ୍କ ଘର ମାର୍କଣ୍ଡେଶ୍ୱର ସାହି ଭଞ୍ଜଜାଗା ନିକଟରେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସହରରେ ଏକ ଶୋକର ଛାୟା ଖେଳିଯାଇଥିଲା। ଅନ୍ତିମ ଦର୍ଶନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗହଳି ପରିଲିକ୍ଷିତ ହୋଇଥିଲା। ସେ ଜଣେ ଭଲ କ୍ରୀଡାବିତ୍ ଭାବରେ ବେଶ୍ ସୁନାମ ଅର୍ଜନ କରିଥିଲେ। କ୍ରୀଡା ଶିକ୍ଷକ ଭାବେ କାର୍ଯ୍ୟ କରି ଅନେକ ଛାତ୍ରୀଛାତ୍ରଙ୍କୁ ଉତ୍ତମ କ୍ରୀଡାବିତ୍ ଭାବେ ଗଢ଼ି ପାରିଥିଲେ। ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ପୁଅ ସଞ୍ଜୀବ ଭଞ୍ଜ ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ବିଭିନ୍ନ ଅନୁଷ୍ଠାନ, ସଂଗଠନ, ବିଶ୍ୱମ୍ଭର ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ପକ୍ଷରୁ ଶୋକସଭା କରାଯାଇଥିଲା।



**ସଂକ୍ଷେପରେ**

## କବାଡ଼ିଆ ଦୋକାନରେ ବଢୁଛି ଚୋରା ବ୍ୟବସାୟ

କଣାସ,୩୦।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ବିଭିନ୍ନ ବଜାରରେ ବାହାର ଅଞ୍ଚଳରୁ ଆସି କେତେକ ବ୍ୟକ୍ତି କବାଡିଆ ଦୋକାନ କରି ଚୋରା ଜିନିଷ ରଖି ବାହାରକୁ ଚାଲାଣ କରୁଥିବା ନଜରକୁ ଆସିଛି। ହେଲେ ପୋଲିସ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ବିଶେଷକରି ଅନେକ ଅସାମାଜିକ ଯୁବକ ଓ ନିଶାସକ୍ତ ଯୁବକ ଚୋରାଗାଡ଼ି ଆଣି ତାକୁ ଖୁଙ୍କୁରାଖୁଙ୍କୁରା କରି କବାଡିଆ ଦୋକାନରେ ଲୁହା ଓଜନରେ ବିକ୍ରି କରିଦେଇଥିବାବେଳେ ବିଭିନ୍ନ ସ୍ଥାନରେ ଥିବା ସରକାରୀ ସେତୁ ଓ ବ୍ୟାରେଜଗେଟ୍‌ଙ୍କୁ ଲୁହାମାନ କାଟି କବାଡିଆ ଦୋକାନରେ ବିକ୍ରି କରିଦେଉଛନ୍ତି। କବାଡିଆ ଦୋକାନୀ ଜିଏସ୍‌ଟି ନ କରି ଲୁହା ଜିନିଷ ସବୁ ବାହାରକୁ ହାତଗୁଞ୍ଜା ଦେଇ ପଠାଉଥିବାରୁ ସରକାରଙ୍କ ଆୟ ଉପରେ କ୍ଷତି ହେଉଛି। ଜଣେ କବାଡିଆ ଦୋକାନୀଙ୍କୁ ଚୋରା ଜିନିଷ ସମ୍ପର୍କରେ ପଚାରିବାରୁ, ସେ ତାଙ୍କ ନାମ ପ୍ରକାଶ ନ କରି କହିଛନ୍ତି, ନିଶାଶକ୍ତ ବ୍ୟକ୍ତି ଚୋରା ଜିନିଷ ଦେଲେ ଯଦି ନ ରଖିଲ ତାଙ୍କୁ ବାହାର ଲୋକ ମାରଧର କରିବେ। ଗାଡ଼ିରେ ଚୋରା ଜିନିଷ କିମ୍ବା ଲୁହା ଜିନିଷ ନେବା ସମୟରେ ବାଟରେ ବଟି ଦେଇ ଦେଇ ଯାଉଛୁ। ପୋଲିସ ପକ୍ଷରୁ ଯଦି ଠିକ୍ ଭାବେ ଯାଞ୍ଚ କରାଯାଆନ୍ତ, ତେବେ ଚୋରା ବେପାର ବଢିପାରନ୍ତା ନାହିଁ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ଶିକ୍ଷକ ଲିଙ୍ଗରାଜ ନାୟକଙ୍କ ସ୍ମୃତିସଭା

ଗୋପ,୩୦।୭
(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷକ ଲିଙ୍ଗରାଜ ନାୟକ ଜଣେ ଅମାୟିକ ମଣିଷ ଭାବେ କେବଳ ଗୋପ ବ୍ଲକ ନୁହେଁ ଜିଲା ସ୍ତରରେ ପରିଚିତ ଥିଲେ। ଶିକ୍ଷକ ସମାଜର ପ୍ରତ୍ୟେକ କ୍ଷେତ୍ରରେ ସେ ନିଜକୁ ସମର୍ପିତ କରିଥିଲେ। ଏପରି କି ଶିକ୍ଷକ ଜୀବନ ଆରମ୍ଭ ରୁ ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷାକୁ ଛାଡ଼ିପାରି ନ ଥିବାବେଳେ ଶେଷ ପର୍ଯ୍ୟନ୍ତ ମଧ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ହୋଇ ରହିଥିଲେ। ଗତ ୨୦ ତାରିଖରେ ତାଙ୍କୁ ଅସୁସ୍ଥ ଲାଗିବାରୁ ପରିବାର ପକ୍ଷରୁ ପ୍ରଥମେ ଗୋପ ପରେ ଭୁବନେଶ୍ୱର ୬ ନମ୍ବର ଡାକ୍ତରଖାନା ନିଆଯାଇଥିଲା। ମାତ୍ର ସେଠାରେ ଲିଙ୍ଗରାଜ ସାର୍ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ଗାଁ ପୋଇତରା ଗ୍ରାମରେ ରବିବାର ଏକ ସ୍ମୃତିସଭା ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ପୂର୍ବତନ ସଭାପତି ସୁଶାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଶିକ୍ଷକ ସଂଘ, ଗଣମାଧ୍ୟମ ପ୍ରତିନିଧି ସଂଘ, ଆଇନଜୀବୀ ସଂଘ ସହିତ ଲିଙ୍ଗରାଜ ନାୟକଙ୍କ ଅନେକ ଛାତ୍ରୀଛାତ୍ର ଯୋଗଦେଇ ସ୍ମୃତିଚାରଣ କରିଥିଲେ। ତାଙ୍କ ଶିକ୍ଷାଦାନରେ ଅନେକ ଛାତ୍ରୀଛାତ୍ର ଏବେ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ ଥିବା ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ସୁଧୀର ମହାନ୍ତି, ରଞ୍ଜିତ ସାହୁ, ବନରଞ୍ଜନ ପଟ୍ଟନାୟକ, ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ସାମ୍ବାଦିକ ଅଜୟ ନାୟକ, ସୁବାସ ଚନ୍ଦ୍ର ସେନାପତି, ସନ୍ତୋଷ ରାୟ, ଗୋପ ବିଇଓ ସୁଶୀଲ କୁମାର ବ୍ରହ୍ମା, ଶିକ୍ଷାବିତ ସତ୍ୟପୀର ନାୟକ, କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଲିଙ୍ଗରାଜ ନାୟକଙ୍କ ପରିବାର ସଦସ୍ୟ ମଧ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାକୁ ନେଇ ହୋଇଥିଲା ବୋମାମାଡ଼

■ ୫ ଗିରଫ: ବାଇକ୍, ସ୍କୁଟି, ୪ ବୋମା ଜବତ
■ ବାହାର ରାଜ୍ୟକୁ ଫେରାର ଉଦ୍ୟମ ବେଳେ ଧରାପଡ଼ିଲେ

ପୁରୀ,୩୦।୭(ଅଜିତ ମହାନ୍ତି)



ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଉଛନ୍ତି ।

ସଦର ଥାନା ଅନ୍ତର୍ଗତ ମୁକୁନ୍ଦମିଶ୍ର ନଗରସ୍ଥିତ ବିଜୟ ଖୁଣ୍ଟିଆ ଘର ଉପରକୁ ବୋମାମାଡ କରିବା ଘଟଣାରେ ପୋଲିସ ସଫଳତା ମିଳିଛି। ସଦର ଥାନା ପୋଲିସ ଏବଂ ପୋଲିସ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଘଟଣାରେ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଥେଣ୍ଟପୁର ନିଲୁ ବରାଳ(୨୪), ଜିତେନ୍ଦ୍ର ସାହୁ (୩୦), ଦାସ ଗଭା ପୋଲାଙ୍ଗତୋଟା ଅଞ୍ଚଳର ନାରାୟଣ ମଲ୍ଲିକ୍ ଓରଫ ଚନ୍ଦନ ଦାସ(୨୨), ବୁଲୁ ମଲ୍ଲିକ୍ (୨୪) ଏବଂ ଟାଉନଥାନା ଅନ୍ତର୍ଗତ ମାର୍କେଣ୍ଡଶ୍ୱର ସାହି ବୁଢ଼ିମା ତୋଟା ନିକଟର ରମିନ୍ ସିଂହ (୨୩)। ପୋଲିସ ସେମାନଙ୍କଠାରୁ ଓଡି ୧୩ ଏଫ ୫୬୫୨ ନମ୍ବର ବିଶିଷ୍ଟ ହିରୋହୋଣ୍ଡା ଗ୍ଲାମର ବାଇକ, ଗୋଟିଏ ଓଡି ୧୩ ଏଫ ୭୦୩୦ ନମ୍ବର ବିଶିଷ୍ଟ ସ୍କୁଟି, ୪ ବୋମା ଏବଂ କିଛି ସାମଗ୍ରୀ ଜବତ କରିଛି। ଏ ନେଇ ବାସେଳି ସାହି ଥାନା ପୋଲିସ ନଂ. ୧୩୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ପୂର୍ବ ଶତ୍ରୁତାକୁ ନେଇ ଏହି ବୋମାମାଡ଼ ହୋଇଥିଲା ବୋଲି ରବିବାର ବାସେଳି ସାହି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ବୋମ୍ବିଂ ଘଟଣା ପରେ ବିଜୟ କୁମାର ଖୁଣ୍ଟିଆ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଦୁଇଟି ଟିମ୍ ଗଠନ କରାଯାଇ ତଦନ୍ତ କରାଯିବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସଦର ଥାନା ଅଧିକାରୀ ଏବଂ କୁମ୍ଭାରପଡ଼ା ଥାନା ଅଧିକାରୀଙ୍କ ନେତୃତ୍ୱରେ ଟିମ୍ ପୁରୀ ଓ ଜିଲା ବାହାରର ବିଭିନ୍ନ ସ୍ଥାନ ଚଢାଉ କରି ରବିବାର ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବୋମା ମାଡ ଘଟଣାରେ ବ୍ୟବହୃତ ଜିନିଷକୁ ଜବତ କରିଥିଲା। ତେବେ ସମସ୍ତ ୫ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଅନେକ ଆପରାଧିକ ମାମଲା ରହିଛି। ତେବେ ଅଭିଯୁକ୍ତମାନେ ଓଡ଼ିଶା ବାହାରକୁ ଫେରାର ପାଇଁ ଯୋଜନା କରୁଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତେବେ ପୂର୍ବ ଶତ୍ରୁତାରୁ ପ୍ରତିଶୋଧ ପରାୟଣ ହୋଇ ବିଜୟ ଖୁଣ୍ଟିଆଙ୍କୁ ମାରିଦେବା ଉଦ୍ଦେଶ୍ୟରେ ବୋମାମାଡ କରାଯାଇଥିଲା। ତେବେ ବିଜୟ ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ ଥିଲେ। ବୋମା ମାଡରେ କେବଳ ଘରର ଜିନିଷ କ୍ଷୟକ୍ଷତି ହୋଇଥିଲା। ବୋମାମାଡର ମୁଖ୍ୟ ଅଭିଯୁକ୍ତ ନିଲୁ ବରାଳ। ବୋମା କେଉଁଠୁ ଆଣିଲେ ସେନେଇ ତଦନ୍ତ ଚାଲିଛି। ଅପରପକ୍ଷେ ଏପରି ଘଟଣା ବାରମ୍ବାର ଘଟୁଥିବାରୁ ପୋଲିସ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରାଯାଉଛି ବୋଲି ସିଟିଡିଏସ୍‌ପି ସାହୁ କହିଥିଲେ। ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ ନେଇ ୨୦୨୦ ଅଗଷ୍ଟ ୧୮ତାରିଖରେ ୪ଦୁର୍ବୃତ୍ତ ବିଜୟଙ୍କ ସାନ ପୁଅ ଦୀପକ ଖୁଣ୍ଟିଆଙ୍କୁ ବିଶ୍ୱନାଥ ବିହାର ଛକରେ ସଂଘବଦ୍ଧ ଆକ୍ରମଣ କରି ମାରିଦେଇଥିଲେ। ଯାହାକୁ ନେଇ ମାମଲା ହୋଇ ଅପରାଧୀମାନଙ୍କ ବିରୋଧରେ ତଦନ୍ତ ଚାଲିଛି। ଅନେକ ସମୟରେ ଅଭିଯୁକ୍ତମାନଙ୍କ ପକ୍ଷରୁ ସାକ୍ଷୀ ନ ଦେବାକୁ ଭୟଭୀତ କରିବା ଉଦ୍ଦେଶ୍ୟରେ ବୋମାମାଡ କରାଯାଉଛି। ସେହିପରି ଗତବର୍ଷ ଅଗଷ୍ଟରେ ଦୁର୍ବୃତ୍ତମାନେ ଆସି ବିଜୟଙ୍କ ଘର ସମ୍ମୁଖରେ ଥିବା ତାଙ୍କ କାରକୁ ଭଙ୍ଗା ରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ତେବେ ଅଗଷ୍ଟ ୧୦ ତାରିଖରେ କେସ୍‌ର ତାରିଖ ଥିବାରୁ ବିଜୟଙ୍କ ପରିବାରକୁ ଭୟଭୀତ କରିବା ପାଇଁ ଗତ ୨୭ ତାରିଖରେ ବୋମା ମାଡ କରାଯାଇଥିବା ଆଲୋଚନା ହେଉଛି।

## ୪୮ ଇ-ଚାଲାଣ, ୨.୯୩ ଲକ୍ଷ ଟଙ୍କା ଫାଇନ

ପୁରୀ,୩୦।୭(ଅଜିତ ମହାନ୍ତି)



ଜିଲ୍ଲା ସଦର ଥାନା ଛକ ଓ ସହରର ବିଭିନ୍ନ ଛକରେ ରବିବାର ଆର୍‌ଟିଓ ରବୀନ ପଟ୍ଟନାୟକ ଅଚାନକ ଚଢ଼ାଉ କରି ଗାଡିମୋଟର ଯାଞ୍ଚ କରିଥିଲେ। ଦ୍ରୁତ ଗତିରେ ଯାତ୍ରା କରୁଥିବା ଏକ ଅଟୋ ଯାନ ଚାଳକକୁ ଆରଟିଓ ଅଟକାଇ ଯାଞ୍ଚବେଳେ ଡ୍ରାଇଭର ମଦ ପିଇଥିବା ଜଣାପଡିଥିଲା। ଉକ୍ତ ଡ୍ରାଇଭରଙ୍କୁ ୨୦ହଜାର ଫାଇନ କରି ଗାଡିକୁ ସଦର ଥାନାରେ ସିଜ୍ କରାଯାଇଥିଲା। ଚଢ଼ାଉ ବେଳେ ୪୮ଟି ଇ-ଚାଲାଣ କରାଯାଇ ବିଭିନ୍ନ ଯାନବାହନ ଯାଞ୍ଚ କରି ସମୁଦାୟ ୨ଲକ୍ଷ ୯୩ହଜାର ୨୧୩ ଟଙ୍କା ଫାଇନ କରାଯାଇଛି। ଏହି ଯାଞ୍ଚବେଳେ ଟ୍ରାଫିକ ଅଫିସର ଏସ୍.କେ.ପାତ୍ର, କନଷ୍ଟେବଲ ରାଜେଶ ସାମନ୍ତ ସିଂହାର, ଅଶୋକ କେଷ୍ଟା ପ୍ରମୁଖ କର୍ମଚାରୀ ସାମିଲ ଥିଲେ। ଆଗାମୀ ଦିନରେ ଜିଲ୍ଲାରେ ଦୁର୍ଘଟଣା ମୃତ୍ୟୁହାର ରୋକିବା ପାଇଁ ଏହି ବିଭାଗର ସ୍ପେଶାଲ ଡ୍ରାଇଭ କାର୍ଯ୍ୟକ୍ରମ ଓ ଆରଟିଓଙ୍କ ଅଚାନକ ପରିଦର୍ଶନ କାର୍ଯ୍ୟକ୍ରମ ଜାରି ରହିବ। ନିଶାଗ୍ରସ୍ତ ଡ୍ରାଇଭର, ବେନିୟମ ଗାଡି ଚାଳନା ଉପରେ ଜୋରଦାର ଫାଇନ ଆଦାୟ କରାଯିବ ଓ କୋର୍ଟ ଚାଲାଣ କରାଯିବ ବୋଲି ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି।

## ମିଶନ ଶକ୍ତି, ବିଏଲ୍‌ଏଫ୍ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି

କାକଟପୁର,୩୦।୭(ଶୁଭଦର୍ଶନ ମିଶ୍ର)

ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଏକ ସ୍ୱତନ୍ତ୍ର ମିଶନ ଶକ୍ତି ବିଭାଗ ଖୋଲି କାର୍ଯ୍ୟ ଆରମ୍ଭ କରିଛନ୍ତି। ପୁରୁଷପ୍ରଧାନ ସିଷ୍ଟମରେ ହେଉଥିବା ତ୍ରୁଟିକୁ ସୁଧାରି ମହିଳାଙ୍କ ସହାୟତାରେ ରାଜ୍ୟ ଅର୍ଥନୀତିରେ ଉନ୍ନତି ଆଣିବା ଏହାର ଲକ୍ଷ୍ୟ ଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ପଞ୍ଚାୟତ ଓ ବ୍ଲକସ୍ତରରେ ସଂଘ ଏବଂ ମହାସଂଘ ଗଠନ କରି ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ସେଥିପାଇଁ ବ୍ଲକସ୍ତରରେ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ର ପଦବୀ ସୃଷ୍ଟି କରି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ବ୍ଲକସ୍ତରୀୟ ସଂଗଠନକୁ ଦାୟିତ୍ୱ ଦେଇଥିଲେ। କାକଟପୁର ବ୍ଲକ ସଂଗଠନ ସରକାର ଦେଇଥିବା ନୀତି ନିୟମକୁ ସମ୍ପୂର୍ଣ୍ଣ ଅଣଦେଖା କରି ନିଯୁକ୍ତି ପ୍ରକ୍ରିୟାକୁ ନିଜସ୍ୱ ଢଙ୍ଗରେ ଚଳାଇବାରୁ ବାଧ୍ୟ ହୋଇ ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାରଜ୍ୟୋତି ରଞ୍ଜନଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା, ଯାହାଦ୍ୱାରା ବିଏଲ୍‌ଏଫ୍ ଦ୍ୱାରା ନିଯୁକ୍ତିକୁ ଅସିଦ୍ଧ ଘୋଷଣା କରାଯାଇଥିଲା। ଫଳରେ ବ୍ଲକ ମିଶନ ଶକ୍ତି ବିଭାଗ କାର୍ଯ୍ୟର ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲା। ସେହିପରି ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ହେବାକୁ ସରକାରଙ୍କ ଗାଇଡ୍‌ଲାଇନକୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହେଉଛି। ଜଣେ ଜଣେ ମହିଳା ଏକାଧିକ ଗ୍ରୁପରେ ରହି ସରକାରୀ ଅନୁଦାନ ମହାସଂଘର ନେତ୍ରୀଙ୍କ ସହଯୋଗରେ ହାତାଉଥିବାର ଅଭିଯୋଗ ହେଉଛି। କେତେକ ସ୍ୱୟଂ ସହାୟିକା ଗୋଷ୍ଠୀର ସାଧାରଣ ସଭା ବହି, ଜମା ଖାତା, ସଭ୍ୟାଙ୍କ ବ୍ୟାଙ୍କଖାତା, ବାର୍ଷିକ ଆୟବ୍ୟୟର ହିସାବ ସବୁ ଠିକ ନ ଥିବାର ମଧ ଅଭିଯୋଗ ହେଉଛି। ତେଣୁ ମହାସଂଘଠାରୁ ଆରମ୍ଭ କରି ପଞ୍ଚାୟତସ୍ତରୀୟ ସଂଘ ଓ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ଖାତାପତ୍ରକୁ ଯାଞ୍ଚ ପରିସରଭୁକ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମହାସଂଘର କର୍ମକର୍ତ୍ତାଙ୍କ ଆୟବହିର୍ଭୂତ ସମ୍ପତ୍ତିର ଭିଜିଲାନ୍ସ ତଦନ୍ତ ପାଇଁ ଭାଜପା ବରିଷ୍ଠ ନେତା ବାଇଧର ମଲ୍ଲିକ, କାକଟପୁର ମଣ୍ଡଳ ସଭାପତି ଉପେନ୍ଦ୍ର ସୁବୁଦ୍ଧି, ଲତାହରଣ ମଣ୍ଡଳ ସଭାପତି ସରୋଜ ମିଶ୍ର ପ୍ରମୁଖ ଦାବି କରିଛନ୍ତି।



ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ମିଳିତ ସହଯୋଗରେ ପୁରୀ ସଦାଶିବ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପୂର୍ବଭାରତୀୟ ବୈଦିକ ସମ୍ମିଳନୀରେ ଉପସ୍ଥିତ ପଣ୍ଡିତ ।

## ପୁରୀରେ ପୂର୍ବଭାରତୀୟ ବୈଦିକ ସମ୍ମିଳନୀ

ପୁରୀ,୩୦।୭(ଅଜିତ୍ ମହାନ୍ତି)

ଦକ୍ଷିଣ ଭାରତର ପ୍ରସିଦ୍ଧ ଶାରଦା ପୀଠ ଶୃଙ୍ଗେରୀ ପକ୍ଷରୁ ଭାରତୀୟ ଦିଶି ପ୍ରତିଷ୍ଠାନ ପରିସର, ମହର୍ଷି ସନ୍ଦିପନୀ ରାଷ୍ଟ୍ରୀୟ ବେଦ ପ୍ରତିଷ୍ଠାନ, ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ମିଳିତ ସହଯୋଗରେ ପୁରୀ ସଦାଶିବ ପରିସର ସମ୍ମିଳନୀ କକ୍ଷରେ ପୂର୍ବଭାରତୀୟ ବୈଦିକ ସମ୍ମିଳନୀ ଦିବ୍ୟଜୀବନ ସଂଘ ଋଷିକେଶର ଅଧ୍ୟକ୍ଷ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପଣ୍ଡିତ ଦିବାକର ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଡ.ସଦାନନ୍ଦ ଦୀକ୍ଷିତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନୀର ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଭି.ଆର. ଗୌରୀଶଙ୍କର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ଡ.ଯଜ୍ଞ ସୁବ୍ରମଣ୍ୟମ, ପ୍ରଫେସର ଅତୁଲ କୁମାର ନନ୍ଦ ଅତିଥି ଭାବେ ଯୋଗଦେଇ ବେଦର ଅମୃତ ଧ୍ୱନୀରେ ଭାରତବର୍ଷ ଅମୃତମୟ ହେବାପାଇଁ ଆହ୍ୱାନ ଦେଇଥିଲେ। ସେମାନେ କହିଥିଲେ, ବେଦର ସୁରକ୍ଷା କରି ଏହା ଓଡ଼ିଶାର ଘରେ ଘରେ ପରିଚିତ ହେଉ। ଏହି ଅବସରରେ ଓଡ଼ିଶା, ପଶ୍ଚିମବଙ୍ଗ , ଆସାମ, ମେଘାଳୟ, ତ୍ରିପୁରା ସମେତ ପୂର୍ବାଞ୍ଚଳ ରାଜ୍ୟର ପ୍ରତିନିଧି ଓ ବିଦ୍ୟାର୍ଥୀମାନେ ସକାଳୁ ସିଂହଦ୍ୱାରଠାରୁ ବେଦ ଘୋଷଯାତ୍ରା କରି ସହର ପରିକ୍ରମା କରିବା ପରେ ବେଦ ପାରାୟଣ ଓ ପରେ ବିଭିନ୍ନ ପଣ୍ଡିତମାନେ ଋକ, ଯଜୁ, ସାମ୍ ଓ ଅର୍ଥବେଦ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍କୃତ ଗବେଷକ ବଦ୍ରି ମିଶ୍ର, ପଣ୍ଡିତ ଭଗବାନ ମହାପାତ୍ର, ପଣ୍ଡିତ ବିଶ୍ୱମ୍ଭର ଦାଶ, ଡ. ଜଗବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଅରୁଣ ମିଶ୍ର, ବିପିନ୍ ବିହାରୀ ଶତପଥୀ, ପୀତାମ୍ବର ମିଶ୍ର, ନନ୍ଦିଘୋଷ ମହାପାତ୍ର ଓ ଗିରିଜା ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ପଣ୍ଡିତ ବିଶ୍ୱମ୍ଭର ଦାଶ, ବଦ୍ରିମିଶ୍ର, ଶତ୍ରୁଘ୍ନ ପାଣିଗ୍ରାହୀ, ପଣ୍ଡିତ ପଦ୍ମନାଭ ରଥ, ଲକ୍ଷ୍ମୀ ନାରାୟଣ କର, ସୂର୍ଯ୍ୟନାରାୟଣ ତ୍ରିପାଠୀ, ଜ୍ଞାନେନ୍ଦ୍ର ଷଡ଼ଙ୍ଗୀ, ପଣ୍ଡିତ କୁଞ୍ଜବିହାରୀ ଉପାଧ୍ୟାୟ, ପଣ୍ଡିତ ରବିଚରଣ ରଥ, ଜଗବନ୍ଧୁ ମିଶ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ବିଶ୍ୱ ବନ୍ଧୁତ୍ୱ ଦିବସ ଉପରେ ଛାତ୍ରୀଛାତ୍ରଙ୍କ ଆଲୋଚନା

ପୁରୀ,୩୦।୭(ଅଜିତ ମହାନ୍ତି)

ପୁରୀ ଅଞ୍ଚଳରେ ଥିବା ବିଶ୍ୱମ୍ଭର ବିଦ୍ୟାପୀଠ ୧୯୮୩ ବ୍ୟାଚ ପକ୍ଷରୁ ରବିବାର ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି। ଦୋଳମଣ୍ଡପ ସାହି ଶ୍ରୀପଦ ବାଟିକାଠାରେ ଅନୁଷ୍ଠିତ ସମାବେଶରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ବିଶ୍ୱ ବନ୍ଧୁତ୍ୱ ଦିବସ ସମ୍ପର୍କରେ ଓ ବନ୍ଧୁତାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଗତ ଡିସେମ୍ବରରେ ୧୯୮୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅନୁଷ୍ଠିତ ଗୁରୁପୂଜନ ଉତ୍ସବର ସଫଳତା ଓ ଆୟବ୍ୟୟର ମଧ ସମୀକ୍ଷା କରାଯାଇଥିଲା। ଚଳିତବର୍ଷ ହେବାକୁ ଥିବା ଉତ୍ସବରେ ବିଭିନ୍ନ ସମାଜସେବା କାର୍ଯ୍ୟ ହାତକୁ ନେବାକୁ ନିଷ୍ପତ୍ତି ହୋଇଥିଲା। ଶେଷରେ ବିଶ୍ୱମ୍ଭର ବିଦ୍ୟାପୀଠର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବିଶ୍ୱନାଥ ଭଞ୍ଜଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ମନୋରଞ୍ଜନ ପଟ୍ଟନାୟକ, ଭକ୍ତଚରଣ ଦାସ, ପ୍ରିୟଦର୍ଶନ ପଟ୍ଟନାୟକ, ରମେଶ ପଞ୍ଚ, ଜିତେନ୍ଦ୍ର ଜଗଦେବ, ବିଶ୍ୱବନ୍ଧୁ ଦାଶ, ଜଳନ୍ଧର ସାହୁ, ଲକ୍ଷ୍ମୀନାରାୟଣ ସେନାପତି, ଗୋପୀନାଥ ମହାପାତ୍ର, ମନୋଜ ମହାପାତ୍ର ଓ ଅନିଲ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସମାଜରୁ ଭୟ, ଭଷ୍ଟାଚର ଦୂର କରିବାକୁ ସଂକଳ୍ପ

ପୁରୀ,୩୦।୭(ଅଜିତ ମହାନ୍ତି)

ପ୍ରୟାସ ସଂଗଠନ ପକ୍ଷରୁ ବଙ୍କୁସ୍ଥିତ ମହାବୀର ଦେବ ପୀଠରେ ସଂଗଠନର ମହିଳା ଶାଖା ଦୁର୍ଗାବାହିନୀର ଶୁଭାରମ୍ଭ ହୋଇଛି। ସଙ୍ଗଠନ ସଭାପତି ଶ୍ରୀକୃଷ୍ଣ ଜଗଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ମହିଳା ଯୋଗଦେଇ ସମାଜରୁ ଭୟ, ଭୋକ ଓ ଭ୍ରଷ୍ଟାଚାର ଦୂର କରିବା ସହିତ ନିଶାମୁକ୍ତି ଆନ୍ଦୋଳନକୁ ସାକାର କରିବା ପାଇଁ ସଂକଳ୍ପ ଘୋଷଣା କରିଥିଲେ। ଦୁର୍ଗା ବାହିନୀ ସଂଗଠନକୁ ଜନାଭିମୁଖୀ କରିବା ପାଇଁ ପ୍ରୟାସର ସମ୍ପାଦକ ଯୁବନେତା କାମାକ୍ଷା ପ୍ରଧାନ ଆହ୍ୱାନ ଜଣାଇଥିଲେ। ଦୁର୍ଗାବାହିନୀର ସଭାନେତ୍ରୀ ମେନକା ପ୍ରଧାନ କହିଥିଲେ, ଆମ ଅଞ୍ଚଳ ମଦ ମୁକ୍ତ ନ ହେବା ପର୍ଯ୍ୟନ୍ତ ଆମର ବିଶ୍ରାମ ନାହିଁ। ଏହି ଅବସରରେ ପ୍ରୟାସ ସଙ୍ଗଠନର ବଙ୍କୁ ପଞ୍ଚାୟତର ସମସ୍ତ ୱାର୍ଡ କମିଟି ଗଠନ କରାଯାଇଥିଲା। ବିଶ୍ୱଜିତ୍ ବଡ଼ଜେନା, ଜିଷ୍ଣୁଜୟ ମଉଗଜସିଂହ, ଶ୍ରୀନିବାସ ପାତ୍ର, ବିଶ୍ୱଜିତ୍ ଜଗଦେବ, କିଶୋର ମାର୍ଥି, ସୁବ୍ରତ ମହାପାତ୍ର, ଅନନ୍ତ ଜେନା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକାଶ ଚନ୍ଦ୍ର ନାଥ ବଙ୍କୁ ୱାର୍ଡ କମିଟି ସଭାପତି ଏବଂ ଦୁର୍ଗା ବାହିନୀ ସଭାନେତ୍ରୀ ଶାନ୍ତିଲତା ସ୍ୱାଇଁ ଭାବେ ନିର୍ବାଚିତ ହୋଇଥିଲେ। ଶେଷରେ ଆଲୋକନାଥ ଧନ୍ୟବାଦ ଦେଇଥିଲେ।


ପିପିଲିସ୍ଥିତ କୁଳଶିଖରପାଟଣାର ଏକ ଶିକ୍ଷାନୁଷ୍ଠାନରେ ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିମାନେ।

## ସ୍ୱଚ୍ଛ ଅନୁଷ୍ଠାନର ଜୋନ୍‌ସ୍ତରୀୟ କର୍ମଶାଳା

ସାକ୍ଷୀଗୋପାଳ,୩୦।୭(ଭରତ ରାଉତ)

ପୂର୍ବ ସତ୍ୟବାଦୀର ବଳରାମପୁର ଗଡ଼ ପଞ୍ଚାୟତସ୍ଥିତ ଗେଣ୍ଡାମାଳି ଗ୍ରାମର ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ସ୍ୱଚ୍ଛ ସାମାଜିକ ଅନୁଷ୍ଠାନର ଏକ ଜୋନସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳରେ ବାକି ଥିବା ବଳପୁର, ସାରଙ୍ଗଯୋଡି, ପରଜାପଡା, ରାୟଖଣ୍ଡି, ବଳରାମପୁର ପଞ୍ଚାୟତରେ ଗଛ ଲଗାଯିବା ପାଇଁ ଆଲୋଚନା ହେବା ସହିତ ୩୩ନଂ.ଜୋନରେ ଥିବା ଲୋକଙ୍କ ମୌଳିକ ସମସ୍ୟା ତଥା ସଙ୍ଘ କିପରି ଆଗକୁ ସଂଗଠିତ ହୋଇ କାମ କରିବ ସେ ବିଷୟରେ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ସ୍ୱଚ୍ଛ ସାମାଜିକ ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନୀଳକଣ୍ଠ ପ୍ରଧାନ ସଭ୍ୟମାନଙ୍କୁ ସାର୍ଥଠାରୁ ଦୂରରେ ରହି କାର୍ଯ୍ୟ କରିବାକୁ ବାର୍ତ୍ତା ଦେଇଥିଲେ। ଏହି ବୈଠକରେ ପବିତ୍ର କୁମାର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କବି ପଳାଇ, ଅଭିମନ୍ୟୁ ନାୟକ, ଦୀପକ ସ୍ୱାଇଁ, ଲୋକନାଥ ନନ୍ଦ, ଭାଗୀରଥି, ହୃଷୀକେଶ, ନାରାୟଣ ବରାଳ, ଶଶୀଭୂଷଣ ବିଶ୍ୱାଳ ଇତ୍ୟାଦି ଯୋଗଦେଇଥିଲେ।

## ଶୈବ ତତ୍ତ୍ୱରେ ପଞ୍ଚପାଣ୍ଡବ ଆଲୋଚନାଚକ୍ର

ପୁରୀ, ୩୦।୭(ଅଜିତ ମହାନ୍ତି )


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପୁରୀ, ଓଡ଼ିଶା ଆନୁକୂଲ୍ୟରେ ରାଣୀ ସତୀଭବନ ପରିସରରେ ଶୈବ ତତ୍ତ୍ୱରେ ପଞ୍ଚପାଣ୍ଡବ ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରକୁ ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ବକ୍ତା ଭାବେ ନରେଶ ଚନ୍ଦ୍ର ଦାଶ, ଐତିହାସିକ ମଦନମୋହନ ମହାପାତ୍ର, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଲକ୍ଷ୍ମୀପ୍ରସାଦ ମିଶ୍ର, ଶିବସୁନ୍ଦର ମିଶ୍ର, ବଳରାମ ଦାଶ ଓ ଟ୍ରଷ୍ଟର ଉପଦେଷ୍ଟା ତଥା ଆଇନଜୀବୀ ପୁଷ୍କର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣ ଗୀତାର ନାୟକ ରୂପେ ପରମ ଦେବତା ଅଟନ୍ତି। ଏବଂ ଅର୍ଜୁନଙ୍କ ସମେତ ପଞ୍ଚପାଣ୍ଡବ ତାଙ୍କ ଭକ୍ତ ଥିଲେ। ଯାହାକି ଦାସ ଭକ୍ତିର ପ୍ରତୀକ ଏବଂ ଦୁର୍ବାସଙ୍କ ଦ୍ୱାରା ପ୍ରାପ୍ତମନ୍ତ୍ର ଦ୍ୱାରା ଦେବୀ କୁନ୍ତି ଧର୍ମ ଦେବତା, ପବନ ଦେବତା ଓ ଇନ୍ଦ୍ରଙ୍କ ଆବାହନକ୍ରମେ ସେମାନଙ୍କ ଔରସରେ ଯୁଧିଷ୍ଠିର, ଭୀମ ଓ ଅର୍ଜୁନଙ୍କୁ ଜନ୍ମ ଦେଇଥିଲେ। ତେଣୁ ମହାଭାରତ ଯୁଗୀୟ ଚେତନାରେ ପଞ୍ଚୁପାଣ୍ଡବଙ୍କ ସ୍ୱରୂପ ଜମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠେଶ୍ୱର ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ସହିତ ଶିବ ସ୍ୱରୂପରେ ସାମିଲ ହୋଇଥାନ୍ତି ବୋଲି ଅତିଥିମାନେ କହିଥିଲେ। ଆଲୋଚନାଚକ୍ରରେ ସୁରେଶ ପଟ୍ଟନାୟକ, ରମାକାନ୍ତ କର, ପ୍ରମୋଦ ଦଳାଇ, ବିଜୟୀ ଲକ୍ଷ୍ମୀ ଦାଶ, ପଣ୍ଡିତ ସଦାଶିବ ମିଶ୍ର, ପଣ୍ଡିତ ଦୟାନିଧି ପଣ୍ଡା, ବିପିନ ବିହାରୀ ଦଳାଇ, ଅଶୋକ ମହାପାତ୍ର ପ୍ରମୁଖ ସାମିଲ ଥିଲେ। ପରେ ଲେଖିକା ବିଜୟ ଲକ୍ଷ୍ମୀ ଦାଶଙ୍କ ପୁସ୍ତକ ବ୍ରତରେ ଶ୍ରେଷ୍ଠ ଏକାଦଶୀ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଡା. ଶୁଭେନ୍ଦୁ ମହାନ୍ତି, ଉର୍ମିଳା ସାମନ୍ତରାୟ, ସୁରେଶ ପଟ୍ଟନାୟକ ଓ ପର୍ଶୁରାମ ପାତ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ ଭବାନୀ ପ୍ରସାଦ ବଳିଆର ସିଂ ଧନ୍ୟବାଦ ଦେଇଥିଲେ।

# ଦୟା ବଞ୍ଚାଅ, ଚିଲିକା ବଞ୍ଚାଅ

କଣାସ,୩୦।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଡା ହଟକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ଦୟା ବଞ୍ଚାଅ ଓ ଚିଲିକା ବଞ୍ଚାଅ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଜନନେତା ଶଙ୍କର୍ଷଣ ମାର୍ଥା ଏଥିରେ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ବିଶିଷ୍ଟ ବୁଦ୍ଧିଜୀବୀ, ଛାତ୍ର, ଚିଲିକା ମତ୍ସ୍ୟଜୀବୀ ମହାସଂଘର ନେତୃତ୍ୱମାନେ ଉପସ୍ଥିତ ଥିଲେ। ଗଙ୍ଗୁଆନାଳର ଦୂଷିତ ଓ ବିଷାକ୍ତ ପାଣି ଦୟାନଦୀରେ ନିଷ୍କାସିତ ହେବା ଫଳରେ ଦୟା, ରାଜୁଆ, ମକରା, ଲୁଣା, ମଲାଗୁଣୀ ନଦୀର ଜଳ ପ୍ରଦୂଷିତ ହେଉଛି। ଉକ୍ତ ଦୂଷିତ ଜଳକୁ ଜଳସେଚନ କାର୍ଯ୍ୟରେ ବ୍ୟବହାର କରିବା ଫଳରେ ଧାନ, ଚିନାବାଦାମ, ପୋଟଳ, କଲରା, ବାଇଗଣ, ଟମାଟୋ ଆଦି ଫସଲର ଉତ୍ପାଦନ କ୍ଷମତା ଯଥେଷ୍ଟ ହ୍ରାସ ପାଇଛି। ଅନେକ ଜଳଜୀବ ମରି ଭାସୁଛନ୍ତି। ଏହି ପ୍ରଦୂଷିତ ଜଳ ବ୍ୟବହାର କରିବା ଫଳରେ କ୍ୟାନ୍ସର, ହୃଦ୍‌ରୋଗ, କିଡ୍‌ନୀ, ଚର୍ମରୋଗରେ ନଦୀକୂଳବାସୀ ଆକ୍ରାନ୍ତ ହେଉଛନ୍ତି। ଏହି ପାଣିରେ ବହୁଳ ପରିମାଣରେ ଜୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳୁଛି। ରାଜଦଳ (କଳିକତି ଦଳ) ନଦୀରେ ବଢିବା ଫଳରେ ଚିଲିକାରେ ଡଙ୍ଗା ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଚିଲିକାର ଜୈବବିବିଧତା ନଷ୍ଟ ହେଉଛି । ପୁରୀ, ଖୋର୍ଦ୍ଧା ଓ ଗ୍ରାମ ଜିଲାର ପ୍ରାୟ ୧୫୦ଗ୍ରାମର ମତ୍ସ୍ୟଜୀବୀ ବେକାର ହୋଇବସିଛନ୍ତି। ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ଗଙ୍ଗୁଆ ନଦୀ ଦୂଷିତ ପାଣିକୁ ସୋଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ବିଶୁଦ୍ଧ କରିବା, ଦୟାନଦୀରେ ଗଙ୍ଗୁଆ ପାଣିକୁ ନ ଛାଡିବା, କଣ୍ଟିଠାରେ ଜୈନିକ ବିଲ୍ଡର ଦୟାନଦୀର ପଠାକୁ ଅବରୋଧ ମୁକ୍ତ କରିବା ଆଦି ଦାବି ଆଲୋଚନା ହୋଇଥିଲା। ଦୟାନଦୀକୁ ଚିର ପ୍ରବାହ କରିବା ମଧ ଅନ୍ୟତମ ଦାବିଥିଲା। ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ଅଖିଳ ଭାରତ କୃଷକ ମହାସଭା ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନ, ସିପିଆଇ(ଏମ୍‌ଏଲ୍) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଚିଲିକା ମତ୍ସ୍ୟଜୀବୀ ମହାସଂଘର ନେତା ରଙ୍କନିଧି ବେହେରା, ଯୁଧିଷ୍ଠିର ବେହେରା, ବିରଞ୍ଚି ବେହେରା, କିଶାନ୍ ପଟ୍ଟନାୟକ, ପଦ୍ମନାଭ ବେହେରା, ସତ୍ୟପ୍ରିୟ ସାହୁ, ହରିବନ୍ଧୁ ପଲାଇ, ଅନାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅତିଥି, ଗ୍ରାମବାସୀ ଓ ଅନ୍ୟମାନେ ।

## ବିଶ୍ୱ ମାନବ ଚାଲାଣ ନିରୋଧ ଦିବସ ପାଳିତ

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜ ପକ୍ଷରୁ ରେଡ଼ିଓ ଉତ୍କଳ ୯୧.୨ ଏଫ୍‌ଏମ୍ କାର୍ଯ୍ୟାଳୟରେ ବିଶ୍ୱ ମାନବ ଚାଲାଣ ନିରୋଧ ଦିବସ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ ମାନବ ଚାଲାଣର ସମସ୍ୟା, ଏହାର ପ୍ରତିକାର ବ୍ୟବସ୍ଥା ଓ ତତ୍‌ସମ୍ବନ୍ଧୀୟ ପ୍ରଚଳିତ ଆଇନ୍ ବିଷୟରେ ଆଲୋଚନା କରିଥିଲେ। ଶ୍ୱେତପଦ୍ମ ମହାସଂଘର ସଭାପତି ପ୍ରିୟମ୍ବଦା ନାୟକ ଯୋଗଦେଇ ଉକ୍ତ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।



## ସଂକ୍ଷେପରେ

### ଅଗଷ୍ଟ ୯ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ

କଟକ,୩୦।୭ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ବେସରକାରୀ ୪୮୮ ବର୍ଗ ଅଧ୍ୟାପକ ଓ କର୍ମଚାରୀଙ୍କ ଜିଲା ସମ୍ମିଳନୀ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଦେବେନ୍ଦ୍ରନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସଭାପତି ପବିତ୍ର ମାହାଲା, ସମ୍ପାଦକ ଅଟଳ ବିହାରୀ ବଳ, ଉପସଭାପତି ପ୍ରଶାନ୍ତ ପାତ୍ର ଯୋଗଦେଇ ଆଗାମୀ ଦିନରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ଓ ଅଗଷ୍ଟ ୯ରେ ହେବାକୁଥିବା ଆନ୍ଦୋଳନ ପାଇଁ କାର୍ଯ୍ୟପନ୍ଥା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ୨୦୧୭ ଅନୁଦାନପ୍ରାପ୍ତ ୪୮୮ ବର୍ଗର ଅଧ୍ୟାପକ, କର୍ମଚାରୀମାନେ ଯୋଗଦେଇ ପେନ୍‌ସନ୍ ଓ ଅନ୍ୟାନ୍ୟ ଚାକିରି ସର୍ତ୍ତାବଳୀ ପାଇଁ ସରକାରଙ୍କ ନିକଟରେ ଦାବି ରଖିବାକୁ ରାଜ୍ୟ ନେତୃବୃନ୍ଦଙ୍କୁ ଅନୁରୋଧ କରିଥିଲେ। ଜିଲା ସମ୍ପାଦକ ଯୁଜ୍ଞେଶ୍ୱର ଦାସଙ୍କ ନେତୃତ୍ୱରେ ଜିଲା ସଂଯୋଜକ ପ୍ରଣବ କୁମାର ଦାସ, ଅଧ୍ୟାପିକା ରେଖା ମହାନ୍ତି, ଆରତି ଦାସ, ଅଜନ୍ତା ଦାସ ପ୍ରମୁଖ ଯୋଗଦେଇ ଆସନ୍ତା ୯ ତାରିଖରେ ହେବାକୁଥିବା ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

### ବରିଷ୍ଠ ନାଗରିକ ସଂସ୍ଥାନର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

କଟକ,୩୦।୭ (କାର୍ତ୍ତିକ ସାହୁ)

ସିଡିଏ ସେକ୍ଟର-୯ ବରିଷ୍ଠ ନାଗରିକ ସଂସ୍ଥାନର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସେକ୍ଟର-୮ସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବୋଧ କୃଷ୍ଣ ମିଶନର ପ୍ରମୁଖ ଡ. କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ଓ ସଂସ୍ଥାନର ମୁଖ୍ୟ ପୃଷ୍ଠପୋଷକ ସୁରେନ୍ଦ୍ର ନାଥ ପଣ୍ଡା ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ନୂତନ କର୍ମକର୍ତ୍ତାମାନେ ହେଲେ ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର, ଉପାଧ୍ୟକ୍ଷ ବିଜୟ କୁମାର ପାତ୍ର, ବିଚିତ୍ରାନନ୍ଦ ପ୍ରଧାନ, ଡ. ସମୀର ରଞ୍ଜନ, ମହାସଚିବ ଉତ୍କଳ ଭୂଷଣ ରାଉତରାୟ, ସହସଚିବ ପ୍ରତାପ କୁମାର ଜେନା, ପ୍ରକାଶ ଚନ୍ଦ୍ର ରଥ, ବିଜୟ କୁମାର ସାମନ୍ତ ସିଂହାର, କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ଦାସ, ଲୋକସମ୍ପର୍କ ପ୍ରମୁଖ ମହେନ୍ଦ୍ର ମହାପାତ୍ର ଓ ସଂଯୋଜକ ଅଦ୍ୱୈତ ଚରଣ ନାୟକ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଧରଣୀଧର ପଟ୍ଟନାୟକ, ବିରଞ୍ଚି ନାରାୟଣ ମିଶ୍ର, କଲୋନେଲ ବିଶେଶ୍ୱର ରାଉତ, ଶ୍ରୀଧର ମଲ୍ଲିକ, ଗୌରହରି ବାରିକ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର ଏଥିରେ ସଭାପତିତ୍ୱ କରିଥିବାବେଳେ ସଂଯୋଜକ ଅଦ୍ୱୈତ ଚରଣ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବେଲ, ଅଁଳା, ନିମ୍ବ ଚାରା ରୋପଣ କରାଯାଇଥିଲା।

## ଉତ୍କଳ ସାହିତ୍ୟ ସମାଜର ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ

# ‘ସାହିତ୍ୟିକ ସମାଜର ବାର୍ତ୍ତାବହ’

କଟକ,୩୦।୭ (କାର୍ତ୍ତିକ ସାହୁ)

ଲେଖକମାନେ ସମାଜକୁ ଦିଗ୍‌ଦର୍ଶନ ଦେଇଆସୁଛନ୍ତି। ସେମାନଙ୍କ ଶକ୍ତିଶାଳୀ ଲେଖନି ସାମାଜିକ ପରିବର୍ତ୍ତନର ଶ୍ରେଷ୍ଠ ମାଧ୍ୟମ ବୋଲି ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଛନ୍ତି। କଟକ ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜର ୧୨୧ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ବିଚାରପତି ଡ. ଷଡ଼ଙ୍ଗୀ ଉଦ୍‌ଘାଟନ କରି କହିଥିଲେ, ସାହିତ୍ୟିକମାନେ ସମାଜର ବାର୍ତ୍ତାବହ। ଲେଖକମାନଙ୍କର ତ୍ୟାଗ ଓ ନିଷ୍ଠାରେ ସମାଜ ଗୌରବାନ୍ୱିତ।

ଏଥିରେ ବରେଣ୍ୟ ଅତିଥି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ଯୋଗଦେଇ କହିଥିଲେ, ମା’ କୋଳରେ ବଢ଼ି, ପରିବାର ଭିତରେ ବଢ଼ିହୋଇ ମଣିଷ ସମାଜ କୋଳକୁ ଆସେ। ସମାଜ ତାକୁ ରୂପରେଖ ଦେଇଥାଏ। ସେହି ରୂପରେଖ ପାଇଁ ପ୍ରତ୍ୟେକ ବ୍ୟକ୍ତି କେତେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପାଖରେ ଋଣୀ। ଶତାୟୁ ଉତ୍କଳ ସାହିତ୍ୟ ସମାଜ ଏହିପରି ଏକ ପ୍ରତିଷ୍ଠିତ ଅନୁଷ୍ଠାନ। ଏଥିପାଇଁ ମୁଁ ଗୌରବାନ୍ୱିତ। ସାହିତ୍ୟର ଭୌଗୋଳିକ ପରିସୀମା ନ ଥାଏ। ଆମ ଓଡ଼ିଆ ସାହିତ୍ୟ ଅନୁଦିତ ହୋଇ ଭାରତ ଓ ଭାରତ ବାହାରେ ବେଶ୍ ଆଦୃତ ହୋଇଛି ବୋଲି ସେ କହିଥିଲେ। ସେହିପରି



ସମାରୋହରେ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କୁ ‘ଉତ୍କଳ ରତ୍ନ’ ପ୍ରଦାନ କରାଯାଉଛି।

ସମ୍ମାନିତ ଅତିଥି କିସ୍ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ରିସର୍ଚ୍ଚ ଚେୟାରର ପ୍ରଫେସର ଡ. ବିଜୟାନନ୍ଦ ସିଂହ କହିଥିଲେ, ଉତ୍କଳ ସାହିତ୍ୟ ସମାଜ ଅନୁଷ୍ଠାନ ଓଡ଼ିଆ ଭାଷା-ସାହିତ୍ୟର ସମୃଦ୍ଧି ଓ ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଆସୁଛି। ସାରା ଓଡ଼ିଶାର ସ୍ରଷ୍ଟାମାନେ ଏହି ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହେବା ଗୌରବର ବିଷୟ।

ଏହି ଅବସରରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କୁ ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ ସମ୍ମାନ ‘ଉତ୍କଳ ରତ୍ନ’ ପ୍ରଦାନ କରାଯାଇଥିଲା। ସେହିପରି ରାଧାମୋହନ ମହାପାତ୍ରଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ସଂଯୁକ୍ତା ମହାନ୍ତିଙ୍କୁ ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ମନ୍ମଥ କୁମାର ଶତପଥୀଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ଡ. କମ୍ବୁପାଣି ସାମନ୍ତଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସାହିତ୍ୟ ସମ୍ମାନ, ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, ତ୍ରିପୁରା ମିଶ୍ରଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, ରମେଶ ଚନ୍ଦ୍ର ରଥ(ଚେତନା)ଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, ଚୈତନ୍ୟ କୁମାର ସାହୁଙ୍କୁ ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଅପର୍ଣ୍ଣା ମିଶ୍ରଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ସତ୍ୟନାରାୟଣ ମହାପାତ୍ରଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ, ଦେବୁ ଚାଟାର୍ଜୀଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ଡ. ରମାକାନ୍ତ ମହାପାତ୍ରଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, କାହ୍ନୁଚରଣ ଲେଙ୍କାଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ବାବାଜି ଚରଣ ଜେନାଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଗୋପୀନାଥ ବେହେରାଙ୍କୁ କବିଚନ୍ଦ୍ର ସଙ୍ଗୀତଗୁରୁ ସମ୍ମାନ, ସ୍ୱରୂପା ଚକ୍ରବର୍ତ୍ତୀଙ୍କୁ ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ, ବିଶ୍ୱକେଶ ତ୍ରିପାଠୀଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଇଂ. ସୌରାଂଶୁ ପଟ୍ଟନାୟକଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଙ୍ଗଠକ ସମ୍ମାନ, ସୁଜିତ୍ କୁମାର ପଣ୍ଡାଙ୍କୁ କୈଳାସ ଚନ୍ଦ୍ର ସିଂହ ଯୁବ ସାରସ୍ୱତ ସମ୍ମାନ, ନଳିନୀକାନ୍ତ ନନ୍ଦ (ଏସ୍.ବି. ପବ୍ଲିଶର୍ସ)ଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, ସୁଶାନ୍ତ କୁମାର ନାୟକଙ୍କୁ ବାଗ୍ମୀ ବିଶ୍ୱନାଥ କର ସମ୍ପାଦନା ସମ୍ମାନ ଓ ରାଜବଲ୍ଲଭ ସାହୁଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଛି। ଏଥିସହ ପ୍ରତିଭା ପ୍ରଣାମ-୨୦୨୩ ଓ ଅନୁଷ୍ଠାନର ବାର୍ତ୍ତାପତ୍ର ସାହିତ୍ୟ ସନ୍ଦେଶ ଉନ୍ମୋଚିତ ହୋଇଥିଲା।

### ଜଷ୍ଟିସ୍ ଦୀପକ ମିଶ୍ର ପାଇଲେ ଉତ୍କଳ ରତ୍ନ

ଅନୁଷ୍ଠାନ ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ସରୋଜିନୀ ମିଶ୍ର, ରାଧାଶ୍ୟାମ ରାଉଳ, ତପନ କୁମାର ସ୍ୱାଇଁ, ରୀତା ରାୟ, ସୁଶ୍ରୀ ଶୁଭଶ୍ରୀ, ବିଶ୍ୱମିତ୍ରା ମିଶ୍ର, ଡକ୍ଟର ସାରଦା ପ୍ରସାଦ ମହାନ୍ତି ପ୍ରମୁଖ ମାନପତ୍ର ପାଠ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ରଶ୍ମିତା ସାମନ୍ତରାୟ, ଅଜୟ କୁମାର ମହାନ୍ତି ଓ ଦେବ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଉପସଭାପତି ଜୀବନାନନ୍ଦ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବି ସମ୍ମିଳନୀକୁ କବି ବନଜ ଦେବୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶ ଯୋଗଦେଇଥିଲେ। ଡ. ସୁରଞ୍ଜନ ଲେଙ୍କା, ସୁକାନ୍ତି ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଡ. ଗାୟତ୍ରୀ ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଣଦେଖା କରା ନ ଯାଉ’

### ଦି ୟୁନିଭର୍ସରେ ଆଲୋଚନାସଭା

କଟକ,୩୦।୭ (କାର୍ତ୍ତିକ ସାହୁ)

କଟକ ମୈତ୍ରୀସରଣୀସ୍ଥିତ ସମ୍ମିଳନୀ କକ୍ଷରେ ଦି ୟୁନିଭର୍ସ ପକ୍ଷରୁ ସଦ୍ୟ ପ୍ରକାଶିତ ସୂଚକାଙ୍କରେ ଆମ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଶୀର୍ଷକ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଡ. ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତା ଭାବେ ଶିକ୍ଷାବିତ୍ ଡ. ସତ୍ୟକାମ ମିଶ୍ର ଯୋଗଦେଇ କହିଥିଲେ, ଆମ ବିଦ୍ୟାଳୟ ଶିକ୍ଷାର ମାନ ହ୍ରାସ ପଛରେ ଅନେକ କାରଣ ରହିଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଉପରେ ଧ୍ୟାନ ଦିଆଯାଉଥିବାବେଳେ ଅନ୍ୟ ସମସ୍ୟା ପ୍ରତି ସଜାଗ ହେବା ଦରକାର। ବିଦ୍ୟାଳୟକୁ ସରକାର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଉଛନ୍ତି, ହେଲେ ସେଗୁଡ଼ିକ ବ୍ୟବହୃତ ହେଉଛି କି ନାହିଁ ସେକଥା କେହି ଦେଖୁନାହାନ୍ତି। ମେଧା ଓ ନିଷ୍ଠା ଆଧାରରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉତ୍ତରୋତ୍ତର ଉନ୍ନତିକୁ ଅଣଦେଖା କରା ନ ଯାଉ। ସେମାନଙ୍କ ମଧ୍ୟରେ ତାରତମ୍ୟ ସୃଷ୍ଟି କରା ନ ଯିବା ଦରକାର। ଏଥିରେ ଡା. ସଙ୍ଗୀତ ପଟ୍ଟନାୟକ, ଲାଲା ଅମ୍ବିକା ପ୍ରସାଦ ରାୟ, ଓମ୍ କର, ଭିକାରୀ ଚରଣ ଦାସ, କାଶୀନାଥ ସ୍ୱାଇଁ, ନୀହାର ରଞ୍ଜନ ବିଶ୍ୱାଳ, ଡ. ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ୟାପ୍ତୀ ପଟ୍ଟନାୟକ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପାଦକ କିଶୋର କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ




କଂଗ୍ରେସର ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାୟକ ମହମ୍ମଦ ମୋକିମଙ୍କ ସହ ଅନ୍ୟମାନେ।

କଟକ,୩୦।୭(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ସଦର ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ସେଲ୍‌ଟର ଛକସ୍ଥିତ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଅନିଲ ବେଉରା ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକ ମୋକିମ ଯୋଗଦେଇ ଦଳୀୟ ସଙ୍ଗଠନକୁ ସଦର ନିର୍ବାଚନ ମଣ୍ଡଳୀରେ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିପାଇଁ ଆବଶ୍ୟକ ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି କଟକ ସଦର ନିର୍ବାଚନ ମଣ୍ଡଳୀର ୩୭ଟି ପଞ୍ଚାୟତ, ୬ଟି ୱାର୍ଡର ବରିଷ୍ଠ କଂଗ୍ରେସ ନେତା, ନିର୍ବାଚିତ କର୍ପୋରେଟର, ପୂର୍ବତନ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ଦଳୀୟ ସଙ୍ଗଠନକୁ ସଦର ଅଞ୍ଚଳରେ ମଜଭୁତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ମୋକିମ ଓ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ନିଲମ୍ବନକୁ ନେଇ କର୍ମୀମାନଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିଲମ୍ବନ ପ୍ରତ୍ୟାହାର ପାଇଁ ପ୍ରଦେଶ କଂଗ୍ରେସ କମିଟି ଓ ଅଖିଳ ଭାରତୀୟ କଂଗ୍ରେସ କମିଟି ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦିଲୀପ ମହାନ୍ତି, ବିଶ୍ୱଜିତ୍ ଦାସ, କର୍ପୋରେଟର ସନ୍ତୋଷ ଭୋଳ, ଜନାର୍ଦ୍ଦନ ପରିଡା, ନିଶ୍ଚିନ୍ତକୋଇଲି ବ୍ଲକ ଉପସଭାପତି ଦେବେନ୍ଦ୍ର ନାଥ ରାଉତ, ସେଖ୍‌ନୂର ମହମ୍ମଦ, ଦୀପକ ପରିଡା, ମହମ୍ମଦ ଆରିଫ ଉଦ୍ଦୀନ ଖାନ୍, ସାଗର ବେଉରା, ସୁଧୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୫-ଟି ସଚିବଙ୍କ ଗସ୍ତ ପ୍ରସ୍ତୁତି ବୈଠକ

କଟକ ସଦର,୩୦।୭(ସୁଶାନ୍ତ କୁମାର ଜେନା)

୫-ଟି ସଚିବ ଭି.କେ. ପାଣ୍ଡିଆନ ଆସନ୍ତା ଅଗଷ୍ଟ ୯ରେ କଟକ ସଦର ବ୍ଲକ ଅଧୀନ ପରମହଂସ ଗ୍ରାମ ଗସ୍ତ କରି ଏକ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ପରମହଂସ ଗ୍ରାମ ଗାଦିପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, କଟକ ଜିଲା ବିଜେଡି ଉପସଭାପତି ସମର ବେହେରା, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ଆମ୍ବାର ସଭାପତି ରଜନୀକାନ୍ତ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ମିଶନ ଶକ୍ତି ସଂଯୋଜକ ଶରତ କୁମାର ରାୟଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଦଳୀୟ ପଞ୍ଚାୟତସ୍ତରୀୟ ସଭାପତିମାନେ ଯୋଗଦେଇଥିଲେ। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କୁ ଏକ ତାଲିକା ପ୍ରଦାନ କରାଯିବ। ଯାହାକୁ ସରକାର ମଞ୍ଜୁର କରିବା ପରେ ଉକ୍ତ ଦିନ ସଭାରେ ୫-ଟି ସଚିବ ଘୋଷଣା କରିବେ ବୋଲି ସୂଚନା ଦିଆଯାଇଥିଲା। ବିଧାୟକ ବେହେରା ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକକୁ ସମ୍ବୋଧିତ କରିଥିଲେ। ଏହି ବୈଠକରେ ଜିଲା ପରିଷଦ ସଭ୍ୟ ପ୍ରଦୀପ ମାହାଲି, ସୁବୋଧ ବେହେରା, ମିହିର ପତି, ସରୋଜ ନାୟକ, ହିମାଂଶୁ ଦାସ, ରବିନାରାୟଣ ଦାଶ, ଅଜୟ ଦଳେଇ, ବିନୋଦ ବିହାରୀ ବେହେରା ଓ ରାମଚନ୍ଦ୍ର ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର ଧନ୍ୟବାଦ ଦେଇଥିଲେ।

## ଦୁର୍ନୀତିଖୋର ଅଫିସରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରାଯିବ

ମଙ୍ଗୁଳି-ଜଗତପୁର,୩୦।୭
(ମାନସ ସାମଲ)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳର ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଚୌଦ୍ୱାରସ୍ଥିତ ଟାଉନ୍‌ହଲଠାରେ ଭାଜପା ପକ୍ଷରୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇନ୍ଦ୍ରାଣୀପାଟଣା ସରପଞ୍ଚଙ୍କ ପ୍ରତିନିଧି ବିନୟ ମଲ୍ଲିକଙ୍କ ନେତୃତ୍ୱରେ ୧୫୦୦ରୁ ଊର୍ଦ୍ଧ୍ୱ କର୍ମୀ ସ୍ଥାନୀୟ କାଳୀମନ୍ଦିର ନିକଟରେ ଉପସ୍ଥିତ ରହି ମୁଖ୍ୟ ଅତିଥି ବରିଷ୍ଠ ଭାଜପା ନେତା ପ୍ରମୋଦ କୁମାର ସାହୁଙ୍କୁ ସ୍ୱାଗତ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ମୁଖ୍ୟ ଅତିଥି ସାହୁ ଯାଇ ଟାଉନହଲସ୍ଥିତ ସମାବେଶ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ସେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। କେତେଜଣ ଦୁର୍ନୀତିଖୋର ଅଫିସରଙ୍କ ମନମାନି ଯୋଗୁ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆଗାମୀ ଦିନରେ ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରାଯାଇ ଚୌଦ୍ୱାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। ଏହି ସମାବେଶରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ସ୍ମୃତି ରଞ୍ଜନ ମିଶ୍ର, ରାଜ୍ୟ ତଫସିଲଭୁକ୍ତ ଜାତି ମୋର୍ଚ୍ଚା ସମ୍ପାଦକ ବିକାଶ କୁମାର ବେହେରା, ସୁଭାଷ ସଙ୍ଗଠନର ସମ୍ପାଦକ ସୁରେଶ ମହାନ୍ତି, ଶିବପ୍ରସାଦ ନାୟକ, ଅକ୍ଷୟ ଭୂୟାଁ, ଅଭୟ ସିଂ, ଆଶୁତୋଷ ଦାସ, ମୀରା ପରିଡା ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଓବିସି ମୋର୍ଚ୍ଚା ଉପସଭାପତି ବସନ୍ତ ଦାସ, ନୃସିଂହ ମହାପାତ୍ର, ବିବେକ ସାମଲ, ବର୍ଷାରାଣୀ ପଲେଇ ଓ ମମତା ଦାସ ସଭା ପରିଚାଳନା କରିଥିଲେ।




ସେବା, ସୁଶାସନ ଓ ଗରିବ କଲ୍ୟାଣ ସମାବେଶରେ ଅତିଥିଙ୍କ ସହ ଅନ୍ୟମାନେ।

# ‘ଚୈତ୍ୟସତ୍ତା ଦ୍ୱାରା ଆମକୁ ପରିଚାଳିତ ହେବାକୁ ପଡ଼ିବ’

କଟକ,୩୦।୭ (କାର୍ତ୍ତିକ ସାହୁ)

ଭବିଷ୍ୟତ ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ଚିରନ୍ତନ ନିରନ୍ତର ଅଗ୍ରଗତି କରିବା ପାଇଁ ପ୍ରୟାସରତ। ଆମକୁ ନିଜ ଅଭିଜ୍ଞତାରେ ପରିପ୍ଲୁତ ହୋଇ ଚୈତ୍ୟସତ୍ତା ଦ୍ୱାରା ପରିଚାଳିତ ହେବାକୁ ପଡ଼ିବ। ବ୍ୟକ୍ତିଗତ, ରାଷ୍ଟ୍ରୀୟ ସ୍ତରରେ ଆମକୁ ସମୃଦ୍ଧ ହେବାକୁ ହେବ। ସତ୍ୟର ଜାଗ୍ରତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ ବୋଲି କପିଳାସ ପ୍ରସାଦ ଦାଶ କହିଛନ୍ତି।

କଟକ ମାତୃଭବନଠାରେ ରବିବାର ଚେତନା ଜାଗରଣ ସମାବେଶ ଅନୁଷ୍ଠିତ

### ଚେତନା ଜାଗରଣ ସମାବେଶ

ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ କପିଳାସ ପ୍ରସାଦ ଦାଶ ଯୋଗଦେଇ ସାହିତ୍ୟ ଗର୍ଭକ, ଚେତନା ଉଦ୍ରେକ, ପଥ ପ୍ରଦର୍ଶକ, ଆଧ୍ୟାତ୍ମିକ ବକ୍ତବ୍ୟରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସେହିପରି ମାତୃଭବନର ସମ୍ପାଦକ ଗଦାଧର ମିଶ୍ର ଯୋଗଦେଇ କହିଥିଲେ, ବର୍ତ୍ତମାନ ପୃଥିବୀରେ ଯୁଦ୍ଧ, ବନ୍ୟା, ବାତ୍ୟା, ମନୁଷ୍ୟକୃତ ଭୟାବହ ବିଭୀଷିକା ମଧ୍ୟରେ ସଙ୍ଗଠକମାନଙ୍କର ଏହି ସମାବେଶ ଏକ ଉଜ୍ଜ୍ୱଳ ଆଲୋକବର୍ତ୍ତିକା ସଦୃଶ। ଏଥିରେ ବିଶିଷ୍ଟ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଶ୍ୟାମା କାନୁନ୍‌ଗୋ ଓ ମାତୃଭବନର ସାଧକ କାନନ ବିହାରୀ ପରିଡ଼ା ଉପସ୍ଥିତ ଥିଲେ। ସାଧିକା ଲୀଳାବତୀ ବେହେରା ମାତୃମନ୍ତ୍ର ଓ ଆଭା କାନୁନ୍‌ଗୋ ଧ୍ୟାନ ପ୍ରାର୍ଥନା ଆବୃତ୍ତି କରିଥିଲେ। ମାତୃଭବନର ଅଧ୍ୟକ୍ଷା ନୀତା ସରକାର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନବଜୀବନ ଶିକ୍ଷା ସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ମିଶ୍ର, ମାୟାଧର ସାହୁ, ଡା. ବିଜୟିନୀ ମହାପାତ୍ର, ଡା. ପ୍ରଶାନ୍ତ ନନ୍ଦ ଓ ଅକ୍ଷୟ ମହାପାତ୍ର ମଞ୍ଚାସୀନ ଥିଲେ। କେତେକ ସଙ୍ଗଠକ ନିଜ ଜାଗରଣ କାର୍ଯ୍ୟକ୍ରମର ବିବରଣୀ ପାଠ କରିବା ସହ ଆସନ୍ତା ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମାତୃଭବନ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଜିଲାର ବିଭିନ୍ନ ପ୍ରାନ୍ତରୁ ସଙ୍ଗଠକମାନେ ଯୋଗଦେଇଥିଲେ। ସମରେନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।



ମାତୃଭବନରେ ଅନୁଷ୍ଠିତ ଚେତନା ଜାଗରଣ ସମାବେଶରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ‘ଭୋଟରଙ୍କ ଘରକୁ ଯାଇ ସୁସମ୍ପର୍କ ରଖନ୍ତୁ କର୍ମୀ’

କଟକ,୩୦।୭ (କାର୍ତ୍ତିକ ସାହୁ)

ଚାଉଳିଆଗଞ୍ଜସ୍ଥିତ ଖେଳପଡିଆରେ ଚୌଦ୍ୱାର-କଟକ ବିଜେଡିର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଥିଲେ, ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ କର୍ମୀମାନେ ଭୋଟରଙ୍କ ଘରକୁ ଯାଇ ସୁସମ୍ପର୍କ ରଖନ୍ତୁ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ସେମାନଙ୍କୁ ଜଣାଇବେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅର୍ଜୁନ ପଣ୍ଡା, ଚୌଦ୍ୱାର-କଟକ ମହିଳା ପର୍ଯ୍ୟବେକ୍ଷକ ସାଇଶ୍ରୀ ପଟ୍ଟନାୟକ, ରାଜ୍ୟ ପରିଷଦ ସଦସ୍ୟ ପ୍ରଦୀପ୍ତ କିଶୋର




ଚାଉଳିଆଗଞ୍ଜସ୍ଥିତ ଖେଳପଡିଆରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

### ବିଜେଡି କାର୍ଯ୍ୟକାରିଣୀ ବୈଠକ

ଖୁଣ୍ଟିଆ, ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଚୌଦ୍ୱାର ନଗର ସଭାପତି ବିଷ୍ଣୁଚରଣ ପରିଡା, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ରାଜ୍ୟ ସମ୍ପାଦକ ଶିଶିର ପରିଜା, ଭବାନୀ ଶଙ୍କର ଦାସ ପ୍ରମୁଖ ଯୋଗଦେଇଥିଲେ। ନଗର କମିଟି ସାଧାରଣ ସମ୍ପାଦକ ତାପସ ମହାନ୍ତି ଧନ୍ୟବାଦ ଦେଇଥିଲେ।

ସେହିପରି ଯୋବ୍ରାସ୍ଥିତ ମ୍ୟାରିଟାଇମ ମ୍ୟୁଜିୟମଠାରେ ବୁଥ୍‌ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏହି ନିର୍ବାଚନ ମଣ୍ଡଳୀ ଅଧୀନ ୨୧୧ଟି ବୁଥ୍ କମିଟିର ସଭାପତି, ସମ୍ପାଦକଙ୍କ ଦ୍ୱାରା ଘରକୁ ଘର ବୁଲି ହାଉସ ଟ୍ୟାଗିଂ ମାଧ୍ୟମରେ ସମସ୍ତଙ୍କ ସହ ସୁସମ୍ପର୍କ ରଖିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶ, ଲୋକପ୍ରିୟତା ଓ ଜନକଲ୍ୟାଣ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ଅଗଷ୍ଟ ୨୭ ତାରିଖ ଅପରାହ୍ନ ୪ଟାରୁ ୬ଟା ମଧ୍ୟରେ ପ୍ରତି ବୁଥ୍‌ର ୭୦ ଭାଗରୁ ଊର୍ଦ୍ଧ୍ୱ ପରିବାର ମନ୍ଦିର କିମ୍ବା କମ୍ୟୁନିଟି ସେଣ୍ଟରରେ ଯୋଗଦେଇ ସଭା ମାଧ୍ୟମରେ ଆଲୋଚନା କରିବେ। ପରେ ଚୌଦ୍ୱାର-କଟକ ବିଜେଡି ମୁଖ୍ୟ କାର୍ଯ୍ୟାଳୟକୁ ଫଟୋ ଓ ଭିଡିଓ ମାଧ୍ୟମରେ ଜଣାଇବାକୁ ଉପସ୍ଥିତ ବୁଥ କମିଟିର ସଭାପତି/ ସମ୍ପାଦକମାନଙ୍କୁ ଅନୁରୋଧ କରାଯାଇଛି।

## ସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ

**ପୁରୁଣା ଭୁବନେଶ୍ୱର,(ସୁବାସ ଚନ୍ଦ୍ର ପ୍ରଧାନ):** ଯୁବନେତା ରାଜେନ୍ଦ୍ର ସମର୍ଥାଙ୍କ ନେତୃତ୍ୱରେ ସ୍ଥାନୀୟ ଭକ୍ତକବି ମଧୁସୂଦନ ବିଦ୍ୟାପୀଠରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଭାତ ରଥ ସହଯୋଗ କରିଥିଲେ। ଗ୍ରୀନ୍ ଓଡ଼ିଶାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ହୋଇଥିଲା। ପରେ ଆୟୋଜିତ 'ବୃକ୍ଷହିଁ ଜୀବନ' ଆଲୋଚନାଚକ୍ରରେ ବକ୍ତାମାନେ ବୃକ୍ଷର ଉପକାରିତା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପର୍ଯ୍ୟଟନ ନିଗମ ଶ୍ରମିକ ସଂଗଠନର କାର୍ଯ୍ୟକାରୀ ସଭାପତି ସଭାପତି ବେଣୁଧର ପାତ୍ର ଏବଂ ନୃପେଶ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏକାମ୍ର ବରିଷ୍ଠ ନାଗରିକ ସଂଘ ଧୀରେନ ପଟ୍ଟନାୟକ, ରମାକାନ୍ତ ମହାନ୍ତି, ଅଶୋକ ଆଚାର୍ଯ୍ୟ, ଆତ୍ମପ୍ରକାଶ ମହାନ୍ତି ସାମିଲ ଥିଲେ।

## ସତ୍ୟପାଠର ସତ୍ୟତା ଉପରେ ତଦନ୍ତ ପାଇଁ ନିଯୁକ୍ତି

### ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ

**ପୁରୀ,୩୦।୭(ଅଜିତ ମହାନ୍ତି):** ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ରାଜ୍ୟ ସରକାର କୋର୍ଟରେ ସତ୍ୟପାଠ ଦାଖଲ ନ କରି ରତ୍ନଭଣ୍ଡାର ସ୍ଥିତି ସମ୍ପର୍କରେ ସୂଚନା ଦେବାକୁ ଦୂରେଇ ରହିବାକୁ ଚେଷ୍ଟା କରିଥିଲେ। ଫଳରେ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ଶ୍ରୀମନ୍ଦିର ରତ୍ନଭଣ୍ଡାର ସମ୍ପର୍କିତ ବିଭିନ୍ନ ତଥ୍ୟ ପାଇବାକୁ ନେଇ ପୂର୍ବରୁ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ ରତ୍ନଭଣ୍ଡାର ବିଭିନ୍ନ ଦିଗ ସଂକ୍ରାନ୍ତରେ ୪ଟି ମାମଲା ରୁଜୁ କରିଥିଲେ। ଉକ୍ତ ୪ଟି ମାମଲାର ଶୁଣାଣି ରାଜ୍ୟ ସୂଚନା ଆୟୋଗ ଏସ୍.କେ. ସ୍ୱାଇଁଙ୍କ ପକ୍ଷରୁ କରାଯାଉଛି। ଗତ ୧୯ତାରିଖରେ ମାମଲାର ୪ର୍ଥ ଶୁଣାଣି ହୋଇଥିଲା। ଏହି ଶୁଣାଣି ହେବା ସମୟରେ ଶ୍ରୀମନ୍ଦିର ଜନ ସୂଚନା ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ସତ୍ୟପାଠର ସତ୍ୟତା ଉପରେ ଯାଞ୍ଚ କରିବା ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଜଣେ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ସତ୍ୟପାଠର ସତ୍ୟତା ଉପରେ ଯାଞ୍ଚ କରି ରିପୋର୍ଟ ଦେବା ପାଇଁ କମିଶନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଆଇନ ବିଭାଗର ଅତିରିକ୍ତ ସଚିବ ବିଭୁ ପ୍ରସାଦ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି। ସେ ତଦନ୍ତ କରି ସେପ୍ଟେମ୍ବର ୧୧ ପୂର୍ବରୁ ତାଙ୍କର ରିପୋର୍ଟ ଦେବା ପାଇଁ କୁହାଯାଇଛି। ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଯେଉଁସବୁ କାଗଜପତ୍ର ଚିଠି ପ୍ରଦାନ କରାଯାଇଥିଲା। ତାହାକୁ ନେଇ ସାମାଜିକ କର୍ମୀ ବରାଳ ତଥ୍ୟ ମାଗିଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନଥିଲା। ଫଳରେ ସେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ନିକଟରେ ତଥ୍ୟ ପାଇଁ ଆବେଦନ କରିଥିଲେ। ଉନ୍ନୟନ ପ୍ରଶାସକ ଲିଖିତ ଭାବେ ଜଣାଇଥିଲେ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସରକାର ସାର୍ବଜନୀନ କରିନାହାନ୍ତି। ତେଣୁ ଏନେଇ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ। ଫଳରେ ବରାଳ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ।

# ଏନ୍‌ଜିଟିରେ ବିଡିଏ ସଚିବଙ୍କୁ ୫ଶହ ଟଙ୍କା ଜରିମାନା

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**



### ଶିଖରଚଣ୍ଡୀ ପାନୀୟ ଜଳପ୍ରକଳ୍ପ ମାମଲା

- ଖାମଖିଆଲ ଭାବେ ଆଫିଡାଭିଟ ଦାଖଲ କରିଥିଲେ
- ନିଜ ବିଭାଗ ନାଁ ଉଲ୍ଲେଖ କରି ନ ଥିଲେ

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ କାଳୁଆଲ ବା ଖାମଖିଆଲ ଭାବେ ଆଫିଡେଭିଟ୍ ଦାଖଲ କରିଥିବାରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ସଚିବ ରବୀନ୍ଦ୍ର କୁମାର ସାହୁଙ୍କୁ ୫ଶହ ଟଙ୍କା ଜରିମାନା କରାଯାଇଛି। ଭୁବନେଶ୍ୱରର ଶିଖରଚଣ୍ଡୀ ପାହାଡରେ ୱାଟ୍‌କୋ ଦ୍ୱାରା କରାଯାଉଥିବା ଜଳ ସଂରକ୍ଷଣ ପ୍ରକଳ୍ପକୁ ନେଇ ଦାଖଲ ହୋଇଥିବା ଏକ ପିଟିଶନ୍‌କୁ ନେଇ ସଚିବ ସାହୁ ଏନ୍‌ଜିଟିରେ ଉକ୍ତ ଆଫିଡେଭିଟ୍ ଦାଖଲ କରିଥିଲେ। ଗୁରୁବାର କୋଲକାତାସ୍ଥିତ ଏନ୍‌ଜିଟିର ପୂର୍ବଜୋନ୍ ବେଞ୍ଚରେ ଏହାର ଶୁଣାଣି ହୋଇଥିଲା। ଜଷ୍ଟିସ ବି. ଅମିତ ଷ୍ଟାଲେକର ଏବଂ ଡ. ଅରୁଣ କୁମାର ବର୍ମା (ବିଶେଷଜ୍ଞ ସଦସ୍ୟ) ଏହି ଆଫିଡେଭିଟ୍‌କୁ ଖଣ୍ଡନ କରି କହିଛନ୍ତି, ଦାଖଲ ହୋଇଥିବା ଆଫିଡେଭିଟ୍‌ରେ ରବୀନ୍ଦ୍ର କୁମାର ସାହୁ ଆକାଶ ବିଲ୍ଡିଂ, ସଚିବାଳୟ ମାର୍ଗ, ଭୁବନେଶ୍ୱର, ଜିଲା ଖୋର୍ଦ୍ଧାର ସଚିବ ଭାବେ କାର୍ଯ୍ୟ କରୁଥିବା ଉଲ୍ଲେଖ କରିଛନ୍ତି। ମାତ୍ର ସେ କେଉଁ ବିଭାଗ ବା କେଉଁ କାର୍ଯ୍ୟାଳୟରେ ସଚିବ ଅଛନ୍ତି ସେନେଇ ସେଥିରେ କିଛି ଉଲ୍ଲେଖ ନାହିଁ। ଜଣେ ଅଧିକାରୀଙ୍କ ଏଭଳି କାର୍ଯ୍ୟ ଅତ୍ୟନ୍ତ ଦାୟିତ୍ୱହୀନତାକୁ ଦର୍ଶାଉଛି। ତେଣୁ ତାଙ୍କ ଉପରେ ୫ଶହ ଟଙ୍କାର ଜରିମାନା ଲାଗୁ କରାଯାଇଛି। ଅପରପକ୍ଷେ ୨୪ଘଣ୍ଟା ମଧ୍ୟରେ ଏକ ସଂଶୋଧିତ ଆଫିଡେଭିଟ୍ ଦାଖଲ କରିବାକୁ ସାହୁଙ୍କୁ ବେଞ୍ଚ ନିର୍ଦ୍ଦେଶ ଦେଇଛି।

ସୂଚନାଯୋଗ୍ୟ, ଶିଖରଚଣ୍ଡୀ ପାହାଡ଼ରେ ଜଳ ସଂରକ୍ଷଣ ପ୍ରକଳ୍ପ ଓ ଏଥିପାଇଁ ଗଛକଟାକୁ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ସହ ସ୍ଥାନୀୟ ଅଞ୍ଚଳବାସୀ ଓ ପରିବେଶବିତ୍‌ମାନେ ବିରୋଧ କରୁଛନ୍ତି। ଏନେଇ ସମିତିର ସଚିନ ମହାପାତ୍ର ଏନ୍‌ଜିଟିରେ ପିଟିଶନ ଦାଖଲ କରିଛନ୍ତି। ଶିଖରଚଣ୍ଡୀ ପାହାଡ ଅଞ୍ଚଳ ଚନ୍ଦକା ବନ୍ୟଜନ୍ତୁ ଅଭୟାରଣ୍ୟକୁ ଲାଗିଛି। ଏଠାରେ ପ୍ରକଳ୍ପ ପାଇଁ ଗଛକଟା ହେବାଦ୍ୱାରା ପରିବେଶରେ କ୍ଷତି ହେବା ସହ ବନ୍ୟଜନ୍ତୁ ବେସାହାରା ହୋଇ ଜନବସତି ଆଡକୁ ମୁହାଁଉଥିବା ପିଟିଶନରେ ଉଲ୍ଲେଖ କରିଛନ୍ତି।

## ଶିଖରଚଣ୍ଡୀରେ ଶିକ୍ଷା ସେବା ଅଧିକାରୀଙ୍କ ଶ୍ରମଦାନ

**ଭୁବନେଶ୍ୱର,୩୦।୭ (ଅନୁରାଧା ମହାରଣା)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଶିଖରଚଣ୍ଡୀ ମନ୍ଦିର ପରିସରରେ ନବ ନିଯୁକ୍ତ ଓଡ଼ିଶା ଶିକ୍ଷା ସେବା ଅଧିକାରୀ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀମାନଙ୍କ ସହଯୋଗରେ ଏକ 'ଶ୍ରମଦାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶଥୀ ଏସ. ଟ୍ରେନିଂ ଅଫିସର ମାନଙ୍କୁ ଉଦବୋଧନ ଦେଇ ଶ୍ରମର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ନବନିଯୁକ୍ତ ଅଧିକାରୀ ମାନେ ବିଦ୍ୟାଳୟର ଶିକ୍ଷକ ମାନେ କିଭଳି ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ ରଖିବେ ସେ ବିଷୟରେ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ନୂତନ ଟ୍ରେନିଂ ଅଫିସର ମାନଙ୍କୁ ସ୍ୱାଗତ ଭାଷଣ ଦେଇ ଶ୍ରମଦାନ ଏକ ମହତ୍ କାର୍ଯ୍ୟ ବୋଲି ଟ୍ରେନିଂ ଅଫିସର ମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସୂଚନା ଥାଉକି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ନିଯୁକ୍ତି ପାଇଥିବା ଓ ଶିକ୍ଷା ସେବା ଅଧିକାରୀଙ୍କୁ ସ୍ଥାନୀୟ ମଧୁସୂଦନ ଦାସ ରିଜିଓନାଲ ଏକା ମ୍ୟାନେଜମେଣ୍ଟ ଠାରେ ତାଲିମ ପ୍ରଦାନ କରାଯାଉଅଛି। ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମର ଶ୍ରମଦାନ ଓ ପାହାଡ ଚଢା ଏକ ଅଂଶ ବିଶେଷ ଅଟେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ୱାର୍ଡ–୧ର କର୍ପୋରେଟର ମିହିର କୁମାର ରାଉତ ଯୋଗଦାନ କରି ପିଲାମାନଙ୍କୁ ଉଦବୋଧନ ଦେଇଥିଲେ। ୮୦ ଜଣ ନବନିଯୁକ୍ତ ଶିକ୍ଷା ଅଧିକାରୀଙ୍କ ସମେତ ୧୭୦ରୁ ଉର୍ଦ୍ଧ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଟ୍ରେନିଂ ଅଫିସର ମାନଙ୍କ ଦ୍ୱାରା ମନ୍ଦିର ପାଦ ଦେଶରେ ଏକ ସ୍ୱତନ୍ତ୍ର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ରୋଟାରୀ କ୍ଲବ୍ ଆଞ୍ଜେଲାର ଅଧିଷ୍ଠାନ ଉତ୍ସବ




ରୋଟାରୀ କ୍ଲବ ଭୁବନେଶ୍ୱର 'ଆଞ୍ଜେଲା'ର ତୃତୀୟ ଅଧିଷ୍ଠାନ ଉତ୍ସବରେ ଉପସ୍ଥିତ ଅତିଥି।

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**

### 'ସଡ଼କ ସୁରକ୍ଷା ଯୋଜନା'କୁ ମୁଖ୍ୟ ପ୍ରକଳ୍ପ ଭାବେ ଗ୍ରହଣ

ରୋଟାରୀ କ୍ଲବ ଭୁବନେଶ୍ୱର 'ଆଞ୍ଜେଲା'ର ତୃତୀୟ ଅଧିଷ୍ଠାନ ଉତ୍ସବ ରବିବାର ରୋଟାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଟୁମୁକୀ ଘୋଷାଲ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଗତ ବର୍ଷର କାର୍ଯ୍ୟଧାରା ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ଜୟଶ୍ରୀ ମହାନ୍ତି, ମୁଖ୍ୟବକ୍ତା ଭାବେ ରୋଟାରିଆନ ଆଶୁତୋଷ ରଥ ଓ ସମ୍ମାନିତ ଅତିଥି ଭାବେ ରୋଟାରିଆନ ପ୍ରତିଭା ମହାପାତ୍ର ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ସଚେତନତା ଓ ସ୍ୱାବଲମ୍ବନଶୀଳତା ଦିଗରେ ସମାଜସେବାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୦୨୩-୨୪ ବର୍ଷ ପାଇଁ ଶିକ୍ଷାବିତ ତଥା ସାମାଜିକ କର୍ମୀ ଅମିୟବାଳା ପରିଡ଼ା ସଭାପତି ଓ ତୃପ୍ତିରେଖା ଭଞ୍ଜଦେଓ ସମ୍ପାଦିକା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ନିର୍ଦ୍ଦେଶକ ମଣ୍ଡଳୀ ପାଇଁ ସବିତା ମହାନ୍ତି, ମମତା ବାଜପେୟୀ, ସୁରଭି ଦାସ, ପ୍ରଜ୍ଞା ମଧୁମିତା, ସୁସ୍ମିତା ମହାନ୍ତି, ସୁମିତ୍ରା ମିଶ୍ର, ଅମିତା ମିଶ୍ର ତଥା ଅର୍ପିତା ମହାନ୍ତି ପ୍ରମୁଖ ମନୋନୀତ ହୋଇଥିଲେ। ରାସ୍ତା ଦୁର୍ଘଟଣା ହ୍ରାସ ତଥା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ମୁଖ୍ୟ ପ୍ରକଳ୍ପ ଭାବେ ଗ୍ରହଣ କରିବା ପାଇଁ କ୍ଲବର ପ୍ରସ୍ତାବକୁ ସମସ୍ତେ ସହମତି ପ୍ରଦାନ କରିଥିଲେ। କ୍ଲବର ପତ୍ରିକା 'ଆସ୍ଥା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରିବେଶ ସୁରକ୍ଷା ନିମନ୍ତେ ସମସ୍ତ ଅତିଥିଙ୍କୁ ଚାରାଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅସୁସ୍ଥ ହାତୀର ଚିକିତ୍ସା କଲା ବନ ବିଭାଗ

**ଆଠଗଡ,୩୦।୭(ସତ୍ୟ ପ୍ରସାଦ ରଥ)**

ଆଠଗଡ଼ ବନ ବିଭାଗ ପକ୍ଷରୁ ଏକ ଅସୁସ୍ଥ ହାତୀର ରବିବାର ଚିକିତ୍ସା କରାଯାଇଛି। ଚନ୍ଦକା ଅଞ୍ଚଳରୁ ୧୭ଟିକିଆ ହାତୀପଲ ଆଠଗଡ ଅଞ୍ଚଳକୁ ଆସିଥିଲେ। ସେଥିରୁ ଗୋଟିଏ ଅସୁସ୍ଥ ହୋଇ ପଡ଼ିଥିଲା। ଗତ ତିନି ଦିନ ହେବ ବନ ବିଭାଗ ଉକ୍ତ ହାତୀର ଗତିପଥ ଉପରେ ନଜର ରଖିଥିଲା। ରବିବାର ରାଜନଗର ବନବିଭାଗ ଅନ୍ତର୍ଗତ ଶୁକାସନ ସଂରକ୍ଷିତ ଜଙ୍ଗଲ ଡାଳଖାଇ ଠାକୁରାଣୀଙ୍କ ନିକଟରେ ହାତୀକୁ ଟ୍ରାଙ୍କୁଲାଇଜର କରାଯାଇ ଚିକିତ୍ସା କରାଯାଇଛି। ଓୟୁଏଟିର ଡ.ଇନ୍ଦ୍ରଜିତ ନାଥ , ନନ୍ଦନକାନନର ମେଟାଲ ଡିକେକ୍ଟର ଦୁଷ୍ମନ୍ତ ମାଝୀ, ସଦରାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ। ହାତୀଟିର ପଛପଟ ଡାହାଣ ଗୋଡରେ ଆଘାତ ହୋଇଥିଲା। ଚିକିତ୍ସା ପରେ ତାକୁ ଜଙ୍ଗଲ ମଧ୍ୟରେ ଛାଡି ଦିଆଯାଇଥିବା ଜଣାପଡ଼ିଛି।

## ଦଶହରାରେ ଆସିବ ଅରିନ୍ଦମ୍‌ଙ୍କ 'ରାମ'



ଖବରଦାତା ସମ୍ମିଳନୀରେ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା ଦିଆଯାଉଛି।

**ଭୁବନେଶ୍ୱର,୩୦।୭(ବନ୍ଦନା ସେଠୀ)**

ଦୀର୍ଘବର୍ଷର ବ୍ୟବଧାନ ପରେ ପୁଣି ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି ଓଲିଉଡ୍ ଷ୍ଟାର୍ ଅରିନ୍ଦମ୍ ରୟ। 'ବାବୁ ଭାଇଜାନ୍' ପରେ ସେ ଏବେ ନୂଆ ଭେଟି ଦେବାକୁ ଯାଉଛନ୍ତି। ତାଙ୍କ ଅଭିନୀତ ତଥା ରତ୍ନା ଫିଲ୍ମ ବ୍ୟାନରର ଚତୁର୍ଥ ଫିଲ୍ମ 'ରାମ' ଦଶହରାରେ ମୁକ୍ତିଲାଭ କରିବାକୁ ଯାଉଛି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଅଶୋକ ପତି ଦେଇଥିବାବେଳେ ଚିତ୍ରନାଟ୍ୟ ଓ ସଂଳାପ ଦାୟିତ୍ୱରେ ଭରଦ୍ୱାଜ ପଣ୍ଡା ରହିଛନ୍ତି। ଚଳିତ ମାସରୁ ଏହା ଶୁଟିଂ ଓ ଗୀତ ରେକର୍ଡିଂ ଆରମ୍ଭ ହୋଇଥିବା ନେଇ ରବିବାର ଭୁବନେଶ୍ୱର ପ୍ରେସ୍ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀରେ ଚଳଚ୍ଚିତ୍ରର ପ୍ରଯୋଜକ ତଥା ଅଭିନେତା ଥିବା ଅରିନ୍ଦମ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅଭିନେତ୍ରୀ ରୂପସା, ପିଙ୍କି ପ୍ରଧାନ, ଓଡିଆ ଚଳଚ୍ଚିତ୍ର ନିଗମ ଅଧକ୍ଷ ସତ୍ୟବ୍ରତ ତ୍ରିପାଠୀ, ବରିଷ୍ଠ କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁ, ପ୍ରଯୋଜକ ମଣ୍ଟୁ ନାୟକ, ପ୍ରଦ୍ୟୁମ୍ନ ଲେଙ୍କା, ଯୁଗଳ ଦେବତା, ଅତିଶ ରାଉତ, ନିର୍ଦ୍ଦେଶକ ଅଶୋକ ପତି, କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ସମେତ ଚଳଚ୍ଚିତ୍ରର ସମସ୍ତ କାଷ୍ଟ କ୍ରିଉମାନେ ଯୋଗଦେଇଥିଲେ।

## ଦୁଇ ହିରୋଙ୍କୁ 'ଧ୍ୱନି ସମ୍ମାନ'

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**

ସାଧାରଣ ଲୋକଙ୍କ ଜୀବନକୁ ସହଜ ଓ ସରଳ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରନ୍ତି ଅସଲି ଜୀବନର ହିରୋ। ମାତ୍ର ଆମ ନିତିଦିନିଆ ଜୀବନରେ ଏତେ ଦରକାରୀ ହୋଇଥାନ୍ତି ଯେ ତାଙ୍କ ଉପସ୍ଥିତିକୁ ପ୍ରାଧାନ୍ୟ ଦେବାକୁ ଭୁଲି ଯାଇଥାଉ। ସେଇଭଳି କେତେଜଣ ପ୍ରକୃତ ହିରୋଙ୍କୁ ଧନ୍ୟବାଦ ଜଣାଇବା ପାଇଁ 'ଧ୍ୱନି ସମ୍ମାନ' କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ କେୟାର ଫର୍ ଆନିମଲ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ସୌମ୍ୟ ମହାନ୍ତି ଏବଂ ଲେଟ୍‌ଅସ୍ ଟିଚ୍‌ର ପ୍ରତିଷ୍ଠାତା ପ୍ରତ୍ୟୟ ପ୍ରଶାନ୍ତଙ୍କୁ ପ୍ରକୃତ ହିରୋର ଆଖ୍ୟା ଦିଆଯାଇ 'ଧ୍ୱନି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ କାର୍ଯ୍ୟକ୍ରମର ବାର୍ତ୍ତା 'ଦି ଅନ୍‌ସିନ୍ ହିରୋଜ୍' ରଖାଯିବା ସହ ଏମାନଙ୍କ ଭଳି ଆଉ କେତେଜଣ ହିରୋଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଆୟୋଜିତ ରାମ୍ପ ଶୋ'ରେ ପ୍ରକୃତ ଜୀବନର ହିରୋ କୁହାଯାଉଥିବା ସଫେଇ କର୍ମଚାରୀ, କ୍ୟାନ୍ସର ସର୍ଭାଇଭର, ରୋଗୀ ସେବକ, ହସ୍ପିଟାଲରେ କାମ କରୁଥିବା ୱାର୍ଡବୟ, ଆମ୍ବୁଲାନ୍ସ ଚାଳକ, ସିକ୍ୟୁରିଟି ଗାର୍ଡ, ଅନ୍‌ଲାଇନ୍ ଡେଲିଭରି ବୟମାନେ ଚାଲିଥିଲେ। ମୁଖ୍ୟ ଅତିଥି ଭାବେ ସୋଆ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ ଅଶୋକ ମହାପାତ୍ର, ସାମାଜିକକର୍ମୀ ଡ. ରୀନା ରାଉତରାୟ, ଡ. କ୍ଷିତୀଶ ମିଶ୍ର, ଡ. ସୌମ୍ୟ ପଣ୍ଡା, ଅଭିନେତା ପାର୍ଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅପରାଧମୁକ୍ତ ସମାଜ ଗଠନ ପାଇଁ ପ୍ରୟାସ

**ଭୁବନେଶ୍ୱର,୩୦।୭ (ସୂର୍ଯ୍ୟକାନ୍ତ ବେହେରା)**

କମିଶନରେଟ ପୋଲିସ ପକ୍ଷରୁ ରବିବାର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ହାଇଟେକ ପ୍ଲାଜାରେ ପୋଲିସ ଓ ଜନ ସାଧାରଣମାନଙ୍କୁ ନେଇ ସହଯୋଗ ଓ ସଚେତନତା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିବା ସହ କିପରି ଅପରାଧମୁକ୍ତ ସମାଜ ଗଠନ କରାଯାଇପାରିବ, ସେନେଇ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏସିପି ଜୋନ୍-୨ ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ଏୟାରଫିଲ୍ଡ ଥାନାଧିକାରୀ ଅଶୋକ କୁମାର ନାୟକଙ୍କ ସମେତ ସ୍ଥାନୀୟ ୨୧ଟି ବ୍ଲକରୁ ପ୍ରାୟ ୨ ହଜାରରୁ ଅଧିକ ଜନସାଧାରଣ ଯୋଗଦେଇଥିଲେ। ଏସିପି ଚକ୍ରବର୍ତ୍ତୀ ଜନ ସାଧାରଣମାନଙ୍କୁ ଅପରାଧର ପ୍ରତିରୋଧ ତଥା ଚିହ୍ନଟ ଦିଗରେ ସେମାନଙ୍କର ଭୂମିକା ଓ ଅବଦାନ ଉପରେ ସମ୍ବେଦନଶୀଳ କରାଇଥିଲେ।।




କସ୍ତୁରୀର ୨୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ରବିବାର ସୂଚନା ଭବନରେ ଅନୁଷ୍ଠିତ ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇଥିବା ପିଲାଙ୍କ ସହ ଅତିଥିମାନେ। (ଫଟୋ-ମନୋରଞ୍ଜନ ମିଶ୍ର)





# 'ନବ୍ୟତା'ରେ ଜଲୱା ଦେଖାଇଲେ ସେଲିବ୍ରିଟି

ଫଟୋ: ବିକାଶ ନାୟକ

### ଆଇଏନ୍‌ଆଇଏଫ୍‌ଡି ଭୁବନେଶ୍ୱରର ଡିଜାଇନ୍ ଶୋ'

- ଆକର୍ଷଣ ସାଜିଲେ ବଲିଉଡ୍ ଅଭିନେତା ଅମନ ବର୍ମା
- ଧନ୍ଦାମୂଳକ ପାଠ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**




ବଲିଉଡ୍ ଅଭିନେତା ଅମନ ବର୍ମା ଓ ଆଇଏନ୍‌ଆଇଏଫ୍‌ଡି ନିର୍ଦ୍ଦେଶକ ଆଶୁତୋଷ ପଣ୍ଡା।

ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଡିଜାଇନ୍ (ଆଇଏନ୍‌ଆଇଏଫ୍‌ଡି) ଭୁବନେଶ୍ୱର ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ବାର୍ଷିକ ଡିଜାଇନ୍ ଶୋ' 'ନବ୍ୟତା ୨୦୨୩' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ୨ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଫ୍ୟାଶନ୍ ଓ ଇଣ୍ଟେରିୟର ଡିଜାଇନ୍ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଆଲୁମ୍‌ନିଙ୍କୁ ମଧ୍ୟ ସେମାନଙ୍କ କଳାତ୍ମକ ପରିକଳ୍ପନାକୁ ପ୍ରଦର୍ଶିତ କରିବାର ସୁଯୋଗ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହାସ୍ୟ କଳାକାର ପପୁ ପମ୍‌ପମ୍, ଓଲିଉଡ୍ ଅଭିନେତ୍ରୀ ଜସ୍ମିନ ରଥ, ଅଭିନେତା ଅଭିଶେକ ପଣ୍ଡା ଓ କଣ୍ଠଶିଳ୍ପୀ ମୃଣ୍ମୟୀ ଶୋ' ଟପ୍ପର ଭାବେ ଯୋଗଦେଇ ନିଜର ଜଲୱା ଦେଖାଇଥିଲେ। ଏହି ଅବସରରେ ମେଧାବୀ ସ୍କିଲ୍‌ସ ବିଶ୍ୱବିଦ୍ୟାଳୟ ଓ ଏନ୍‌ଏସ୍‌ଡିସିର ଧନ୍ଦାମୂଳକ ପାଠ୍ୟକ୍ରମକୁ ଆଇଏନ୍‌ଆଇଏଫ୍‌ଡି ଭୁବନେଶ୍ୱରରେ ଶୁଭାରମ୍ଭ କରାଯାଇଥିବା ନେଇ ଘୋଷଣା କରାଯାଇଥିଲା। ଅତିଥି ଭାବେ ବଲିଉଡ୍ ଅଭିନେତା ଅମନ ବର୍ମା ଯୋଗଦେଇ କହିଲେ, ଡିଜାଇନ୍ କ୍ଷେତ୍ରରେ ଦକ୍ଷ ପ୍ରଫେଶନାଲଙ୍କ ଚାହିଦା ବଢ଼ିବାରେ ଲାଗିଛି। ବଜାର ଆବଶ୍ୟକ କରୁଥିବା ପ୍ରତିଭା ଅନୁଯାୟୀ ଆଇଏନ୍‌ଆଇଏଫ୍‌ଡି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଇଏନ୍‌ଆଇଏଫ୍‌ଡିର ଗ୍ଲୋବାଲ୍ ସିଇଓ ଅନିଲ ଖୋସ୍‌ଲା କହିଲେ, ଏହି ପାଠ୍ୟକ୍ରମଗୁଡିକ ଡିଗ୍ରୀ ଓ ଡିପ୍ଲୋମା ଛାତ୍ରୀଛାତ୍ରଙ୍କ ମୂଳଦୂଆ ଦୃଢ଼କରି ସେମାନଙ୍କୁ ପ୍ରାକ୍ଟିକାଲ ଅନୁଭବ ପ୍ରଦାନ କରିବ। ଆଇଏନ୍‌ଆଇଏଫ୍‌ଡି ଭୁବନେଶ୍ୱର କେନ୍ଦ୍ରର ନିର୍ଦ୍ଦେଶକ ଆଶୁତୋଷ ପଣ୍ଡା ଅନୁଷ୍ଠାନର ପ୍ରତିବଦ୍ଧତା ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର (ଆର୍କିଟେକ୍ଟ) ରାଜକୁନାୱାନ ନାୟକ, ପୂର୍ବତନ ଏମ୍‌ପି ପ୍ରଦୀପ କୁମାର ମାଝୀ, ଓଡ଼ିଶା କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ଶ୍ରୀମୟୀ ମିଶ୍ର, ଶିଳ୍ପ ଜଗତର ବିଶେଷଜ୍ଞମାନେ ଯୋଗଦେଇଥିଲେ।

## ଆଜି କ'ଣ କେଉଁଠି

**କଟକ**

- କଟକ ସତ୍‌ସଙ୍ଗ ବିହାର ପକ୍ଷରୁ ଶ୍ରୀଶ୍ରୀବଡ଼ମା'ଙ୍କ ଜନ୍ମ ମହୋତ୍ସବ, ସତ୍‌ସଙ୍ଗ ବିହାର ପରିସର, ବକ୍ସିବଜାର, ପୂର୍ବାହ୍ନ ୧୧ଟା।

# ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର

**ଉରାଳି ଉଚ୍ଚ ବିଦ୍ୟାଳୟ**

■ ହୋଇପାରୁନି ଉନ୍ନତୀକରଣ କାର୍ଯ୍ୟ

କଟକ, ୩୦।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ହାଇସ୍କୁଲ ରୂପାନ୍ତରୀକରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ କଟକ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୩୦ଟି ହାଇସ୍କୁଲକୁ ରୂପାନ୍ତରୀକରଣରେ ସାମିଲ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୧୫୯ ଓ ତୃତୀୟ ପର୍ଯ୍ୟାୟରେ ୨୭୬ ହାଇସ୍କୁଲକୁ ସାମିଲ କରାଯାଇଥିଲା। ହେଲେ ତୃତୀୟ ପର୍ଯ୍ୟାୟରେ ସାମିଲ ହୋଇଥିବା ସ୍କୁଲ



ମଧ୍ୟରୁ ପ୍ରାୟ ୩୨ଟି ସ୍କୁଲ ଉନ୍ନତୀକରଣ କାର୍ଯ୍ୟରୁ ବାଦ୍ ପଡ଼ିଛି। ସେଥିମଧ୍ୟରୁ କଟକ ସଦର ବ୍ଲକ ଅଞ୍ଚଳର ଉରାଳି ଉଚ୍ଚ ବିଦ୍ୟାଳୟ ଅନ୍ୟତମ।

୧୯୫୮ ମସିହାରେ ଏହି ସ୍କୁଲ ନିର୍ମାଣ କରାଯାଇଥିଲା। ପରେ ଏହାକୁ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ଏଥିପାଇଁ ସରକାରଙ୍କ ପକ୍ଷରୁ ୪୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ହେଲେ ଏପର୍ଯ୍ୟନ୍ତ ଏଠାରେ ଉନ୍ନତୀକରଣ କାର୍ଯ୍ୟ କରାଯାଇନାହିଁ। ଏବେ ଏଠାରେ ପ୍ରଥମରୁ ୧୦ମ ଶ୍ରେଣୀ ମଧ୍ୟରେ ପ୍ରାୟ ୫୦୦ ପିଲା ପଢୁଛନ୍ତି। ୫-ଟି ରୂପାନ୍ତରୀକରଣରେ ସାମିଲ ହୋଇଥିବା ସ୍କୁଲରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, କମ୍ପ୍ୟୁଟର ବ୍ୟବସ୍ଥା ରହିଛି। ଛାତ୍ରୀଛାତ୍ରମାନେ ଅତ୍ୟାଧୁନିକ ପ୍ରଣାଳୀରେ ପାଠ ପଢୁଥିବାବେଳେ ଉରାଳି ହାଇସ୍କୁଲର ଛାତ୍ରୀଛାତ୍ର ଏଭଳି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏଠାରେ କଳାପଟାରେ ପାଠ ପଢ଼ାଯାଉଛି। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଓ ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତି ପାଇଁ ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ ଆଗେଇପାରୁନି। ଏନେଇ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି, ଏ ସମ୍ପର୍କରେ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା ରହିଥିବା ସେ କହିଛନ୍ତି।

## ଗର୍ଭବତୀଙ୍କୁ ଥାନାରେ ଅଟକ, ନିର୍ଯାତନା ଅଭିଯୋଗ

ନିଶ୍ଚିନ୍ତକୋଇଲି,୩୦।୭ (ଅଶୋକ କୁମାର ମହାପାତ୍ର)

ସାଲେପୁର ଥାନା ଅଧୀନ ସୁନାଖଣ୍ଡି ଗ୍ରାମର ଜଣେ ୭ ମାସର ଗର୍ଭବତୀଙ୍କୁ ଥାନାକୁ ଡାକି ୪ ଘଣ୍ଟା ବସାଇ ନିର୍ଯାତନା ଦିଆଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେ ହେଲେ ସାଲେପୁର ଥାନା ସୁନାଖଣ୍ଡି ଗ୍ରାମର ସ୍ୱର୍ଣ୍ଣଲତା ସୂତାର। ଅପରପକ୍ଷରେ ଏହି ଅଭିଯୋଗକୁ ସାଲେପୁର ପୋଲିସ ଅସ୍ୱୀକାର କରିଛି।

ସ୍ୱର୍ଣ୍ଣଲତା ଏକ ଘରୋଇ କଳିକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ତାଙ୍କ ଶାଶୁ ମଧ୍ୟ ସ୍ୱର୍ଣ୍ଣଲତାଙ୍କ ନାମରେ ଏକ ପାଲଟା ଅଭିଯୋଗ କରିଥିଲେ। ଏହାପରେ ଥାନା ସବ୍‌ଇନ୍ସପେକ୍ଟର ଧିରେନ୍ଦ୍ର ମଲିକ ସ୍ୱର୍ଣ୍ଣଲତା ଓ ତାଙ୍କ ସ୍ୱାମୀଙ୍କୁ ଡାକି ପାଖାପାଖି ୪ ଘଣ୍ଟା ଥାନାରେ ବସାଇ ରଖିଥିଲେ। ଏଥିସହ ତାଙ୍କ ସହ ଦୁର୍ବ୍ୟବହାର କରି ଅରାଜି ସତ୍ତ୍ୱେ ଏକ ଆପୋସ ସମାଧାନ ପତ୍ରରେ ସ୍ୱାକ୍ଷର କରାଇନେଇଥିବା ସ୍ୱର୍ଣ୍ଣଲତା ଅନ୍‌ଲାଇନ ମାଧ୍ୟମରେ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ସାଲେପୁର ଥାନା ଅଧିକାରୀ ଘଟଣାର ତଦନ୍ତ କରୁଥିବା କହିଛନ୍ତି। ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି ସବ୍ ଇନ୍ସପେକ୍ଟର ମଲିକ କହିଛନ୍ତି। ଉଭୟ ଅଭିଯୁକ୍ତଙ୍କ ନାମରେ ଅଭିଯୋଗ ହୋଇଥିବାରୁ ସେମାନଙ୍କୁ ଥାନାକୁ ଡକାଯାଇଥିଲା। ଉଭୟ ପକ୍ଷ ଆପୋସ ସମାଧାନ କରି ଘରକୁ ଫେରିଯାଇଥିଲେ ବୋଲି ମଲିକ ସୂଚନା ଦେଇଛନ୍ତି।

## ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର

କଟକ,୩୦।୭(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି)ର ୩୭ନଂ. ୱାର୍ଡ ଅଧୀନ ଶଙ୍କରପୁର ବିଶିନାବରସ୍ଥିତ ଆଶ୍ରୟ କେନ୍ଦ୍ର ପରିସରରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଶିବିରରେ ସିଏମ୍‌ସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ସ୍ଥାନୀୟ କର୍ପୋରେଟର ଯତୀନ କୁମାର ବେହେରା ଯୋଗଦେଇ କହିଥିଲେ, ଅଗ୍ନିକାଣ୍ଡ ଘଟିଲେ ତାହାକୁ କିପରି ରୋକାଯିବା ସହ ଧନଜୀବନ ସୁରକ୍ଷିତ ରଖାଯାଇପାରିବ ତାହା ଏହି ପ୍ରଶିକ୍ଷଣ ମାଧ୍ୟମରେ ଜାଣିହେବ। ୱାର୍ଡ ଅଫିସର ବିନୟ କୁମାର ସିଂ ଓ ଗୋଷ୍ଠୀ ସଙ୍ଗଠିକା ପି. ସଂଘମିତ୍ରା ରାଉତ ଶିବିର ପରିଚାଳନା କରିଥିଲେ। ଚାଉଳିଆଗଞ୍ଜ ଅଗ୍ନିଶମ ବିଭାଗର ଷ୍ଟେଶନ ଅଫିସର ବିକାଶ କୁମାର ସାହୁଙ୍କ ସମେତ କର୍ମଚାରୀମାନେ ଯୋଗଦେଇ ଅଗ୍ନି ନିରାପତ୍ତା ଉପରେ ତାଲିମ ପ୍ରଦାନ କରିଥିଲେ।

## ମହିଳା ସ୍ୱାବଲମ୍ବନ କର୍ମଶାଳା

ବାଙ୍କୀ,୩୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ରଣପୁରଠାରେ ବସୁଧା ଟ୍ରଷ୍ଟ ପକ୍ଷରୁ ମହିଳା ସ୍ୱାବଲମ୍ବନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଅଜୟ କୁମାର ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ଏହି କର୍ମଶାଳାରେ ମହିଳା ସ୍ୱାସ୍ଥ୍ୟ ସଚେତନତା ଓ ସାନିଟେସନ୍ ଉପରେ ଦେବାଶିଷ ଦାଶ ପ୍ରଶିକ୍ଷଣ ଦେଇଥିଲେ। ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତାବହ ସାଜି ମହିଳାମାନେ କିପରି ସମାଜର ଅଗ୍ରଦୂତ ସାଜିବେ ଓ ସାମାଜିକ ସଚେତନତା ବୃଦ୍ଧି ହୋଇପାରିବ ସେ ସର୍କରେ କର୍ମଶାଳାରେ ଆଲୋକପାତ କରାଯାଇଥିଲା। ଛୋଟ ଛୋଟ ବ୍ୟବସାୟୀଙ୍କୁ ଆଧାର କରି ପରିବାରର ସର୍ବନିମ୍ନ ଗୁଜୁରାଣ ମେଣ୍ଟାଇବା ସହ ସ୍ୱାବଲମ୍ବୀ ହେବା କର୍ମଶାଳାର ମୂଳ ଲକ୍ଷ୍ୟ ବୋଲି ଦାଶ କହିଥିଲେ। ଏହି କର୍ମଶାଳାରେ ଶୈଳଜା ମହାରଣା, ଲକ୍ଷ୍ମୀପ୍ରିୟା ରାଉତ, ମିତା ନାୟକ, ପ୍ରଜ୍ଞାମିଶ୍ର, ପୂର୍ଣ୍ଣିମା ମହାରଣା ଓ ଗୀତାଞ୍ଜଳି ପାଇକରାୟଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

# 'ମିଶନ ଶକ୍ତି, ଜୀବିକା ମିଶନ ଏବେ ଦେଶର ମଡେଲ'



ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଗହଣରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

ଆଠଗଡ,୩୦।୭(ସତ୍ୟ ପ୍ରସାଦ ରଥ)

ଗ୍ରାମାଞ୍ଚଳରେ ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ମିଶନ ଶକ୍ତି ଓ ମହିଳା ଜୀବିକା ମିଶନକୁ ଏବେ ଦେଶରେ ମଡେଲ ରୂପେ ଗ୍ରହଣ କରାଯାଇଛି। ଆଠଗଡ଼ ମିନି ଷ୍ଟାଡିୟମରେ ମହିଳା ଓ ଶିଶୁ ବିକାଶ ସମନ୍ୱୟ ପ୍ରକଳ୍ପ ପକ୍ଷରୁ ଆୟୋଜିତ ମହିଳା କର୍ମଶାଳା ଓ ମହିଳା ଗୋଷ୍ଠୀଙ୍କୁ ଋଣ ବଣ୍ଟନ କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ସେ କହିଥିଲେ, ବ୍ଲକରେ ୨୩୭୦ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଛି। ସରକାରୀ ପ୍ରୋତ୍ସାହନରେ ଏସବୁ ଗୋଷ୍ଠୀ ସଫଳ ଉଦୋଗୀ ହୋଇପାରିଲେ ଏହି କର୍ମଶାଳାର ଉଦ୍ଦେଶ୍ୟ ପୂରଣ ହୋଇପାରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଯୋଗୁ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ଏବେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ଲକ୍ଷ ଟଙ୍କାର ଋଣ ବିନା ସୁଧରେ ଦେଉଛନ୍ତି। ସେମାନଙ୍କୁ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ କରୁଛନ୍ତି। ଏହାଦ୍ୱାରା ମହିଳାମାନେ ଗ୍ରାମାଞ୍ଚଳରେ ବିଭିନ୍ନ ଉଦ୍ୟୋଗ ଗଠନ କରି ସ୍ୱାବଲମ୍ବୀ ହୋଇପାରିବେ। ଆଠଗଡ଼ ବ୍ଲକରେ ସ୍ୱୟଂ ସହାୟକ ଗୋଷ୍ଠୀ ବିନିଯୋଗ ପାଣ୍ଠି, ସିଆରପି, ଏମ୍‌ବିକେ, ବ୍ୟାଙ୍କ ମିତ୍ରଙ୍କ ଦରମା ଓ ଅନ୍ୟାନ୍ୟ ବାବଦରେ ମୋଟ ୧୫କୋଟି ୧ ଲକ୍ଷ ୯୩ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଫଳରେ ମହିଳାମାନେ ଆଗକୁ ଆସି ସଫଳ ହୋଇପାରିଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଆଠଗଡ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳାରେ ୧ ନଂ.ଜୋନ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ବ୍ଲକ ପ୍ରକଳ୍ପ ସଂଯୋଜକ ଚିତରଞ୍ଜନ ବଳିୟାର ସିଂ, ବ୍ଲକ ଜୀବିକା ମିଶନ ସଂଯୋଜକ ପରେଶ ପୁଷ୍ଟି, ସଂଯୁକ୍ତା ମହାନ୍ତି, ବିନୋଦ କୁମାର ପଣ୍ଡା, ମୁକେଶ ବେହେରା ୩୪ ପଞ୍ଚାୟତର ଦକ୍ଷ ନଥିପତ୍ର ଲେଖିକା ପ୍ରମୁଖ ଯୋଗ ଦେଇଥିଲେ । କର୍ମଶାଳାକୁ ମୁରଲୀ ଧର ବେହେରା ସଂଯୋଜନା କରିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

ବାଙ୍କୀ,୩୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ମନ୍ତ୍ରୀ ସାହି ରାସ୍ତାର ୨ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଛି। ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପରିବେଶବିତ୍ ପ୍ରାଧାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରା, ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ରକ୍ତଦାନ ଶିବିର: ୨୩୦ ୟୁନିଟ୍ ରକ୍ତ ସଂଗୃହୀତ

ଆଠଗଡ,୩୦।୭(ସତ୍ୟ ପ୍ରସାଦ ରଥ)

ଆଠଗଡର ଯୋରନ୍ଦା ଓ କନ୍ଦରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜୀବନବିନ୍ଧୁ ଆନୁକୂଲ୍ୟରେ ବିଜେଡି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ କଟକ ରେଡକ୍ରସ ତରଫରୁ ପରିଚାଳନା କରାଯାଇ ୧୨୫ ଓ ୧୦୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୁବ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଶିବିରକୁ ଉଦ୍‌ଘାଟନ କରିଥିଲେ। ପରେ ସ୍ୱାଇଁ ବିଜେଡି ଦ୍ୱାରା ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଏଥିରେ ଶାନ୍ତିଲତା ବେହେରା, ବଳଭଦ୍ର ବାଘ, କମଳା ସ୍ୱାଇଁ, ମାନସ ସାହୁ, କଲ୍ୟାଣୀ ଖଟୁଆ, ମନି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଅସୁସ୍ଥ ହାତୀର ଚିକିତ୍ସା କଲା ବନ ବିଭାଗ

ଆଠଗଡ,୩୦।୭(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବନ ବିଭାଗ ପକ୍ଷରୁ ଏକ ଅସୁସ୍ଥ ହାତୀର ରବିବାର ଚିକିତ୍ସା କରାଯାଇଛି। ଚନ୍ଦକା ଅଞ୍ଚଳରୁ ୧୭ଟିକିଆ ହାତୀପଲ ଆଠଗଡ ଅଞ୍ଚଳକୁ ଆସିଥିଲେ। ସେଥିରୁ ଗୋଟିଏ ଅସୁସ୍ଥ ହୋଇ ପଡ଼ିଥିଲା। ଗତ ତିନି ଦିନ ହେବ ବନ ବିଭାଗ ଉକ୍ତ ହାତୀର ଗତିପଥ ଉପରେ ନଜର ରଖିଥିଲା। ରବିବାର ରାଜନଗର ବନବିଭାଗ ଅନ୍ତର୍ଗତ ଶୁକାସନ ସଂରକ୍ଷିତ ଜଙ୍ଗଲ ଡାଳଖାଇ ଠାକୁରାଣୀଙ୍କ ନିକଟରେ ହାତୀକୁ ଟ୍ରାଙ୍କୁଲାଇଜର କରାଯାଇ ଚିକିତ୍ସା କରାଯାଇଛି। ଓୟୁଏଟିର ଡ.ଇନ୍ଦ୍ରଜିତ ନାଥ , ନନ୍ଦନକାନନର ମେଟାଲ ଡିଟେକ୍ଟର ଦୁଷ୍ମନ୍ତ ମାଝୀ, ସଦରାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ। ହାତୀଟିର ପଛପଟ ଡାହାଣ ଗୋଡରେ ଆଘାତ ହୋଇଥିଲା। ଚିକିତ୍ସା ପରେ ତାକୁ ଜଙ୍ଗଲ ମଧ୍ୟରେ ଛାଡି ଦିଆଯାଇଥିବା ଜଣାପଡ଼ିଛି।

## ବୟୋଜ୍ୟେଷ୍ଠ ନାଗରିକ ସଂଘ ସଦସ୍ୟଙ୍କୁ ପରିଚୟପତ୍ର ବଣ୍ଟନ



ସାଧାରଣ ପରିଷଦ ବୈଠକରେ ଯୋଗଦେଇଥିବା ବୟୋଜ୍ୟେଷ୍ଠ ନାଗିରକ ସଂଘ କର୍ମକର୍ତ୍ତା।

ବାଙ୍କୀ,୩୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବୟୋଜ୍ୟେଷ୍ଠ ନାଗିରକ ସଂଘର ମାସିକ ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିରଞ୍ଚି ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ନୂତନ ସଭ୍ୟ ଲକ୍ଷ୍ମୀଧର ରାଉତ, ରମେଶ ରଣା ଓ ଭଗବାନ ରଣାଙ୍କ ସମେତ ବହୁ ସଭ୍ୟଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭ୍ୟ ନୀଳମାଧବ ମିଶ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ଶ୍ରୀବତ୍ସ ନାୟକ, ଶରତଚନ୍ଦ୍ର ବାରିକ, ସୁବାସ ଚନ୍ଦ୍ର ପ୍ରହରାଜଙ୍କ ସମେତ ବହୁ ସଭ୍ୟ ଯୋଗଦେଇଥିଲେ। ଅସହାୟ , ଦିବ୍ୟାଙ୍ଗ ଓ ନିରାଶ୍ରୟ ବ୍ୟକ୍ତିମାନଙ୍କୁ ଭତ୍ତା, ଆବାସ ଯୋଜନାରେ ସହଯୋଗ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଚିଠା ପ୍ରସ୍ତୁତ



ସମୀକ୍ଷା ବୈଠକରେ ବିଧାୟକ ପ୍ରଶାନ୍ତ ବେହେରା ଏବଂ ଅନ୍ୟମାନେ।

ସାଲେପୁର,୩୦।୭(ଅରବିନ୍ଦ ଭୂୟାଁ)

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ପଞ୍ଚାୟତର ବିକାଶ ନିମନ୍ତେ ୫୦ଲକ୍ଷ ଟଙ୍କା ଲେଖାଏ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ଏହି ଅନୁଦାନକୁ ଠିକ୍ ଭାବେ ପଞ୍ଚାୟତରେ ବିନିଯୋଗ କରାଯିବା ସହ ଲୋକମାନଙ୍କ କାର୍ଯ୍ୟରେ ସୁଚାରୁ ରୂପେ ଲଗାଇବା ପାଇଁ ସାଲେପୁରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ମଧୁମଣ୍ଡପଠାରେ ଆୟୋଜିତ ଏହି ବୈଠକରେ ବିଧାୟକ ପ୍ରଶାନ୍ତ ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ବ୍ଲକର ୩୫ ପଞ୍ଚାୟତର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ଉନ୍ନୟନମୂଳକ କାର୍ଯ୍ୟକୁ କିଭଳି ସଂପାଦନ କରାଯିବ ସେନେଇ ଚିଠା ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଆତ୍ମା କମିଟି ସଭାପତି ଦିଲୀପ ଦାଶ, ବରିଷ୍ଠ ବିଜେଡି ନେତା ନବକିଶୋର କର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ବିଜେଡି କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ଅନନ୍ତ ଚରଣ ପ୍ରଧାନ, ଜିଲା ଯୁବବିଜେଡି ସାଧାରଣ ସମ୍ପାଦକ ବିରଞ୍ଚିନାରାୟଣ କର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ଚିରଞ୍ଜନ ମହାନ୍ତି, ସରପଞ୍ଚ ଅଶୋକ ଭୂୟାଁ, ସୌମ୍ୟରଞ୍ଜନ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଟେରା ଗ୍ୟାଙ୍ଗ ଧରାପଡ଼ିଲା, ୩ ଗିରଫ

**ବ୍ୟାଙ୍କ୍ ମ୍ୟାନେଜରଙ୍କଠାରୁ ସୁନା ଚେନ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିଲେ**

ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)

ଏସ୍‌ବିଆଇର ପଳାଶୁଣୀ ବ୍ରାଞ୍ଚ ମ୍ୟାନେଜରଙ୍କଠାରୁ ସୁନା ଚେନ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଏକ ଲୁଟେରା ଗ୍ୟାଙ୍ଗକୁ ମଞ୍ଚେଶ୍ୱର ପୋଲିସ ଧରିଛଇ। ଏଥିସହ ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ୟୁନିଟ-୮ ବାୟାବାବା ବସ୍ତିରେ ରହୁଥିବା କଟକ ଜିଲା ମଙ୍ଗଳାବାଗ ଥାନା ଅଞ୍ଚଳର ସେକ୍ ସୋନୁ ଓରଫ ସାହିଲ (୨୨), ଗ୍ରୀଡ୍‌କୋ କଲୋନିରେ ରହୁଥିବା କଟକ ଜିଲା ବାଙ୍କୀ ଅଞ୍ଚଳର ପିଣ୍ଟୁନ୍ କୁମାର ଦଳେଇ ଓରଫ ଦିପୁ (୨୭) ଓ ମାହାଙ୍ଗା ଅଞ୍ଚଳର ସାଜାଦ୍ ଖାନ୍ (୩୧)। ଅଭିଯୁକ୍ତଙ୍କ ପାଖରୁ ଗୋଟିଏ ବାଇକ୍, ୫ଟି ମୋବାଇଲ ଓ ଏକ ଛିଡ଼ିଯାଇଥିବା ସୁନା ଚେନ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଦିପୁଙ୍କ ନାମରେ ବାଙ୍କୀ, ଶହୀଦନଗର ଓ ଖାରବେଳଗର ଥାନାରେ ୧୨ଟି



ଗିରଫ ୩ ଅଭିଯୁକ୍ତ।

ମାମଲା ରହିଛି। ସେହିପରି ସୋନୁଙ୍କ ନାମରେ ଚନ୍ଦକା, ଶହୀଦନଗର ଓ ବାଦାମବାଡ଼ି ଥାନାରେ ୭ଟି ମାମଲା ଥିବାବେଳେ ସାଜାଦ୍‌ଙ୍କ ନାମରେ ବାଲିଅନ୍ତା, ଭରତପୁର ଓ କ୍ୟାପିଟାଲ ଥାନାରେ ୩ଟି ମାମଲା ରହିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କିଛିମାସ ହେଲା ରାଜଧାନୀ ସମେତ ଅନ୍ୟାନ୍ୟ ସ୍ଥାନରେ ଲୁଟ୍‌ପାଟ କରୁଥିଲେ। ଜୁଲାଇ ୨୪ ସକାଳେ ପଳାଶୁଣୀ ଏସ୍‌ବିଆଇ ବ୍ରାଞ୍ଚ ମ୍ୟାନେଜର ମାନସ ମହାନ୍ତି ପ୍ରାତଃଭ୍ରମଣରେ ଯାଉଥିବା ସମୟରେ ଅଭିଯୁକ୍ତମାନେ ଏକ ବାଇକରେ ପଛପଟୁ ଆସି ମାନସଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଯାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୦୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିଭଳି ଜୁଲାଇ ୨୭ରେ ଅଭିଯୁକ୍ତମାନେ ରାତି ପ୍ରାୟ ୧୦ଟାବେଳେ ରସୁଲଗଡ଼ ଛକରୁ ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍ କରିଥିଲେ। ଏନେଇ ପୋଲିସ ମଧ୍ୟ ଏକ ମାମଲା (ନଂ.୩୧୧/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

## ଭତ୍ତା ନ ପାଇ ବୃଦ୍ଧ ଦମ୍ପତି ହଟହଟା

ନିଶ୍ଚିନ୍ତକୋଇଲି,୩୦।୭ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମର ଅସହାୟ ବୃଦ୍ଧ ଦମ୍ପତି ଭତ୍ତା ନ ପାଇ ହଟହଟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଜିଗ୍ନିପୁର ଗ୍ରାମର ଝରି ବେହେରା(୮୨) ଜଣେ ଅସହାୟ ବୃଦ୍ଧ । ତାଙ୍କର କୌଣସି ପୁତ୍ର ସନ୍ତାନ ନାହାନ୍ତି। ସ୍ତ୍ରୀ ମାତାଜୀ ବେହେରାଙ୍କୁ ନେଇ ତାଙ୍କର ତେଲ ଲୁଣର ସଂସାର। ସରକାରଙ୍କ ତରଫରୁ ଝରି ବେହେରା ଓ ତାଙ୍କ ସ୍ତ୍ରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି। ତେବେ ସରକାରଙ୍କ ତରଫରୁ ଝରିଙ୍କୁ ଭତ୍ତା ବାବଦରେ ମାସିକ ମାତ୍ର ୫୦୦ ଟଙ୍କା ଦିଆଯାଉଛି। ସରକାରଙ୍କ ନିୟମାନୁଯାୟୀ ତାଙ୍କୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଭତ୍ତାର ପ୍ରାପ୍ୟ ବଢ଼ାଯିବା କଥା। କିନ୍ତୁ ଏପର୍ଯ୍ୟନ୍ତ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପ୍ରଦାନ କରାଯାଉ ନାହିଁ। ଏ ପରିସ୍ଥିତିରେ ସ୍ତ୍ରୀ ମାତାଜୀ ଶଯ୍ୟାଶାୟୀ ହୋଇଯାଇଛନ୍ତି। ଭତ୍ତା ଟଙ୍କାରେ ବୃଦ୍ଧ ଦମ୍ପତି ବହୁ କଷ୍ଟରେ ଦିନ କାଟୁଥିବା ବେଳେ ଜୁଲାଇରୁ ସେମାନଙ୍କୁ ଭତ୍ତା ଅର୍ଥ ପ୍ରଦାନ କରାଯାଇନାହିଁ। ଏନେଇ ଝରି ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବିଡିଓଙ୍କ ନିର୍ଦ୍ଦେଶକୁ ପ୍ରଶାସନିକ ଅଧିକାରୀ କାର୍ଯ୍ୟକାରୀ କରି ନ ଥିବା ଝରି ଅଭିଯୋଗ କରିଛନ୍ତି। ବୃଦ୍ଧ ଦମ୍ପତିଙ୍କୁ ବାରମ୍ବାର ଏଭଳି ହଇରାଣ କରାଯାଉଛି ବୋଲି ଝରି କହିଛନ୍ତି।



ବାଙ୍କୀ ସ୍ୱୟଂଶାସିତ କଲେଜରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ପଦବୀ ବଣ୍ଟନ କରାଯାଉଛି।



କଟକ ନୂଆବଜାରସ୍ଥିତ ଗୋପାଳକୃଷ୍ଣ ଗୋଶାଳା ପରିସରରେ ରବିବାର ଅନୁଷ୍ଠିତ ସାମୂହିକ ରୁଦ୍ରାଭିଷେକ।



କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଏକ ଜିମ୍‌ରେ ଅନୁଷ୍ଠିତ ଦ୍ୱିତୀୟ ୟୁନାଇଟେଡ୍ କଟକ ଜିଲା ଯୋଗ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚୂରମାର, ଯୁବକ ଗୁରୁତର



ବୋଲଗଡ଼,୩୦।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଚମ୍ପାଇଲୋ ଗ୍ରାମ ବଘେଇ ଢାବା ନିକଟରେ ରବିବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଗୁନିଆ ଅଞ୍ଚଳର ମଦନ ଦାସ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଯାଇଛି। ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ଏକ ଟ୍ରକ୍ (ଓଡି଼୦୨ ଏଆର ୯୨୯୫) ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଏହ ସମୟରେ ବିପରୀତ ପଟୁ ମଦନ ତାଙ୍କ ସାଙ୍ଗଙ୍କ ସହ ବାଇକ୍(ଓଡି ୦୨ ସି ୮୮୨୦) ରେ ଆସୁଥିଲେ। ହଠାତ୍ ଟ୍ରକଟି ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ଟି ଭାଙ୍ଗିଯିବା ସହ ମଦନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ କାରରେ ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପିତୁକୁଳି ବଜାରଠାରେ ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଅଟକାଇ ପୋଲିସ ଜିମା ଦେଇଛନ୍ତି। ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ତାଙ୍କ ଲାଇସେନ୍ସ ବାତିଲ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଟ୍ରକ୍-ବାଇକ୍ ଧକ୍କା, ୨ ଗୁରୁତର

ବେଗୁନିଆ,୩୦।୭(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ପିତୁକୁଳି ବଜାର ନିକଟରେ ଟ୍ରକ୍-ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ଆହତଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବେଗୁନିଆ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ରବିବାର ଅପରାହ୍ନ ପ୍ରାୟ ୨ଟାରେ ନୟାଗଡ଼ ପଟୁ ଭୁବନେଶ୍ୱର ଅଭିମୁଖେ ଏକ ଟ୍ରକ୍ (ଓଡି ୦୨ଏଆର-୯୨୯୫) ଯାଉଥିଲା। ଏହି ସମୟରେ ପିତୁକୁଳି ବଜାର ନିକଟରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ଆହତ ଦୁଇ ବାଇକ୍‌ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ଅଗଷ୍ଟରେ ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୩୦।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ପକ୍ଷରୁ ଅଗଷ୍ଟ ୩ୟ ସପ୍ତାହରୁ ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଜିଲାର ବିଭିନ୍ନ ଫୁଟ୍‌ବଲ ଦଳକୁ ନେଇ ସ୍ଥାନୀୟ ଷ୍ଟାଡିୟମ୍‌ରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଦଳଗୁଡ଼ିକ ଅଗଷ୍ଟ ୫ ତାରିଖ ସୁଦ୍ଧା ଅନୁଷ୍ଠାନର ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ, ମୋବାଇଲ ନଂ.୯୪୩୭୧୬୩୦୮୩, ଜୟଦୁର୍ଗା କ୍ଲବ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ପାଇପ୍ ପାଣିରୁ ବଞ୍ଚିତ ୨ ଗ୍ରାମବାସୀ

ବୋଲଗଡ଼,୩୦।୭(ଦେବବ୍ରତ ହୋତା)

■ ଦୁଇ ସପ୍ତାହ ହେବ ପାଣି ଆସୁନାହିଁ
■ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ଗ୍ରାମାଞ୍ଚଳରେ ଲୋକେ କିପରି ସ୍ୱଚ୍ଛ ପାନୀୟଜଳ ପାଇପାରିବେ ଏଥିପ୍ରତି ସରକାର ଗୁରୁତ୍ୱ ଦେବା ସହିତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା କିମ୍ବା ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବିଶୁଦ୍ଧ ପାନୀୟଜଳ ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଓ ଧଳାପଥର ରାଜସ୍ୱ ଗ୍ରାମରେ ବସୁଧା ଯୋଜନାରେ ପାଇପ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଶୁଦ୍ଧ ପାନୀୟଜଳ ଯୋଗାଣ ଗତ ଦୁଇ ସପ୍ତାହ ହେବ ବନ୍ଦ ରହିଛି। ଫଳରେ ସ୍ଥାନୀୟ ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା



ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଧଳାପଥର ପାନୀୟଜଳ ଯୋଗାଣ ପ୍ରକଳ୍ପର ଟ୍ରାନ୍ସଫର୍ମର ଏବଂ ଓଭରହେଡ୍ ପାଣି ମହଜୁଦ ଟାଙ୍କିର ଦୂରତ୍ୱ ଅଧ କିଲୋମିଟର। ଫଳରେ ଟ୍ରାନ୍ସଫର୍ମରଠାରୁ ମାଟି ତଳେ କେବୁଲ ବିଛାଯାଇ ଟାଙ୍କି ପର୍ଯ୍ୟନ୍ତ ସଂଯୋଗ କରାଯାଇ ଜଳଯୋଗାଣ କାର୍ଯ୍ୟ ସମ୍ପାଦନ କରାଯାଉଛି। ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ମାସକରେ ତିନି ଚାରି ଥର କେବୁଲ୍ ଶର୍ଟ ହୋଇଯାଉଥିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଯୋଗୁ ଜଳଯୋଗାଣ ବନ୍ଦ ରହୁଛି। ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ୧୯୧୬ ହେଲ୍ପ ଲାଇନ ନମ୍ବରରେ ବସୁଧା ଅଭିଯୋଗ ପ୍ରକୋଷ୍ଠକୁ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ ସମସ୍ୟାର ସମାଧାନ ପରିବର୍ତ୍ତେ ଦୀର୍ଘଦିନ ଧରି ପାନୀୟଜଳ ଯୋଗାଣ ବନ୍ଦ ରହିଛି। ବର୍ଷାଦିନ ଯୋଗୁ କୂଅ, ପୋଖରୀ ଓ ଅନ୍ୟାନ୍ୟ ଜଳାଶୟର ପାଣି ଗୋଳିଆ ଓ ଅପରିଷ୍କାର ଥିବାରୁ ଏହି ଦୂଷିତ ଜଳ ବ୍ୟବହାର କରି ଲୋକମାନେ ବିଭିନ୍ନ ରୋଗରେ ସଂକ୍ରମିତ ହେବା ଆଶଙ୍କା ଦେଖାଦେଇଛି। ଫଳରେ ଯୁଦ୍ଧକାଳୀନ ଭିତ୍ତିରେ ପାନୀୟଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସୁନୀଲ ପାଢ଼ୀ କହିଛନ୍ତି, ଏହି ସମସ୍ୟାର ସମାଧାନ ପାଇଁ ବିଦ୍ୟୁତ୍ ବିଭାଗକୁ କହିବା ପରେ ସେମାନେ ମାଟିତଳେ କେବୁଲ ଦ୍ୱାରା ଯାଇଥିବା ତାରକୁ ଖୁଣ୍ଟ ଜରିଆରେ ଉପରେ ପମ୍ପହାଉସ ପର୍ଯ୍ୟନ୍ତ ଟାଣିବା ପାଇଁ ଏଷ୍ଟିମେଟ କରିଛନ୍ତି। ଏହି ଅନୁଯାୟୀ ଟଙ୍କା ଡିପୋଜିଟ ସରିଛି। ବିଦ୍ୟୁତ୍ ବିଭାଗ ମଧ୍ୟ କାମ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଜଳଯୋଗାଣ କରାଯିବ ବୋଲି ସେ କହିଛନ୍ତି।

# ମା' ଉଗ୍ରତାରାଙ୍କ ମନ୍ଦିରରୁ ଚୋରି

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ଟାଙ୍ଗୀ (ରଘୁନାଥ ସାହୁ)/ ନିରାକାରପୁର, ୩୦।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

## ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ନେଇଗଲେ

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ମୂଳିଝରଗଡ଼ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା'ଉଗ୍ରତାରା ମନ୍ଦିରରୁ ଚୋରି ହୋଇଛି। ଶନିବାର ରାତିରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ସୁନାରୁପା ଅଳଙ୍କାର ମା'ଙ୍କ ମୁକୁଟ, ଅଣ୍ଟା ପଟି, ହାର, ହାତପଲା, ଆଖି, ମଥା ଚିତା, ହାତ ପଟି ନେଇଯାଇଛନ୍ତି। ଏନେଇ ରବିବାର ଅଭିଯୋଗ ପରେ ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମନ୍ଦିରରେ ସୁରକ୍ଷାକର୍ମୀ ଓ ସିସିଟିଭିର ବ୍ୟବସ୍ଥା ଥିବା ବେଳେ ମନ୍ଦିରରୁ ଚୋରି ହେବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ପାଟ୍ରୋଲିଂ କରାଯାଉ ନ ଥିବାରୁ ଚୋରି ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ କିଛିଦିନ ତଳେ ୫-ଟି ସଚିବ ଏହି ମନ୍ଦିର ପରିଦର୍ଶନରେ ଆସି



ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ସମୀକ୍ଷା କରିଥିଲେ। ମା'ଙ୍କ ମନ୍ଦିର ଉନ୍ନତୀକରଣ ପାଇଁ ଅର୍ଥ ମଧ୍ୟ ମଞ୍ଜୁର ହୋଇସାରିଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ସୁରକ୍ଷା ପ୍ରସଙ୍ଗକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଜଟଣୀ: ଛଣଘର ପଞ୍ଚାୟତ ସ୍ଥିତ ଭାରତୀୟ ତୈଳ ନିଗମ ଡିପୋ ନିକଟରେ ରବିବାର ବ୍ୟାଙ୍କ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ଅବସରରେ ଉପସ୍ଥିତ ଅତିଥି।

## ବ୍ୟାଙ୍କ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ

ଜଟଣୀ,୩୦।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ଛଣଘର ପଞ୍ଚାୟତ ସ୍ଥିତ ଭାରତୀୟ ତୈଳ ନିଗମ ଡିପୋ ନିକଟରେ ଏକ ବ୍ୟାଙ୍କ ଗୃହ ନିର୍ମାଣ ହେବ। ରବିବାର ଏନେଇ ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ ଏହାର ଶିଳାନ୍ୟାସ କରିଛନ୍ତି। ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟଅଟକଳରେ ଉକ୍ତ ବ୍ୟାଙ୍କ ନିର୍ମାଣ କରାଯିବ। ଏଠାରେ ବ୍ୟାଙ୍କ ହେଲେ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ବିଭୁତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ବିଘ୍ନେଶ ବଳବନ୍ତରାୟ, ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

## ରାସ୍ତା କାମ ଆରମ୍ଭ ପୂର୍ବରୁ ଫଳକ ଭାଙ୍ଗିଦେଲେ

ଜଟଣୀ,୩୦।୭ (ରବୀନ୍ଦ୍ର ନାଥ ମହାକୁଡ଼)



ଭାଙ୍ଗିଯାଇଥିବା ଫଳକ।

ଜଟଣୀ ବ୍ଲକ ପଦନପୁର ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟର ସୂଚନାଫଳକରେ ନାମକୁ ନେଇ ଅସନ୍ତୋଷ ଦେଖାଦେଇଛି। ଫଳକରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନାମ ନ ଥିବା ବେଳେ ପୂର୍ବତନ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟଙ୍କ ନାମ ଥିବାରୁ କେତେଜଣ ଗ୍ରାମବାସୀ ବିରୋଧ କରିଥିଲେ। ଫଳକରେ କଳାରଙ୍ଗ ବୋଳିବା ସହିତ ଭାଙ୍ଗିଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ନାଇଜରରେ ନିର୍ମାଣ ହେବାକୁ ଥିବା କ୍ୟାନ୍ସର ହସ୍ପିଟାଲ ପାଇଁ ପଞ୍ଚାୟତର ଉନ୍ନତୀକରଣ ପାଇଁ ସରକାର ପ୍ରାୟ ଦୁଇ କୋଟି ଟଙ୍କା ପ୍ରଦାନ କରିଛନ୍ତି। ତେବେ ମା' ବରୁଣେଇ ଇଟା ଫ୍ୟାକ୍ଟ୍ରିଠାରୁ ପଞ୍ଚାନନ ବାହୁବଳେନ୍ଦ୍ର ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଫଳକ ଲାଗିଥିଲା। ତେବେ ଫଳକରେ ବିଧାୟକ ରାଉତରାୟଙ୍କ ନାମ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଫଳକରେ ଥିବା ନାମକୁ ବଦଳାଇ ପୁଣିଥରେ ନୂଆ ଫଳକ ଲଗାଇବାକୁ ଦାବି କରିଛନ୍ତି ଗ୍ରାମବାସୀ।

# ୫ ପ୍ରକଳ୍ପ ସଙ୍କୁଳସ୍ତରକୁ ମନୋନୀତ

## କଣ୍ଟାବାଡ ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

ବେଗୁନିଆ,୩୦।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମେଳାରେ ମୋଟ୍ ୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୫ଟି ପ୍ରକଳ୍ପ ସଙ୍କୁଳସ୍ତରକୁ ମନୋନୀତ ହୋଇଛି। ବିଚାରକଭାବେ ଶିକ୍ଷକ ଶ୍ରୀନିବାସ ମିଶ୍ର, ପ୍ରଭାତ କୁମାର ସାହୁ, ଶିକ୍ଷୟିତ୍ରୀ ମଧୁଛନ୍ଦା ପାଲଟାସିଂହ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର କୁନି ବୈଜ୍ଞାନିକମାନେ ହେଲେ ଆଧୁନିକ ଯୁଗର ନୂଆ ସାରଥି। ପିଲାମାନେ ବିଜ୍ଞାନର ପ୍ରସାର କ୍ଷେତ୍ରରେ ନିଜକୁ ସମର୍ପିତ କର। ତେବେ ବିଶ୍ୱସ୍ତରରେ ଭାରତ ଭଳି ପ୍ରଗତିଶୀଳ ରାଷ୍ଟ୍ର ଉଚ୍ଚରେ ପହଞ୍ଚି ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାପତି ମାନସ ରଞ୍ଜନ



ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଦାଶ, ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀ ଓ ପୂର୍ବତନ ସମ୍ପାଦକ ପ୍ରଭାତ କୁମାର ବାହିନୀପତି ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧକ୍ଷ ପ୍ରସନ୍ନ କୁମାର ମହାପାତ୍ର, ସଭ୍ୟ ସରୋଜ କୁମାର ମହାପାତ୍ରଙ୍କ ସହିତ ଶିକ୍ଷା ଅନୁଷ୍ଠାନର ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ସହଯୋଗ କରିଥିଲେ। ଶେଷରେ ବିଦ୍ୱତ ପରିଷଦର ସଭାପତି ବଂଶୀଧର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ୬ ଜୋନ୍‌ର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ

### ନୂଆଗଡ ସେବା ସମବାୟ ସମିତି ନୂତନ ପରିଚାଳନା କମିଟି ସଭ୍ୟ ନିର୍ବାଚନ

ନିରାକାରପୁର, ୩୦।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ସେବା ସମବାୟ ସମିତି ଲିଃର ରବିବାର ନୂତନ ପରିଚାଳନା କମିଟି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୫ଟି ଜୋନ୍ ରହିଥିବା ବେଳେ ଦୁଇଟି ଜୋନ୍‌ରେ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ। ୧୩ଟି ଜୋନ୍ ପାଇଁ ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନିର୍ବାଚନ ଲଢ଼ିଥିବା ବେଳେ ସେଥିରୁ ୬ ଜୋନ୍‌ରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନରେ ବିଜୟୀ ପ୍ରାର୍ଥୀ ହେଲେ ପ୍ରହ୍ଲାଦ ପାଇକରାୟ, ରବୀନ୍ଦ୍ର କୁମାର ଜୟସିଂହ, ପ୍ରଫୁଲ୍ଲ କୁମାର ବାରିକ, କାମିନୀ ବାରିକ, ନାଦ ଦାସ, ସଞ୍ଜୁଲତା ଜେନା, ସୁଦର୍ଶନ ବେହେରା, ମହାର ବେହେରା, ସୁଶାନ୍ତ ମଙ୍ଗରାଜ, ତ୍ରିନାଥ ମାଝି, ଯୁଧିଷ୍ଠିର ସୁନ୍ଦରାୟ, ବିଶ୍ୱମ୍ବର ପ୍ରଧାନ, ତନ୍ମୟ ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଜଟଣୀର ପ୍ରମୋଦ କୁମାର ପ୍ରଧାନ ନିର୍ବାଚନ ଅଧିକାରୀ, ଗୋଳବାଇ ସମବାୟ ସମିତି ସମ୍ପାଦକ ପରମାନନ୍ଦ ନାୟକ ପ୍ରିଜାଇଡିଙ୍ଗ୍ ଅଧିକାରୀ, ପ୍ରଭାସ ମଲ୍ଲିକ ଆଡ୍‌ମିନ୍ ଓ ପୁଲିଂ ଅଧିକାରୀ ଭାବେ ରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିଲେ।

## ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଘୋଷଣା

ଖୋର୍ଦ୍ଧା,୩୦।୭(ପ୍ରଭାତ ପାଣିଗ୍ରାହୀ)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟ ଖୋର୍ଦ୍ଧା ଜିଲା କଂଗ୍ରେସ ନୂତନ କମିଟି ଘୋଷଣା କରିଛନ୍ତି। ଉପଦେଷ୍ଟାଭାବେ ସୁଧାଂଶୁ ଶେଖର ପଟ୍ଟନାୟକ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଶିଶିର କୁମାର ପରିଡ଼ା, ବିଶ୍ୱଭୂଷଣ ଛୋଟରାୟ, ଅମିତ କୁମାର ମହାନ୍ତି, ସ୍ୱାଗତିକା ପଟ୍ଟନାୟକ, କଳିଙ୍ଗ ସାହୁ, ପ୍ରମୋଦ ସାହାଣୀ, ନଗେନ ସିଂ, ପଦ୍ମଚରଣ ସୁବୁଦ୍ଧି, ଇନ୍ଦୁ ଭୂଷଣ ଭଞ୍ଜ, ସୁନୀଲ କୁମାର ରାଉତରାୟ, ଯୋଗୀନାଥ ବାହୁବଳେନ୍ଦ୍ର, ପ୍ରମୋଦ ହରିଚନ୍ଦନ ପ୍ରମୁଖ ରହିଛନ୍ତି। ଉପସଭାପତି ପଦବୀରେ ଅଶୋକ ପାତ୍ର, ସରଣେଶ୍ୱର ସାହୁ, ନୃସିଂହ ନାଥ ମିଶ୍ର, ବିଜୟ କିଶୋର, ଶିଶିର ଶେଖର ପଟ୍ଟନାୟକ, କୁମାର ଶିଳାଦିତ୍ୟ ପଟ୍ଟନାୟକ, ଧନେଶ୍ୱର ରାଉତରାୟ, ତ୍ରିଲୋଚନ ପ୍ରଧାନ, ମହମ୍ମଦ ଆକବର, ସୁଧାଂଶୁ ମୋହନ ପଟ୍ଟନାୟକ, ସୁବାସ ପାତ୍ର, ପ୍ରଦୀପ ସ୍ୱାଇଁ, କାଳନ୍ଦୀ ମାଝୀ, ବେଣୁଧର ଭୋଇ, ପ୍ରଶାନ୍ତ ପରିଡ଼ା, ପ୍ରଦୀପ କୁମାର ସାହୁ, ଅଜିତ ଶ୍ରୀଚନ୍ଦନ ରହିଛନ୍ତି। ସାଧାରଣ ସମ୍ପାଦକ ପଦବୀରେ ପୂର୍ଣ୍ଣ ଚନ୍ଦ୍ର ଜେନା, ଆଲୋକ ମହାନ୍ତି, ପ୍ରଦୋଷ ହରିଚନ୍ଦନ, ମୃତ୍ୟୁଞ୍ଜୟ ଛୋଟରାୟ, ବିଶ୍ୱଜିତ୍ ରାଉତରାୟ, ରଘୁନାଥ ମଙ୍ଗରାଜ, ବିଭାସ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ବଳିୟାରସିଂ, ବିଶ୍ୱନାଥ ଭୋଇ, ଲୁସେନ ରାୟ, ଧ୍ରୁବଚରଣ ମହାପାତ୍ର, ହରି ସୁବୁଦ୍ଧି, ତାପସ କୁମାର ସେଠୀ, ସମସର ଅଲ୍ଲି, ଫକୀର ମୋହନ ସାହୁ ଅଛନ୍ତି। ସେହିପରି ସମ୍ପାଦକ ଭାବେ ଇନା ହଲିମ ଖାନ, ଜୟନ୍ତୀ ରାୟ, ବିଭୂତି ହରିଚନ୍ଦନ, ଦିଲ୍ଲୀପ ସେଠୀ, ବିଦ୍ୟୁତ୍‌କାନ୍ତି ଦତ୍ତ, ସୁଶାନ୍ତ କୁମାର ଜେନା, ଜିତେନ୍ଦ୍ର ବରାଳ, ଶରତ ଚନ୍ଦ୍ର ସାହୁ, ସୁଧାକର ଜେନା, ସଂଗ୍ରାମ ସାମଲ, ଗୀତାଞ୍ଜଳି ସେଠୀ, ସୀତା ରାଉତ, ଉଗ୍ରସେନ ବିଶ୍ୱାଳ, ସନ୍ତୋଷ କୁମାର ଷଡ଼ଙ୍ଗୀ ପ୍ରମୁଖ ରହିଛନ୍ତି। ଏହି କମିଟିରେ ଖୋର୍ଦ୍ଧା ବ୍ଲକ କଂଗ୍ରେସ ସଭାପତି ଭାବେ ପଦ୍ମଚରଣ ରାୟ, ଭୁବନେଶ୍ୱର ବ୍ଲକ କଂଗ୍ରେସ ସଭାପତି ଭାବେ ବିଷ୍ଣୁ ପ୍ରସାଦ ବାହିନୀପତି, ଜଟଣୀ ବ୍ଲକ କଂଗ୍ରେସ ସଭାପତି ଭାବରେ ଧ୍ରୁବ ଚରଣ ମହାପାତ୍ର ନିଯୁକ୍ତି ପାଇଛନ୍ତି।

## ସମୁଦ୍ରକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

କୃଷ୍ଣପ୍ରସାଦ, ୩୦।୭ (କୈଳାସ ଚନ୍ଦ୍ର ପଟନାୟକ )

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ବ୍ରାହ୍ମଣଦେଓ ଗ୍ରାମ ନିକଟ ସମୁଦ୍ରରେ ଜଣେ ଯୁବକ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ହରିପୁର ଗ୍ରାମର ନିରଞ୍ଜନ ବେହେରା। ସୂଚନା ମୁତାବକ, ନିରଞ୍ଜନ କିଛିବର୍ଷ ହେବ ବ୍ରାହ୍ମଣଦେଓ ନିକଟ ହୁଞ୍ଜାନ ଗ୍ରାମର ଏକ ଚିଙ୍ଗୁଡ଼ି ହାଚେରିରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ଗତ ୨୮ ତାରିଖରେ ସେ ସମୁଦ୍ରକୁ ଗାଧୋଇବାକୁ ଯାଇଥିବା ବେଳେ ଆଉ ଫେରି ନ ଥିଲେ। ତାଙ୍କର ସନ୍ଧାନ ମିଳି ନ ଥିବାରୁ ଏନେଇ ତାଙ୍କ ସ୍ତ୍ରୀ ସବିତା ବେହେରା କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୮/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ସଂରକ୍ଷଣ ଟିକେଟ କାଉଣ୍ଟର ଖୋଲାଯାଉ

ନିରାକାରପୁର,୩୦।୭(ମାନସ ଚନ୍ଦ୍ର ପଟ୍ଟନାୟକ)

## ନିରାକାରପୁର ରେଲୱେ ଷ୍ଟେଶନ

ଖୋର୍ଦ୍ଧା ରେଳ ଡିଭିଜନର ନିରାକାରପୁର ଏକ ପ୍ରମୁଖ ଷ୍ଟେଶନ। ଭୌଗୋଳିକ ଦୃଷ୍ଟିକୋଣରୁ ଇଷ୍ଟକୋଷ୍ଟ, ହୀରାଖଣ୍ଡ, ତପସ୍ୱିନୀ, ରାଜ୍ୟରାଣୀ, ଇଣ୍ଟରସିଟି, ବିଶାଖା, ତିରୁପତି ଏକ୍ସପ୍ରେସ ଟ୍ରେନ୍ ଓ ଫାଷ୍ଟ ପାସେଞ୍ଜର ସମେତ ବହୁ ପାସେଞ୍ଜର ଟ୍ରେନ୍‌ର ନିରାକାରପୁର ଷ୍ଟେଶନରେ ରହଣି ବ୍ୟବସ୍ଥା ରହିଛି। ଗମନାଗମନ ସୁବିଧା କାରଣରୁ ଏହି ଷ୍ଟେଶନ ଉପରେ ବେଗୁନିଆ, ଖୋର୍ଦ୍ଧା, ସତ୍ୟବାଦୀ, ବ୍ରହ୍ମଗିରି, ରଣପୁର ଆଦି ନିର୍ବାଚନମଣ୍ଡଳୀର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ବିଶେଷକରି ନିକଟରେ ନୂଆ ଜଗନ୍ନାଥ ସଡ଼କ ଓ ମାତ୍ର ୫ କିଲୋମିଟର ଦୂରରେ ୧୬ ନମ୍ବର ଜାତୀୟ ରାଜପଥ ଯାଇଥିବା ଯୋଗୁ ଅନ୍ୟାନ୍ୟ ଯାତ୍ରୀମାନେ ଏଠାକୁ ବସ୍, କାର, ବାଇକ୍‌ରେ ଆସି ମୁମ୍ବାଇ, ଦିଲ୍ଲୀ, ଗୁଜରାଟ, ସୁରତ, ହାଇଦ୍ରାବାଦ, ଚେନ୍ନାଇ ଭଳି ବାହାର ରାଜ୍ୟକୁ ସୁବିଧାରେ ଯାତାୟାତ କରିଥାନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳରୁ ପ୍ରତିଦିନ ଶତାଧିକ ଲୋକ ନିଜର ଜୀବିକାର୍ଜନ ପାଇଁ କଟକ, ଭୁବନେଶ୍ୱର, ପାରାଦୀପ, ପୁରୀ, ଜଟଣୀ, ବାଲୁଗାଁ ଓ ବ୍ରହ୍ମପୁର ଏହି ଷ୍ଟେଶନରୁ ଟ୍ରେନ୍‌ରେ ଯାଇଥାନ୍ତି । ଏହି ଷ୍ଟେଶନରେ ଗୋଟିଏ ଟିକେଟ କାଉଣ୍ଟର ଥିବା ଯୋଗୁ ସାଧାରଣ ଓ ସଂରକ୍ଷଣ ଟିକେଟ ସଂଗ୍ରହ କରିବାରେ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅଧିକାଂଶ ସମୟରେ ଟିକେଟ କାଉଣ୍ଟରରେ ଅସମ୍ଭାଳ ଭିଡ଼ ଯୋଗୁ ଯାତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବା ନଜିର ରହିଛି। ଯାତ୍ରୀଙ୍କ ସୁବିଧା ପାଇଁ ବିଭାଗ ପକ୍ଷରୁ ଏହି ଷ୍ଟେଶନରେ ସଂରକ୍ଷଣ ଟିକେଟ କାଉଣ୍ଟର ଖୋଲିବାକୁ ଅଞ୍ଚଳବାସୀ ଓ ଯାତ୍ରୀଙ୍କ ପକ୍ଷରୁ ଦାବି ହେଉଛି।



ଟିକେଟ ପାଇଁ ଅପେକ୍ଷା କରିଥିବା ଯାତ୍ରୀ।

# 'ସମନ୍ୱୟ ରହିଲେ ଉତ୍ସବ ସଫଳ ହେବ'

ଖୋର୍ଦ୍ଧା,୩୦।୭(ପ୍ରଭାତ ପାଣିଗ୍ରାହୀ)

## ବିଜେବି ହାଇସ୍କୁଲ ୧୨୫ତମ ଉତ୍ସବ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ଇଂରାଜୀ ବିଦ୍ୟାଳୟ ୧୨୫ତମ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ହେରିଟେଜ୍(ଐତିହାସିକ) କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ତଥା ଆଲୁମ୍ନି ଆସୋସିଏଶନ ସଭାପତି ଜ୍ୟୋତିରୀନ୍ଦ୍ରନାଥ ମିତ୍ର ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଏସ୍.ଗହରଅଲ୍ଲୀ ଖାଁ, ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି ମଞ୍ଚାସୀନ ଥିଲେ। ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାର ସଂଯୋଜନା କରିଥିଲେ। ଲକ୍ଷ୍ମୀ ନାରାୟଣ ଭଞ୍ଜ ବିଭିନ୍ନ କ୍ଷେତ୍ରରୁ ସଂଗୃହୀତ ଅର୍ଥର ବିବରଣୀ ପ୍ରଦାନ କରିଥିଲେ। ଆଲୁମ୍ନି ଆସୋସିଏଶନର ସମ୍ପାଦକ ଗୋପାଳ ଦାସ କହିଥିଲେ, ୧୨୫ତମ ମାଗାଜିନ ପାଇଁ ଲେଖା



ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

ପଠାଇବାକୁ ଚାହୁଁଥିବା ଆଲୁମ୍ନିମାନଙ୍କ ଲେଖା ଅଗଷ୍ଟ ୧୬ ପୂର୍ବରୁ ହାଇସ୍କୁଲର ମେଲ କିମ୍ବା ବ୍ୟକ୍ତିଗତ ମେଲକୁ ପଠାଇବା ସହ ପ୍ରଧାନଶିକ୍ଷକଙ୍କ ପାଖରେ ଉକ୍ତ ଲେଖାର ଏକ ହାର୍ଡ କପି ପ୍ରଦାନ କରିବେ। ବରିଷ୍ଠ ଆଲୁମ୍ନି ବିଜୟକେତନ ପଟ୍ଟନାୟକ, ବିମଳ ଷଡ଼ଙ୍ଗୀ ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖିଥିଲେ। ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଦିଲ୍ଲୀପ ପଟ୍ଟନାୟକ କ୍ରୀଡା ଆୟୋଜନ ବିଷୟରେ ବକ୍ତବ୍ୟ ରଖିଥିଲେ। ମିଡିଆ କମିଟି ସଂଯୋଜକ ଉମା ଶଙ୍କର ପ୍ରସାଦ, ଖବରଦାତା ନୀରୋଦ ପଟ୍ଟନାୟକ ଉତ୍ସବର ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ। ସଭାପତିତ୍ୱ ଭାଷଣରେ ବିଧାୟକ ମିତ୍ର କହିଥିଲେ, ବିଜେବି ହାଇସ୍କୁଲର ଗୌରବମୟ ଇତିହାସ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ, କବି ମାୟଧର ମାନସିଂ, ଶହୀଦ ରଘୁ ଦିବାକରଙ୍କଠାରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଏଠାରେ ଅଧ୍ୟୟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଭାରତପର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯୋଗଦାନ ପାଇଁ ଏକ ପ୍ରତିନିଧି ଦଳ ତାଙ୍କର ଓଡ଼ିଶା ଗସ୍ତ ବେଳେ ରାଜଭବନରେ ସାକ୍ଷାତ କରି ନିମନ୍ତ୍ରଣ କରାଯାଇଛି। ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରହିଲେ, ଉତ୍ସବ ଆୟୋଜନ ସଫଳ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ରାଜକିଶୋର ପରମଗୁରୁ, ଡା.ବନମାଳୀ ଜେନା, ଡା. ରାଜେନ୍ଦ୍ର କୁମାର ସାମନ୍ତରାୟ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧିଙ୍କ ସମେତ ୭୦ରୁ ଅଧିକ ଆଲୁମ୍ନି ଉପସ୍ଥିତ ଥିଲେ।

**ମହେଶ୍ୱରଙ୍କୁ ଝୁରୁଛି ଗୋଶାଳା ମାଟି, ଗୋମାତା**

ପିପିଲି,(ପ୍ରଭାତ ମହାପାତ୍ର)- ଗୋ-ସେବକ ମହେଶ୍ୱର ପ୍ରଧାନଙ୍କୁ ଝୁରୁଛି ପଞ୍ଚନାୟିକା ମହାକାଳପଡାସ୍ଥିତ ଶ୍ରୀଗୋବିନ୍ଦଜିଉ ଗୋଶାଳା, ଝୁରୁଛନ୍ତି ଗୋମାତା। ମହେଶ୍ୱରଙ୍କ ଏକାଦଶାହ ଦିନ ସ୍ମୃତି ସଭାରେ ଗୋଶାଳା ପରିଚାଳନା ନିମନ୍ତେ ସମସ୍ତ ଗୋ-ପ୍ରେମୀଙ୍କୁ ସହଯୋଗର ହାତ ବଢାଇବା ପାଇଁ ଆହ୍ୱାନ ଦିଆଯାଇଥିବା ବେଳେ ରବିବାର ତାହାକୁ ପୂରଣ କରିଛନ୍ତି ପିପିଲି ଅଞ୍ଚଳର ଭାଜପା ନେତା ସରୋଜ ପ୍ରଧାନ। ନେତା ସରୋଜ ତାଙ୍କ ସହଯୋଗୀମାନଙ୍କ ସହ ମହେଶ୍ୱରଙ୍କ ଗୋଶାଳାରେ ପହଞ୍ଚି ଗୋମାତାର ସେବା କରିଛନ୍ତି। ଏହି ଅବସରରେ ଗୋମାତାଙ୍କ ପାଇଁ ଆଣିଥିବା ୧୦ବସ୍ତା ଗୋଖାଦ୍ୟ ଗୋଶାଳା ଅନୁଷ୍ଠାନକୁ ପ୍ରଦାନ କରିଥିଲେ। ଗୋଶାଳାରେ ଥିବା୧୫୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ଦୈନିକ ରକ୍ଷଣାବେକ୍ଷଣା ନିମନ୍ତେ ବରାଳ ବାଲୁକେଶ୍ୱର ଚାରିଟେବୁଲ ଟ୍ରଷ୍ଟ ଉଦ୍ୟମ ଜାରି ରହିଛି। ଗୋ-ସେବକ ପ୍ରଭାତ ମହାପାତ୍ର, ଟ୍ରଷ୍ଟ ସଦସ୍ୟ ସୁଧୀର ଚକ୍ରବର୍ତ୍ତୀ ଗୋମାତାଙ୍କ ରକ୍ଷଣାବେକ୍ଷଣା ଉପରେ ଆଲୋଚନା କରିଥିଲେ।




୩୦।୭।୨୦୨୩

| | |
|---|---|
| ୮,୯୮,୨୩୬ ଟଙ୍କା | |
| ସୁନା | ୧୧.୮୦୦ ଗ୍ରାମ୍ |
| ରୁପା | ୧୦୫.୮୫୦ ଗ୍ରାମ୍ |

## ସଂକ୍ଷେପରେ

### ମୋ ବସ୍ ଚାଳକଙ୍କୁ ଆକ୍ରମଣ ଘଟଣାରେ ଫେରାର ଅଭିଯୁକ୍ତ ଗିରଫ

ନିମାପଡ଼ା,୩୦।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଧିରପୁରଛକ ଠାରେ ଗତ ଜୁନ୍ ୧୪ରେ ମୋ ବସ୍ ଚାଳକଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଧୀନ ଧିରପୁର ଗ୍ରାମର ଜିତେନ୍ଦ୍ର ସ୍ୱାଇଁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଏନେଇ ୩ ଜଣଙ୍କ ବିରୋଧରେ ୨୦୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ସୁବାସ ପାଢୀ ଓ ବସନ୍ତ ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସୂଚନା ମୁତାବକ, ଜୁନ୍ ୧୪ରେ ୩ଜଣ ଯୁବକ ମୋ ବସ୍‌କୁ ଅଟକାଇ ଚାଳକଙ୍କୁ ଭିଡି ନେଇ ଆକ୍ରମଣ କରିଥିଲେ। ଚାଳକ କନ୍ଧମାଳ ଜିଲାର ଉଦୟଗିରି ଥାନା କାକମାହ ଗ୍ରାମର ଅର୍ଜୁନ ପ୍ରଧାନ ଅଭିଯୋଗ କରିଥିଲେ।

### ସାନ କଟୁରି ଚୋଟରେ ବଡ଼ଭାଇ ଗୁରୁତର

ନିମାପଡ଼ା,୩୦।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ମହାବୀର କଲୋନୀରେ ପାରିବାରିକ ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ଫଳରେ ସାନଭାଇ କଟୁରି ଚୋଟରେ ବଡ଼ଭାଇ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ନିମାପଡ଼ା ମେଡିକାଲ ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗୁରୁତର ବ୍ରଜେଶ୍ୱର ପ୍ରସାଦଙ୍କ ସ୍ତ୍ରୀ ଅମୃତା ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ପୋଲିସ ୨୬୧/୨୩ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ବ୍ରଜେଶ୍ୱରଙ୍କୁ ତାଙ୍କ ସାନଭାଇ ଆୟୁଷ୍ମାନ୍ ବିଭୁ ପ୍ରସାଦ କଟୁରିରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ଆୟୁଷ୍ମାନ୍ ଭାଉଜ ଅମୃତା ବେହେରା ପ୍ରତିବାଦ କରିବାରୁ ସେ ତାଙ୍କୁ ମଧ ମାଡ଼ ମାରି ଅସଦାଚରଣ କରିଥିବା ସହ ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଧମକଚମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୂର୍ବରୁ ପାରିବାରିକ ବିବାଦ ଯୋଗୁ ୨ ଭାଇଙ୍କ ମଧ ଗଣ୍ଡଗୋଳ କରୁଥିବା ଅମୃତା କହିଛନ୍ତି।

# ଉଦ୍‌ଘାଟନକୁ ମାସେ ବିତିଲା, ଖୋଲିପାରିଲାନି ଆଦର୍ଶ ବିଦ୍ୟାଳୟ

ଗୋପ,୩୦।୭(ଭାରତୀ ଭୂଷଣ ଉପାଧ୍ୟାୟ)



**■ ଦାୟିତ୍ୱ ହସ୍ତାନ୍ତର କରୁନି ଗ୍ରାମ୍ୟ ଉନ୍ନୟନ ବିଭାଗ**
**■ ଦୁଇ ବର୍ଷ ଧରି ଭଙ୍ଗା ଘରେ ପଢୁଛନ୍ତି ଛାତ୍ରୀଛାତ୍ର**

ଗ୍ରାମାଞ୍ଚଳରେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିଲେ। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱହୀନତା ଯୋଗୁ ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ହୋଇଥିବା ଆଦର୍ଶ ବିଦ୍ୟାଳୟ ଖୋଲିପାରି ନ ଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ଗତ ଜୁନ ୨୪ ତାରିଖରେ ଭର୍ଚୁଆଲ ମାଧ୍ୟମରେ ଏହି ବିଦ୍ୟାଳୟ ଉଦ୍‌ଘାଟନ କରିଥିଲେ ସୁଦ୍ଧା ୧ ମାସ ବିତିଯାଇଥିଲେ ବି ଗ୍ରାମ୍ୟ ଉନ୍ନୟନ ବିଭାଗର ନୀରବଦ୍ରଷ୍ଟା ଯୋଗୁ ବିଦ୍ୟାଳୟ ଖୋଲିପାରି ନାହିଁ। ଅପରପକ୍ଷେ ୨ ବର୍ଷ ତଳେ ଗୋପ ବାଳିକା ବିଦ୍ୟାଳୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅସ୍ଥାୟୀ ଭାବେ ଖୋଲାଯାଇଥିବା ବେଳେ ସେଠାରେ ଭଙ୍ଗାଘରେ ଶତାଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷାକୁ ଅଧିକ ମାତ୍ରାରେ ଗୁରୁତ୍ୱ ଦେଇ ୨୦୧୭ରେ ଯେଉଁ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲାଯାଇ ନାହିଁ ସେହି ବ୍ଲକ ତୁରନ୍ତ ଆଦର୍ଶ ବିଦ୍ୟାଳୟ ଖୋଲିବାବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗୋପ ବ୍ଲକ ଅନ୍ତର୍ଗତ ଏରବଙ୍ଗ ପଞ୍ଚାୟତ ଅଧୀନ ତରଙ୍ଗିରାଠାରେ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ସମସ୍ତ ପ୍ରସ୍ତୁତି ସରିବା ସହ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟ ମଧ ଶେଷ ହୋଇଥିଲା। ଏହି ଆଦର୍ଶ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କାର୍ଯ୍ୟ ସାଢ଼େ ୩ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ସମୟରେ ୨୦୧୯ ଜୁଲାଇ ୨୬ରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୦ ଜୁନ ୨୫ରେ କାର୍ଯ୍ୟ ସରିଥିଲା। ପରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ୨୦୨୧ ଫେବୃୟାରୀ ୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟକୁ ନେଇ ବାଦବିବାଦ ଆରମ୍ଭ ହେବାରୁ ଗୋପ ଗ୍ରାମ୍ୟ ଉନ୍ନୟନ ସେକ୍ସନ ଯନ୍ତ୍ରୀଙ୍କୁ ବାଦ୍ ଦିଆଯାଇ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀ ଏହି ଗୃହ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇଥିଲେ। ପରେ ବିଭାଗ ପକ୍ଷରୁ ଗୃହ ନିର୍ମାଣକୁ ଅଧିକ ଟଙ୍କା ଖର୍ଚ୍ଚ କରିବା ପାଇଁ ରିଭାଇଜ ଏଷ୍ଟିମେଟ କରାଯାଇଥିଲା। କିନ୍ତୁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ପରେ ଶୀଘ୍ର ସ୍କୁଲ ସ୍ଥାନାନ୍ତର କରିବା ଓ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଆଦର୍ଶ ବିଦ୍ୟାଳୟକୁ ଉଦ୍‌ଘାଟନ କରିବା ନେଇ ନିର୍ଦ୍ଦେଶ ଆସିବା ପରେ ଗତ ଜୁନ ୨୪ରେ କେବଳ ସ୍କୁଲର ବାହାର କାର୍ଯ୍ୟକୁ ତରବରିଆ ଭାବେ ଶେଷ କରାଯାଇ ଆଦର୍ଶ ବିଦ୍ୟାଳୟ ପରିବର୍ତ୍ତେ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ବସାଯାଇ ଉଦ୍‌ଘାଟନ କରାଯାଇଥିଲା। ତେବେ ଗୃହ ଉଦ୍‌ଘାଟନକୁ ମାସେରୁ ଅଧିକ ଦିନ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର ହୋଇପାରିଲା ନାହିଁ। ଏ ପ୍ରସଙ୍ଗରେ ଆଦର୍ଶ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଚିନ୍ମୟ ସେନାପତି କୁହନ୍ତି, ଗୃହ ନିର୍ମାଣ ପରେ ଆମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଗୃହ ଦାୟିତ୍ୱ ଦେଇ ନ ଥିଲେ। ସେହିଭଳି ଆବଶ୍ୟକ କିଛି କାର୍ଯ୍ୟ ଶେଷ ହୋଇ ନ ଥିବାରୁ ସ୍ଥାନାନ୍ତର ବିଳମ୍ବ ହେଉଥିବା ସେ କହିଥିଲେ। ସେହିଭଳି କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପୂର୍ତ୍ତିଙ୍କୁ ପଚାରିବାରେ ବିଦ୍ୟୁତ୍ କାର୍ଯ୍ୟ ସହିତ ଆଉ କେତେକ କାର୍ଯ୍ୟ ବାକି ଥିବା କହି ଅନ୍ୟ ପ୍ରଶ୍ନକୁ ଏଡ଼ାଇ ଦେଇଛନ୍ତି। ଏପଟେ ଦୁଇ ବର୍ଷ ହେବ ଗୋପ ବାଳିକା ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଚାଲିଥିବା ଭଙ୍ଗା ଘରେ ଶତାଧିକ ଛାତ୍ରୀଛାତ୍ର ଅସୁବିଧାରେ ପାଠ ପଢୁଛନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ସତ୍ୟପାଠର ସତ୍ୟତା ଉପରେ ତଦନ୍ତ ପାଇଁ ନିଯୁକ୍ତି

ପୁରୀ,୩୦।୭(ଅଜିତ ମହାନ୍ତି)

**■ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ**
**■ ସେପ୍ଟେମ୍ବର ୧୧ରେ ପରବର୍ତ୍ତୀ ଶୁଣାଣି**

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ରାଜ୍ୟ ସରକାର କୋର୍ଟରେ ସତ୍ୟପାଠ ଦାଖଲ ନ କରି ରତ୍ନଭଣ୍ଡାର ସ୍ଥିତି ସମ୍ପର୍କରେ ସୂଚନା ଦେବାକୁ ଦୂରେଇ ରହିବାକୁ ଚେଷ୍ଟା କରିଥିଲେ। ଫଳରେ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ଶ୍ରୀମନ୍ଦିର ରତ୍ନଭଣ୍ଡାର ସମ୍ପର୍କିତ ବିଭିନ୍ନ ତଥ୍ୟ ପାଇବାକୁ ନେଇ ପୂର୍ବରୁ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ ରତ୍ନଭଣ୍ଡାର ବିଭିନ୍ନ ଦିଗ ସଂକ୍ରାନ୍ତରେ ୪ଟି ମାମଲା ରୁଜୁ କରିଥିଲେ। ଉକ୍ତ ୪ଟି ମାମଲାର ଶୁଣାଣି ରାଜ୍ୟ ସୂଚନା ଆୟୋଗ ଏସ୍.କେ. ସ୍ୱାଇଁଙ୍କ ପକ୍ଷରୁ କରାଯାଉଛି। ତେବେ ଗତ ୧୯ତାରିଖରେ ମାମଲାର ଚତୁର୍ଥ ଶୁଣାଣି ହୋଇଥିଲା। ଏହି ଶୁଣାଣି ହୋଇଥିବା ସମୟରେ ଶ୍ରୀମନ୍ଦିର ଜନ ସୂଚନା ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ସତ୍ୟପାଠର ସତ୍ୟତା ଉପରେ ଯାଞ୍ଚ କରିବା ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଜଣେ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ସତ୍ୟପାଠର ସତ୍ୟତା ଉପରେ ଯାଞ୍ଚ କରି ରିପୋର୍ଟ ଦେବା ପାଇଁ କମିଶନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଆଇନ ବିଭାଗର ଅତିରିକ୍ତ ସଚିବ ବିଭୁ ପ୍ରସାଦ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି। ସେ ତଦନ୍ତ କରି ସେପ୍ଟେମ୍ବର ୧୧ତାରିଖ ପୂର୍ବରୁ ତାଙ୍କର ରିପୋର୍ଟ ଦେବା ପାଇଁ କୁହାଯାଇଛି।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଯେଉଁସବୁ କାଗଜପତ୍ର ଚିଠି ପ୍ରଦାନ କରାଯାଇଥିଲା। ତାହାକୁ ନେଇ ସାମାଜିକ କର୍ମୀ ବରାଳ ତଥ୍ୟ ମାଗିଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନଥିଲା। ଫଳରେ ସେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ତଥା ପ୍ରଥମ କର୍ତ୍ତୃପକ୍ଷଙ୍କ ନିକଟରେ ତଥ୍ୟ ପାଇବା ପାଇଁ ଆବେଦନ କରିଥିଲେ। ଉନ୍ନୟନ ପ୍ରଶାସକ ଲିଖିତ ଭାବେ ଜଣାଇଥିଲେ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସରକାର ସାର୍ବଜନୀନ କରିନାହାନ୍ତି। ତେଣୁ ଏନେଇ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ। ଫଳରେ ବରାଳ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ। ବରାଳ ଏ ସଂକ୍ରାନ୍ତରେ ୪୨୪/୨୨ରେ ମାମଲା ରୁଜୁ କରିବା ସହ ରତ୍ନଭଣ୍ଡାରର ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଅନ୍ୟ ୩ଟି ମାମଲା ଯଥା ୭୦୨/୨୨, ୭୨୯/୨୨ ଏବଂ ୭୩୦/୨୨ରେ ମାମଲା ରୁଜୁ କରିଥିଲେ। ସେପ୍ଟେମ୍ବର ୧୧ ତାରିଖ ଦିନ ସମସ୍ତ ୪ଟି ଯାକ ମାମଲାର ଶୁଣାଣି ହେବ ବୋଲି ସ୍ଥିର କରାଯାଇଛି ବୋଲି ବରାଳ ସୂଚନା ଦେଇଛନ୍ତି।



ମଣିପୁର ହିଂସା ଘଟଣା ପ୍ରତିବାଦରେ ଶନିବାର ପିପିଲି କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

# ମଣିପୁର ଘଟଣାରେ କଂଗ୍ରେସର ବିକ୍ଷୋଭ

## ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ପିପିଲି,୩୦।୭
(ଦୁର୍ଗାମାଧବ ମିଶ୍ର/ ପ୍ରଭାତ ମହାପାତ୍ର)

ମଣିପୁରରେ ମହିଳାଙ୍କ ଉପରେ ହୋଇଥିବା ଲଜ୍ଜା ଘଟଣାରେ ରବିବାର ପିପିଲିରେ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପୁରୀ ଜିଲା କଂଗ୍ରେସ ମହିଳା ସଭାନେତ୍ରୀ ନିରୁପମା ପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବଜାର ମଧ୍ୟରେ ଏକ ଶୋଭାଯାତ୍ରାରେ ଆସି ପିପିଲି ହାଟ ଛକଠାରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ପରେ ପ୍ରଧାନମନ୍ତ୍ରୀ ଓ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭରେ ପିପିଲି ଏନ୍‌ଏସି ସଭାପତି ସେକ ମେହବୁବ, ସୁରେନ୍ଦ୍ର ସେଠୀ, ସେକ ସବିର, ସେକ ଫିରୋଜ, ଜୟମନୁ ସାମନ୍ତରାୟ, ସନ୍ଧ୍ୟାରାଣୀ ବେହେରା, ବିଦୁଲତା ଆଚାର୍ଯ୍ୟ, ସ୍ନେହମୟୀ ସ୍ୱାଇଁ ଏବଂ ରେଣୁବାଳା ମାଝୀ ପ୍ରମୁଖ ସାମିଲ ହୋଇଥିଲେ। କିଛି ବିଶୃଙ୍ଖଳାକୁ ଆଖି ଆଗରେ ରଖି ପିପିଲି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଆଜି ଜିଲାପାଳଙ୍କୁ ଭେଟିବେ ଅଭିଭାବକ


ବୈଠକରେ ଉପସ୍ଥିତ ଅତିଥି ଓ ଅଭିଭାବକ ।

ଡେଲାଙ୍ଗ, ୩୦।୭(ରଶ୍ମିରଞ୍ଜନ ପ୍ରଧାନ)

**ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବିଳମ୍ବ ପ୍ରତିବାଦ**

ଡେଲାଙ୍ଗ ବ୍ଲକରେ ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ବିଳମ୍ବକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏ ନେଇ ଅଭିଭାବକ ମଣ୍ଡଳୀ ସୋମବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବାର କାର୍ଯ୍ୟକ୍ରମ ରହିଛି। ଗ୍ରାମାଞ୍ଚଳରେ ଶିକ୍ଷାକ୍ଷେତ୍ରରେ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିବାର ବ୍ୟବସ୍ଥା କରିଛନ୍ତି। ବିଦ୍ୟାଳୟ ନିର୍ମାଣ ନିମନ୍ତେ କୋଟିକୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଡେଲାଙ୍ଗ ବ୍ଲକରେ ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ବିଳମ୍ବ ହେବାରେ ଲାଗିଛି। ଏହି ବିଦ୍ୟାଳୟରେ ମୋଟ ୧୫୩ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ନିର୍ମାଣ କାର୍ଯ୍ୟ ସରି ନଥିବାରୁ ଛାତ୍ରୀଛାତ୍ରମାନେ ନିକଟସ୍ଥ ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ୨ଟି ପୁରୁଣା ଆଜବେଷ୍ଟସ ଗୃହରେ ପାଠ ପଢାଯାଉଛି। ଦୀର୍ଘଦିନ ଧରି ଲାଗିରହିଥିବା ଏହି ସମସ୍ୟାର ସମାଧାନ ପାଇଁ ରବିବାର ଅଭିଭାବକମାନଙ୍କ ୨ୟ ବୈଠକ ରାମଚନ୍ଦ୍ରପୁରସ୍ଥିତ ବିଜୟ ମଣ୍ଡପ ପରିସରରେ ଆଦର୍ଶ ବିଦ୍ୟାଳୟ ଅଭିଭାବକ ମହାସଂଘର ସଭାପତି ଅଶୋକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରଙ୍କ ପାଇଁ ନିର୍ମିତ ବିଦ୍ୟାଳୟ ଓ ଛାତ୍ରାବାସ ଯଥାଶୀଘ୍ର ସମ୍ପନ୍ନ କରିବା, ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ଆଦି ବିଷୟ ନେଇ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହା ସମେତ ଅଭିଭାବକମାନେ ପୁରୀ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିବା ପାଇଁ ନିଷ୍ପତ୍ତି କରାଯାଇଥିଲା। ଅଭିଭାବକ ମମତା ସାହୁ, ମୋହନ ମହାନ୍ତି, ପ୍ରଶନ୍ନ ବିଶ୍ୱାଳ, ସୁପ୍ରଭା ରାଉତରାୟ, ଜୟନ୍ତୀ ପ୍ରଧାନ, ଶଶ୍ମୀତା ମହାନ୍ତି, ସନାତନ ସାହୁ, ବିଜୟ ସେଠୀ, ପବିତ୍ର ଭୋଇ ପ୍ରମୁଖଙ୍କ ସହିତ ୧୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ବୈଠକରେ ଯୋଗଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ହେଲପର ମୃତ

କାକଟପୁର,୩୦।୭(ଶୁଭଦର୍ଶନ ମିଶ୍ର)

**ବେଆଇନ କରତକଳ ଉପରେ ଚଢ଼ାଉ ପାଇଁ ଭାଜପାର ଦାବି**

ପୁରୀ ଜିଲା କାକଟପୁର ଥାନା ଅନ୍ତର୍ଗତ ବାଜପୁର ସାମିଲ କେରେଣ୍ଡିଆପାଳଠାରେ ଥିବା ଏକ ବେଆଇନ କରତକଳରୁ ଶନିବାର ବିଳମ୍ବିତ ରାତିରେ କାଠଗୁଣ୍ଡ ଚାଲାଣବେଳେ ୧୧କେଭି ବିଦ୍ୟୁତ୍ ତାର ଲାଗି ମିନି ଟ୍ରକର ହେଲ୍ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ବଡଗାଁର ଜଗା ସିଂ(୨୪)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଦୁର୍ଘଟଣା ପରେ ଟ୍ରକଟି ରାତାରାତି କାଠଗୁଣ୍ଡ ବସ୍ତା ନେଇ ପଳାଇଯାଇଛି। ସୂଚନାଥାଉକି, ଉକ୍ତ କରତକଳରୁ ଚୌଦ୍ୱାରସ୍ଥିତ ଏକ ବ୍ୟବସାୟୀ କାଠଗୁଣ୍ଡ ନେଉଥିଲେ। ଏ ନେଇ ଏକ ମିନି ଟ୍ରକ ଆଣିଥିବାବେଳେ ଜଗା ଟ୍ରକ ଉପରେ ଚଢି କରତଗୁଣ୍ଡ ବସ୍ତା ଅନଲୋଡ୍ କରୁଥିଲେ। ଏହି ସମୟରେ ନିକଟରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ହଠାତ୍ ସେ ଆସିଯିବାରୁ ତଳେ ଛିଟିକି ପଡିଥିଲେ। ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ପ୍ରଚାର ହେବା ପରେ ନାନା ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ସୂଚନା ଅଧିକାର ତଥ୍ୟ ଅନୁଯାୟୀ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ କୌଣସି ଲାଇସେନ୍ସ ପ୍ରାପ୍ତ କରତକଳ ନଥିବା ବେଳେ ଉକ୍ତ ଅଞ୍ଚଳରେ ମାଳମାଳ କରତକଳ ଚାଲୁଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ସୁଦ୍ଧା ପ୍ରଶାସନ ଓ ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ବେଆଇନ କରତକଳକୁ ବନ୍ଦ କରିବା ପାଇଁ ପୁରୀ ଜିଲା ଭାଜପା ଉପସଭାପତି ରତିକାନ୍ତ ବେହେରା ଓ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

# ଯୁବକଙ୍କୁ ଧରିବାକୁ ଆସି ପୋଲିସ ହଟହଟା

ପିପିଲି,୩୦।୭
(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର):

**ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ**

ପିପିଲି ଥାନା ଅନ୍ତର୍ଗତ ଜୟପୁରଶାସନ ଗ୍ରାମର ଜଣେ ଯୁବକଙ୍କୁ ଧଉଳି ଥାନା ପୋଲିସ ନେବାବେଳେ ହଟହଟା ହୋଇଛି। ଯୁବକଙ୍କୁ ଗାଡ଼ିରେ ବସାଇ ଥାନାକୁ ନେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ସାମ୍ନାକୁ ଚାଲିଆସିବା ସହ ଅଟକ ରଖିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଅଟକ ରଖିବା ପରେ ବୁଝାଶୁଝା ହୋଇ ଶେଷରେ ପୋଲିସ ଗାଡ଼ିକୁ ଛାଡ଼ିଥିଲେ। ସୂଚନା ଅନୁସାରେ ଧଉଳି ଥାନା ଅଞ୍ଚଳର ଏକ ଉଦ୍‌ଘାଟନୀ ଫଳକ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ଥିବା କେତେଜଣ ଯୁବକ ପିପିଲିର ଜୟପୁରଶାସନ ଗ୍ରାମରେ ଲୁଚିରହିଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ସେମାନଙ୍କୁ ଧରିବା ପାଇଁ ଧଉଳି ପୋଲିସ ଶନିବାର ରାତିରେ ପିପିଲି ପୋଲିସ ସହାୟତାରେ ଜୟପୁରଶାସନ ଗ୍ରାମର ମେଳଣ ପଡ଼ିଆଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଦୁଇଜଣ ଯୁବକ ଏକ ବାଇକକୁ ଛାଡି ସେଠାରୁ ଫେରାର ହୋଇଯାଇଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକଙ୍କୁ ପୋଲିସ କାବୁ କରିଥିଲା। ପରେ ତାଙ୍କୁ ଭ୍ୟାନ୍‌ରେ ବସାଇ ଥାନାକୁ ନେବାକୁ ପୋଲିସ ଉଦ୍ୟମ କରିବା ସମୟରେ ଉକ୍ତ ଗ୍ରାମର କେତେଜଣ ମହିଳା ଓ ପୁରୁଷ ପୋଲିସ ଭ୍ୟାନକୁ ସେଠାରୁ ଯିବାକୁ ଦେଇ ନ ଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଯୁବକଙ୍କୁ ଧଉଳି ପୋଲିସ ମାଡ ମାରିଥିବା ନେଇ ଲୋକେ ଅଭିଯୋଗ କରିବା ସହ ହୋହଲ୍ଲା କରି ଏହାର ପ୍ରତିବାଦ କରିଥିଲେ। ଖବରପାଇ ପିପିଲି ଥାନାଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ସମେତ ଅନ୍ୟ ପୋଲିସ ଅଫିସର ଓ ଫୋର୍ସ ସେଠାରେ ୩ଟି ଭ୍ୟାନରେ ପହଞ୍ଚିଥିଲେ। ଉତ୍ୟକ୍ତ ମହିଳା ଓ ପୁରୁଷଙ୍କୁ ଥାନାଧିକାରୀ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଉକ୍ତ ଯୁବକ ସମେତ ଜବତ ବାଇକ୍‌କୁ ଧରି ପୋଲିସ ସେଠାରୁ ଥାନାକୁ ଫେରିଥିଲା। ଅପରପକ୍ଷେ ତଦନ୍ତ କରି ଉକ୍ତ ଯୁବକଙ୍କୁ ରାତି ୩ଟାରେ ଛାଡ଼ିଦେଇଥିବା ଯୁବକଙ୍କ ମା’ ସୂଚନା ଦେଇଛନ୍ତି।


ଉତ୍ୟକ୍ତ ଗ୍ରାମବାସୀଙ୍କୁ ପୋଲିସ ବୁଝାଉଛି ।

# ଅସରାଏ ବର୍ଷାରେ ଚାରିଛକ ବେହାଲ

ନିମାପଡ଼ା,୩୦।୭(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ବଜାର ବହୁ ପୁରାତନ ହୋଇଥିବାବେଳେ ଅଞ୍ଚଳର ଏହା ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର। ଏହି ବଜାରରେ ୫ଶହରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଆଦି ୪ଟି ଜିଲାକୁ ସଂଯୋଗ କରୁଥିବା ଏହି ବଜାରରେ ମୁଖ୍ୟ ରାସ୍ତା କଡ଼ରେ ଅଦ୍ୟାବଧି ପକ୍କା ଡ୍ରେନ ହୋଇପାରି ନାହିଁ। ଫଳରେ ଅସରାଏ ବର୍ଷାରେ ବଜାରର ଅବସ୍ଥା ବେହାଲ ହୋଇପଡୁଛି। ବର୍ଷାରେ ନିମାପଡ଼ା- କାକଟପୁର ଓ ନିଆଳି- ଗୋପ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ସୁଅ ଛୁଟୁଛି। ବଜାରରେ ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟରାସ୍ତାର ଉଭୟ ପଟେ ପକ୍କା ଡ୍ରେନ ନିର୍ମାଣ ହୋଇ ନ ଥିବାରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ମୁଖ୍ୟରାସ୍ତାରେ ଲହଡ଼ି ଭାଙ୍ଗୁଛି। ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିବାରୁ ଯାତାୟାତ, ଯାନବାହନ ଚଳାଚଳ, ବ୍ୟବସାୟ ବାଣିଜ୍ୟରେ ଘୋର ଅନ୍ତରାୟ ସୃଷ୍ଟି ହେଉଛି। ଫଳରେ ଏଭଳି ସମସ୍ୟା ଯୋଗୁ ଚାରିଛକ ଅଞ୍ଚଳବାସୀ ଓ ଶହଶହ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବଜାରରେ ଡ୍ରେନ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ଅଦ୍ୟାବଧି ଏହି ସମସ୍ୟାର ପ୍ରତିକାର ହୋଇପାରି ନାହିଁ। ଖୁବ୍‌ଶୀଘ୍ର ଡ୍ରେନ ନିର୍ମାଣ କରାଯିବ ବୋଲି ବିଧାୟକ ଓ ପୂର୍ତ୍ତ ବିଭାଗ ଅଧିକାରୀ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ଚାରିଛକ ଅଞ୍ଚଳବାସୀଙ୍କ ପାଇଁ ପ୍ରତାରଣା ପାଲଟିଛି। ଉଦ୍‌ବୃତ୍ତ ବର୍ଷାଜଳ ବଜାରରୁ ନିଷ୍କାସନ ପାଇଁ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଚାରିଛକ ବଜାରର ମୁଖ୍ୟରାସ୍ତା କଡ଼ରେ ପୂର୍ତ୍ତ ବିଭାଗ ପକ୍ଷରୁ ପକ୍କା ଡ୍ରେନ ନିର୍ମାଣ କରାଯିବାକୁ ଜିଲା ପରିଷଦ ସଭ୍ୟା ସସ୍ମିତା ନାୟକ, ସରପଞ୍ଚ ଚାରୁଲତା ବେହେରା, ସମିତି ସଭ୍ୟା ସୁନୀତା ସିଂ, ଚାରିଛକ ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କର, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ବସନ୍ତ ଦାସ, ବ୍ୟବସାୟୀ ସଂଘ ସଭାପତି ମହେନ୍ଦ୍ର ନାୟକ, ଦଳିତ ସଂଗଠନର ଆବାହକ ଅଶୋକ ରାଉତ, ସୂଚନା ଅଧିକାର ଅଭିଯାନର ଆବାହକ ସନ୍ତୋଷ ପ୍ରଧାନ, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଦଳେଇ, ଚାରିଛକ ପ୍ରେସକ୍ଲବ ସଭାପତି ଶିଶିର ସ୍ୱାଇଁ ପ୍ରମୁଖ ସ୍ଥାନୀୟ ବିଧାୟକ, ପୁରୀ ଜିଲାପାଳ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ସଚିବଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାନ ହେମ୍ବ୍ରମ୍‌ଙ୍କ ସହ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନ ଥିଲା।


ଚାରିଛକର ଏକ ରାସ୍ତାରେ ବର୍ଷା ପାଣି ଜମି ରହିଛି ।




ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନଜନକ ଜାତୀୟ ଭୂବିଜ୍ଞାନ ପୁରସ୍କାର (ନ୍ୟାଶନାଲ ଜିଓସାଇନ୍ସ ଆୱାର୍ଡ-୨୦୨୨) ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ସମେତ ଖଣି,କୋଇଲା ଓ ରେଳ ରାଷ୍ଟ୍ରମନ୍ତ୍ରୀ ରାଓ ସାହେବ ପାଟିଲ୍ ଦାନ୍‌ବେ, ଖଣି ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ୱକ୍‌ହାର୍ଟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୩୦।୭

ଅନ୍ତଃରାଷ୍ଟ୍ରୀୟ ଫାର୍ମାସ୍ୟୁଟିକାଲ ଏବଂ ବାୟୋଟେକ୍ନୋଲୋଜି କମ୍ପାନୀ ୱକ୍‌ହାର୍ଟ ପକ୍ଷରୁ ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ଗତ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀ ମଜଭୁତ ପରିଚାଳନାଗତ ପ୍ରଦର୍ଶନ କରିବା ସହିତ ରାଜସ୍ୱ ସଂଗ୍ରହରେ ମଧ୍ୟ ୭% ଅଭିବୃଦ୍ଧି ହାସଲ କରିଛି। ସେହିଭଳି ଏହାର ଇବିଆଇଟିଡିଏ ତିନିଗୁଣ ବୃଦ୍ଧି ପାଇ ୪୭ କୋଟି ଟଙ୍କା ହୋଇଛି। କମ୍ପାନୀ ତା'ର ଆମେରିକା ବ୍ୟବସାୟ ପୁନର୍ଗଠନ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଛି। ବିଶେଷ କରି କମ୍ପାନୀର ମୋର୍ଟନ ଗ୍ରୋଭଠାରେ ଥିବା ଉତ୍ପାଦନ ବ୍ୟବସ୍ଥାକୁ ବନ୍ଦ କରୁଛି ଏବଂ ଉକ୍ତ ସ୍ଥାନକୁ ଚୁକ୍ତିଭିତ୍ତିକ ଉତ୍ପାଦନକାରୀ ସଂସ୍ଥାକୁ ହସ୍ତାନ୍ତର କରୁଛି। ଏହି ପୁନର୍ଗଠନ ପ୍ରକ୍ରିୟା ଦ୍ୱାରା କମ୍ପାନୀର ବାର୍ଷିକ ପ୍ରାୟ ୧୨ ନିୟୁତ ଆମେରିକୀୟ ଡଲାର ସଞ୍ଚୟ ହେବା ଆକଳନ କରାଯାଇଛି।

## ୟୁବିଆଇ ସହ ଆଇବିଏମ୍‌ର ସହଭାଗିତା



ଭୁବନେଶ୍ୱର,୩୦।୭

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଏବଂ ଆଇବିଏମ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଡିଜିଟାଲ ବ୍ୟାଙ୍କିଙ୍ଗ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଜରିଆରେ କାରବାର ବୃଦ୍ଧି ଓ ଗ୍ରାହକଙ୍କ ନିକଟତର ହେବା ପାଇଁ ଏହି ବୁଝାମଣା ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ୟୁବିଆଇର ସିଇଓ ଏବଂ ଏମ୍‌ଡି ମଣିମେଖାଲାଇ, ଇଡି ନିଧୁ ସାକ୍ସେନା, ଇଡି ରାମସୁବ୍ରମଣ୍ୟମ୍ ଏସ୍ ଏବଂ ଆଇବିଏମ୍ ଇଣ୍ଡିଆର ମ୍ୟାନେଜିଙ୍ଗ ପାର୍ଟନର ଲୁଲା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରିଟେଲ୍ ଋଣ ବୁକ୍‌ରେ ୮୭% ଅଭିବୃଦ୍ଧି

ଭୁବନେଶ୍ୱର,୩୦।୭

ବନ୍ଧନ ବ୍ୟାଙ୍କ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ବିଶେଷ କରି ପରିଚାଳନା ପରିବେଶ ଅନୁକୂଳ ହୋଇ ରହିଥିବାରୁ ବ୍ୟାଙ୍କର ସୁଦୃଢ଼ ବ୍ୟବସାୟ ଅଭିବୃଦ୍ଧି ଜାରି ରହିଛି। ଏପରିକି ବ୍ୟାଙ୍କର ରିଟେଲ୍ ଋଣ ବୁକ୍‌ରେ ୮୭% ଅଭିବୃଦ୍ଧି ଘଟିଛି, ବ୍ୟାଙ୍କର ମୋଟ ଜମାରେ ରିଟେଲ୍‌ର ଭାଗ ବର୍ତ୍ତମାନ ୭୧% ରହିଛି। ଗତ ଆଠ ବର୍ଷରେ ଶାଖା ଉପସ୍ଥିତିକୁ ତିନି ଗୁଣା ବଢ଼ାଇବାର ମାଇଲଖୁଣ୍ଟକୁ ବ୍ୟାଙ୍କ ପ୍ରଥମ ତ୍ରୈମାସିକରେ ହାସଲ କରିଛି। ଏହି ସମୟରେ ବ୍ୟାଙ୍କର ମୋଟ ବ୍ୟବସାୟ ୨.୧୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ବିତରଣରେ ସମ୍ପ୍ରସାରଣ ଓ ଅନୁକୂଳ ପରିଚାଳନା ପରିବେଶକୁ ନେଇ ଏହି ତ୍ରୈମାସିକରେ ବ୍ୟାଙ୍କ ସନ୍ତୁଳିତ ଅଭିବୃଦ୍ଧି ହାସଲ କରିଛି। ବ୍ୟାଙ୍କର ମୋଟ କାରବାର ଜମା ଓ ଅଗ୍ରିମ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ବର୍ଷକୁ ବର୍ଷ ଭିତ୍ତିରେ ୧୧% ବୃଦ୍ଧି ପାଇ ୨.୧୧ ଲକ୍ଷ କୋଟି ଟଙ୍କା ହୋଇଛି। ବ୍ୟାଙ୍କ ଭାରତର ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରୁ ୩୪ଟିରେ ୬୧୪୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଜରିଆରେ ୩.୦୭ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। ବନ୍ଧନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ସଂଖ୍ୟା ୭୨,୦୦୦ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୧୬% ବୃଦ୍ଧି ପାଇଛି। ମୋଟ ଜମା ଏବେ ୧.୦୮ ଲକ୍ଷ କୋଟି ଟଙ୍କା ରହିଛି। (କରେଣ୍ଟ) ଚଳନ୍ତି ଓ ସଞ୍ଚୟ ଖାତା ପୁସ୍ତିକା (କାସା) ମୋଟ ଜମାର ୩୬% ରହିଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମଡି ଓ ସିଇଓ ଚନ୍ଦ୍ରଶେଖର ଘୋଷ କହିଛନ୍ତି,ବ୍ୟାଙ୍କର ପ୍ରଥମ ତ୍ରୈମାସିକ ବ୍ୟାଙ୍କ ପାଇଁ ଏକ ସନ୍ତୁଳିତ ତ୍ରୈମାସିକ ହୋଇଛି। ବ୍ୟାଙ୍କର ବିବିଧକରଣ ଏଜେଣ୍ଡା ଅନୁସାରେ ଏହା ନିଜର ରିଟେଲ୍ ବ୍ୟାଙ୍କିଙ୍ଗ ପୋର୍ଟଫୋଲିଓକୁ ଆହୁରି ବଢ଼ାଇବା ଉପରେ ଗୁରୁତ୍ୱାରୋପ କରୁଛି। ଗତବର୍ଷ ଓ ଚଳିତ ବର୍ଷ ଶୁଭାରମ୍ଭ କରାଯାଇଥିବା ନୂଆ କାରବାର କ୍ଷେତ୍ରକୁ ନେଇ ଚଳିତ ଆର୍ଥିକ ବର୍ଷର ପ୍ରଦର୍ଶନ ଭଲ ରହିବ ବୋଲି ଆମର ବିଶ୍ୱାସ ରହିଛି।

## ହୋଣ୍ଡାର ଅଲ୍ ନ୍ୟୁ ଡିଓ ୧୨୫ଉନ୍ମୋଚିତ

ଭୁବନେଶ୍ୱର,୩୦।୭ (ଅଭୟ ଦାଶ)

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ)ର ବହୁ ପ୍ରତୀକ୍ଷିତ ତଥା ଅଲ୍ ନ୍ୟୁ ଡିଓ ୧୨୫କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏହି ଅବସରରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁସୁମୁ ଓଟାନି କହିଛନ୍ତି, ୨୦୦୨ରେ ହୋଣ୍ଡା ଡିଓର ଶୁଭାରମ୍ଭ ସହିତ ଏଚ୍ଏମ୍ଏସ୍ଆଇ ପକ୍ଷରୁ ଭାରତରେ ମୋଟୋ-ସ୍କୁଟର ପରିକଳ୍ପନାକୁ ଉପସ୍ଥାପନ କରାଯାଇଛି। ସମ୍ପୂର୍ଣ୍ଣ ନୂଆ ୧୨୫ ସିସି ରୂପରେ ହୋଣ୍ଡା ଡିଓ ୧୨୫କୁ ଯୁବ ଭାରତୀୟ ଗ୍ରାହକଙ୍କ ଅଭିଳାଷ ପୂରଣ କରିବା ଲାଗି ପ୍ରସ୍ତୁତ ଓ ବିକାଶ କରାଯାଇଛି। ଶକ୍ତିଶାଳୀ ଇଞ୍ଜିନ ବ୍ୟତୀତ ହୋଣ୍ଡା ଡିଓ ୧୨୫ରେ ବିଶ୍ୱସ୍ତରରେ ପ୍ରଶଂସନୀୟ ହୋଣ୍ଡା ସ୍ମାର୍ଟ ସିଟି ସମେତ ଉନ୍ନତ ସ୍ପୋର୍ଟି ଡିଜାଇନ୍ ଓ ଅତ୍ୟାଧୁନିକ ପ୍ରଯୁକ୍ତି ଆଦି ସାମିଲ ରହିଛି। ସେହିଭଳି ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ-ସେଲ୍ସ ଆଣ୍ଡ୍ ମାର୍କେଟିଂ ଯୋଗେଶ ମାଥୁର କହିଛନ୍ତି, ଆମେ ଆମ ଗ୍ରାହକଙ୍କ ଗାଡ଼ି ଚାଳନା ଅନୁଭୂତିରେ ଉନ୍ନତି ଆଣିବା ଉପରେ ବିଶ୍ୱାସ କରୁ। ନୂଆ ମାନଦଣ୍ଡ ଧାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବା ଡିଓ ୧୨୫ ହେଉଛି




ସ୍ପୋର୍ଟି ଡିଜାଇନ୍, ଉନ୍ନତ ପ୍ରଯୁକ୍ତି ଓ ଆକର୍ଷଣୀୟ ସହଜତାର ଏକ ମିଶ୍ରଣ। ଆମେ ଗର୍ବର ସହ ଏକ ମାଷ୍ଟରପିସ୍ ଉପସ୍ଥାପନ କରୁଛୁ, ଯାହା ଏହାର ସୁବିଧାସୁଯୋଗ ଓ ନିରବଚ୍ଛିନ୍ନ କାର୍ଯ୍ୟଦକ୍ଷତା ପାଇଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବ। ଡିଓ ୧୨୫ ସହିତ ଗାଡ଼ି ଚାଳନା ଅଭିଳାଷକୁ ବଢ଼ାଇବା ଏବଂ ରୋମାଞ୍ଚର ଏକ ନୂଆ ଯାତ୍ରା ଆରମ୍ଭ କରିବା ଲାଗି ଆମେ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରୁଛୁ।

ଉଲ୍ଲେଖଯୋଗ୍ୟ, ନୂଆ ଡିଓ ୧୨୫ର ନୂଆ ଲୋଗୋ ଓ ଗ୍ରାଫିକ୍ସ ଏହାକୁ ବେଶ ଆକର୍ଷଣୀୟ କରିପାରିଥିବା ବେଳେ ଡୁଆଲ ଆଉଟ୍‌ଲେଟ୍ ମଫଲର,ସ୍ପୋର୍ଟି ଏକ୍‌ଜଷ୍ଟ ନୋଟ୍, ସ୍ପୋର୍ଟି ସାମ୍ନା ପାର୍ଶ୍ୱ ଏବଂ ଆଧୁନିକ ଟେଲ୍ ଲ୍ୟାମ୍ପ ସହ ସ୍ପ୍ଲିଟ୍ ଗ୍ରାବ୍ ରେଲ୍ ଏହାର ଡିଜାଇନ୍‌କୁ ବେଶ୍ ଉନ୍ନତ କରିପାରିଛି। ଏଥିରେ ହୋଣ୍ଡା ସ୍ମାର୍ଟ କି' ସିଷ୍ଟମ୍, ଓବିଡି୨ ନିୟମ ପାଳନ କରୁଥିବା ବିଏସ୍-୬ ପିଜିଏମ୍-ଏଫ୍ଆଇ ଇଞ୍ଜିନ, ଆଇଡିଲ୍ ଷ୍ଟପ୍ ସିଷ୍ଟମ୍, ସାଇଡ୍ ଷ୍ଟାଣ୍ଡ୍ ଇଣ୍ଡିକେଟର, ଇଞ୍ଜିନ ଇନହିବିଟର, ସମ୍ପୂର୍ଣ୍ଣ ଡିଜିଟାଲ୍ ମିଟର ଆଦି ଉନ୍ନତ ପ୍ରଯୁକ୍ତି ରହିଛି।

## ବିଜିୟୁ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୩୦।୭

ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ଭୁବନେଶ୍ୱର ପକ୍ଷରୁ ନିକଟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବ ଜରିଆରେ ୨୦୨୩-୨୪ ଶିକ୍ଷାବର୍ଷର ବିବିଏ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମିକ୍ସ ମବର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଗହୀର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଲୁମିନସ୍ ଇନ୍‌ଫୋ ୱେଜ୍‌ର ପ୍ରତିଷ୍ଠାତା, ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ବିଜିୟୁର କୁଳପତି ପ୍ରଫେସର ପି.ପି. ମାଥୁର ଛାତ୍ରୀଛାତ୍ରମାନଙ୍କ ବ୍ୟକ୍ତିତ୍ୱକୁ ଆହୁରି ପ୍ରସ୍ଫୁଟିତ କରିବା ପାଇଁ ବିଜିୟୁ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ।

ସେ ଛାତ୍ରୀଛାତ୍ରମାନଙ୍କୁ ବଡ଼ ବଡ଼ ସ୍ୱପ୍ନ ଦେଖିବାକୁ ଉପଦେଶ ଦେଇଥିଲେ। ସେ ନିର୍ମା, ମାକ୍‌ଡୋନାଲ୍ଡସ ଏବଂ କେଏଫ୍‌ସି ଭଳି ବ୍ରାଣ୍ଡର ଉଦାହରଣ ଦେଇଥିବା ସହ ଏହାର ପ୍ରତିଷ୍ଠାତାମାନେ କିପରି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିଥିଲେ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ.ଦାସ ଛାତ୍ରୀଛାତ୍ରମାନଙ୍କୁ କର୍ତ୍ତବ୍ୟନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ କହିଥିଲେ ଯେ,ନିଜକୁ ସମସ୍ତ ପରିସ୍ଥିତିରେ ପ୍ରସ୍ତୁତ କରି ରଖିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସେ ସଧାରଣ ଜ୍ଞାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ସ୍ୱପ୍ନ ଦେଖି ଏହାକୁ ସାକାର କରିବାର ସାହସ ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ମହାନ୍ତି ବିବିଏ ପାଠ୍ୟକ୍ରମକୁ ଆପଣେଇବା ସମୟରେ ନିଜର ଦକ୍ଷତାକୁ ଆବିଷ୍କାର କରିବାକୁ ଉପଦେଶ ଦେଇଥିଲେ ଏବଂ ଛାତ୍ରୀଛାତ୍ରମାନଙ୍କୁ ସ୍ୱାସ୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ଗହୀର ଅମୂଲର ସଫଳ କାହାଣୀ ଉଦାହରଣ ଦେଇଥିଲେ। ବିବିଏ କୋର୍ସ କୋଅର୍ଡିନେଟର ସତ୍ୟକାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଫୁର୍‌ସତ୍

## ଜାନୁୟାରୀକୁ ସ୍ଥଗିତ ଏମି ଆୱାର୍ଡ

ୱାଶିଂଟନ




ଯୁକ୍ତରାଷ୍ଟ୍ର ଆମେରିକାରେ ଡବ୍ଲ୍ୟୁଜିଏ ଏବଂ ଓସ୍ଏଜି- ଏଏଫ୍‌ଟିଆର୍ଏ ଦ୍ୱାରା ହଲିଉଡ୍‌ରେ ଚାଲିଥିବା ଲେଖକ ଏବଂ ଅଭିନେତାଙ୍କ ଅନଶନ ଏବେ ନୂଆ ରୂପ ନେଇଛି। ଏହାଫଳରେ ଟିଭି ଜଗତର ବଡ଼ ଆୱାର୍ଡ ୭୫ତମ ଏମି ଆୱାର୍ଡକୁ ମଧ୍ୟ ପ୍ରଭାବିତ କରିଛି। ଏହି ଅନଶନ ପାଇଁ ଆସନ୍ତା ସେପ୍ଟେମ୍ବର ୧୮ରେ ହେବାକୁ ଥିବା ଏମି ଆୱାର୍ଡ ଏବେ ସ୍ଥଗିତ ହେବାର ସମ୍ଭାବନା ରହିଛି। ଆସନ୍ତା ଜାନୁୟାରୀ ପର୍ଯ୍ୟନ୍ତ ଏହି ପୁରସ୍କାରକୁ ସ୍ଥଗିତ ରଖାଯିବ ବୋଲି ଜଣାପଡ଼ିଛି। ରିପୋର୍ଟ ମୁତାବକ, ୨ ସେପ୍ଟେମ୍ବର ୨୦୦୧ରେ ଆତଙ୍କବାଦୀ ଆକ୍ରମଣ ପରେ ଏହି ସମାରୋହ ୨ ମାସ ବିଳମ୍ବରେ ହୋଇଥିଲା। ୨୦୨୦ରେ କରୋନା ସମୟ ଚାଲିଥିବାରୁ ଉତ୍ସବରେ ସମସ୍ତ କଳାକାର ନିଜ ନିଜ ସ୍ଥାନରୁ ରହି ଯୋଗଦେଇଥିଲେ। ଡବ୍ଲ୍ୟୁଜିଏର ସଦସ୍ୟମାନେ ପ୍ରଥମେ ମଜୁରି, ଅଧିକ

### ଲେଖକ, ଅଭିନେତାଙ୍କ ଅନଶନର ପ୍ରଭାବ

ସର୍ବନିମ୍ନ ମଜୁରି, ପ୍ରତି ଶୋ'ରେ ଅଧିକ ଲେଖକ ଏବଂ ଅନ୍ୟାନ୍ୟ ଜିନିଷ ମଧ୍ୟରେ ସ୍ୱତନ୍ତ୍ର ଚୁକ୍ତିନାମା ଦାବି କରି ଗତ ମେ' ୨ ତାରିଖରୁ ସେମାନଙ୍କ ଅନଶନ ଆରମ୍ଭ କରିଥିଲେ। ଲେଖକ ଏବଂ ଅଭିନେତାମାନଙ୍କ ଧର୍ମଘଟ ଯୋଗୁ ହଲିଉଡ ଫିଲ୍ମ ଇଣ୍ଡଷ୍ଟ୍ରି ଠପ୍ ହୋଇପଡିଛି। ମୁଭି ଏବଂ ଟିଭି ଶୋ'ର ଉତ୍ପାଦନ ବନ୍ଦ ହୋଇଯିବା ପରେ ଏମି ପୁରସ୍କାର ଭଳି ପ୍ରମୁଖ ପୁରସ୍କାର ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବ ବୋଲି ଅନୁମାନ କରାଯାଉଥିଲା।

## ଜ୍ୟାକେଟ୍‌ରେ ସ୍ୱାମୀଙ୍କ ଫଟୋ

**ମୁମ୍ବାଇ:** ଅଭିନେତା ରଣବୀର ସିଂ ଏବଂ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଚଳଚ୍ଚିତ୍ର 'ରକି ଔର୍ ରାନୀ କି ପ୍ରେମ୍ କାହାନୀ'କୁ ନେଇ ଲୋକଙ୍କ ମଧ୍ୟରେ କ୍ରେଜ୍ ଦେଖିବାକୁ ମିଳିଛି। କରନ ଜୋହରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଗତ ଶୁକ୍ରବାର ରିଲିଜ୍ ହୋଇଥିଲା। ଫିଲ୍ମକୁ ଭଲ ରିଭ୍ୟୁ ମିଳିଥିବାବେଳେ ଏହା ଦର୍ଶକଙ୍କ ଆଦୃତି ମଧ୍ୟ ହୋଇପାରିଛି। ତେବେ ଶନିବାର ରଣବୀର ତାଙ୍କ ରିଲ୍ ପାର୍ଟନରଙ୍କୁ ଛାଡ଼ି ରିୟଲ ପାର୍ଟନରଙ୍କ ସହ ଫିଲ୍ମ ଦେଖିବାକୁ ଯାଇଥିବା ଦେଖିବାକୁ ମିଳିଛି। ସର୍ବଦା ଅଭିନେତ୍ରୀ ଦୀପିକା ଶାନ୍ତ ମୁହଁରେ ନଜରକୁ ଆସିଥିବାବେଳେ ଏଥିରେ ସେ କୁଲ ଲୁକ୍‌ରେ ନଜରକୁ ଆସିଛନ୍ତି। ସେ ରଣବୀରଙ୍କ ହାତ ଧରି ଫିଲ୍ମ ଦେଖିବାକୁ ଯାଉଥିବାବେଳେ ସେ ଏକ ଜ୍ୟାକେଟ୍ ପିନ୍ଧିଛନ୍ତି। ଯେଉଁଥିରେ ସେ ତାଙ୍କ ସ୍ୱାମୀ ରଣବୀରଙ୍କ ମୁହଁ ଥିବା ଦେଖିବାକୁ ମିଳିଛି। ଦୀପିକା ୨୦୦୬ରେ କନ୍ନଡ ଫିଲ୍ମ ଜରିଆରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ପରେ ବଲିଉଡ୍‌ରେ 'ଓମ୍ ଶାନ୍ତି ଓମ୍' ଜରିଆରେ ଡେବ୍ୟୁ କରିଥିଲେ। ଏହାପରେ ତାଙ୍କ ଅଭିନୟ ଅନେକ ଲୋକପ୍ରିୟ ହୋଇଥିଲା। ଶେଷଥର ପାଇଁ ତାଙ୍କୁ 'ପଠାନ'ରେ ଦେଖିବାକୁ ମିଳିଥିଲା। ତାଙ୍କ ହାତରେ ଏବେ ଆଉ ୩ଟି ଫିଲ୍ମ ରହିଛି, ଯାହାର ଶୁଟିଂରେ ସେ ବ୍ୟସ୍ତ ଅଛନ୍ତି।


ଦୀପିକା ପାଦୁକୋନ

## ୨୧ ଫୁଟ ଉଚ୍ଚର ହମର



ଦୁବାଇ

ଯୁଗ ଆଗକୁ ବଢିବା ସହ ଲୋକଙ୍କ ସଉକ ମଧ୍ୟ ବଢିବାକୁ ଲାଗିଛି। ସେମାନେ ତାଙ୍କ ସୁବିଧା ପାଇଁ ଅନେକ ଯାନବାହନ କିଣୁଛନ୍ତି। ନିକଟରେ ଏକ କାର୍‌ର ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଦୁବାଇର ଜଣେ ବ୍ୟକ୍ତି ଏକ କାର୍‌କୁ ମୋଡିଫାଏ କରି ଏକ ବିଶାଳକାୟ ହମର କାର୍ କରିଛନ୍ତି, ଯାହା ସାଧାରଣ ହମର କାର୍‌ଠାରୁ ବହୁତ ବଡ଼। ଏହି କାର୍ ଦୁବାଇର ବାସିନ୍ଦା ଶେଖ ହମଦ ବିନ୍ ହମଦନ୍ ଅଲ ନାୟହାନଙ୍କର, ଯିଏ ରେନ୍‌ବୋ ଶେଖ ଅଫ୍ ଦୁବାଇ ଭାବେ ମଧ୍ୟ ପରିଚିତ। ଏହି କାର୍‌ଟି ଏତେ ବଡ଼ ଯେ ସାଧାରଣ ହମର କାର୍ ତା' ଚକାଠାରୁ ମଧ୍ୟ ଛୋଟ। ଭିଡିଓ କ୍ୟାପ୍ସନରେ ଲେଖାଯାଇଛି, ଦୁବାଇକି ରେନ୍‌ବୋ ଶେଖଙ୍କ ହମର ଏଚ୍-୧ 'ଏକ୍ସ-୩' ରେଗୁଲାର ହମର ଏଚ୍-୧ ଏସ୍‌ୟୁଭିଠାରୁ ୩ ଗୁଣ ବଡ଼, ଯାହା ୪୬ ଫୁଟ ଲମ୍ବ, ୧୯ ଫୁଟ ଚଉଡ଼ା ଏବଂ ୨୧.୬ ଫୁଟ ଉଚ୍ଚ ବିଶିଷ୍ଟ। ଏହା କେବଳ ଦେଖିବାକୁ ଆକର୍ଷଣୀୟ ନୁହେଁ, ରାସ୍ତାରେ ଚାଲିବାଯୋଗ୍ୟ ମଧ୍ୟ। ଏହି କାର୍ ଶେଖଙ୍କ କାର୍ କଲେକ୍ସନ ମଧ୍ୟରୁ ଗୋଟେ। ଆବୁଧାବି ଶାସକ ପରିବାରର ସଦସ୍ୟ ଶେଖଙ୍କ ବାବଦରେ ଜଣାଯାଏ ଯେ, ସେ ୨୦ ବିଲିୟନ୍ ଡଲାରର ମାଲିକ ହୋଇଥିବାବେଳେ ତାଙ୍କ ପାଖରେ ବିଭିନ୍ନ ରଙ୍ଗର ୭ଟି ମର୍ସିଡିଜ୍ ୫୦୦ ରହିଛି। ଅଧିକାଂଶ କାର୍ କଲେକ୍ସନ ପାଇଁ ତାଙ୍କ ନାମ ଗିନିଜ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି। ତାଙ୍କ ପାଖରେ ମୋଟ ୭୧୮ଟି କାର୍ ରହିଛି। ରିପୋର୍ଟ ମୁତାବକ, ତାଙ୍କ ନିଜର ୩୦୦୦ କଲେକ୍ସନର ଯାନବାହନ ରହିଛି।

## ବିବାହ ଖୁସିରେ ଅତିଥିଙ୍କ ସହ ସ୍କାଏଡାଇଭିଂ

ନୂଆଦିଲ୍ଲୀ

ସମସ୍ତେ ନିଜ ବିବାହକୁ ଭିନ୍ନ ଢଙ୍ଗ ଏବଂ ସ୍ମରଣୀୟ କରିବାକୁ ଇଚ୍ଛା ରଖନ୍ତି। ସେଥିପାଇଁ ବର କନ୍ୟା ବିବାହ ପୂର୍ବରୁ ଫଟୋଶୁଟ୍ ମଧ୍ୟ କରାଇଥାନ୍ତି। ଏଥିସହ ଅନେକ ନୂଆ ଉପାୟ ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ନିକଟରେ ବର କନ୍ୟା ତାଙ୍କ ବିବାହକୁ ସ୍ମରଣୀୟ କରିବାକୁ ପବନରେ ଉଡୁଥିବା ଦେଖିବାକୁ ମିଳିଛି। ଭିଡିଓରେ ବର କନ୍ୟା କିଛି ପରିବାର ସଦସ୍ୟଙ୍କ ସହିତ ମିଶି ସ୍କାଏଡାଇଭିଂର ରୋମାଞ୍ଚକ ଅନୁଭୂତିର ମଜା ନେଉଥିବା ଦେଖିବାକୁ ମିଳିଛି। ପ୍ରିସିଲା ଆଣ୍ଟ ଏବଂ ଫିଲିପୋ ଲିକ୍ୟୁରେନ୍ସି ନାମକ ବର କନ୍ୟା ପାହାଡ଼ ତଳେ ବିବାହ କରିଥିଲେ। ବିବାହ ଖୁସିରେ ସେମାନେ ପାହାଡ଼ ଉପରୁ କିଛି ସଦସ୍ୟଙ୍କ ସହିତ ମିଶି ସ୍କାଏଡାଇଭିଂର ମଜା ନେଇଥିଲେ। ଏହି ଭିଡିଓର କ୍ୟାପ୍ସନରେ 'ଏହି ସ୍କାଏଡାଇଭିଂ ମନେପକାଇବ ଯେ ଡର କି ଆଗେ ଜିତ୍ ହେ, ପ୍ରିସିଲା ଏବଂ ଫିଲିପୋଙ୍କ ବିବାହ'। ସମସ୍ତେ ସୁରକ୍ଷିତ ଉପକରଣ ପିନ୍ଧି ପାହାଡ଼ରୁ ଡେଇଁଥିଲେ। ଏହି ଭିଡିଓରେ ଅନେକ ଭିନ୍ନ ଭିନ୍ନ କମେଣ୍ଟ ଆସିଛି। କିଛି ଲୋକ ବିବାହର ଏହି ମଜାକୁ ବଡ଼ ଆଡ୍‌ଭେଞ୍ଚର ବୋଲି କହି ସମର୍ଥନ କରିଥିବାବେଳେ ଆଉ କିଛି ଏହା ବିପଦପୂର୍ଣ୍ଣ ହୋଇଥିବା କହିଥିଲେ। କିଛି ଲୋକ ମଧ୍ୟ ତାଙ୍କ ବିବାହରେ ଏପରି କରିବାକୁ ଯୋଜନା ରଖିଥିବା କହିଛନ୍ତି। ତେବେ ଏହି ଭିଡିଓ କେଉଁଠାର ତାହା ଜଣାପଡ଼ିନାହିଁ।





କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧାରୀ ଓ ଇଣ୍ଡିଆ ପ୍ରତିନିଧି ଦଳର ଅନ୍ୟ ସଦସ୍ୟମାନେ ମଣିପୁର ରାଜ୍ୟପାଳ ଅନୁସୂୟା ଉଇକେଙ୍କୁ ରବିବାର ଇମ୍ଫାଲସ୍ଥିତ ରାଜଭବନରେ ଭେଟୁଛନ୍ତି।

# ଚାଷୀଙ୍କୁ ତୁରନ୍ତ କୃଷି ଇନ୍‌ପୁଟ୍ ନ ଦେଲେ ଆନ୍ଦୋଳନ: କଂଗ୍ରେସ

**ଆସନ୍ତା ୫ରେ ସବୁ ଜିଲାପାଳଙ୍କୁ ଦାବିପତ୍ର ଦେବ କିଷାନ କଂଗ୍ରେସ**

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ଯୋଗୁ ୧୨ଟି ଜିଲାର ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ। ଗତ ୧୫ ତାରିଖଠାରୁ ମୌସୁମୀ ସକ୍ରିୟ ଥିଲେ ମଧ୍ୟ ଅନ୍ୟ ୧୮ ଜିଲାରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ ବନ୍ଦ ପଡ଼ିରେ ପଡ଼ିଛି। ଏ ଦିଗରେ ସରକାରଙ୍କ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଉନାହିଁ। ସରକାର ତୁରନ୍ତ ଚାଷୀଙ୍କୁ କୃଷି ଇନପୁଟ୍ ଯୋଗାଇ ଦିଅନ୍ତୁ, ନ ହେଲେ ଆନ୍ଦୋଳନ ହେବ ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି।

ସେ ଆହୁରି କହିଛନ୍ତି, ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କରେ ନିର୍ଦ୍ଧାରିତ ସମୟରେ ବିଜ୍ଞାପନ ପ୍ରକାଶ କଲେ ନାହିଁ। ସେହିପରି ଧାନ ସଂଗ୍ରହ ପାଇଁ ଚାଷୀ ନାମ ପଞ୍ଜୀକରଣ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ସାରା ରାଜ୍ୟରେ ୮୦% ଚାଷ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଭଳି ସ୍ଥିତିରେ ଚାଷୀ ପଞ୍ଜୀକରଣ କିପରି କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ମରୁଡ଼ିର ବିକଳ୍ପ ବ୍ୟବସ୍ଥା ପାଇଁ ତୁରନ୍ତ କଣ୍ଟିଜେନ୍ସି ପ୍ଲାନ ପରିବର୍ତ୍ତେ ଆକ୍ସନ ପ୍ଲାନ ଗ୍ରହଣ କରନ୍ତୁ। ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, ପ୍ରଧାନମନ୍ତ୍ରୀ ଫସଲ ବୀମା ସମୟସୀମା ବୃଦ୍ଧି, ଧାନ ସଂଗ୍ରହରେ ଚାଷୀ ନାମ ପଞ୍ଜୀକରଣ ସମୟସୀମା ବୃଦ୍ଧି, ଚାଷୀଙ୍କୁ ମାଗଣାରେ ବିହନ, ଡାଲି ଓ ପନିପରିବା ମିନିକିଟ୍ ଯୋଗାଇବା, ଉଠା ଜଳସେଚନ ପଏଣ୍ଟଗୁଡ଼ିକର ଆଶୁ କାର୍ଯ୍ୟକାରୀ କରିବା, କେନାଲରେ ତଳମୁଣ୍ଡ ପର୍ଯ୍ୟନ୍ତ ଆବଶ୍ୟକ ପରିମାଣରେ ପାଣି ଯୋଗାଇବା, ନିର୍ଦ୍ଧାରିତ ସମୟରେ ସାର ଓ କୃଷି ଋଣ ଯୋଗାଇ ଦେବାକୁ କଂଗ୍ରେସ ଦାବି କରୁଛି। ଯଦି ଆସନ୍ତା ୫ଦିନ ମଧ୍ୟରେ ସରକାର ଏ ଦିଗରେ ତତ୍ପରତା ପ୍ରକାଶ ନ କରନ୍ତି ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୫ ତାରିଖରେ ପ୍ରତି ଜିଲା କିଷାନ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ସେହି ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଅମିୟ କହିଛନ୍ତି।

# ସର୍ଭେ ରିପୋର୍ଟକୁ ନେଇ ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

■ ବିଜେଡିର ଦାବି ୨୦ ଲୋକ ସଭା ଆସନରେ ଜିତିବୁ
■ ସର୍ଭେ ରିପୋର୍ଟ କାମ କରିବାକୁ ଉତ୍ସାହିତ କରିବ: ଭାଜପା
■ କଂଗ୍ରେସର ଦାବି ୮ରୁ ୧୦ ଲୋକ ସଭା ଆସନ ଜିତିବ

ଏବେ ଯଦି ଦେଶରେ ସାଧାରଣ ନିର୍ବାଚନ କରାଯାଏ ତେବେ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ତୃତୀୟ ଥର ଲାଗି ସରକାର କରିବ। ଏହାସହ ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ସେହିପରି ଓଡ଼ିଶାରେ ଏବେ ନିର୍ବାଚନ ହେଲେ ରାଜ୍ୟର ୨୧ ଲୋକ ସଭା ଆସନ ମଧ୍ୟରୁ ୮ଟି ଭାଜପା ଏବଂ ୧୩ଟି ଆସନ ବିଜେଡି ଖାତାକୁ ଯାଇପାରେ। ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ପୋଲ୍ ସର୍ଭେରୁ ରିପୋର୍ଟ ଆସିଛି। ତେବେ ଏହି ସର୍ଭେ ରିପୋର୍ଟକୁ ନେଇ ଏବେ ଜୋର୍ ଧରିଛି ରାଜନୀତି। ସର୍ଭେ ରିପୋର୍ଟକୁ ନେଇ ରାଜ୍ୟର ୩ ପ୍ରମୁଖ ରାଜନୈତିକଦଳ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଯାଇଛି।

ପୋଲ୍ ସର୍ଭେ ରିପୋର୍ଟ ଆସିବା ପରେ ରାଜନୈତିକ ମହଲରେ ଓଡ଼ିଶାରେ କେଉଁ ଦଳର ଫଳାଫଳ କ'ଣ ରହିବ ତାକୁ ନେଇ ଏକପ୍ରକାର ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଯାଇଛି। ବିଜେଡି ଗତ ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ଅଧିକ ଗୋଟିଏ ଆସନରେ ଜିତିବ ବୋଲି ସର୍ଭେ କହୁଛି। ଅର୍ଥାତ୍ ଏଥର ନିର୍ବାଚନ ହେଲେ ବିଜେଡି ୧୩ଟି ଲୋକସଭା ସିଟ ହାତେଇବ। ସେହିପରି ଭାଜପା ୮ଟି ଆସନ ପାଇବାକୁ ଥିବା ବେଳେ ଅନ୍ୟ ଦଳ ବା ସ୍ୱାଧୀନ ପ୍ରାର୍ଥୀ ଜିତି ପାରିବେ ନାହିଁ ବୋଲି ସର୍ଭେ ଆକଳନ କରିଛି। ଗତଥର କଂଗ୍ରେସ କୋରାପୁଟ ଲୋକସଭା ଆସନ ହାତେଇଥିଲା। ତେଣୁ ସର୍ଭେ ଆକଳନ ଅନୁସାରେ ସେହି ଆସନରେ କଂଗ୍ରେସ ପରାଜିତ ହେବ ବୋଲି ଜଣାପଡିଛି। ହେଲେ କଂଗ୍ରେସ କିନ୍ତୁ ଏକଥାକୁ ଖଣ୍ଡନ କରିଛି।

ବିଜେଡି ରାଜ୍ୟ ସଭା ଏମ୍‌ପି ମୁନା ଖାଁ କହିଛନ୍ତି, ବିଭିନ୍ନ ସମୟରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏଭଳି ସର୍ଭେ ରିପୋର୍ଟ ଆସିଥାଏ। ସେମାନଙ୍କ ସବୁ ଅନୁମାନ ଠିକ୍ ହେବ ବୋଲି କିଛି ମାନେନାହିଁ। ଓଡ଼ିଶା କଥା ଦେଖିଲେ ୨୦୨୪ ଲୋକ ସଭା ନିର୍ବାଚନ ୨୦୧୪ ଭଳି ହେବ। ବିଜେଡି ୨୦ଟି ଲୋକ ସଭା ଆସନ ହାତେଇବ। ଗୋଟିଏ ଆସନ ଭାଜପା କିମ୍ବା କଂଗ୍ରେସ ନେବ। ହେଲେ ୨୦୨୪ରେ ରାଜ୍ୟରେ ବିଜେଡି ପୁଣିଥରେ ସରକାର ଗଢ଼ିବ ବୋଲି ମୁନା ଖାଁ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଆଗାମୀ ଦଶ ମାସରେ ମହାନଦୀ ଓ ସୁବର୍ଣ୍ଣରେଖାରେ ବହୁତ ପାଣି ବହିବ। ନିର୍ବାଚନ ଲାଗି ବହୁତ ସମୟ ଅଛି। ସର୍ଭେ ରିପୋର୍ଟ କାମ କରିବାକୁ ଉତ୍ସାହିତ କରିଛି, ଆମେ ଆଗକୁ ଯିବୁ। ସଙ୍ଗଠନ ସୁଦୃଢ଼ ମଧ୍ୟ ରହିଛି ବୋଲି ମନମୋହନ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ସର୍ଭେ ରିପୋର୍ଟ ସବୁବେଳେ ଠିକ୍ ହୁଏ ନାହିଁ। ଗତଥର କର୍ଣ୍ଣାଟକ ସର୍ଭେ ରିପୋର୍ଟ ଠିକ୍ ହୋଇନାହିଁ। ସେଠାରେ କଂଗ୍ରେସ ସରକାର ଗଠନ କଲା। ସର୍ଭେ ଅନୁଯାୟୀ ଭାଜପା ସରକାର କରିବ ବୋଲି ରିପୋର୍ଟ ଆସିଥିଲା। ହିମାଚଳପ୍ରଦେଶରେ ମଧ୍ୟ ସମାନ ସର୍ଭେ ରିପୋର୍ଟ ଆସିଥିଲା, ସେଠାରେ କଂଗ୍ରେସ ନ ଆସି ଭାଜପା କ୍ଷମତାକୁ ଆସିବ ବୋଲି ରିପୋର୍ଟରେ କୁହାଯାଇଥିଲା। ଏଠାରେ କଂଗ୍ରେସ ସରକାର ଗଠନ କଲା। ତେଣୁ ସର୍ଭେ ରିପୋର୍ଟ କପୋଳକଳ୍ପିତ। ୧୯୯୫ରେ ଓଡ଼ିଶାରେ ବିଜୁବାବୁ ସରକାର କରିବେ ବୋଲି ସର୍ଭେ ରିପୋର୍ଟରେ ଆସିଥିଲା। ସେତେବେଳେ କିନ୍ତୁ କଂଗ୍ରେସ ସରକାରକୁ ଆସିଲା। ସର୍ଭେ ରିପୋର୍ଟ ମନଗଢ଼ା। ରାଜ୍ୟବାସୀଙ୍କ ଆଶୀର୍ବାଦରେ କଂଗ୍ରେସ ରାଜ୍ୟରେ କ୍ଷମତାକୁ ଫେରିବ। ୮ରୁ ୧୦ ଲୋକ ସଭା ଆସନରେ କଂଗ୍ରେସ ଜିତିବ ବୋଲି ଶରତ କହିଛନ୍ତି।

# ଦିଲ୍ଲୀ ଅର୍ଡିନାନ୍ସ ବିଲ୍‌କୁ ସବୁସ୍ତରରେ ବିରୋଧ କରିବାକୁ ଆପ୍‌ର ଅନୁରୋଧ

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

କେନ୍ଦ୍ରର ଭାଜପା ସରକାର ଆସନ୍ତା ସପ୍ତାହରେ ଦିଲ୍ଲୀ ଅଧ୍ୟାଦେଶ ବା ଅର୍ଡିନାନ୍ସକୁ ଆଇନରେ ପରିଣତ କରିବା ପାଇଁ ଏକ ବିଲ୍ ଆଣୁଛି। ଏହି ବିଲ୍ ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ, ଅସମ୍ବିଧାନିକ ଏବଂ ଦିଲ୍ଲୀବାସୀଙ୍କ ସ୍ୱାର୍ଥ ବିରୋଧୀ ଅଟେ ବୋଲି ଆପ୍ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି। ନିଶିକାନ୍ତ କହିଛନ୍ତି ଯେ, ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ ଦିଲ୍ଲୀର ଶାସନ ପାଇଁ ନିର୍ବାଚିତ ସରକାରଙ୍କୁ ଉତ୍ତରଦାୟୀ କରିବା ସହିତ ପ୍ରଶାସନ ସମ୍ପର୍କିତ ସମସ୍ତ ନିଷ୍ପତ୍ତି ନେବାର ଅଧିକାର ଦିଲ୍ଲୀ ସରକାରଙ୍କ ରହିଛି ବୋଲି ନିର୍ଣ୍ଣୟ କରିଛନ୍ତି। ଏହାସତ୍ତ୍ୱେ ତରବରିଆ ଭାବେ ଅଧ୍ୟାଦେଶ ଆଣି ଭାଜପା ସରକାର ସମସ୍ତ ଅଧିକାର ଦିଲ୍ଲୀର ଉପରାଜ୍ୟପାଳ(ଏଲଜି)ଙ୍କ ହାତକୁ ଟେକିଦେଇଛନ୍ତି। ଅର୍ଥାତ ଦିଲ୍ଲୀ ସରକାର ବଦଳରେ ଶାସନ କ୍ଷମତା କେନ୍ଦ୍ର ସରକାର ଏବଂ ଏହାଦ୍ୱାରା ନିଯୁକ୍ତ ଏଲଜିଙ୍କ ହାତରେ ରହିବ। ବର୍ତ୍ତମାନ ଏହି ଅର୍ଡିନାନ୍ସ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ଅନ୍ୟାୟ ଭାବେ ମୋଦି ସରକାର ଏ ସମ୍ପର୍କିତ ବିଲ୍ ଆଣିବା ସମ୍ବିଧାନ ଏବଂ ଏହାର ମୂଲ୍ୟବୋଧର ବିରୁଦ୍ଧାଚରଣ କରୁଛି। ଅନେକ ରାଜନୈତିକ ଦଳ ଏହି ବିଲ୍‌କୁ ବିରୋଧ କରୁଛନ୍ତି। ଆମ ଆଦ୍‌ମୀ ପାର୍ଟି(ଆପ୍) ସମସ୍ତ ଗଣତାନ୍ତ୍ରିକ ଶକ୍ତିଙ୍କୁ ଏହି ବିଲ୍‌ର ବିରୋଧ ସବୁସ୍ତରରେ କରିବା ପାଇଁ ଅନୁରୋଧ କରୁଛି ବୋଲି ସେ କହିଛନ୍ତି।

## ରାଜ୍ୟ ଖବର

# ମୋଦିଙ୍କ ୧୦୩ ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଲେ ଭାଜପାର ରାଜ୍ୟ ନେତୃବୃନ୍ଦ

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାସର ଶେଷ ରବିବାର 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ ମନର କଥା କହିଥାନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ଯେଉଁଭଳି ସାଧାରଣ ଦେଶବାସୀଙ୍କ ମନର କଥାକୁ ବ୍ୟାଖ୍ୟା କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଐତିହାସିକ ପଦକ୍ଷେପ। ପ୍ରତ୍ୟେକ ଦେଶବାସୀ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ଶୁଣିବା ପାଇଁ ବ୍ୟାକୁଳତାର ସହ ଅପେକ୍ଷାରତ ଥାଆନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବର୍ତ୍ତମାନ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁନ୍ଦରପଦା ସ୍ଥିତ ୧୯୪ ନମ୍ବର ବୁଥ୍‌ଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ୧୦୩ ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ସେ କହିଛନ୍ତି ଯେ, ମୋଦିଙ୍କ ଏହି ପ୍ରୟାସ ସମସ୍ତଙ୍କୁ ମାର୍ଗଦର୍ଶନ ଦେବା ସହ ପ୍ରେରଣା ଯୋଗାଇବ। ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'କାର୍ଯ୍ୟକ୍ରମ ଆଗାମୀ ଯୁବ ସମାଜକୁ ମାର୍ଗ ଦର୍ଶନ କରାଇବାରେ ସହାୟକ ହେବ ବୋଲି ମନମୋହନ କହିଛନ୍ତି।

# ଭାଗବତ ପଢୁଥିବା ବେଳେ ନାଗସାପ ଦଂଶନରେ ମହିଳା ମୃତ

ଭାପୁର,୩୦।୭
(ଭରତ କୁମାର ବେହେରା)

ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ଅନ୍ତର୍ଗତ ବାଲିଆପଟା ଗ୍ରାମରେ ଶନିବାର ନାଗ ସାପ ଦଂଶନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ସନ୍ଧ୍ୟାରେ ଭାଗବତ ପଢୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ବାଲିଆପଟା ଗ୍ରାମର ଧନେଶ୍ୱର ଭୋଳଙ୍କ ସ୍ତ୍ରୀ ସରୋଜିନୀ (୫୮)। ସେ ସନ୍ଧ୍ୟାରେ ଠାକୁର ଘରେ ଭାଗବତ ପଢୁଥିବା ସମୟରେ ଏକ ନାଗସାପ ତାଙ୍କ ପଛ ପଟେ ଫଣା ଟେକି ରହିଥିଲା। ସରୋଜିନୀଙ୍କ ନାତି ସାପକୁ ଦେଖି ଚିତ୍କାର କରିଥିଲେ। ଏହି ସମୟରେ ସରୋଜିନୀଙ୍କ ହାତ ପାପୁଲି ନାଗସାପ ଉପରେ ପଡ଼ିଯାଇଥିଲା। ଫଳରେ ନାଗସାପ ତାଙ୍କ ଜଙ୍ଘକୁ ୪ ଚୋଟ ମାରିଥିଲା। ତାଙ୍କୁ ତୁରନ୍ତ ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଫତେଗଡ଼ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ. ୧୯/୨୩) ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତଦେହ ସତ୍କାର ପରେ ବି ସେହି ନାଗସାପଟି ଘରେ ଥିଲା। ପରିବାର ଲୋକେ ଏହା ଦେଖି ବନପାଳ ବନମାଳୀ ରାଉତଙ୍କୁ ଜଣାଇଥିଲେ। ବନ କର୍ମଚାରୀମାନେ ନାଗସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଦେଇଥିଲେ।

# ସ୍ୱତନ୍ତ୍ର ରାଜ୍ୟ ଦାବିକୁ ସରକାର ଖୋରାକ ଯୋଗାଉଛନ୍ତି

## ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ବର୍ଷିଲେ ନରସିଂହ

ବଲାଙ୍ଗୀର, ୩୦।୭(ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ଧର୍ମପୀଠଗୁଡ଼ିକରେ ସରକାର ପ୍ରଚୁର ଟଙ୍କା ଖର୍ଚ୍ଚ କରୁଛନ୍ତି। ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଉନ୍ନତି ପାଇଁ ୨୦୦କୋଟି ଟଙ୍କା ଅନୁଦାନ ଘୋଷଣା କରାଯାଇଛି। ମାତ୍ର ବଲାଙ୍ଗୀରରେ ଅନେକ ମନ୍ଦିର ଏବଂ ଦେବୋତ୍ତର ଭିତ୍ତିଭୂମି ଥିଲେ ମଧ୍ୟ ସରକାର ଗୋଟିଏର ବି ବିକାଶ କରିନାହାନ୍ତି। ଦେଓଗାଁ ଟିନିକଲ ବନ୍ଦ ପଡିଛି। ବିଧାନସଭାରେ ମନ୍ତ୍ରୀଙ୍କ ସହମତି ସତ୍ତ୍ୱେ ବଲାଙ୍ଗୀରରେ ସ୍ପିନିଂ ମିଲ୍ ଆରମ୍ଭ ହୋଇନାହିଁ। ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଏବଂ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ସରକାର ଚୁପ୍ ହୋଇଯାଇଛନ୍ତି। ବଲାଙ୍ଗୀର ଜିଲା ପ୍ରତି ରାଜ୍ୟ ସରକାର ଯେଉଁ ଆଭିମୁଖ୍ୟ ଆପଣେଇଛନ୍ତି ତାହା ଏ ଅଞ୍ଚଳରେ ମୁଣ୍ଡ ଟେକିଥିବା ସ୍ୱତନ୍ତ୍ର ରାଜ୍ୟ ଗଠନ ଆନ୍ଦୋଳନକାରୀଙ୍କୁ ଖୋରାକ୍ ଯୋଗାଇବ। ରାଜ୍ୟ ବିଭାଜନକୁ ସେ ବିରୋଧ କରନ୍ତି। ହେଲେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଏବଂ କାର୍ଯ୍ୟ ଯୋଗୁ ରାଜ୍ୟ ଭାଗ ଭାଗ ହୋଇଯିବ ଏବଂ ଏଥିପାଇଁ ରାଜ୍ୟ ସରକାର ହିଁ ଦାୟୀ ରହିବେ ବୋଲି ବିଧାୟକ ନରସିଂହ ରବିବାର ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚରମ ପ୍ରତିକ୍ରିୟା ଶୁଣାଇଛନ୍ତି।

# ଆନ୍ଧ୍ର ଅଧିକାରୀ ଉପାଡ଼ିଥିବା ଫଳକକୁ ପୋତିଲେ ନନ୍ଦପୁର ପ୍ରଶାସନ

## ରାଜ୍ୟ ସରକାର ନିଜ କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିବା ଉଚିତ: ଧର୍ମେନ୍ଦ୍ର



ଜଲାପୁଟରେ ପୁନଃ ପୋତାଯାଇଥିବା ଫଳକ।

ନନ୍ଦପୁର/କୋରାପୁଟ, ୩୦।୭
(ଶଙ୍କର ପୂଜାରୀ/ଅମିତାଭ ବେହେରା)

ଆନ୍ଧ୍ରର ମୁଚିମପୁଟ ପ୍ରଶାସନିକ ଅଧିକାରୀ ଏକତ୍ରିତ ହୋଇ ଗୁରୁବାର ନନ୍ଦପୁର ବ୍ଲକ ସୀମାନ୍ତ ବିଲାପୁଟ ପଞ୍ଚାୟତର ଜଲାପୁଟ ରିଜର୍ଭର ପୋଲ ଆରପଟେ ଥିବା କୋରାପୁଟ ଜିଲା ପ୍ରଶାସନ, ଜଲାପୁଟ ପ୍ରୋଜେକ୍ଟ ପ୍ରକଳ୍ପ ଓ ବିଲାପୁଟ ପଞ୍ଚାୟତର ଫଳକ ଉପାଡି ଦେଇଥିଲେ। ୩ଦିନ ପରେ ରବିବାର ପୁଣି ସେହି ସ୍ଥାନରେ ଫଳକଗୁଡ଼ିକ ପୁନଃ ପୋତାଯାଇଛି। ଭାଜପା ନେତା ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ଜିଲା ଭାଜପା ପ୍ରତିନିଧି ଦଳ, ନନ୍ଦପୁର ବିଡିଓ, ତହସିଲଦାର, ଜିପିଇଓ ଓ ବିଲାପୁଟ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟଙ୍କ ସହଯୋଗରେ ତିନୋଟିଯାକ ଫଳକ ମଧ୍ୟରୁ ଦୁଇଟି ଜିଲା ଓ ପ୍ରୋଜେକ୍ଟ ଫଳକକୁ ପୂର୍ବ ସ୍ଥାନରେ ପୋତାଯାଇଛି। ବିଲାପୁଟ ପଞ୍ଚାୟତ ପକ୍ଷରୁ ପୋତା ଯାଇଥିବା ସ୍ୱାଗତ ଫଳକକୁ ପୋଲ ଆରପଟକୁ ଅଣାଯାଇ ପୋତାଯାଇଥିବା ଜଣାପଡିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ଥାନୀୟ ଭାଜପା ନେତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଏହାସହ ରାଜ୍ୟ ସରକାର ତଥା ପ୍ରଶାସନିକ ଅଧିକାରୀ ନିଜ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ଓଡ଼ିଶାର ଭୌଗୋଳିକ ସୁରକ୍ଷା ପ୍ରତି ନିଜ କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିବା ଉଚିତ ବୋଲି ଟୁଇଟ୍ କରି କହିଛନ୍ତି।

ନନ୍ଦପୁର ବ୍ଲକ ସୀମାନ୍ତ ବିବାଦୀୟ ରାଇପାହାଡରେ ଆନ୍ଧ୍ର ଅନୁପ୍ରବେଶର ସମାଧାନ ନିମନ୍ତେ ଗୁରୁବାର ଚାଟୁଆରେ ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ବୈଠକ ବସିଥିଲା। କୌଣସି କାଗଜପତ୍ର ଓ ମ୍ୟାପ ଧରି ବୈଠକକୁ ଆନ୍ଧ୍ର ଅଧିକାରୀମାନେ ଆସିଥିବାରୁ ବୈଠକ ବିଫଳ ହୋଇଥିଲା। ବୈଠକ ପରେ ଯିବା ବେଳେ ଆନ୍ଧ୍ରର ମୁଚିମପୁଟ ପ୍ରଶାସନିକ ଅଧିକାରୀ ତହସିଲଦାର, ବିଡିଓ, ଜିଲା ପରିଷଦ ସଦସ୍ୟଙ୍କ ସମେତ ଅନ୍ୟ ଅଧିକାରୀମାନେ ଜଲାପୁଟ ରିଜର୍ଭର ଡ୍ୟାମ ପୋଲ ଆରପଟେ ଥିବା କୋରାପୁଟ ଜିଲା ପ୍ରଶାସନ, ପ୍ରୋଜେକ୍ଟ ଓ ବିଲାପୁଟ ପଞ୍ଚାୟତର ସୂଚନା ଫଳକ ଉପାଡି ଫୋପାଡି ଦେଇଥିଲେ। ଉପସ୍ଥିତ ଲୋକେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ଆନ୍ଧ୍ର ଅଧିକାରୀମାନେ ଶୁଣି ନ ଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ଓଡ଼ିଶା ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଘଟଣା ସ୍ଥଳକୁ ରବିବାର ସକାଳେ ଜୟପୁର ଭାଜପା ନେତା ଗୌତମ ସାମନ୍ତରାୟଙ୍କ ସମେତ ଲମତାପୁଟ ବ୍ଲକ ଭାଜପା ସଭାପତି ଈଶ୍ୱର ଦାର୍ଲି, ଖଗେଶ୍ୱର ବାଗ, ସରପଞ୍ଚ ରାଜେଶ ଲେନ୍ଥୁ, ସମିତିସଭ୍ୟ ଯୋଗେଶ୍ୱର ଖେମୁଣ୍ଡୁଙ୍କ ସହ ଅନ୍ୟମାନେ ସେଠାରେ ପହଞ୍ଚି କୋରାପୁଟ ଜିଲା ପ୍ରଶାସନର ଫଳକ ଓ ପ୍ରୋଜେକ୍ଟ ଫଳକକୁ ପୁନଃ ଅବସ୍ଥାପିତ କରିଥିଲେ।

# ୱିଲିୟମ୍ ୱାର୍ଡ୍ସୱର୍ଥଙ୍କ ସହିତ ଗଙ୍ଗାଧର ମେହେର ତୁଳନୀୟ




## ବରୁଣେଶ୍ୱର କଲେଜରେ ପ୍ରତିମୂର୍ତ୍ତି ଉନ୍ମୋଚିତ

ଯାଜପୁର,୩୦।୭(ହର୍ଷବର୍ଦ୍ଧନ ବେହେରା)

ଅଖିଳଚକ୍ର ଓଡ଼ିଶା ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ରବିବାର ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ଏହାକୁ ଉନ୍ମୋଚନ କରିଥିଲେ। ଅଖିଳଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ସଭାରେ ଅଧ୍ୟକ୍ଷ ମହାପାତ୍ର କହିଥିଲେ, ବିଶ୍ୱର ଶ୍ରେଷ୍ଠ ପ୍ରକୃତି କବି ୱିଲିୟମ୍ ୱାର୍ଡ୍ସୱର୍ଥଙ୍କ ସହିତ କବି ଗଙ୍ଗାଧର ମେହେର କୌଣସି ଗୁଣରେ କମ୍ ନୁହନ୍ତି। ଏମାନେ ପ୍ରକୃତିକୁ ଭିନ୍ନ ଦୃଷ୍ଟିରେ ଦେଖିଥାଆନ୍ତି। ଅଜୟ କୁମାର ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଗଙ୍ଗାଧର ମେହେରଙ୍କ ସମଗ୍ର କାବ୍ୟ ତାଙ୍କର ମୌଳିକ ଚିନ୍ତା ଚେତନାକୁ ବହନ କରିଛି। ଓଡ଼ିଆ ସାହିତ୍ୟରେ ତାହା ବିରଳ। ପ୍ରକୃତିକୁ ନେଇ ସେ ଯେଉଁ କବିତା ରଚନା କରିଛନ୍ତି, ତାହା କାଳଜୟୀ ବୋଲି ସେ କହିଥିଲେ। ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ସମ୍ମାନିତ ଅତିଥି ତଥା ପଶ୍ଚିମାଞ୍ଚଳର ପ୍ରତିନିଧି ଭାବେ ଯୋଗଦେଇ କହିଥିଲେ, ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତି ଏହି କଲେଜ ପରିସରରେ ସ୍ଥାପନ କରାଯିବା ଗୌରବର ବିଷୟ। କବିଙ୍କ ବାଲ୍ୟ ଶିକ୍ଷା ଓ ତାଙ୍କର ଅସାଧାରଣ କାବ୍ୟିକ ପ୍ରତିଭା ସମ୍ପର୍କରେ ସେ ବର୍ଣ୍ଣନା କରିଥିଲେ। ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ ମୁଖ୍ୟଅତିଥି ଏବଂ ଡ. ଶ୍ରୀହରି ଧଳ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ରଚିତ କବିତାରେ ପ୍ରକୃତି, ଆଧ୍ୟାତ୍ମିକତା, ଦେଶାତ୍ମବୋଧ ଭାବଧାରା ଥିଲା ବୋଲି କହିଥିଲେ। ସଭାପତି ଧଳମହାପାତ୍ର କହିଥିଲେ, ସ୍ୱଭାବ କବି ଆମ ପ୍ରକୃତି ଉପରେ କବିତାର ଧାରା ସୃଷ୍ଟି କରିଥିଲେ। ତାଙ୍କ କବିତାର ମୌଳିକତା ବାସ୍ତବରେ ଅନନ୍ୟ। ସାହିତ୍ୟ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ରକ୍ଷା କରିବା ତାଙ୍କର ଲକ୍ଷ୍ୟ ଥିଲା। ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, ପୂଜ୍ୟପୂଜା ପରମ୍ପରାକୁ ରକ୍ଷା କରିବା ପାଇଁ ଅଖିଳଚକ୍ର ୫୩ ବର୍ଷ ଧରି କାର୍ଯ୍ୟ କରିଆସିଛି। ଏହି ପରମ୍ପରାକୁ ଉତ୍ତରପିଢ଼ିଙ୍କ ପାଇଁ ଧରି ରଖିବା ଏବଂ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବା ନିମନ୍ତେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଲକ୍ଷ୍ୟ ରହିଛି। ସହଯୋଗୀ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ପୀତାମ୍ବର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ: ଭାରତକୁ ଚତୁର୍ଥ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୩୦।୭ (ପି.ଟି.)**

ଚାଇନାର ଚେଙ୍ଗ୍‌ଡୁଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅମନ ସଇନି ଓ ପ୍ରଗତିଙ୍କୁ ନେଇ ଭାରତର ମିକ୍ସଡ କମ୍ପାଉଣ୍ଡ ତୀରନ୍ଦାଜୀ ଦଳ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମାନେ ଫାଇନାଲରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୫୬-୧୫୬ରେ ହରାଇ ଦେଇଛନ୍ତି। ଭାରତ ବର୍ତ୍ତମାନ ପଦକ ତାଲିକାରେ ୧୦ ପଦକ (୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ) ସହ ଚତୁର୍ଥ ସ୍ଥାନରେ ରହିଛି। ଭାରତ ପୁରୁଷ ଓ ମହିଳା କମ୍ପାଉଣ୍ଡ ଇଭେଣ୍ଟ ଟିମ୍ ଇଭେଣ୍ଟରେ ମଧ୍ୟ ଆହୁରି ଦୁଇ ପଦକ ହାସଲ କରିଛି। ସଙ୍ଗମପ୍ରୀତ ବିସ୍‌ଲା, ଅମନ ସଇନି ଓ ରିଷଭ ଯାଦବ କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୨୯-୨୨୫ରେ ପରାସ୍ତ କରି ଏକ ବ୍ରୋଞ୍ଜ ପଦକ ପାଇଥିବା ବେଳେ ପୂର୍ଭାଷା, ପ୍ରଗତି ଓ ଅଭନିତ ଫାଇନାଲରେ କୋରିଆଠାରୁ ପରାଜିତ ହୋଇ ରୌପ୍ୟ ପଦକ ପାଇଛନ୍ତି। ତୀରନ୍ଦାଜୀକୁ ଛାଡ଼ିଦେଲେ ଭାରତ ଶୁଟିଂରେ ମଧ୍ୟ ଦୁଇ ପଦକ ଲାଭ କରିଛି। ଉଦୟବୀର ସିନ୍ଧୁ ଓ ଆଦର୍ଶ ସିଂ ରାପିଡ୍ ଫାୟାର ପିସ୍ତଲ ଟିମ୍ ଇଭେଣ୍ଟରେ ୧୭୨୯ ପଏଣ୍ଟ ସ୍କୋର କରି ଏକ ରୌପ୍ୟ ଜିତିଛନ୍ତି।





ଫିଫା ମହିଳା ବିଶ୍ୱକପରେ ରବିବାର ନରୱେ ଓ ଫିଲିପାଇନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ମ୍ୟାଚ ଅବସରରେ ଷ୍ଟାଡିୟମରେ ଉପସ୍ଥିତ ଫିଲିପାଇନ୍ସ ପ୍ରଶଂସକ।

# ହିଜାବରେ ପ୍ରଥମ ଖେଳାଳି ବେନ୍‌ଜିନା

## ମହିଳା ଫୁଟ୍‌ବଲ ବିଶ୍ୱକପ୍

**ଆଡିଲେଡ୍, ୩୦।୭ (ଏପି)**

ସିନିୟର ମହିଳା ଫୁଟ୍‌ବଲ ବିଶ୍ୱକପ୍‌ରେ ହିଜାବ ପରିଧାନ କରି ଖେଳିବାରେ ମରକ୍କୋ ଡିଫେଣ୍ଡର ନୌହେଲା ବେନ୍‌ଜିନା ପ୍ରଥମ ଖେଳାଳି। ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ଖେଳି ସେ ଇତିହାସ ସୃଷ୍ଟି କରିଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଓ ସୁରକ୍ଷା ଜନିତ କାରଣରୁ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ହିଜାବ ପରିଧାନକୁ ବାରଣ କରିଥିଲା। ମାତ୍ର ସ୍ୱେଚ୍ଛାକର୍ମୀ, ଆଥଲେଟ ଏବଂ ସରକାର ଓ ଫୁଟ୍‌ବଲ ଅଫିସିଆଲଙ୍କ ଓକିଲାତି ପରେ ୨୦୧୪ରେ ଏହି କଟକଣାକୁ ଉଠାଇ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁସ୍‌ଲିମ ଓମେନ ସ୍ପୋର୍ଟ୍ସ ନେଟୱର୍କର ସହ ପ୍ରତିଷ୍ଠାତା ଆସ୍‌ମାହ ହିଲାଲ୍ କହିଛନ୍ତି, ବେନ୍‌ଜିନାଙ୍କୁ ଦେଖି କେବଳ ଖେଳାଳି ନୁହଁନ୍ତି ଅଧିକରୁ ଅଧିକ ମୁସ୍‌ଲିମ୍ ବାଳିକା ଓ ମହିଳା ହିଜାବ ବ୍ୟବହାର କରିବା ଲାଗି ଉତ୍ସାହିତ ହେବେ। ବେନଜିନା ମରକ୍କୋର ଟପ୍ ମହିଳା ଲିଗ୍ ୮ଥର ଚାମ୍ପିୟନ ପ୍ରଫେସନାଲ କ୍ଲବ ଆସୋସିଏଶନ୍ସ ସ୍ପୋର୍ଟ୍ସ ଅଫ୍ ଫୋର୍ସେସ ଆର୍ମଡ ରୟାଲ ତରଫରୁ ଖେଳିଥାନ୍ତି। ସେ ମେଲବୋର୍ନଠାରେ ଖେଳାଯାଇଥିବା ମରକ୍କୋର ଓପନିଂ ଗେମ୍ ଖେଳି ନ ଥିଲେ। ଏଥିରେ ତାଙ୍କ ଦଳ ଗ୍ରୁପ୍ ଏଚ୍‌'ରେ ଜର୍ମାନୀ ନିକଟରୁ ୬-୦ ଗୋଲ୍‌ରେ ପରାଜିତ ହୋଇଥିଲା। ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ମରକ୍କୋ ହେଉଛି ପ୍ରଥମ ଆରବ ଓ ଉତ୍ତର ଆଫ୍ରିକୀୟ ରାଷ୍ଟ୍ର।



ମ୍ୟାଚ ଅବସରରେ ନୌହେଲା ବେନ୍‌ଜିନା।

# ଆୟୋଜକ ନ୍ୟୁଜିଲାଣ୍ଡର ବିଦାୟ

**ଡୁନେଡିନ୍/ସିଡ୍‌ନୀ, ୩୦।୭ (ଏପି)**

ଚଳିତ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍‌ର ଗ୍ରୁପ୍ 'ଏ'ରେ ରବିବାର ନ୍ୟୁଜିଲାଣ୍ଡ ଓ ସୁଇଜରଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି। ଏଥି ସହିତ ନ୍ୟୁଜିଲାଣ୍ଡ ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଦଳ ଭାବେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଅନ୍ୟପକ୍ଷରେ ସୁଇଜରଲାଣ୍ଡ ଗୋଟିଏ ବିଜୟ ଓ ୨ଟି ଡ୍ର ସହ ୫ ପଏଣ୍ଟ ଅର୍ଜନ କରି ଗ୍ରୁପ୍ ଏ'ର ଶୀର୍ଷରେ ରହିବା ସହ ପ୍ରି-କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛି। ଦଳ ବର୍ତ୍ତମାନ ଗ୍ରୁପ୍ ସି'ର ସ୍ପେନ କିମ୍ବା ଜାପାନକୁ ଭେଟିବ। ସିଡ୍‌ନୀ ଫୁଟବଲ ଷ୍ଟାଡିୟମରେ କଲମ୍ବିଆ ଶେଷ ମୁହୂର୍ତ୍ତରେ ଏକ ଗୋଲ ସ୍କୋର ୨ଥର ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ୨-୧ ଗୋଲ୍‌ରେ ପରାସ୍ତ କରି ଟୁର୍ନାମେଣ୍ଟରେ ଏକ ବିପର୍ଯ୍ୟୟ ସୃଷ୍ଟି କରିଛି। କଲମ୍ବିଆ ପକ୍ଷରୁ ଲିଣ୍ଡା କାଲ୍‌ସେଡୋ ଖେଳର ୫୨ତମ ମିନିଟ୍‌ରେ ଗୋଲ ସ୍କୋର କରି ତାଙ୍କ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ୮୯ତମ ମିନିଟ୍‌ରେ ଆଲେଜାଣ୍ଡ୍ରା ପପ୍‌ଙ୍କ ଜରିଆରେ ଏକ ଗୋଲ୍ ସ୍କୋର କରି ଜର୍ମାନୀ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲା। ପରବର୍ତ୍ତୀ ସମୟରେ ଖେଳର ୯୦+୭ତମ ସମୟରେ ମାନୁଏଲା ଭେନେଗାସ୍‌ଙ୍କ ଗୋଲ୍ ଯୋଗୁ କଲମ୍ବିଆ ବିଜୟ ଲାଭ କରିଥିଲା। ଏହି ବିଜୟ ଦ୍ୱାରା କଲମ୍ବିଆ ଗ୍ରୁପ୍ 'ଏଚ୍'ରେ ଖେଳିଥିବା ଦୁଇଟି ମ୍ୟାଚର ୬ ପଏଣ୍ଟ ଅର୍ଜନ କରି ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନ ଅଧିକାର କରିଛି। ରବିବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ନରୱେ ୬-୦ ଗୋଲ୍‌ରେ ଫିଲିପାଇନ୍ସକୁ ପରାସ୍ତ କରି ନକ୍‌ଆଉଟରେ ପ୍ରବେଶ କରିଛି। ଦଳ ପକ୍ଷରୁ ସୋଫି ରୋମନ ହଗ୍ ୩ଟି ଗୋଲ୍ ସ୍କୋର କରିଥିବା ବେଳେ କାରୋଲିନ୍ ଗ୍ରାହାମ ହାନସେନ୍ ଓ ଗୁରୋ ରେଲ୍‌ଟନ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ତେବେ ଗ୍ରୁପ୍ ଏ'ରେ ଏହି ଦଳ ସୁଇଜରଲାଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଅନ୍ୟ ଏକ ମ୍ୟାଚରେ ମରକ୍କୋ ୧-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଚଳିତ ବିଶ୍ୱକପ୍‌ରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଦଳ ପକ୍ଷରୁ ବିଜୟସୂଚକ ଗୋଲ୍‌ଟିକୁ ଇବିତ୍‌ସାମ ଜ୍ରାଦି ଖେଳର ୬ଷ୍ଠ ମିନିଟ୍‌ରେ ସ୍କୋର କରିଥିଲେ।



ମ୍ୟାଚ ଜିତିବାପରେ ଉଲ୍ଲସିତ ନରୱେ ଖେଳାଳି।

**Classified Everyday**
0674-2580101, 2549949



REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279.
D-74895



Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

Newly opened (One8 Spa)/(Salon Service) with expert therapist, 9938843929.
D-75136

Asribada Panchakarma herbal SPA Kesharimall, Bhubaneswar. Contact: 8926173473.
D-75013

All types of professional body massage by professional therapy. Contact 7077933109/ 9556924059/ 8658803018. D-0932

Relax, Refresh your body, mind at Saikrupa Spa with best therapies. 8984068077.
D-0921

Spa Kerala Body Massage only best Therapist @699/- Bhubaneswar. 9337672475.
D-0857

## ସିଆର୍‌ପିଏଫ୍ ଆଥଲେଟ ଜିତିଲେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ

**ନୂଆଦିଲ୍ଲୀ, ୩୦।୭ (ପି.ଟି.)**

କାନାଡାର ୱିନିପେଗ୍‌ଠାରେ ଚାଲିଥିବା ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍)ର ଆଥଲେଟମାନେ ଭାରତ ପାଇଁ ୫ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଲାଭ କରିଛନ୍ତି। ଲୁୱାଙ୍ଗଥେମ୍ ଗୁନାଓ ଏବଂ ଏମ୍ ଧୀରେନ୍ ସିଂ ଯଥାକ୍ରମେ ପୁରୁଷ ଫିଜିକ୍ ଓ ବଡି ବିଲ୍ଡିଂରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଜିତିଥିବା ବେଳେ ରୀତୁ ରାଣୀ ଅନ୍ୟ ଏକ ସ୍ୱର୍ଣ୍ଣ ପଦକ ମହିଳା ୫୯କେଜି ଶ୍ରେଣୀ ରେସ୍‌ଲିଂରେ ହାସଲ କରିଛନ୍ତି। ରୋହିତ କୁମାର ପୁରୁଷ ୭୪ କେଜି ଫ୍ରିଷ୍ଟାଇଲ ଇଭେଣ୍ଟରେ ଏକ ରୌପ୍ୟ ପଦକ ଲାଭ କରିଛନ୍ତି।

CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
For Booking Contact: 0674-2580385

ADMISSION OPEN
DISTANCE EDUCATION
For Govt. & Private Job holder's
(UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# 'ନିର୍ଦ୍ଦିଷ୍ଟ ମ୍ୟାଚ କିମ୍ବା ସିରିଜକୁ ନେଇ ଚିନ୍ତିତ ନୋହୁଁ'

## ଦ୍ୱିତୀୟ ଦିନିକିଆରେ ୱେଷ୍ଟଇଣ୍ଡିଜଠାରୁ ଭାରତ ହାରିବା ପରେ ଦ୍ରାବିଡ୍‌ଙ୍କ ପ୍ରତିକ୍ରିୟା

**ବ୍ରିଜଟାଉନ୍, ୩୦।୭**

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ପରାସ୍ତ ହୋଇଛି। ଭାରତ ୪୦.୫ ଓଭରରେ ୧୮୧ ରନ୍‌କରି ଅଲ୍‌ଆଉଟ ହୋଇଥିବାବେଳେ ୱେଷ୍ଟଇଣ୍ଡିଜ ୮୦ଟି ବଲ୍ ବାକିଥାଇ ୩୬.୪ ଓଭରରେ ୪ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ନେଇଥିଲା। ପ୍ରଥମ ଦିନିକିଆ ପରି ଦ୍ୱିତୀୟ ଦିନିକିଆରେ ମଧ୍ୟ ଭାରତ ଅତ୍ୟଧିକ ପରୀକ୍ଷା ନିରୀକ୍ଷା କରିଥିଲା। ଏପରି କି ଅଧିନାୟକ ରୋହିତ ଶର୍ମା ଓ ତାରକା ବ୍ୟାଟର ବିରାଟ କୋହଲିଙ୍କୁ ବାଦ୍ ଦେଇ ଟିମ୍ ଇଣ୍ଡିଆ ପଡ଼ିଆକୁ ଓହ୍ଲାଇଥିଲା। ଏହାର ଭରପୂର ସୁଯୋଗ ନେଇ ୱେଷ୍ଟଇଣ୍ଡିଜ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାରେ ସୁଯୋଗ ପାଇଥିଲା। ମାତ୍ର ରୋହିତ ଏବଂ କୋହଲିଙ୍କୁ ବିଶ୍ରାମ ଦିଆଯିବା ନିଷ୍ପତ୍ତି ଠିକ୍ ଥିଲା ବୋଲି କହିଛନ୍ତି କୋଚ୍ ରାହୁଲ ଦ୍ରାବିଡ। କୌଣସି ନିର୍ଦ୍ଦିଷ୍ଟ ମ୍ୟାଚ କିମ୍ବା ସିରିଜକୁ ନେଇ ଆମେ ଚିନ୍ତିତ ନୋହୁଁ, ଦିନିକିଆ ବିଶ୍ୱକପ ପୂର୍ବରୁ ସମସ୍ତ ଖେଳାଳିଙ୍କୁ ନେଇ ପରୀକ୍ଷା ନିରୀକ୍ଷା ଚାଲିବ ବୋଲି ଦ୍ରାବିଡ ପ୍ରକାଶ କରିଛନ୍ତି।

ଆଗକୁ ଏସିଆ କପ୍ ଏବଂ ବିଶ୍ୱକପ୍ ଆସୁଥିବାରୁ ଆମେ ସର୍ବଦା ବୃହତ୍ତର ଦୃଷ୍ଟିକୋଣକୁ ନେଇ ଚିନ୍ତା କରୁଛୁ। କେତେକ ଖେଳାଳି ଆହତ ଥିବାରୁ ଏପରି ନିଷ୍ପତ୍ତି ନିଆଯାଉଛି। ଆମେ ଯଦି କୌଣସି ନିର୍ଦ୍ଦିଷ୍ଟ ମ୍ୟାଚ କିମ୍ବା ସିରିଜକୁ ନେଇ ଚିନ୍ତିତ ହେବୁ ତେବେ ଭୁଲ୍ ହେବ। ଯୁବ ଖେଳାଳିଙ୍କୁ ସୁଯୋଗ ଦେବାକୁ ହେଲେ କୋହଲି ଓ ରୋହିତଙ୍କୁ ବସାଇବାକୁ ପଡ଼ିବ। ଆମକୁ ଏପରି ରିସ୍କ ନେଇ ଯୁବ ଖେଳାଳିଙ୍କୁ ଅଧିକରୁ ଅଧିକ ସୁଯୋଗ ଦେବାକୁ ହେବ ବୋଲି ଦ୍ରାବିଡ କହିଛନ୍ତି। ଏସିଆ କପ୍ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୭ ଏବଂ ବିଶ୍ୱକପ୍ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ହେବ। ଭାରତୀୟ ଦଳର କେତେଜଣ ଖେଳାଳି ଆହତ ସମସ୍ୟା ଦେଇ ଗତି କରୁଥିବାରୁ ସମ୍ପ୍ରତି ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ପ୍ରସ୍ତୁତି ଚଳାଇଛନ୍ତି। ଏମାନଙ୍କ ମଧ୍ୟରୁ କେତେଜଣ ଏସିଆ କପ୍ ଏବଂ ବିଶ୍ୱକପ୍ ବେଳକୁ ଫିଟ୍ ହେବା ଆଶା ରହିଛି। ତେବେ ଏହାକୁ ଭରସା କରି ସେ ଚାନ୍ସ ନେବାକୁ ଚାହୁଁନାହାନ୍ତି ବୋଲି ଦ୍ରାବିଡ କହିଛନ୍ତି। ଏହାକୁ ନେଇ ହେଉଥିବା ସମାଲୋଚନାରେ ସେ ତିଳେମାତ୍ର ଚିନ୍ତିତ ନୁହନ୍ତି ବୋଲି ସ୍ପଷ୍ଟ କରିଛନ୍ତି।



ରାହୁଲ ଦ୍ରାବିଡ

### ୫୦-୬୦ ରନ କମ୍ ହେଲା

ଦ୍ୱିତୀୟ ଦିନିକିଆ ଖେଳାଯାଇଥିବା ପିଚ୍ ବ୍ୟାଟିଂ ପାଇଁ ସହଜ ନ ଥିଲେ ମଧ୍ୟ ଭାରତ ୫୦-୬୦ ରନ କମ୍ ସ୍କୋର କଲା। ଏଠାରେ ୨୩୦-୨୪୦ ରନ କରିପାରିଥିଲେ ଭାରତ ଭଲ ଚ୍ୟାଲେଞ୍ଜ ଦେଇଥାନ୍ତା ବୋଲି ଦ୍ରାବିଡ କହିଛନ୍ତି। ଶୁବମନ ଗିଲ୍ ଓ ଇଶାନ କିଶନ ଭଲ ଆରମ୍ଭ ଦେଇଥିଲେ। କେହି ଜଣେ କ୍ରିଜ୍‌ରେ ତିଷ୍ଠିରହି ଇନିଂସକୁ ଆଗେଇ ନେବାର ଥିଲା। କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ ୫୦-୬୦ ରନ କମ୍ ସ୍କୋର କଲୁ ବୋଲି ସେ ପ୍ରକାଶ କରିଛନ୍ତି।

### ସୂର୍ଯ୍ୟ ଦିନିକିଆ କ୍ରିକେଟରୁ ଶିଖୁଛନ୍ତି

ଦିନିକିଆ କ୍ରିକେଟରେ ନିଜ ପ୍ରଦର୍ଶନରେ ସୂର୍ଯ୍ୟକୁମାର ଯାଦବ ନିଶ୍ଚିତ ନିରାଶ ଅନୁଭବ କରିଥିବେ। ଘରୋଇ କ୍ରିକେଟ ଏବଂ ଟି୨୦ ଫର୍ମାଟରେ ସେ ଯେପରି ପ୍ରତିଷ୍ଠା ଅର୍ଜନ କରିଛନ୍ତି ଦିନିକିଆରେ ତାହାକୁ ରୂପାନ୍ତରିତ କରିପାରି ନାହାନ୍ତି। ସେ ଜଣେ ଉତ୍ତମ ଖେଳାଳି ଏଥିରେ ଦ୍ୱିମତ ନାହିଁ। ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରୁ ଶିକ୍ଷାଲାଭ କରୁଛନ୍ତି। ମିଡିଲ ଓଭରଗୁଡ଼ିକରେ କିପରି ବ୍ୟାଟିଂ କରିବାକୁ ହୁଏ ତାହା ଶିଖୁଛନ୍ତି। ସେ ଜଣେ ପ୍ରତିଭା ସମ୍ପନ୍ନ ଖେଳାଳି। ତେଣୁ ତାଙ୍କୁ ଯଥା ସମ୍ଭବ ଅଧିକରୁ ଅଧିକ ସୁଯୋଗ ଦେବାକୁ ଆମେ ଚାହୁଁଛୁ ବୋଲି ଦ୍ରାବିଡ କହିଛନ୍ତି।

### ଗିଲ୍, କିଶନଙ୍କୁ ପ୍ରଶଂସା

ଶୁବମନ ଗିଲ୍ ଓ ଇଶାନ କିଶନଙ୍କ ପ୍ରଦର୍ଶନରେ ସନ୍ତୁଷ୍ଟ ଅଛନ୍ତି ଦ୍ରାବିଡ। ଗିଲ୍‌ଙ୍କ ଫର୍ମକୁ ନେଇ ସେ ଚିନ୍ତିତ ନାହାନ୍ତି। ସେ ଭଲ ବ୍ୟାଟିଂ କରୁଛନ୍ତି। ଖେଳରେ ଏପରି ହୋଇଥାଏ। ପ୍ରତି ମ୍ୟାଚକୁ ନେଇ କାହାକୁ ସମାଲୋଚନା କରାଯିବା ଉଚିତ ନୁହେଁ। କ୍ରିକେଟର ତିନୋଟିଯାକ ଫର୍ମାଟ ପାଇଁ ଗିଲ୍ ଏବେ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଦ୍ରାବିଡ କହିଛନ୍ତି। ସେହିପରି କିଶନଙ୍କ ପ୍ରଦର୍ଶନରେ ମଧ୍ୟ ଦ୍ରାବିଡ ଖୁସି ପ୍ରକାଶ କରିଛନ୍ତି।

## ସକ୍ରିୟ ରହିବ ପାଚନକ୍ରିୟା



ବର୍ତ୍ତମାନ ବର୍ଷାଋତୁ। ତେଣୁ ଆମେ ଖାଦ୍ୟପେୟ ପ୍ରତି ସତର୍କ ରହିବା ଆବଶ୍ୟକ। ଏହି ଋତୁରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ। ବର୍ଷାଦିନେ ସନ୍ତୁଳିତ ତଥା ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହି ଦିନେ ଅଧିକ ପରିମାଣରେ ସାଲାଡ୍ ଖାଆନ୍ତୁ ନାହିଁ। କାରଣ ବର୍ଷାଦିନେ କଞ୍ଚା ଖାଦ୍ୟରେ ଅଧିକ ବ୍ୟାକ୍ଟେରିଆ ରହିଥାଆନ୍ତି। ଏହି ଦିନେ ଘରେ ବ୍ରେଡ୍‌ଯୁକ୍ତ ଖାଦ୍ୟ ବେଶି ଦିନ ରଖନ୍ତୁ ନାହିଁ। କାରଣ ଅଧିକ ଦିନ ରହିଲେ ସେଥିରେ ଫିମ୍ପି ହୋଇଯାଏ, ଯାହା ଶରୀର ପାଇଁ କ୍ଷତିକାରକ। ଏହି ଋତୁରେ ରାସ୍ତାକଡ ଉଠାଦୋକାନ କିମ୍ବା ବାହାର ଖାଦ୍ୟ ଯେତେ କମ୍ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ। କାରଣ ଏଭଳି ଖାଦ୍ୟ ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ବର୍ଷାଦିନେ ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ପେଟଜନିତ ସମସ୍ୟା ସୃଷ୍ଟି କରିବ। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ। ବର୍ଷାଦିନେ ଅଧିକ ପରିମାଣର ମାଛ ମାଂସ ନ ଖାଇବା ଭଲ। ଏହି ଋତୁରେ ଫୁଡ୍ ପଏଜନିଂର ଆଶଙ୍କା ରହିଛି, ତେଣୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

## ଡେଙ୍ଗୁରୁ ରକ୍ଷା ପାଇବାର ଉପାୟ



ସାଧାରଣତଃ ବର୍ଷା ଋତୁରେ ଡେଙ୍ଗୁ ସମସ୍ୟା ଅଧିକ ଦେଖାଦେଇଥାଏ। ତେବେ ଏହାର ଲକ୍ଷଣ ଜାଣିବା ମାତ୍ରେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ବିଳମ୍ବ ନ କରି ନିକଟସ୍ଥ ହସ୍‌ପିଟାଲରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ। ତେବେ ଏଥିରୁ ରକ୍ଷା ପାଇବାର କେତୋଟି ସରଳ ତଥା ସହଜ ଉପାୟ ରହିଛି। ଘର ବାହାରେ ଖୋଲା ମାଠିଆ କିମ୍ବା କୌଣସି ଖୋଲା ପାତ୍ର ରଖନ୍ତୁ ନାହିଁ। କାରଣ ବର୍ଷା ଦିନେ ଏଥିରେ ପାଣି ଜମା ହୋଇ ରହିଲେ ତାହା ଭିତରେ ଡେଙ୍ଗୁ ମଶା ନିଜର ବଂଶ ବିସ୍ତାର କରିଥାଆନ୍ତି। ଆଉ ଏକ କଥା ଏହି ଋତୁରେ ଘର ଚାରିପଟ ପରିଷ୍କାର ରଖନ୍ତୁ। ଘର ଚାରିପଟେ ଯଦି ଅଳିଆ ଆବର୍ଜନା ଜମା ହୋଇଛି ତେବେ ତାହାକୁ ତୁରନ୍ତ ସଫା କରନ୍ତୁ। ରାତିରେ ମଶାରି ଟାଙ୍ଗି ଶୁଅନ୍ତୁ। ଶରୀରକୁ ସମ୍ପୂର୍ଣ୍ଣ ଆବୃତ କରି ରଖୁଥିବା ପୋଷାକ ପିନ୍ଧନ୍ତୁ। ଏହି ଋତୁରେ ଖାଦ୍ୟପଦାର୍ଥଗୁଡିକୁ ଘୋଡାଇ ରଖନ୍ତୁ। ବର୍ଷା ଋତୁରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଥାଏ। ତେଣୁ ଘର ଭିତରକୁ ଯେପରି ମଶା ପ୍ରବେଶ ନ କରିବେ ତାହାର ବ୍ୟବସ୍ଥା କରନ୍ତୁ। ଝରକାରେ ଜାଲି ଲଗାନ୍ତୁ। ସନ୍ଧ୍ୟା ହେବା ମାତ୍ରେ ଝରକା ବନ୍ଦ କରିଦିଅନ୍ତୁ। ଘର ବାହାର ଅନ୍ଧାର ରଖନ୍ତୁ ନାହିଁ। କାରଣ ଅନ୍ଧାରରେ ମଶା ସେମାନଙ୍କର ବଂଶ ବିସ୍ତାର କରିଥାଆନ୍ତି।

# ବିଲୁପ୍ତିର ପଥେ ଶାଗୁଣା



ନିକୁଞ୍ଜ ବିହାରୀ ସାହୁ

''ଏକ ହିସାବରୁ ଜଣାଯାଏ ଯେ, ବିଗତ ୧୯୮୦ ଦଶକରେ ଆମ ଦେଶରେ ପ୍ରାୟ ୮ କୋଟି ଶାଗୁଣା ଥିଲାବେଳେ ଏବେ ସେମାନଙ୍କ ସଂଖ୍ୟା ୪୦୦୦ରୁ କମ୍। ସୁତରାଂ ଏବେଠୁଁ ସେମାନଙ୍କ ସଂରକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏହି ବିରଳ ଓ ଉପକାରୀ ଜୀବ ଶାଗୁଣା ବଂଶର ଯେ ସମ୍ପୂର୍ଣ୍ଣ ବିଲୁପ୍ତି ଘଟିବ ଏଥିରେ ସନ୍ଦେହ ନାହିଁ। ଫଳରେ ସେମାନେ ଆମ ପିଲାମାନଙ୍କ ପାଇଁ କେବଳ ପଢ଼ାବହିର ଚିତ୍ର ହୋଇ ରହିଯିବେ ସିନା, ପ୍ରକୃତିରେ ଆଉ ଦେଖିବାକୁ ମିଳିବେ ନାହିଁ। ତେବେ ପ୍ରଶ୍ନ ଉଠେ : ଶାଗୁଣାଙ୍କ ଏହି ରହସ୍ୟମୟ ବିଲୁପ୍ତି ପାଇଁ ଦାୟୀ କିଏ ?''



ଚାଳିଶ ପଚାଶ ବର୍ଷ ତଳେ ଶାଗୁଣା ଆମ ଗାଁ ଗହଳିରେ ବହୁ ସଂଖ୍ୟାରେ ଦେଖାଯାଉଥିଲେ। ଗୋରୁ ଆଦି ଗୃହପାଳିତ ଜୀବ ମରିଗଲେ, ଶାଗୁଣାମାନେ କିପରି ସୁରାକ ପାଇ ଦଳଦଳ ଚକ୍କର କାଟନ୍ତି ଆକାଶରେ, ଆଉ ମୃତ ଜୀବକୁ ଘେରି କେଇ ଘଣ୍ଟା ସମୟ ମଧ୍ୟରେ ଖାଇ ଶେଷ କରିଦିଅନ୍ତି। ଆମ ସଂସ୍କୃତିରେ ଶାଗୁଣାମାନଙ୍କୁ ସାଧାରଣତଃ ଅଶୁଭର ସଙ୍କେତ ମନେ କରାଯାଉଥିଲେ ସୁଦ୍ଧା ପରିବେଶୀୟ ଦୃଷ୍ଟିକୋଣରୁ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ମଳାଜୀବଙ୍କ ଶଢ଼ା ମାଂସ ଖାଇ ପରିବେଶକୁ ସଫା ରଖିଥାଆନ୍ତି। ଶାଗୁଣା ନ ଥିଲେ ପୃଥିବୀରେ କୁଢ଼କୁଢ଼ ଶବ ଜମାହୋଇ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ସଷ୍ଟି କରୁଥାଆନ୍ତା।

ଘୋର ପରିତାପର ବିଷୟ ଯେ, ଏବେ ଆମ ଦେଶରେ ପରିବେଶର ବନ୍ଧୁ ଏହି ଶାଗୁଣାମନଙ୍କ ବଂଶ ଦ୍ରୁତ ଲୋପ ପାଇବାରେ ଲାଗିଛି ଏବଂ ସେମାନଙ୍କର ସ୍ଥିତି ଏବେ ବିଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଲାଣି। ଏବେ ଗାଁ ଗଣ୍ଡାରେ ଶାଗୁଣାମାନଙ୍କୁ ଦେଖିବା ବିରଳ। ଗାଁରେ ଗୋରୁ ମରିଗଲେ ମଳାଜୀବକୁ ଖାଇବା ପାଇଁ ଶାଗୁଣା ଆଉ ଗାଁକୁ ଆସୁନାହିଁ। ଏକ ହିସାବରୁ ଜଣାଯାଏ ଯେ, ବିଗତ ୧୯୮୦ ଦଶକରେ ଆମେ ଦେଶରେ ପ୍ରାୟ ୮ କୋଟି ଶାଗୁଣା ଥିଲାବେଳେ ଏବେ ସେମାନଙ୍କ ସଂଖ୍ୟା ୪୦୦୦ରୁ କମ୍। ସୁତରାଂ ଏବେଠୁଁ ସେମାନଙ୍କ ସଂରକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏହି ବିରଳ ଓ ଉପକାରୀ ଜୀବ ଶାଗୁଣା ବଂଶର ଯେ ସମ୍ପୂର୍ଣ୍ଣ ବିଲୁପ୍ତି ଘଟିବ ଏଥିରେ ସନ୍ଦେହ ନାହିଁ। ଫଳରେ ସେମାନେ ଆମ ପିଲାମାନଙ୍କ ପାଇଁ କେବଳ ପଢ଼ାବହିର ଚିତ୍ର ହୋଇ ରହିଯିବେ ସିନା, ପ୍ରକୃତିରେ ଆଉ ଦେଖିବାକୁ ମିଳିବେ ନାହିଁ। ତେବେ ପ୍ରଶ୍ନ ଉଠେ : ଶାଗୁଣାଙ୍କ ଏହି ରହସ୍ୟମୟ ବିଲୁପ୍ତି ପାଇଁ ଦାୟୀ କିଏ ?

ଏକ ଗବେଷଣାରୁ ଜଣାପଡ଼େ ଯେ, ଗୋରୁମାନଙ୍କୁ ଔଷଧ ରୂପେ ଦିଆଯାଉଥିବା ଡାଇକ୍ଲୋଫେନାକ ନାମକ ଏକ ରାସାୟନିକ ପଦାର୍ଥ ଏଥିପାଇଁ ଦାୟୀ। ଏହି ଔଷଧକୁ ସାଧାରଣତଃ ଗୋରୁ ଭଳି ଜୀବମାନଙ୍କଠାରେ ବିନ୍ଧା ଫୁଲା ଭଳି ଯନ୍ତ୍ରଣାର ଉପଶମ ନିମନ୍ତେ ପେନକିଲର୍ ରୂପେ ପ୍ରଦାନ କରାଯାଇଥାଏ। ଔଷଧ ସେବନ କରିଥିବା ଏହି ଜୀବମାନଙ୍କ ସମୟକ୍ରମେ ମୃତ୍ୟୁ ଘଟିଲେ, ଏହି ମୃତଜୀବଙ୍କ ଶବକୁ ଭକ୍ଷଣ କରୁଥିବା ଶାଗୁଣାମାନଙ୍କ ଶରୀରରେ ଏହି ରାସାୟନିକ ପଦାର୍ଥ ପ୍ରବେଶ କରେ। ଏହା ଶାଗୁଣାର ଶରୀରରେ ତୀବ୍ର ପ୍ରତିକ୍ରିୟା ଘଟାଇ ବୃକକ୍ (କିଡ୍‌ନୀ) ସମେତ ଏହାର ରେଚନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅକାମୀ କରିଦିଏ। ଫଳରେ ଏଭଳି ମଳାଜୀବକୁ ଖାଇଥିବା ଶାଗୁଣାର ଦୁଇ ତିନି ଦିନ ମଧ୍ୟରେ ମୃତ୍ୟୁ ଘଟେ। ଗବେଷଣାରୁ ଜଣାଯାଏ ଯେ, ଏହି ବିଷାକ୍ତ ପଦାର୍ଥର ସେବନ ଦ୍ୱାରା ଭାରତରେ ଦେଖାଯାଉଥିବା ତିନି ପ୍ରଜାତିର ଶାଗୁଣାଙ୍କ ମଧ୍ୟରୁ ସମୁଦାୟ ୯୫%ଙ୍କ ମୃତ୍ୟୁ ଘଟିଲାଣି। କେବଳ ଆମ ଦେଶ ଭାରତ ନୁହେଁ, ସମଗ୍ର ଉପମହାଦେଶର ଅନେକ ଦେଶ ଯଥା ନେପାଳ, ପାକିସ୍ତାନ ଓ ବାଂଲାଦେଶରେ ମଧ୍ୟ ଶାଗୁଣାଙ୍କ ସଂଖ୍ୟାରେ ଏବେ ଦ୍ରୁତ ଅବନତି ପରିଲକ୍ଷିତ ହେଉଛି।

ଏବେ ସରକାରଙ୍କ ଆଖି ଖୋଲିଛି। ଶାଗୁଣାମାନଙ୍କ ବଂଶରକ୍ଷା ନିମନ୍ତେ ସରକାର ବିଗତ ୨୦୦୬ ମସିହାଠାରୁ ଦେଶରେ ଏହି ଡାଇକ୍ଲୋଫେନାକ ପଦାର୍ଥରୁ ପ୍ରସ୍ତୁତ ସମସ୍ତ ଔଷଧର ଉତ୍ପାଦନ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହି ଔଷଧ ପ୍ରସ୍ତୁତ କରୁଥିବା ସମସ୍ତ କମ୍ପାନୀର ଲାଇସେନ୍ସକୁ ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି। ଏହାଦ୍ୱାରା ଆଗାମୀ କିଛି ବର୍ଷ ମଧ୍ୟରେ ଶାଗୁଣାମାନଙ୍କ ସଂଖ୍ୟା ପୂର୍ବସ୍ଥିତିରେ ପହଞ୍ଚିବ ବୋଲି ଆଶା ପ୍ରକାଶ କରାଯାଇଛି।

ଶାଗୁଣାମାନଙ୍କ ସୁରକ୍ଷା ନିମନ୍ତେ ଏବେ ଆମ ଦେଶରେ ପ୍ରତିଷ୍ଠିତ ମୁମ୍ବାଇସ୍ଥିତ ପ୍ରାକୃତିକ ବିଜ୍ଞାନ ପରିଷଦ ଓ ପଶ୍ଚିମବଙ୍ଗର ଦୁଇଟି ଶାଗୁଣା ପ୍ରଜନନ କେନ୍ଦ୍ର କାର୍ଯ୍ୟ କରୁଛନ୍ତି। ମାତ୍ର ଏହି କେନ୍ଦ୍ରସବୁରୁ ଜନ୍ମିତ ଶାଗୁଣାମାନଙ୍କୁ ପରିବେଶ ସମ୍ପୂର୍ଣ୍ଣ ଡାଇକ୍ଲୋଫେନାକ୍ ମୁକ୍ତ ନ ହେବା ପର୍ଯ୍ୟନ୍ତ ତୁରନ୍ତ ପଦାକୁ ଛାଡ଼ି ହେବ ନାହିଁ ବୋଲି ବିଶେଷଜ୍ଞଙ୍କ ମତ। ଗୋରୁମାନଙ୍କ ଶରୀରରୁ ସଂଗୃହୀତ ନମୁନାରୁ ଜଣାପଡ଼ିଛି ଯେ, ଏବେ ବି ପ୍ରାୟ ୧୦% ଜୀବଙ୍କ ଶରୀରରେ ଏହି ମାରାତ୍ମକ ପଦାର୍ଥର ଅବଶେଷ ରହିଛି। ଏଭଳି ପରିସ୍ଥିତି ଶାଗୁଣାର ବଞ୍ଚିରହିବା ପାଇଁ ସହନୀୟ ନୁହେଁ। ନିକଟରେ ନେପାଳ ସରକାର ମଧ୍ୟ ନିଜ ଦେଶରେ ଡାଇକ୍ଲୋଫେନାକ ପଦାର୍ଥର ବ୍ୟବହାରକୁ ନିଷିଦ୍ଧ କରି ଏହା ବଦଳରେ ଅନ୍ୟ ଏକ ବିକଳ୍ପ ପଦାର୍ଥ ମେଲୋକ୍ସିକାମ ବ୍ୟବହାରକୁ ଅନୁମୋଦନ କରିଛନ୍ତି। ଏସବୁ ପଦକ୍ଷେପ ଦ୍ୱାରା ଶାଗୁଣାମାନଙ୍କୁ ବିଲୁପ୍ତିର ଦ୍ୱାରଦେଶରୁ ଫେରାଇ ଆଣିହେବ ବୋଲି ବିଶ୍ୱାସ କରାଯାଏ। ମାତ୍ର ଶାଗୁଣାମାନଙ୍କ ପ୍ରଜନନ ଅତି ମନ୍ଥର ହୋଇଥିବାରୁ ସେମାନଙ୍କ ସଂରକ୍ଷଣ ପ୍ରକ୍ରିୟା ସମୟସାପେକ୍ଷ ବୋଲି ଜଣାପଡ଼ିଛି।

ପରିବେଶର ଅବକ୍ଷୟ ଯୋଗୁ ଏକଦା ଆମ ଗାଁ ଗହଳିରେ ପ୍ରଚୁର ଦେଖାଯାଉଥିବା ଜୀବ ଯଥା ଶାଗୁଣା, ଶଂଖଚିଲ, ମାଟିଆଚିଲ, ହଳଦୀବସନ୍ତ, ଅନ୍ଧାରୁଆ ବଗ ଆଦିଙ୍କ ସଂଖ୍ୟା କମି ବିଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଲାଣି। ଏହାଦ୍ୱାରା ପ୍ରକୃତିର ଜୈବବିବିଧତା ହ୍ରାସ ପାଇବା ସାଙ୍ଗକୁ ଖାଦ୍ୟଶୃଙ୍ଖଳ ପ୍ରକ୍ରିୟା ଭଳି ସୂକ୍ଷ୍ମ ପରିବେଶୀୟ ସନ୍ତୁଳନରେ ବାଧା ଉପୁଜୁଛି। ସୁତରାଂ ସମୟ ଆସିଛି, ଆମେ ଆମ ଚତୁଃପାର୍ଶ୍ୱର ଶାଗୁଣା ଭଳି ଜୀବମାନଙ୍କ ପରିବେଶପ୍ରିୟ ଭୂମିକାକୁ ଉପଲବ୍ଧି କରି ସେମାନଙ୍କ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ଉଚିତ।

–ଏଜୁକେଶନ୍ ଅଫିସର୍,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

## ଅତ୍ୟଧିକ ପେନ୍‌କିଲର ଓ ହୃଦ୍‌ଘାତ



ଅନେକ ସମୟରେ ରୋଗର ଅବସ୍ଥା ଦେଖି ଡାକ୍ତର ପେନ୍‌କିଲର ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ତେବେ ଦୀର୍ଘ ଦିନ ଧରି ଏଭଳି ଔଷଧ ଖାଇଲେ ତାହାର ପ୍ରଭାବ ହୃତ୍‌ପିଣ୍ଡ ବା ହାର୍ଟ ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ଆମେରିକୀୟ ହୃଦ୍‌ରୋଗ ବିଶେଷଜ୍ଞମାନେ ନିକଟରେ 'ହୃଦ୍‌ଘାତ ଏବଂ ପେନ୍‌କିଲର' ଶୀର୍ଷକ ବିଷୟକୁ ନେଇ ଗବେଷଣା କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଦୀର୍ଘ ମାସ ଧରି ପେନକିଲର ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ହୃଦ୍‌ଜନିତ ସମସ୍ୟା ଦେଖିବାକୁ ମିଳିଥିଲା। ତେବେ ଡାକ୍ତରଙ୍କ ବିନା ପରାମର୍ଶରେ ପେନକିଲର ଖାଇବା ଆଦୌ ଠିକ୍ ନୁହେଁ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସମସ୍ୟା ଲାଗି ସତର୍କତା

କଥାରେ ଅଛି 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ନିଜକୁ ସୁସ୍ଥ ତଥା ନୀରୋଗ ରଖିବା ଲାଗି ଆମେ ସର୍ତକତା ଅବଲମ୍ବନ କରିବା ନିହାତି ଦରକାର। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ବିଜ୍ଞତାର ପରିଚାୟକ। ଏହାବ୍ୟତୀତ ଏଭଳି କେତୋଟି ବିଷୟ ରହିଛି ଯାହା ପ୍ରତି ନଜର ଦେବା ଆବଶ୍ୟକ। ପ୍ରଥମ କଥା ହେଲା ଖାଦ୍ୟପେୟ। ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ–ଭାତ, ଡାଲି, ସବୁଜ ପନିପରିବାରୁ ପ୍ରସ୍ତୁତ ତରକାରି, ମାଛ, ମାଂସ, ଅଣ୍ଡା, କ୍ଷୀର, ପନୀର ଆଦି ଖାଆନ୍ତୁ। ଏଭଳି ଖାଦ୍ୟ ମାଂସପେଶୀକୁ ମଜଭୁତ ରଖିବା ସହ ରକ୍ତ ସଞ୍ଚାଳନକୁ ସକ୍ରିୟ କରିଥାଏ। ନିଜକୁ ସୁସ୍ଥ ରଖିବା ଲାଗି ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଭଲ। କାରଣ ଏହା ପେଟଜନିତ ସମସ୍ୟାଠାରୁ ଆପଣଙ୍କୁ ଅନେକାଂଶରେ ଦୂରେଇ ରଖିବ। ସବୁବେଳେ ଆଇରନ୍, କ୍ୟାଲସିୟମ, ପୋଟାସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଦାନ୍ତ ଏବଂ ଅସ୍ଥି ମଜଭୁତ ରହିଥାଏ। ସକାଳ ଜଳଖିଆ ବା ବ୍ରେକଫାଷ୍ଟରେ ସାଲାଡ୍, ତଟକା ଫଳମୂଳ ଏବଂ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହାସହ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ, ଆବଶ୍ୟକ ମୁତାବକ ପାଣି ପିଅନ୍ତୁ ଏବଂ ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।



## ସହଜରେ ସନ୍ତୁଳିତ ରହିବ ଓଜନ



ଆଜିକାଲିର ବ୍ୟସ୍ତ ଜୀବନ ଭିତରେ ନିଜକୁ ସୁସ୍ଥ ରଖିବା ହେଉଛି ବଡ଼ କଥା। ବିଶେଷଭାବରେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ। ଏଭଳି କେତେକ ଉପାୟ ରହିଛି ଯାହାଦ୍ୱାରା ଆପଣ ନିଜର ଓଜନକୁ ନିୟନ୍ତ୍ରଣରେ ରଖିପାରିବେ। ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ବା ଏକ୍ସରସାଇଜ ସାମିଲ କରନ୍ତୁ। ନିୟମିତ ବ୍ୟାୟାମ କରିବା ଦ୍ୱାରା ମାଂସପେଶୀଜନିତ ସମସ୍ୟା ଦେଖାଦେଇ ନ ଥାଏ ଏବଂ ପେଟରୁ ଚର୍ବି କମିଥାଏ। ଦୁଗ୍ଧଜାତୀୟ ଖାଦ୍ୟ ଖାଆନ୍ତୁ। ଏହା ପେଟରେ ଚର୍ବି କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। ପ୍ୟାକ୍‌ଡ ଫୁଡ ଆଦୌ ଖାଆନ୍ତୁ ନାହିଁ। ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ। ଶରୀର ଓଜନ ବୃଦ୍ଧି କରିବା ଭଳି ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ବ୍ରେକ୍‌ଫାଷ୍ଟରେ ଜୁସ୍ ଏବଂ ତଟକା ଫଳମୂଳ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ ଅନେକାଂଶରେ ନିୟନ୍ତ୍ରିତ ରହିଥାଏ। ତା'ସହ ନିୟମିତ ସମୟ ଅନ୍ତରାଳରେ ଓଜନ କେତେ ଅଛି ତାହା ମାପି ନିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ଛତୁ ସାମିଲ କରନ୍ତୁ। ଏଥିରେ 'ଗ୍ଲୁକାନ୍ସ' ନାମକ ତତ୍ତ୍ୱ ରହିଛି, ଯାହା ଶରୀରରେ ସୃଷ୍ଟି କରୁଥିବା ଥଣ୍ଡାଜନିତ ବ୍ୟାକ୍ଟେରିଆର ବଂଶ ବୃଦ୍ଧି କରିବାକୁ ଦେଇ ନ ଥାଏ। କେବଳ ସେତିକି ନୁହେଁ, ଏହା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ସକ୍ରିୟ କରାଇଥାଏ।

➤ମହୁରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ କେବଳ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଛି।

➤ବେଳେବେଳେ କୌଣସି ରୋଗ ନିରୂପଣ କରିବା ସମୟରେ ଡାକ୍ତର କେତେକ ପରୀକ୍ଷା କରିବାକୁ ପ୍ରେସକ୍ରିପଶନରେ ଉଲ୍ଲେଖ କରିଥାଆନ୍ତି। ସେଗୁଡିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଯାହା ଉଲ୍ଲେଖ କରିଛନ୍ତି ସେହି ଅନୁସାରେ ଭଲ ପାଥୋଲୋଜିରେ ପରୀକ୍ଷା କରାଇନିଅନ୍ତୁ।

➤ଯଦି ଅସୁସ୍ଥ ଅଛନ୍ତି ତେବେ ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ବ୍ୟାୟାମରୁ ବିରତ ରୁହନ୍ତୁ। କାରଣ ଯଦି ସେପରି ଅବସ୍ଥାରେ ବ୍ୟାୟାମ କରନ୍ତି, ତେବେ ତାହାର ପ୍ରତିକୂଳ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ।

➤ପ୍ରତିଦିନ ସକାଳୁ ଦାନ୍ତଘଷିବା ପରେ ଗ୍ଲାସେ ଉଷୁମ ପାଣି ପିଅନ୍ତୁ। ଏଥିରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି।



# ମାନବୀୟ ଅଭିବୃଦ୍ଧିରେ ଜୈବପ୍ରଯୁକ୍ତି ବିଜ୍ଞାନ

(ଶେଷ ଭାଗ)

ଯୁବ ବର୍ଗଙ୍କୁ ଭବିଷ୍ୟତ ଜୈବ ପ୍ରଯୁକ୍ତି ବିଜ୍ଞାନୀ ରୂପେ ଗଢ଼ି ତୋଳିବାକୁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ଶ୍ରେଣୀରେ ପାଠପଢ଼ା ସୁଯୋଗ ସହିତ ଗବେଷଣା ବ୍ୟବସ୍ଥା ମଧ୍ୟ କରାଇଛନ୍ତି। ଭାରତ ବାୟୋଟେକ ପ୍ରଥମ ଦଫାରେ ଅଦ୍ୟାବଧି ୭୦୦ କୋଟି ଟଙ୍କା ନିବେଶ କରି ଭୁବନେଶ୍ୱରର ଅନ୍ଧାରୁଆ ଠାରେ ଏକ ବାୟୋଟେକନୋଲୋଜି ପାର୍କ ସ୍ଥାପନ କରି ନିକଟ ଭବିଷ୍ୟତରେ ପ୍ରାୟ ୨୮ଗୋଟି 'ଭାକସିନ' ଉତ୍ପାଦନ ଆରମ୍ଭ ହେବାକୁ ଥିବାବେଳେ ଏହାକୁ ସରକାର ସମସ୍ତ ସହାୟତା ଯୋଗାଇ ଦେଇଛନ୍ତି। ଓଡ଼ିଶାରେ ବିଭିନ୍ନ ଅନୁରୂପ ଉଦ୍ୟୋଗ ଯଥା ଇମଜେନେକ୍ସ, କାର୍ଡ ଲାଇଫ, ସନ୍ ବାୟୋଟେକ ଇତ୍ୟାଦି ଅବସ୍ଥାପିତ ହୋଇ ଅନେକ ସଫଳତା ସହ ସୁନାମ ଅର୍ଜନ କରୁଛନ୍ତି।

ଜୈବ ପ୍ରଯୁକ୍ତିବିଦ୍ୟା ଜୀବଜଗତରେ ସଂଶ୍ଳିଷ୍ଟ ସମସ୍ତ ପ୍ରାଣୀଙ୍କ ପାଇଁ ହିତକାରୀ ସାବ୍ୟସ୍ତ ହେବା ସହିତ ମାନବ ଜୀବନ ଓ ତା'ର ସାମାଜିକ ଚଳଣିକୁ ସିଧାସଳଖ ପ୍ରଭାବିତ କରୁଛି। ଏହାର କୃଷି କ୍ଷେତ୍ରରେ ପ୍ରଭାବ ଯୋଗୁ ଖାଦ୍ୟ ଉତ୍କର୍ଷତା, ପରିମାଣ ଓ ଏହାର ପ୍ରକ୍ରିୟାକରଣରେ ଅନେକ ପରିବର୍ତ୍ତନ ଆଣିପାରିଛି। ଟମାଟୋ ଭଳି ସ୍ୱଳ୍ପ ଅବଧି ମଧ୍ୟରେ ପଚିଶଢ଼ି ଯାଉଥିବା ଯୋଗୁ ଏହାର ଗୁଣସୂତ୍ରରେ ପରିବର୍ତ୍ତନ ଯୋଗୁ ମନୁଷ୍ୟ ଏପରି ଏକ ଟମାଟୋ 'ଫ୍ଲାଭର ସାଭର' ପ୍ରସ୍ତୁତ କରିପାରିଛି, ଯାହା କୃଷକ ପାଇଁ ହିତକାରୀ ସାବ୍ୟସ୍ତ ହୋଇଅଛି। ସେହିପରି କୃଷିରେ ବ୍ୟବହୃତ ଜୈବିକ ସାର, ଜୈବିକ କୀଟନାଶକ ଇତ୍ୟାଦିରେ ସୂକ୍ଷ୍ମ ଜୀବମାନଙ୍କ ବହୁଳ ବ୍ୟବହାର କରାଯାଉଛି। ଏହାଫଳରେ ଫସଲ ଅତ୍ୟଧିକ ଅଣୁ ଖାଦ୍ୟ ଗ୍ରହଣ ଶକ୍ତି ପାଇ ଏବେ ଅଧିକ ଅମଳକ୍ଷମ ହେବା ସହିତ ପରିବେଶକୁ ବାୟୁ ଓ ଜଳ ପ୍ରଦୂଷଣ ମୁକ୍ତ କରାଯାଇ ପାରୁଛି। ମନୁଷ୍ୟ ଜୀବନ ରକ୍ଷାକାରୀ ଔଷଧ ଉଦ୍ୟୋଗ ପାଇଁ ଜୈବ ପ୍ରଯୁକ୍ତି ବିଜ୍ଞାନ ଏକ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରାଯାଉଛି। ବିଭିନ୍ନ ରୋଗ ନିରୂପଣ, ଚିକିତ୍ସା ଓ ପ୍ରତିରୋଧ କ୍ଷେତ୍ରରେ ସହାୟକ ସାବ୍ୟସ୍ତ ହୋଇଅଛି।

ଭୂତାଣୁ ପ୍ରତିରୋଧକ ଇଣ୍ଟରଫେରନ, ମୋନୋକ୍ଲନାଲ ଆଣ୍ଟିବଡି କିମ୍ବା ଷ୍ଟେମ ସେଲ ଚିକିତ୍ସା ଇତ୍ୟାଦି ଏହି ବିଜ୍ଞାନ ଯୋଗୁ ସମ୍ଭବ ହୋଇଛି। ଟିସୁ କଲଚର ପଦ୍ଧତି ସହାୟତାରେ ଖୁବ୍ କମ୍ ସମୟରେ ଅସଂଖ୍ୟ ଦୁର୍ମୂଲ୍ୟ ଗଛ ତିଆରି କ୍ଷମତା 'ମାଇକ୍ରୋପ୍ରୋପାଗେସନ' ଅବିଶ୍ୱସନୀୟ ହେଲେ ବି ସତ୍ୟ। ପାରମ୍ପରିକ ପ୍ରଜନନ ପ୍ରକ୍ରିୟାରେ ଅସମ୍ଭବ ସଙ୍କର ପ୍ରଜାତି 'ଜେନେଟିକ ଇଞ୍ଜିନିୟରିଙ୍ଗ' ଦ୍ୱାରା ଡି.ଏନ.ଏ. କିମ୍ବା ଆର.ଏନ.ଏ.କୁ କଟା ଯୋଡ଼ା କରି ନୂତନ ମନୁଷ୍ୟ ଉପଯୋଗୀ ପ୍ରାଣୀ ସୃଷ୍ଟି କରାଯିବା ସୁଯୋଗ ସୃଷ୍ଟି ହୋଇପାରିଛି। ଏପରି ଆନୁବଂଶିକ ରୂପାନ୍ତରିତ ଜୀବ ତିଆରି ଦ୍ୱାରା ଉନ୍ନତ ହରମୋନ ପ୍ରସ୍ତୁତି ସହିତ ଅଣ୍ଡା, ଦୁଗ୍ଧ ତଥା ମାଂସ ଅଧିକ ଉତ୍ପାଦନ ସମ୍ଭବ ହୋଇଅଛି। ଜୈବ ପ୍ରଯୁକ୍ତିବିଜ୍ଞାନ ପରିବେଶରେ ଥିବା ପ୍ରଦୂଷକ ମାନଙ୍କୁ ଜୈବିକ ଅବକ୍ଷୟ ତଥା ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟାକରଣ ଓ ଉପଚାର ଦ୍ୱାରା ସନ୍ତୁଳିତ ରଖିବାରେ ବିଶେଷ ସହାୟକ ହେଉଅଛି। 'ବାୟୋରିମେଡିଏଶନ' ଭଳି ପଦ୍ଧତି ମାଧ୍ୟମରେ ଜୈବ ପ୍ରଯୁକ୍ତି ବିଜ୍ଞାନ ପରିବେଶ ପ୍ରଦୂଷଣ ଉପରେ ସତର୍କ ଦୃଷ୍ଟି ରଖିବା ସହିତ ଏହାର ନିୟନ୍ତ୍ରଣ ସୁଯୋଗ ଦେଇଥାଏ।

ଏହି ବିଜ୍ଞାନକୁ ଆମ ରାଜ୍ୟର କୋଣ ଅନୁକୋଣରେ ସାର୍ବଜନୀନ କରିବା ଦରକାର। ଓଡ଼ିଶାରେ ଭରପୂର ଥିବା ଖଣିଜ ସମ୍ପଦ, ୪୮୦ କିଲୋମିଟର ଉପକୂଳବର୍ତ୍ତୀ ସାମୁଦ୍ରିକ ଜୈବ ବିବିଧତା, ବିଭିନ୍ନ ବନ୍ୟ ଔଷଧୀୟ ସମ୍ପଦ ଇତ୍ୟାଦି ରହିଛି। ଏ କ୍ଷେତ୍ରରେ ଏଭଳି ବିଜ୍ଞାନର ପ୍ରୟୋଗ କରାଗଲେ ଆମ ରାଜ୍ୟର ଆହୁରି ପ୍ରଗତି ହୋଇପାରିବ।



**–ଡ. ମାନସ ରଞ୍ଜନ ଶତପଥୀ,**
ସହକାରୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଉଦ୍ଭିଦ ବିଜ୍ଞାନ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ: ୯୪୩୭୪୭୯୦୪୫

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୩୧/୨୦୨୩ Bhubaneswar, Monday, July 31/ 2023

# ଅଷ୍ଟ୍ରେଲିଆ ପଥରେ ବର୍ଷା ବାଧା

**ଲଣ୍ଡନ, ୩୦।୭**

ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ଆଶେଷ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆର ବିଜୟ ପଥରେ ବର୍ଷା ବାଧା ସୃଷ୍ଟି କରିଛି। ଇଂଲଣ୍ଡ ପକ୍ଷରୁ ୩୮୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସରେ କୌଣସି ଉଇକେଟ ନ ହରାଇ ୧୩୫ ରନ ସଂଗ୍ରହ କରି ନେଇଛି। ବର୍ଷା ହେବାରୁ ଚା' ବିରତି ପୂର୍ବରୁ ଖେଳ ସମ୍ଭବ ହୋଇନାହିଁ। ଫଳରେ ଅଷ୍ଟ୍ରେଲିଆକୁ ବିଜୟ ପାଇଁ ଆଉ ୨୪୯ ରନ ଆବଶ୍ୟକ ହେଉଛି।

**ପଞ୍ଚମ ଆଶେସ ଟେଷ୍ଟ**

ତୃତୀୟ ଦିବସର ଅସମାପ୍ତ ସ୍କୋର ୩୮୯/୯ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଆଉ ୧୧ ରନ ଯୋଗକରି ୩୯୫ରେ ଅଲ୍ଆଉଟ ହୋଇ ଯାଇଥିଲା। ଜେମ୍ସ ଆଣ୍ଡରସନଙ୍କୁ ଆଉଟ କରି ଟଡ୍ ମର୍ଫି ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ। କ୍ୟାରିୟରର ଶେଷ ଟେଷ୍ଟ ଖେଳୁଥିବା ଷ୍ଟୁଆର୍ଟ ବ୍ରଡ୍ ୮ ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ଓ ମର୍ଫି ୪ଟି ଲେଖାଏ ଉଇକେଟ ନେଇଥିଲେ। ଜୋଶ ହାଜେଲଉଡ୍ ଓ ପ୍ୟାଟ୍ କମିନ୍ସଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଟାର୍ଗେଟକୁ ଚ୍ୟାଲେଞ୍ଜଭାବେ ନେଇଥିଲା ଅଷ୍ଟ୍ରେଲିଆ। ଦୁଇ ଓପନର ଉସମାନ ଖ୍ୱାଜା ଓ ଡେଭିଡ ୱାର୍ନର ଲଞ୍ଚ୍ ବେଳକୁ କୌଣସି ଉଇକେଟ ହରାଇ ଦଳୀୟ ସ୍କୋରକୁ ୭୫ରେ ପହଞ୍ଚାଇଥିଲେ। ଏହାପରେ ୧୪ ଓଭର ଖେଳ ହୋଇଥିବାବେଳେ ବର୍ଷା ଆସିଥିଲା। ଫଳରେ ପଡ଼ିଆକୁ କଭର କରାଯାଇଥିଲା ଏବଂ ଆଗୁଆ ଚା' ବିରତି ଘୋଷଣା କରାଯାଇଥିଲା। ସେତେବେଳକୁ ଅଷ୍ଟ୍ରେଲିଆ କୌଣସି ଉଇକେଟ ନ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ୱାର୍ନର ୫୮ ଓ ଖ୍ୱାଜା ୬୯ ରନକରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୮୩। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୯୫। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୯୫। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୩୫/୦ (ଡେଭିଡ ୱାର୍ନର-୫୮, ଉସମାନ ଖ୍ୱାଜା-୬୯)।

## ବ୍ରଡଙ୍କୁ ଗାର୍ଡ ଅଫ୍ ଅନର


ଷ୍ଟୁଆର୍ଟ ବ୍ରଡ୍

ତୃତୀୟ ଦିବସ ଖେଳ ଶେଷରେ ଅବସର ଘୋଷଣା କରି ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲେ ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍। ଚତୁର୍ଥ ଦିବସରେ ସେ ଯେତେବେଳେ ବ୍ୟାଟିଂ କରିବାକୁ ଆସିଲେ ସମ୍ମାନ ସ୍ୱରୂପ ଅଷ୍ଟ୍ରେଲିଆ ଖେଳାଳିମାନେ ତାଙ୍କୁ ଗାର୍ଡ ଅଫ୍ ଅନର ଜଣାଇଥିଲେ। ଜେମ୍ସ ଆଣ୍ଡରସନଙ୍କ ସହ ସେ ପଡ଼ିଆକୁ ଓହ୍ଲାଇବାବେଳେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ତାଙ୍କୁ ଉତ୍ସାହିତ କରିଥିଲେ। ବ୍ରଡ୍ ନିଜ ପ୍ରଶଂସକଙ୍କୁ ନିରାଶ କରି ନ ଥିଲେ। ସେ ମିଚେଲ ଷ୍ଟାର୍କଙ୍କ ବଲ୍କୁ ଏକ ଛକା ମାରିବାପରେ ଆଣ୍ଡରସନ ଆଉଟ ହୋଇ ଯାଇଥିଲେ ଏବଂ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଶେଷ ହୋଇ ଯାଇଥିଲା। ୨୦୦୭ ଡିସେମ୍ବର ୯ରୁ ୧୩ ପର୍ଯ୍ୟନ୍ତ କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ବ୍ରଡ୍ ଏପର୍ଯ୍ୟନ୍ତ ୧୬୭ଟି ମ୍ୟାଚ ଖେଳି ୬୦୦ ଉଇକେଟ ନେଇଛନ୍ତି। ଗୋଟିଏ ଇନିଂସରେ ୮/୧୫ ଏବଂ ଗୋଟିଏ ମ୍ୟାଚରେ ୧୧/୧୨୧ ହେଉଛି ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର। ସେ ୨୦ ଥର ୫ ଉଇକେଟ ସଫଳତା ପାଇଛନ୍ତି। ଏହାଛଡ଼ା ୩ ଥର ଗୋଟିଏ ଟେଷ୍ଟରେ ୧୦ ଉଇକେଟ ନେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗୋଟିଏ ଶତକ ଓ ୧୩ଟି ଅର୍ଦ୍ଧଶତକ ହାସଲ କରିଥିବା ବ୍ରଡ୍ ୩୬୪୭ ରନ କରିଛନ୍ତି ଏବଂ ୫୫ଟି କ୍ୟାଚ ନେଇଛନ୍ତି।

# ପୂର୍ବାଞ୍ଚଳ ପରାସ୍ତ

**ପୁଡୁଚେରୀ, ୩୦।୭ (ପି.ଟି.):** ଦେଓଧର ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଏକ ରାଉଣ୍ଡ ରବିନ୍ ମ୍ୟାଚ୍ରେ ଦକ୍ଷିଣାଞ୍ଚଳ ଏହାର ଅଲରାଉଣ୍ଡ ପ୍ରଦର୍ଶନ ଜାରି ରଖି ୫ ଉଇକେଟରେ ପୂର୍ବାଞ୍ଚଳକୁ ପରାସ୍ତ କରିଛି। ଏଥିସହିତ ଦଳ ଅପରାଜେୟ ଧାରା ବଜାୟ ରଖିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚ୍ରେ ମୟଙ୍କ ଅଗ୍ରୱାଲ (୮୪ ରନ୍) ଓ ସାଇ ସୁଦର୍ଶନ(୫୩ ରନ୍) ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ଉଭୟେ ଦ୍ୱିତୀୟ ଉଇକେଟ ପାର୍ଟନରଶିପ୍ରେ ୧୧୮ ରନ୍ ଯୋଗକରିଥିଲେ। ଏଥିରେ ୧୦ ଚୌକା ଓ ୨ ଛକା ସାମିଲ ଥିଲା। ଦକ୍ଷିଣାଞ୍ଚଳ ୨୩୦ ରନ୍ର ବିଜୟ ଲକ୍ଷ୍ୟକୁ ୪୪.୨ ଓଭରରେ ହାସଲ କରିନେଇଥିଲା। ଅଗ୍ରୱାଲ ତାଙ୍କ ଇନିଂସ୍ରେ ୮୮ ବଲ୍ ସାମ୍ନାକରି ୬ ଚୌକା ଓ ଗୋଟିଏ ଛକା ମାରିଥିଲେ। ତାଙ୍କ ପାର୍ଟନର ସୁଦର୍ଶନ ୫୭ ବଲ୍ ଇନିଂସ୍ରେ ୬ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଏହି ଦୁଇଜଣଙ୍କ ପରେ ଏନ୍. ଜଗଦୀଶନ (୩୨) ଓ ରୋହିତ ରାୟୁଡୁ (୨୪) ରନ୍ ଚେଜ୍କୁ ଜାରି ରଖିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ୪୬ ଓଭରରେ ୨୨୯ ରନ୍ କରି ଅଲ୍ଆଉଟ ହୋଇଯାଇଥିଲା। ଓଡ଼ିଶା ଖେଳାଳି ଶୁଭ୍ରାଂଶୁ ସେନାପତି ୪୪ ରନ୍ କରିଥିବା ବେଳେ ବିରାଟ ସିଂ ୪୯ ଓ ଆକାଶ ଦୀପ ୪୪ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୪ଟି ମ୍ୟାଚ୍ରେ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ବେଳେ ପୂର୍ବାଞ୍ଚଳ ୪ଟି ମ୍ୟାଚ୍ରୁ ୩ ବିଜୟ ସହ ଦ୍ୱିତୀୟ ସ୍ଥାନରେ ରହିଛି।

**ସଂକ୍ଷିପ୍ତ ସ୍କୋର**

ପୂର୍ବାଞ୍ଚଳ: ୨୨୯/ଅଲ୍ଆଉଟ (ବିରାଟ ସିଂ-୪୯, ଆକାଶ ଦୀପ-୪୪, ଶୁଭ୍ରାଂଶୁ ସେନାପତି-୪୪; ଭି. କୌଶିକ-୩/୩୭, ସାଇ କିଶୋର-୩/୪୫)। ଦକ୍ଷିଣାଞ୍ଚଳ: ୪୪.୨ ଓଭରରେ ୨୩୦/୫ (ମୟଙ୍କ ଅଗ୍ରୱାଲ-୮୪, ସାଇ ସୁଦର୍ଶନ-୫୩; ଅଭିନବ ଚୌଧୁରୀ-୨/୫୮)।

# ଭର୍ଷ୍ଟାପେନ ଜିତିଲେ ବେଲଜିଆନ ଗ୍ରାଁ ପ୍ରି

**ସ୍ପା-ଫ୍ରାଙ୍କୋଚାମ୍ପ (ବେଲଜିୟମ), ୩୦।୭ (ଏପି)**


ବେଲଜିଆନ ଗ୍ରାଁ ପ୍ରି ଟ୍ରଫି ସହ ମ୍ୟାକ୍ସ ଭର୍ଷ୍ଟାପେନ।

ଡିଫେଣ୍ଡିଂ ଫର୍ମୁଲାୱାନ ଚାମ୍ପିୟନ ମ୍ୟାକ୍ସ ଭର୍ଷ୍ଟାପେନ ରବିବାର ଅନୁଷ୍ଠିତ ବେଲଜିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂ ବିଜେତା ହୋଇଛନ୍ତି। ପୂରା ସିଜନରେ ଆଧିପତ୍ୟ ବିସ୍ତାର କରିଥିବା ଏହି ରେଡ୍ବୁଲ୍ ଡ୍ରାଇଭର କ୍ରମାଗତ ୮ମ ଏବଂ ଓଭରଅଲ୍ ୧୦ମ ଗ୍ରାଁ ପ୍ରି ବିଜୟ ହାସଲ କରିଛନ୍ତି। ସେ ଏଠାରେ ଟିମ୍ ମେଟ୍ ସର୍ଗିଓ ପେରେଜଙ୍କଠାରୁ ୨୨.୩ ସେକେଣ୍ଡ ଆଗରେ ରହି ରେସ୍ ଫିନିଶ୍ କରିଥିଲେ। ଫଳରେ ରେଡ୍ବୁଲ୍ ପ୍ରଥମ ୨ ସ୍ଥାନ ଅଧିକାର କରି ନେଇଥିଲା। ଏଠାରେ ବିଜୟ ଫଳରେ ଭର୍ଷ୍ଟାପେନ କ୍ରମାଗତ ୩ୟ ଥରପାଇଁ ବିଶ୍ୱ ଟାଇଟଲ ଜିତିବାର ନିକଟତର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫେରାରୀର ଚାର୍ଲ୍ସ ଲେକରେକ, ମର୍ସିଡିଜ୍ର ଲୁଇସ ହାମିଲଟନ, ଆଷ୍ଟନ ମାର୍ଟିନର ଫର୍ନାଣ୍ଡୋ ଆଲୋଁସୋ, ମର୍ସିଡିଜ୍ର ଜର୍ଜ ରସେଲ, ମ୍ୟାକଲରେନର ଲାନ୍ଲୋ ନୋରିସ, ଆଲପିନେର ଇଷ୍ଟାବନ ଓକନ, ଅଷ୍ଟେନ ମାର୍ଟିନର ଲାନ୍ସ ଷ୍ଟ୍ରଲ୍ ଏବଂ ଆଲ୍ଫା ଟୌରୀର ୟୁକି ସୁନୋଡା ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଭର୍ଷ୍ଟାପେନ ୩୧୪ ପଏଣ୍ଟ ସହିତ ଶୀର୍ଷରେ ଅପରିବର୍ତ୍ତିତ ରହିଛନ୍ତି। ପେରେଜ ୧୮୯ ପଏଣ୍ଟ ପାଇଛନ୍ତି। ଅର୍ଥାତ୍ ପେରେଜଙ୍କଠାରୁ ୧୨୫ ପଏଣ୍ଟରେ ଆଗୁଆ ରହି ଭର୍ଷ୍ଟାପେନ ଟାଇଟଲ ଦିଗରେ ଅଗ୍ରସର ହୋଇଛନ୍ତି। ଅଗଷ୍ଟ ୨୭ରେ ହେବାକୁଥିବା ଡଚ୍ ଗ୍ରାଁ ପ୍ରିରେ ବିଜୟୀ ହେଲେ ସେ ସେବାଷ୍ଟିଆନ ଭେଟେଲଙ୍କ କ୍ରମାଗତ ୯ମ ଗ୍ରାଁ ପ୍ରି ବିଜୟ ରେକର୍ଡର ସମକକ୍ଷ ହେବେ।

# ପୁରୁଷ ହକି: ନେଦରଲାଣ୍ଡ୍ସକୁ ହରାଇଲା ଭାରତ



କୋଚ୍ କ୍ରେଗ୍ ଫଲ୍ଟନଙ୍କ ସହ ନୀଳକାନ୍ତ ଶର୍ମା।

**ବାର୍ସିଲୋନା, ୩୦।୭ (ପି.ଟି.):** ସ୍ପାନିଶ୍ ହକି ମହାସଂଘର ଶତବାର୍ଷିକୀ ଅବସରରେ ଆୟୋଜିତ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଭାରତୀୟ ପୁରୁଷ ହକି ଦଳ ଏଫ୍ଆଇଏଚ୍ ହକି ପ୍ରୋ-ଲିଗ୍ ଚାମ୍ପିୟନ ନେଦରଲାଣ୍ଡ୍ସକୁ ୨-୧ ଗୋଲ୍ରେ ପରାସ୍ତ କରିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚ୍ରେ ଭାରତ ତରଫରୁ ଅଧିନାୟକ ହରମନପ୍ରୀତ ସିଂ (୧୫ତମ ମିନିଟ୍), ଦିଲ୍ପ୍ରୀତ ସିଂ (୫୦ତମ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିବା ବେଳେ ଡଚ୍ ଦଳ ପକ୍ଷରୁ ଥିଏରୀ ବ୍ରିଙ୍କମ୍ୟାନ (୨୫ତମ) ଗୋଲ୍ ଦେଇଥିଲେ। କୌତୂହଳର କଥା ସମସ୍ତ ଗୋଲ୍ ପେନାଲ୍ଟି କର୍ନରରୁ ହୋଇଥିଲା। ତେବେ ଭାରତର ନୀଳକାନ୍ତ ଶର୍ମା ତାଙ୍କର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ବହୁ ପ୍ରତୀକ୍ଷିତ ଏସିଆନ ଚାମ୍ପିୟନଶିପ୍ରେ ଭାଗନେବା ଲାଗି ଭାରତୀୟ ଦଳ ମଙ୍ଗଳବାର ପ୍ରତ୍ୟୁଷରେ ଚେନ୍ନାଇରେ ପହଞ୍ଚିବ। ଏହି ଇଭେଣ୍ଟ ଅଗଷ୍ଟ ୩ରୁ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଖେଳାଯିବ।

# ସ୍ପେନକୁ ୩-୦ରେ ହରାଇଲା ଭାରତ



ସ୍ପେନ୍ ବିପକ୍ଷ ମ୍ୟାଚରେ ଗୋଲ ସ୍କୋର ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ମହିଳା ହକି**

**ବାର୍ସିଲୋନା, ୩୦।୭ (ପି.ଟି.)**

ସ୍ପାନିଶ ହକି ଫେଡେରେଶନର ଶତବାର୍ଷିକୀ ଅବସରରେ ଚାଲିଥିବା ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୩-୦ ଗୋଲରେ ସ୍ପେନକୁ ପରାସ୍ତ କରିଛି। ମ୍ୟାଚରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଭାରତ ପକ୍ଷରୁ ବନ୍ଦନା କାଟରିଆ ୨୨, ମୋନିକା ୪୮ ଓ ଉଦିତା ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏଥିରେ ବିଜୟ ହାସଲ କରିବା ସହ ଭାରତୀୟ ମହିଳା ଦଳ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜେୟ ରହିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଲାଲରେମସିଆମିଙ୍କ ହ୍ୟାଟ୍ରିକ ଗୋଲ ବଳରେ ଭାରତ ୩-୦ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଥିଲା। ପୂର୍ବ ୨ଟି ମ୍ୟାଚକୁ ଭାରତ ଇଂଲଣ୍ଡ ବିପକ୍ଷରେ ୧-୧ ଓ ସ୍ପେନ୍ ବିପକ୍ଷରେ ୨-୨ରେ ଡ୍ର ରଖିଥିଲା।

ସ୍ପେନ୍ ବିପକ୍ଷରେ ଭାରତ ପ୍ରଥମ କ୍ୱାର୍ଟରରୁ ହିଁ ଚାପ ପକାଇ ଖେଳିଥିଲା। ପରସ୍ପର ମଧ୍ୟରେ ଉତ୍ତମ ପାସ୍ ଦେଇ ଖେଳାଳିମାନେ କେତେକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ପ୍ରଥମ କ୍ୱାର୍ଟରରେ ଗୋଲ ହୋଇପାରି ନ ଥିଲା। ପ୍ରଥମ କ୍ୱାର୍ଟରର ଶେଷ ୫ ମିନିଟ୍ରେ ସ୍ପେନ୍ ପକ୍ଷରୁ ଏକାଧିକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରାଯାଇଥିଲା। ତେବେ ଭାରତୀୟ ଦଳର ଅଧିନାୟିକା ତଥା ଗୋଲକିପର ସବିତା ସଫଳତାର ସହ ତାହାକୁ ପ୍ରତିହତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରେ ଆରମ୍ଭରୁ ଭାରତ ଆକ୍ରମଣକୁ ଜୋରଦାର କରିଥିଲା। ୨୨ତମ ମିନିଟରେ ସୁଶୀଳାଙ୍କ ପାଖରୁ ପାସ୍ ପାଇ ନେହା ଗୋୟଲ ଗୋଲ ଦେବାକୁ ପ୍ରୟାସ କରିଥିଲେ। ମାତ୍ର ତାଙ୍କ ଶଟ୍କୁ ସ୍ପେନ୍ ଗୋଲକିପର କ୍ଲାରା ପେରେଜ ପ୍ୟାଡ୍ରେ ଠେଲି ଦେଇଥିଲେ। ରିବାଉଣ୍ଡ ହୋଇ ଫେରିଆସୁଥିବା ବଲ୍କୁ ନିୟନ୍ତ୍ରଣକୁ ଆଣି ଲାଲରେମସିଆମି ବନ୍ଦନାଙ୍କ ନିକଟକୁ ପଠାଇ ଦେଇଥିଲେ। ବନ୍ଦନା ତାହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ୍ କରି ନ ଥିଲେ। ୪୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ମୋନିକା। ଶେଷ ଭାଗରେ ଗୋଲ ପରିଶୋଧ ପାଇଁ ସ୍ପେନ୍ ଖେଳାଳିମାନେ ଉଦ୍ୟମ କରିଥିଲେ ହେଁ ଭାରତୀୟ ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା, ନିକ୍କି ପ୍ରଧାନ ଓ ସୁଶୀଳା ଚାନୁ ତାହାକୁ ସଫଳତାର ସହ ପ୍ରତିହତ କରିଥିଲେ। ମ୍ୟାଚ ଶେଷ ହେବାର ୨ ମିନିଟ ପୂର୍ବରୁ ଉଦିତା ଭାରତ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିଲେ।

# ବ୍ରିଜ ଭୂଷଣଙ୍କ ବୈଠକରେ ୨୨ ରାଜ୍ୟ ୟୁନିଟ୍ର ପ୍ରତିନିଧି

**ନୂଆଦିଲ୍ଲୀ, ୩୦।୭ (ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ଦ୍ୱାରା ଆହୁତ ଏକ ବୈଠକରେ ଦେଶର ମୋଟ ୨୫ଟି ରାଜ୍ୟ ୟୁନିଟ ମଧ୍ୟରୁ ୨୨ଟି ରାଜ୍ୟ ୟୁନିଟର ପ୍ରତିନିଧି ଯୋଗ ଦେଇଥିବା ସେ ଦାବି କରିଛନ୍ତି। ଅଗଷ୍ଟ ୧୨ରେ ହେବାକୁଥିବା ମହାସଂଘର ନିର୍ବାଚନ ପାଇଁ ସେ ତାଙ୍କ ପ୍ରାର୍ଥୀ ତାଲିକା ସୋମବାର ଘୋଷଣା କରିବେ। ସୋମବାର ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ଭାଜପା ଏମ୍ପି ବ୍ରିଜଭୂଷଣ ସ୍ଥାନୀୟ ଏକ ୫ ତାରକା ବିଶିଷ୍ଟ ହୋଟେଲରେ ବୈଠକର ଆୟୋଜନ କରିଥିଲେ। ସୂଚନାଯୋଗ୍ୟ, ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ସମେତ ଦେଶର ୬ ଟପ୍ ରେସ୍ଲର ବ୍ରିଜ ଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବ୍ରିଜଭୂଷଣ ୧୨ବର୍ଷ ଧରି ଡବ୍ଲ୍ୟୁଏଫ୍ଆଇର ମୁଖ୍ୟ ରହିଆସିଛନ୍ତି। ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ ଅନୁସାରେ ଅନୁସାରେ ସେ ସର୍ବାଧିକ ଏକ ପଦବୀରେ ରହିଆସିଛନ୍ତି। ତେଣୁ ସେ ଆଉ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ବୈଠକରେ ଯୋଗଦାନ କରିଥିବା ଜଣେ ରାଜ୍ୟ ୟୁନିଟ୍ ସଦସ୍ୟ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଭାଜପା ନେତାଙ୍କ ଜାମାତା ବ୍ରିଜ ଭୂଷଣଙ୍କ ଉତ୍ତରାଧିକାରୀ ବୋଲି ସବୁଆଡେ ଯେଉଁ ଚର୍ଚ୍ଚା ଚାଲିଛି ତାହା ଠିକ୍ ନୁହେଁ। ବିହାରର ଏହି ପ୍ରତିନିଧି ଅଗଷ୍ଟ ୧୨ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ବିଶାଳ ସମୟ ଦେଇ ପାରିବେ ନାହିଁ ବୋଲି ଦର୍ଶାଇ ଅକ୍ଷମତା ପ୍ରକାଶ କରଇଛନ୍ତି। କିନ୍ତୁ ସେ ଭୋଟ୍ ଗ୍ରହଣରେ ଭାଗ ନେବେ। ବ୍ରିଜ ଭୂଷଣଙ୍କ ପ୍ରାର୍ଥୀମାନଙ୍କୁ ଚ୍ୟାଲେଞ୍ଜ ଦେବାକୁ ଥିବା ପ୍ରତିଦ୍ୱନ୍ଦ୍ୱୀମାନଙ୍କର ଏକ ସମାନ୍ତରାଳ ବୈଠକ ଜାତୀୟ ରାଜଧାନୀର ଭିନ୍ନ ଏକ ସ୍ଥାନରେ ବସିଥିଲା। ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଅଲିମ୍ପିକ ଭବନରେ ବ୍ରିଜ ଭୂଷଣଙ୍କ ଅଧକ୍ଷତାରେ ଅନ୍ୟ ଏକ ବୈଠକର ଆୟୋଜନ କରାଯାଇଛି। ବର୍ତ୍ତମାନ ଡବ୍ଲ୍ୟୁଏଫ୍ଆଇର ଦୈନନ୍ଦିନ କାର୍ଯ୍ୟ ସମ୍ଭାଳିବା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଭାରତୀୟ ଉଷୁ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ବାଜୱାଙ୍କ ଗଠିତ ଏକ ଆଡହକ୍ କମିଟିକୁ ଦାୟିତ୍ୱ ପ୍ରଦାନ କରିଛି।

# ସ୍କୁଲ୍ସ ଓପନ୍ ଚେସ୍: ସତ୍ୟମ୍ ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୭ (ତପନ ସ୍ୱାଇଁ)**

ବିଜେଇମ୍ ସ୍କୁଲ-୧ ଏବଂ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାର ଆୟୋଜିତ ସ୍କୁଲ୍ସ ଓପନ ଚେସ୍ରେ କଟକ ଗୁରୁନାନକ ପବ୍ଲିକ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସତ୍ୟମ ପୂରା ୫ ପଏଣ୍ଟ ପାଇଛନ୍ତି। ବିଜେଇଏମ୍ ସ୍କୁଲ-୧ର ଭିନିତ ନାୟକ ଓ ୟୁନିଟ-୮ ଡିଏଭିର ତନୁଶ ସାହୁ ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱସ୍ତିକ ରଞ୍ଜନ ସାହୁ, ଆଦିତ୍ୟ ଜେନା, ନମସ୍ୟ ନଳିନୀ, ଅର୍ନବ ମହାନ୍ତି, ସାଇ ବିଦ୍ୟାଶ୍ରୀ, ସତ୍ୟମ୍ ଓଝା ଓ ସ୍ୱସ୍ତିକ ପଟ୍ଟନାୟକ ଟପ୍-୧୦ରେ ରହିଛନ୍ତି। ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଜଣ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୫ ବର୍ଷୀୟ ଜୀବିତେଶ ପାତ୍ର ପ୍ରତିଯୋଗିତାର ସର୍ବକନିଷ୍ଠ ଖେଳାଳି ଥିଲେ। ବିଜେଇଏମ୍ ସ୍କୁଲ-୧ ପ୍ରିନ୍ସିପାଲ ସନ୍ଧ୍ୟା ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭାଇସ୍ ପ୍ରିନ୍ସିପାଲ ପଲ୍ଲବୀ ମହାପାତ୍ର, କ୍ରୀଡ଼ା ବିଭାଗ ମୁଖ୍ୟ ସରୋଜ କୁମାର ସାହୁ, ସିନିୟର ପିଇଟି ସତ୍ୟନାରାୟଣ ସାହୁ, ପିଇଟି ରୀନା ଶତପଥୀ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଛତିଶଗଡ଼କୁ ହରାଇବାପରେ ରାଜସ୍ଥାନର ଉଦୟପୁରରେ ହେବାକୁଥିବା ଜାତୀୟ ଟି୨୦ ପାଇଁ ମନୋନୀତ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ।

# କେନ୍ଦୁଝରରେ ରାଜ୍ୟ ସିନିୟର ହ୍ୟାଣ୍ଡବଲ

**ଭୁବନେଶ୍ୱର, ୩୦।୭ (ତପନ ସ୍ୱାଇଁ)**

ଅଗଷ୍ଟ ୧୨ ଓ ୧୩ ତାରିଖରେ କେନ୍ଦୁଝରଠାରେ ରାଜ୍ୟ ସିନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ରବିବାର ପୁରୀରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘର ବାର୍ଷିକ ବୈଠକରେ ଏହି ନିଷ୍ପତ୍ତି ନିଆ ଯାଇଛି। ଉକ୍ତ ବୈଠକରେ ବଲାଙ୍ଗୀର, ଭଦ୍ରକ, ଭୁବନେଶ୍ୱର, ଦେବଗଡ଼, ଢେଙ୍କାନାଳ, କେନ୍ଦୁଝର, ନୟାଗଡ଼, ପୁରୀ, ନବରଙ୍ଗପୁର, ଖୋର୍ଦ୍ଧା, ଜଗତ୍ସିଂହପୁର, ଗଞ୍ଜାମ, ଯାଜପୁର, ମୟୂରଭଞ୍ଜ, ରାୟଗଡ଼ା, କେନ୍ଦ୍ରାପଡ଼ା ଆଦି ସ୍ଥାନରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶାରେ ହ୍ୟାଣ୍ଡବଲ ଖେଳର ପ୍ରଚାର ସହ କିପରି ସମସ୍ତ ଜିଲାରେ ଏହା ଖେଳାଯାଇ ପାରିବ ତା' ଉପରେ ସଂଘ ସମ୍ପାଦକ ମାନସ ସିଂ ଓ କୋଷାଧକ୍ଷ ଶୀତେନ୍ଦ୍ର ନାଥ ଦାସ ଆଲୋକପାତ କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ